ଟ.: ୨୫

# ଆମରି ସତ୍ୟ

# AMARI SATYA

RNI Regn. No. - 107608/2010
Postal Regd. No. : PURI-33/2019-21
ଦଶମ ବର୍ଷ, ସପ୍ତମ ସଂଖ୍ୟା
ମାସିକ, ଜାନୁଆରୀ - ୨୦୨୦, ପୃଷ୍ଠା ସଂଖ୍ୟା ୫୨



Happy New Year 2020

MAA SPICES™

ନୂତନ ବର୍ଷ ୨୦୨୦ର ହାର୍ଦ୍ଦିକ ଅଭିନନ୍ଦନ

# ମା' ମସଲା

ମା' ସ୍ନେହ ପରି ଖାଣ୍ଟି




**Annapurna Agri - Innovation Pvt. Ltd.**

AN ISO 22000 : 2005 HACCP Certified Company

Plot No- 98/221, Dasabatia, Sahani Kasipur, Tamando, Janla, Khordha- 752054, Email : aaipl@maaspices.com

**CONTACT : 8280336277 / 23/ 75**

**ପ୍ରତିଷ୍ଠାତା**
ଡ. ପ୍ରମୋଦ ଚନ୍ଦ୍ର ଦାଶ
୯୪୩୭୨୮୧୬୫୫

**ସମ୍ପାଦକ**
ଡ. ପ୍ରସନ୍ନ କୁମାର ଜେନା
୯୮୬୧୦୧୬୩୪୯

**ସହଯୋଗୀ ସମ୍ପାଦକ**
ସତ୍ୟବାଦୀ ବଳିଆରସିଂହ
୯୨୩୭୦୮୯୫୦୯

**ସହ ସମ୍ପାଦକ**
ତ୍ରିଲୋଚନ ମହାପାତ୍ର
୯୯୩୮୯୯୪୮୨୨
ସତ୍ୟନାରାୟଣ ସାମନ୍ତରାୟ
୯୪୩୮୭୩୪୮୧୬
ଡ. ଅଜୟ କୁମାର ସ୍ୱାଇଁ
୯୪୩୭୨୮୧୪୮୨
ଭବାନୀ ଶଙ୍କର ଦାଶ
୯୪୩୭୧୩୧୯୯୬

**ସଂଯୋଜକ**
ଡ. ନିରଞ୍ଜନ ମହାନ୍ତି
୯୪୩୭୧୬୦୩୫୫
ଶ୍ରୀ ଆଦିନାରାୟଣ ଖଣ୍ଡୁଆଳ
୯୨୩୮୫୯୨୨୭୭

**ପରିଚାଳନା ସଂଯୋଜକ**
ସର୍ବେଶ୍ୱର ମହାପାତ୍ର
୯୯୩୮୪୪୨୪୨୮
ସମରଜିତ୍ ପଟ୍ଟନାୟକ
୯୮୬୧୧୨୧୨୦୫
ବିଭୂପ୍ରସାଦ ହରିଚନ୍ଦନ
୭୦୭୭୯୮୩୮୪୦
ଡ. ପ୍ରେମଚାନ୍ଦ ମହାନ୍ତି
୯୪୩୭୧୨୭୮୨୦

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**
ରାଜୀବ ରଥ
୭୯୭୮୭୧୫୧୪୯

# ଆମରି ସତ୍ୟ

# AMARI SATYA

ଭିନ୍ନସ୍ୱାଦର ମାସିକ ପତ୍ରିକା...

**ଦଶମ ବର୍ଷ - ସପ୍ତମ ସଂଖ୍ୟା - ଜାନୁଆରୀ, ୨୦୨୦**

**ଯୋଗାଯୋଗ:**

**'ଆମରିସତ୍ୟ'**
ଏମ୍ - ୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର ଅଫିସ -**
**ଶ୍ରୀମତୀ ରୁନା ମହାପାତ୍ର**
ପ୍ଲଟ ନ-୧୦୭୧/ପି,ଲେନ ନ-୪,ଶତାବ୍ଦୀ ନଗର
ଭୁବନେଶ୍ୱର-୩ ପିନ୍:୭୫୧୦୦୩, ଓଡ଼ିଶା
ଫୋନ୍ ନଂ:୯୪୩୭୪୧୪୩୨୦

**ଜଟଣୀ ଅଫିସ -**
**ଶ୍ରୀ ପଦ୍ମନାଭ ପାଣିଗ୍ରାହୀ**
ବନମାଳି କଲୋନୀ, ଜଟଣୀ, ଖୋର୍ଦ୍ଧା-୭୫୨୦୫୦
ମୋ-୯୩୩୮୨୨୧୩୭୪

**ଗ୍ରାହକମାନଙ୍କ ପାଇଁ ସୂଚନା**

| | |
|---|---|
| ୧. ପ୍ରତି ଖଣ୍ଡ ଦେୟ | ଟ.୨୫/- |
| ୨. ବାର୍ଷିକ ଦେୟ | ଟ.୨୫୦/- |
| ୩. ୨ବାର୍ଷିକ ଦେୟ | ଟ.୪୫୦/- |
| ୪. ୩ ବାର୍ଷିକଦେୟ | ଟ.୬୫୦/- |
| ୫. ଆଜୀବନ ସଦସ୍ୟ | ଟ.୩୦୦୦/- |

(ଆଜୀବନ ଗ୍ରାହକ ସଦସ୍ୟତା ୧୪ ବର୍ଷ ପାଇଁ )

**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପୂର୍ବତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ।
**ଡ. ନାରାୟଣ ରାଓ**
ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ।
**ଡ. ଅଭୟ କୁମାର ନାୟକ**
କୁଳସଚିବ ,ନାଇଜର, ଭୁବନେଶ୍ୱର
**ଡ.ଶରଚ୍ଚନ୍ଦ୍ର ମହାପାତ୍ର**
ପୂର୍ବତନ ଅଧକ୍ଷ,
ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ
**ଡା. ଧନେଶ୍ୱର ସାହୁ**
ପୂର୍ବତନ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଖୋରଧା।
**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା।
**ଶ୍ରୀ ଅନୀଲ କୁମାର ଶତପଥୀ**
ବରିଷ୍ଠ ଆଇନଜୀବୀ ଓ ସମାଜସେବୀ, ଭୁବନେଶ୍ୱର।
**ଡ.ବିଷ୍ଣୁ ଚରଣ ସାହୁ**
ଶିକ୍ଷାବିତ ଓ ସାମାଜସେବୀ, ଭୁବନେଶ୍ୱର।
**ଡ. ଗୌରୀ ଶଙ୍କର ପ୍ରହରାଜ**
ପୂର୍ବତନ ଅଧକ୍ଷ, ଭୁବନେଶ୍ୱର୍।
**ଶ୍ରୀ ଜବାହରଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ,
**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା


ଦେୟ ମନି ଅର୍ଡର, ଡ୍ରାଫଟ୍ କିମ୍ବା ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ପଠାଇବାକୁ ଅନୁରୋଧ। ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ, ଖୋର୍ଦ୍ଧା ଆକାଉଣ୍ଟ ନମ୍ବର ୩୧୦୩୩୯୭୪୨୨୬। IFSC-SBIN0012027, MICR-752002151

'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ।

AMARISATYA
AGENCY FOR MANAGEMENT, ADVOCACY, RESEARCH, IMPLEMENTATION, SERVICES AND TRAINING ON YOUTH AFFAIRS.
website: www.amarisatya.in Email:amarisatya@gmail.com / amarisatya@rediffmail.com

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସକାଳ ବନ୍ଦନା : | ରମେଶ ମଙ୍ଗରାଜ | ୦୪ |
| ୨. | ସମ୍ପାଦକୀୟ | | ୦୫ |
| ୩. | ହିତ ବାଣୀ | | ୦୬ |
| ୪. | ୧୮୧୭ ପାଇକ ବିଦ୍ରୋହ | ସତ୍ୟବାଦୀ ବଳିଆରସିଂହ | ୦୭ |
| ୫. | ବିଜ୍ଞାନ ବିଚିତ୍ରା | ପ୍ରେମଚାନ୍ଦ ମହାନ୍ତି | ୧୧ |
| ୬. | ଶିକ୍ଷା ଓ ମାନବୀୟ ମୂଲ୍ୟବୋଧ-୨ | ତୁଳସୀ ଜୈନ | ୧୩ |
| ୭. | ଅଧା ଲେଖା କବିତା | ପ୍ରସନ୍ନ କୁମାର ମହାନ୍ତି | ୧୪ |
| ୮. | ଋଉଳ କିଲ ଦୁଇ ଟଙ୍କା | ସୁଧାଂଶୁ ଶେଖର ପାଣିଗ୍ରାହୀ | ୧୫ |
| ୯. | ନୂଆବରଷ | ଗୋବିନ୍ଦ ଚନ୍ଦ୍ର ମହାରଣା | ୧୫ |
| ୧୦. | ଚକେ ଗଲେ ବାରହାତ | ପ୍ରହ୍ଲାଦ ଚନ୍ଦ୍ର ନାୟକ | ୧୬ |
| ୧୧. | ଛାତ୍ର ଆତ୍ମହତ୍ୟା -ଏକ ଅନୁଚିନ୍ତା | ନିତ୍ୟାନନ୍ଦ ସ୍ୱାଇଁ | ୧୭ |
| ୧୨. | ନିର୍ଜନତା ଓ ମାନସିକ ବିଶୃଙ୍ଖଳା | ମୁରାରୀ ମୋହନ ଦାଶ | ୧୯ |
| ୧୩. | ଜୀବନର ପ୍ରକୃତମିତ୍ର | ତ୍ରିନାଥ ପଟ୍ଟନାୟକ | ୨୦ |
| ୧୪. | ବିଦ୍ୟାଳୟରେ ନୈତିକ ଶିକ୍ଷା | ରାଜକିଶୋର ପାଢ଼ୀ | ୨୧ |
| ୧୫. | ଗାନ୍ଧୀବୁଢ଼ା ସତେ କଲା ପାଗଳ | ଶ୍ରୀ ରବୀନ୍ଦ୍ରନାଥ ପ୍ରଧାନ | ୨୨ |
| ୧୬. | ବିଚରା ସତ୍ୟକନ୍ଥ | ସତ୍ୟନାରାୟଣ ସାମନ୍ତରାୟ | ୨୪ |
| ୧୭. | କଥା ସରିଲା | ଶିବ ମିଶ୍ର | ୨୫ |
| ୧୮. | ଗାଁ ମାଟିର ବାସ୍ନା | ଅମିନୀଲୁ ରାୟ | ୨୬ |
| ୧୯. | ଶ୍ରୀମଦ୍‌ଭାଗବତରେ ଶ୍ରୀଜଗନ୍ନାଥ | ସୁକାନ୍ତି ମହାପାତ୍ର | ୨୮ |
| ୨୦. | ସଡ଼କ ସୁରକ୍ଷା | ଜବାହରଲାଲ ସୁବୁଦ୍ଧି | ୩୨ |
| ୨୧. | ଗଣନା | ରାମଶଙ୍କର | ୩୩ |
| ୨୨. | ଲାଉ କୋପ୍ତା ତରକାରୀ | ସୌମିତ୍ରା ହରିଚନ୍ଦନ | ୩୪ |
| ୨୩. | ହିମୋଫାଇଲସ ଇନଫ୍ଲୁଏଂଜି | ଧନେଶ୍ୱର ସାହୁ | ୩୫ |
| ୨୪. | କେଉଁଠି କରିଛି ଘର | ପ୍ରମୋଦ କୁମାର ନନ୍ଦ | ୩୭ |
| ୨୫. | କାଶତଣ୍ଡୀ | ନାରାୟଣ ଦାସ | ୩୭ |
| ୨୬. | ଜୀବନର କଥା ଶୁଣ | ଗୀତାରାଣୀ ରଥ | ୩୭ |
| ୨୭. | ଗିବନ | ମନୋଜ କୁମାର ମହାପାତ୍ର | ୩୮ |
| ୨୮. | ଉଚ୍ଚଶିକ୍ଷାର ଅନ୍ତରାଳେ | ହେମନ୍ତ ପାତ୍ର | ୩୯ |
| ୨୯. | ଭାରତୀୟ କ୍ରିକେଟର ପଥ... | ଆଶିଷ କୁମାର ରାୟ | ୪୦ |
| ୩୦. | ସ୍ୱାଗତଂ ନୂଆ ବରଷ | ଶ୍ରୀମତୀ ରଶ୍ମିତା ନାୟକ | ୪୧ |
| ୩୧. | ସମ୍ବାଦ ବିଚିତ୍ରା | | ୪୨ |
| ୩୨. | ସାଧାରଣ ଜ୍ଞାନ | | ୪୩-୫୦ |

## ସକାଳ ବନ୍ଦନା : ସଂଜପ୍ରାର୍ଥନା

## (୪୪)

**ରମେଶ ମଙ୍ଗରାଜ**


ସାରା ସଂସାରକୁ ଆପଣାର ବୋଲି
ମିଛରେ କାହିଁକି କହୁଛୁ ଭାଇ
କିଛି ନୁହେଁ ତୋର ସବୁତ ତାଙ୍କର
ସବୁରି ମାଲିକ ଜଗତ ସାଇଁ । ॥୦॥

କିଛି ଆଣିନାହୁଁ କିଛି ନେବୁ ନାହିଁ
ଖାଲି ଆସି ଖାଲି ହାତରେ ଯିବୁ
ନିଜ ଅରଜିଲା କରମ ଫଳକୁ
ଯେବେ ପ୍ରଭୁ ପାଦେ ଅରପି ଦେବୁ
କରୁଣାର ଧାର ମୁକତି ଦୁଆର
ଖୋଲିଯିବ ଭାଇ ତୋହରି ପାଇଁ । ॥୧॥
ସାରା ସଂସାରକୁ............

ବ୍ରହ୍ମ ଏକ ସତ୍ୟ ବ୍ରହ୍ମାଣ୍ଡ ଅନିତ୍ୟ
'ବ୍ରହ୍ମାନନ୍ଦ' ନାମ ସ୍ମରଣ କର
"ମାନବ ସେବା ହିଁ ମାଧବର ସେବା"
ଜୀବନରେ ସଦା ଯାବୁଡ଼ି ଧର
ଭକତି ଭାବରେ ଡାକିଦେଲେ ଥରେ
ତୋ'ପାଇଁ ଦେବେ ହାତ ବଢ଼ାଇ । ॥୨॥
ସାରା ସଂସାରକୁ.........

**କବି ଓ କବିତା ଭବନ**
**ମହୁଲ, ଅଙ୍ଗାରପଡ଼ା**
**ଖୋର୍ଦ୍ଧା - ୭୫୨୦୫୪**
**ମୋ - ୯୧୭୮୬୨୬୨୮୦**

# ସମ୍ପାଦକୀୟ....





'ନିନ୍ଦା'- ଏଭଳି ଶବ୍ଦଟିଏ, ଯାହା ପ୍ରତି ମଣିଷର ଘୋର ଅତଙ୍କ। ଏହାକୁ ସେ ଖୁବ୍ ଭୟ କରେ। ସବୁସମୟରେ ଏହି ଶବ୍ଦଟି ଠାରୁ ସିଏ ଯଥେଷ୍ଟ ଦୂରତା ରକ୍ଷା କରି ଚାଲୁଥାଏ। ଏମିତି କି ଲୁଚିଲୁଚି ଚାଲୁଥାଏ ବି। ସିଏ ଆଉ କାହାକୁ ଭୟକରୁ ବା ନକରୁ, ନିନ୍ଦାକୁ ପ୍ରାଣେପ୍ରାଣେ ଭୟକରେ।

କାରଣ, ସିଏ ନିନ୍ଦାକୁ ଭଲ ପାଏନି। କିଏ ନିନ୍ଦାକଲେ ସିଏ ସହି ପାରେନି। ଅସହଣି ହୋଇପଡ଼େ। ଅସହଣିର ମାତ୍ରା ଅଧିକ ହେଲେ ବ୍ୟକ୍ତି ପ୍ରତିକ୍ରିୟା ପ୍ରକାଶକରେ। ପ୍ରତିଶୋଧ ପରାୟଣ ହୋଇଯାଏ। କିଛି ଅହେତୁକ ପ୍ରତିକ୍ରିୟା ହେତୁ ମଣିଷ ସେଇ ସମୟ ପାଇଁ ଅନେକ ଅଭାବିତ ମୁହୂର୍ତ୍ତ ଆଡ଼କୁ ଟାଣି ହୋଇଯାଏ। ଅଜ୍ଞତା ଓ ବୈଚାରିକ ଶୂନ୍ୟତା ହେତୁ କେତେ କେତେ ଘଟଣା ଘଟିଯାଏ। ସମାଜରେ ଆଜି ଏପରି ଅନେକ କିଛି ଘଟୁଛି, ଯାହାର ସମ୍ପର୍କ ଏହି ନିନ୍ଦା ପଦବାଚ୍ୟ ଶବ୍ଦଟି ପାଖରେ ହିଁ ରହିଥାଏ।

ନିନ୍ଦାକରିବା ଅନେକଙ୍କର ପ୍ରବୃତ୍ତି। ଯେପରି କି ସେମାନେ କେବଳ କାହାକୁ ନା କାହାକୁ ନିନ୍ଦା କରିବା ପାଇଁ ଜନ୍ମ ହୋଇଥାନ୍ତି। ଅନ୍ୟକୁ ପ୍ରଶଂସା କରିବା ଅପେକ୍ଷା ସେମାନେ ନିନ୍ଦା କରିବାକୁ ଭଲ ପାଆନ୍ତି। ସେମାନଙ୍କୁ କୌଣସି ଭଲଦୃଶ୍ୟ ଦେଖାଯାଏନି କି ଭଲକଥା ଶୁଣାଯାଏନି। ସେମାନଙ୍କର ବିଚାରଧାରାର ରୁଗ୍‌ଣତା ଓ ବିକଳାଙ୍ଗ ମାନସିକତା, ସେମାନଙ୍କୁ ଅନ୍ୟକୁ ନିନ୍ଦା କରିବା ପାଇଁ ପ୍ରବର୍ତ୍ତାଏ।

ନିନ୍ଦାକରିବା ବ୍ୟକ୍ତି ଓ ଯାହାକୁ ନିନ୍ଦା କରାଯାଏ, ସେ ଦୁହିଁଙ୍କ ଭିତରେ କୌଣସି ଆଦର୍ଶଗତ କିମ୍ବା ବିଚାରଗତ ପାର୍ଥକ୍ୟ ଥାଇପାରେ ବା ନଥାଇ ବି ପାରେ, ସେଥିରେ ନିନ୍ଦୁକବ୍ୟକ୍ତି ପାଇଁ କିଛି ଫରକ ପଡ଼ିନଥାଏ। ସିଏ ନିଜର ମାନସିକ ବିକାରକୁ ଚରିତାର୍ଥ କରିବାପାଇଁ ଯାହା ନିନ୍ଦା କରିଥାଏ। ସେ ଏକଥା ବୁଝିବାକୁ ଅସମର୍ଥ ଯେ, ତାର ଏହି କର୍ମ ଦ୍ୱାରା ଅନ୍ୟର କି କି କ୍ଷତି ସାଧନ ହୁଏ ବା ହେବାର ସମ୍ଭାବନା ଅଛି ବା ସମାଜରେ ଏହା କିଭଳି ଭାବରେ ପ୍ରତିଫଳିତ ହେଉଛି।

ଏସବୁ ସତ୍ତ୍ୱେ, ଏହାକୁ ବୃହତ୍ତର ଦୃଷ୍ଟିରୁ ବିଚାରକଲେ, ନିନ୍ଦାକରିବା ଭଲ କଥା। ଲୋକାଚାର ଦୃଷ୍ଟିରୁ ଏହା ଉପହସିତ ହେବାର ବା ଜଣକର ପ୍ରତିପତ୍ତି କ୍ଷୁର୍ଣ୍ଣ କରିବାଭଳି ଜଣାଯାଉଥିଲେ ମଧ୍ୟ, ଏହାଦ୍ୱାରା ସମାଜରେ ଅନ୍ୟଏକ ବୃହତ୍ତର ହିତ ସାଧନ ହୁଏ। ତେବେ ଏହାର ସମ୍ପୂର୍ଣ୍ଣ ଶ୍ରେୟ ନିନ୍ଦାକରାଯାଉଥିବା ବ୍ୟକ୍ତିଟି ଉପରେ ନିର୍ଭରକରେ। ସିଏ ନିନ୍ଦାକୁ କିଭଳି ଭାବେ ଗ୍ରହଣ କରୁଛି, ସେହି ଗ୍ରହଣୀୟତା ଭିତରେ ତା ମନର ଭାବାନ୍ତର କିଭଳି ଉଦ୍‌ଘାଟିତ ହେଉଛି ଓ ସିଏ ସେଥିରେ କିଭଳି ପ୍ରତିକ୍ରିୟା ପ୍ରକାଶ କରୁଛି, ତା' ଉପରେ ନିର୍ଭରଶୀଳ। ସେଥିପାଇଁ ବ୍ୟକ୍ତିଟିର ହୃଦୟ ବିଶାଳ, ବିସ୍ତୀର୍ଣ୍ଣ ଓ ବିସ୍ତାରିତ ହୋଇଥିବା କଥା। କାରଣ, ନିନ୍ଦା ସହିପାରିଲେ, ବ୍ୟକ୍ତିଟି ନିଜ ଭିତରର ଦୋଷଦୁର୍ବଳତା ଜାଣିପାରେ ଓ ସେହି ଅନୁରୂପେ ନିଜକୁ ସଂଶୋଧିତ କରିପାରେ। ମାତ୍ର, ଯଦି ନିନ୍ଦା ନସହିପାରି ପ୍ରତିକ୍ରିୟା ପ୍ରକାଶକରେ, ତେବେ ତା ଭିତରର ଦୋଷଗୁଣ ଭିତରେ ଭିତରେ ବ୍ୟକ୍ତିକୁ ଅଧିକ କଳୁଷିତ କରେ। ନିନ୍ଦା କରୁଥିବା ବ୍ୟକ୍ତି ଅଧିକ ସୁଯୋଗ ପାଏ ଓ ବ୍ୟକ୍ତିଟି ଅଧିକରୁ ଅଧିକ ନିନ୍ଦିତ ହୋଇପଡ଼େ।

ବନ୍ଧୁ ବା ସମର୍ଥକ ବୋଲି ଲାଗୁଥିଲେ ବି ସବୁ ପ୍ରଶଂସକ କେବେ ବି ବନ୍ଧୁ ହୋଇପାରିବେନି ଏ ବିଚାରଧାରାକୁ ବ୍ୟକ୍ତି ବୁଝିବା ଉଚିତ୍। ହୁଏତ ସାମୟିକ ସ୍ୱାର୍ଥ ହାସଲ କିମ୍ବା ଅନ୍ୟକିଛି ଅଭିସନ୍ଧିମୂଳକ ଅଭିରୁଚି ହେତୁ ଜଣେ ପ୍ରଶଂସକ ହୋଇପାରିଥାଏ। ସ୍ୱାର୍ଥରେ ହାନିଘଟିଲେ ସେହି ବ୍ୟକ୍ତିଟି ନିନ୍ଦା କରିବାକୁ ପଛେଇନଥାଏ। ମାତ୍ର, ନିରୁତା ନିନ୍ଦା କରୁଥିବା ବ୍ୟକ୍ତିଟିର କୌଣସି ଦୂରଭିସନ୍ଧି ନଥାଏ। ନିନ୍ଦାକରିବା ତା ପାଇଁ ତାର ବ୍ୟକ୍ତିଗତ ବିଚାର। ନିନ୍ଦାକରିବା ତାର ପକୃତି ଓ ପ୍ରବୃତ୍ତି। ନିଜ ଭିତରେ ଅନେକ ନକାରାତ୍ମକତାକୁ ଜାବୁଡ଼ି ଧରିଥିଲେ ବି ଅନ୍ୟକୁ ସଳଖିବା ପାଇଁ ତା ନିଜ ଅଜ୍ଞତାରେ ସିଏ ସାହାଯ୍ୟ କରିଥାଏ। ଏଥିପାଇଁ ଅପରପକ୍ଷ ସକାରାତ୍ମକ ହେବା ଉଚିତ୍।


ସୁତରାଂ, ବ୍ୟକ୍ତି ବିଚାର କରିବ, ତା'ପାଇଁ ପ୍ରଶଂସକ ବନ୍ଧୁଟିଏ ଦରକାର ନା ନିନ୍ଦା କରୁଥିବା ଶତ୍ରୁଟିଏ ! ଏହି ବିଚାର ଭିତରେ ନୂଆବର୍ଷ ୨୦୨୦କୁ ଆସନ୍ତୁ ସ୍ୱାଗତ କରିବା। ୨୦୨୦ ସମସ୍ତଙ୍କ ପାଇଁ ସୁଖସମୃଦ୍ଧିର ବର୍ଷ ହେଉ। ଚଲାପଥ ପୁଷ୍ପିତ ହେଉ। ମନ ପ୍ରଫୁଲ୍ଲିତ ହେଉ। ଧରା ପ୍ରଶମିତ ହେଉ। ଜଗନ୍ନାଥ ସଭିଙ୍କ ମଙ୍ଗଳ କରନ୍ତୁ।

ଜୟ ଜଗନ୍ନାଥ !!!

ଡ. ପ୍ରସନ୍ନ କୁମାର ଜେନା

# ହିତ ବାଣୀ





## ଗୀତା

ତ୍ରିଭିର୍ଗୁଣମୟୈର୍ଭାବୈରେଭିଃ ସର୍ବମିଦଂ ଜଗତ୍।
ମୋହିତଂ ନାଭିଜାନାତି ମାମାଭ୍ୟୋଃ ପରମବ୍ୟୟମ୍ । ୭/୧୩

ଗୁଣମାନଙ୍କର କାର୍ଯ୍ୟରୂପ ସାତ୍ତ୍ୱିକ, ରାଜସ ଓ ତାମସ ଏହି ତିନିପ୍ରକାର ଭାବଦ୍ୱାରା ଏହି ସଂସାର ଅର୍ଥାତ୍ ପ୍ରାଣୀସମୁଦାୟ ମୋହିତ ହେଉଛି;ଏଣୁ ଏହି ତିନିଗୁଣରୁ ଅତୀତ ହୋଇ ରହିଥିବା ଅବିନାଶୀସ୍ୱରୂପ ମୋତେଚିହ୍ନୁ ନାହିଁ ।

## ନୀତିଶ୍ଳୋକ

ତ୍ୟଜେଦେକଂ କୁଳସ୍ୟାର୍ଥେ ଗ୍ରାମସ୍ୟାର୍ଥେ କୁଳଂ ତ୍ୟଜେତ୍
ଗ୍ରାମଂ ଜନପଦସ୍ୟାର୍ଥେ ସ୍ୱାତ୍ମାର୍ଥେ ପୃଥିବୀଂ ତ୍ୟଜେତ୍ ॥

ବଂଶର ମଙ୍ଗଳ ପାଇଁ ଆବଶ୍ୟକ ହେଲେ ଜଣକୁ ତ୍ୟାଗ କରିବା ଉଚିତ୍, ଗ୍ରାମର ମଙ୍ଗଳ ପାଇଁ ବଂଶକୁ ତ୍ୟାଗ କରିବା ଉଚିତ୍, ଦେଶର ମଙ୍ଗଳ ପାଇଁ ଆବଶ୍ୟକ ହେଲେ ପୃଥିବୀକୁ ମଧ୍ୟ ତ୍ୟାଗ କରିବା ଉଚିତ।

## ଭାଗବତ ବାଣୀ

ପ୍ରାଣୀ ଜନ୍ମନ୍ତି ବାରମ୍ବାର। କେ ପୁତ୍ରକେ କାହା ପିଅର।।
ସକଳେ କର୍ମେ ଆତଯାତ। କର୍ମ ବନ୍ଧନେ ତାତ ମାତ।।

## ସ୍ୱାମୀ ବିବେକାନନ୍ଦ

କ୍ରୋଧକୁ ଅକ୍ରୋଧ ଦ୍ୱାରା, ଅସାଧୁକୁ ସାଧୁତା ଦ୍ୱାରା, କୃପଣକୁ ଦାନ ଦ୍ୱାରା ଏବଂ ମିଥ୍ୟାବାଦୀକୁ ସତ୍ୟ ଦ୍ୱାରା ଜୟ କରିବା ଉଚିତ୍।

## ଚାଣକ୍ୟ ନୀତି

**ସନ୍ତୋଷ ସବୁଠାରୁ ବଡ଼ କଥା :**

ସନ୍ତୋଷାମୃତତୃପ୍ତାନାଂ ଯତ୍ସୁଖଂ ଶାନ୍ତିରେବ ଚ।
ନ ଚ ତଦ୍ଧନଲୁବ୍ଧାନାମିତଶ୍ଚେତଶ୍ଚ ଧାବତାମ ॥

ଆର୍ଯ୍ୟ ଚାଣକ୍ୟ ଏଠାରେ ସନ୍ତୋଷର ମହାତ୍ମ୍ୟକୁ ପ୍ରତିପାଦିତ କରିବାକୁ ଯାଇ କୁହନ୍ତି ଯେ ସନ୍ତୋଷର ଅମୃତ ଦ୍ୱାରା ତୃପ୍ତ ମଣିଷମାନଙ୍କୁ ଯଉଁ ସୁଖ-ଶାନ୍ତି ମିଳିଥାଏ, ସେହି ସୁଖ-ଶାନ୍ତି ଧନ ପଛରେ ଇତସ୍ତତଃ ହୋଇ ଦୌଡୁଥିବା ବ୍ୟକ୍ତିକୁ ମିଳି ନଥାଏ।

## ଢଗ ଢମାଳି

ଉପର ବରଡ଼ା ହସୁଛି
ତଳ ବରଡ଼ା ଖସୁଛି
ମଝି ବରଡ଼ା ଥାଇ କହୁଛି
ମୋ ଦିନ କାଳ ଆସୁଛି ।

**( ମଣିଷ ପାଇଁ କାଳର ସତର୍କ ସୂଚନା) ।**

## ରୂଢ଼ି ପ୍ରୟୋଗ

ଏ ଘରେ ମାଉସୀ ସେ ଘରେ ପିଉସୀ

(ଛଳନାପୂର୍ଣ୍ଣ କଥା କହି ଉଭୟ ପକ୍ଷର ପ୍ରିୟ ପାତ୍ର ହେବା)।

ଏକା ମାଘକେ ଶୀତ ଯାଏନାହିଁ

(ଏକାଥରକରେ ଖରାପ ସମୟ କଟେନାହିଁ)।

# ୧୮୧୭ ପାଇକ ବିଦ୍ରୋହ - ବିଶ୍ୱ ଇତିହାସର ବଡ଼ ଘଟଣା



ସତ୍ୟବାଦୀ ବଳିଆରସିଂହ



୨୦୧୭ ମାର୍ଚ୍ଚ ମାସ ବଜେଟ ଅଧିବେଶନ। କେନ୍ଦ୍ର ଅର୍ଥମନ୍ତ୍ରୀ ୰ ଅରୁଣ ଜେଟ୍‌ଲିଙ୍କ ଉଦ୍‌ଘୋଷଣା - ଭାରତର ପ୍ରଥମ ସ୍ୱାଧିନତା ସଂଗ୍ରାମ ପାଇକ ବିଦ୍ରୋହ ସ୍ମାରକୀ ଓ ଅନ୍ୟାନ୍ୟ କାର୍ଯ୍ୟପାଇଁ କେନ୍ଦ୍ର ସରକାର ଖର୍ଚ୍ଚ କରିବେ ଦୁଇଶହ କୋଟି। ଏହା ପ୍ରତ୍ୟେକ ଓଡ଼ିଆଙ୍କ ପ୍ରାଣରେ ଭରି ଦେଇଥିଲା ବିପୁଳ ଉତ୍ସାହ ଓ ଅସୀମ ଉଦ୍ଦୀପନା। ସମଗ୍ର ଓଡ଼ିଶାର ଜନସାଧାରଣ ଦଳମତ ନିର୍ବିଶେଷରେ ଆନନ୍ଦରେ ବିଭୋର ହୋଇଯାଇଥିଲେ। ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଉତ୍କଳ ଭୂ-ଖଣ୍ଡର ପରିବ୍ୟାପ୍ତି ଆଜି ଓଡ଼ିଶା ମଧରେ ସୀମିତ ରହିଥିବାର ଗ୍ଲାନି ମଧ୍ୟରେ ଏହା ଏକ ସତ୍ୟର ବିସ୍ଫୋରଣ ଭଳି ମନେ ହେଲା। ୨୦୦୮ ମସିହାରେ କେନ୍ଦ୍ର ସରକାର ସିପାହୀ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧିନତା ସଂଗ୍ରାମ ଭାବେ ଘୋଷଣା କରିବା ସହ ତା'ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିଥିଲେ। ଓଡ଼ିଶା ସରକାର ଏହି ଉତ୍ସବ ପାଳନ କରିଥିଲେ ମଧ ଓଡ଼ିଶାର ବିଭିନ୍ନ ପାଇକ ସଂଗଠନମାନଙ୍କ ପକ୍ଷରୁ ଏହାର ତୀବ୍ର ପ୍ରତିବାଦ କରାଯାଇଥିଲା। ଏପରିକି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ପାଇକ ସଂଗଠନମାନଙ୍କ ପକ୍ଷରୁ ଏକ ବିରାଟ ସଭା କରାଯାଇ ପାଇକ ବିଦ୍ରୋହର ୧୯୦ ତମ ପୂର୍ତ୍ତି ଉତ୍ସବ ପାଳନ କରାଯାଇଥିଲା। ସିପାହୀ ବିଦ୍ରୋହର ୪୦ ବର୍ଷ ପୂର୍ବରୁ ପାଇକ ବିଦ୍ରୋହ ସଂଗଠିତ ହୋଇ ଦୀର୍ଘ ୮ବର୍ଷ କାଳ ଲାଗି ରହିଥିବା ବେଳେ ଓଡ଼ିଶାର ପ୍ରତ୍ୟେକ ବର୍ଗର ଲୋକମାନେ ଯେଭଳି ସଂପୃକ୍ତ ଥିଲେ ତାହା ଯଥାର୍ଥରେ ଭାରତର ପ୍ରଥମ ସ୍ୱାଧିନତା ସଂଗ୍ରାମ ରୂପେ ଅଭିହିତ କରିବାପାଇଁ ଏଠାରେ ଦୃଢ଼ ଦାବି ଉପସ୍ଥାପନ କରାଯାଇଥିଲା। ତତ୍କାଳୀନ ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ତଥା ଅଧୁନା ଆନ୍ଧ୍ର ପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ତତ୍କାଳୀନ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର, ସ୍ୱାସ୍ଥ୍ୟମନ୍ତ୍ରୀ ସନାତନ ବିଶି, ମନ୍ତ୍ରୀ ଦେବାଶିଷ ନାୟକଙ୍କ ସମେତ ଗଜପତି ଦିବ୍ୟସିଂହ ଦେବ ଏହି ଉତ୍ସବରେ ଉପସ୍ଥିତ ଥିଲେ। କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ଇଂ ଶିଶିର କୁମାର ନାୟକ ଏହାର ଅନ୍ୟତମ ଆବାହକ ଥିଲେ। ଅନୁରୂପ ଭାବେ ପୂର୍ବରୁ ୨୦୦୩ ମସିହା ନଭେମ୍ବର ମାସ ୨୩, ୨୪, ୨୫ ତାରିଖରେ ସାମରିକ ପରମ୍ପରା ମହୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମନ୍ତ୍ରୀ ଡା.ଦାମୋଦର ରାଉତ, ମନ୍ତ୍ରୀ ସୁରେନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥାଇ କଳିଙ୍ଗ ରେଜିମେଣ୍ଟ ଓ ପାଇକ ଏକାଡ଼େମୀ ଆଦି ଦାବି ଉପରେ ଗୁରୁତ୍ୱ ଦେଇଥିଲେ। ୨୦୦୭ ମସିହା ଡିସେମ୍ବର ମାସ ୧୨ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ଏକ ପାଇକ ସମାବେଶରେ ଗଜପତି ଦିବ୍ୟସିଂହ ଦେବଙ୍କ ଉପସ୍ଥିତିରେ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଓ କେତେକ ଐତିହାସିକ ଯୋଗଦେଇ ୧୮୧୭ ପାଇକ ବିଦ୍ରୋହର ସ୍ମୃତି ରୋମନ୍ଥନ କରିଥିଲେ। ପ୍ରତ୍ୟେକ ବର୍ଷ ବିଭିନ୍ନ ପାଇକ ସଂଗଠନ ପକ୍ଷରୁ ଓଡ଼ିଶାର ନ୍ୟାଯ୍ୟ ଦାବି ଉପସ୍ଥାପନ ପାଇଁ ସଭାସମିତି କରାଯାଇଛି। ୨୦୧୬ ଅକ୍ଟୋବର ମାସରେ ଉତ୍କଳ ବିକାଶ ପରିଷଦ ପକ୍ଷରୁ ଉତ୍କଳ କୃଷି ବିଶ୍ୱବିଦ୍ୟାଳୟ ପରିସରରେ ଏକ ଦୁଇଦିନିଆ ସମ୍ମିଳନୀ ହୋଇଥିଲା। ଏଥିରେ ୪୦ ଜଣ ଐତିହାସିକ, ଓଡ଼ିଶା ଓ ଓଡ଼ିଶା ବାହାରୁ ଆସି ଯୋଗ ଦେଇଥିଲେ। ୧୮୧୭ ପାଇକ ବିଦ୍ରୋହର ଗୁରୁତ୍ୱ ଉପରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରି ସନ୍ଦର୍ଭ ପାଠ କରିଥିଲେ। ଏହି ବୌଦ୍ଧିକ ଆଲୋଚନାଚକ୍ରର ଆବାହକ ଥିଲେ ଉତ୍କଳ ବିକାଶ ପରିଷଦର ମହାସଚିବ ଇଂ ରଷି ଗୁମାନସିଂହ ଓ ସଭାପତି ବିଜୟ ଚନ୍ଦ୍ର ପ୍ରଧାନ। ଏଥିରେ ପାଠ କରାଯାଇଥିବା ନିବନ୍ଧଗୁଡ଼ିକ ଏକତ୍ର କରାଯାଇ ତାହା ପୁସ୍ତକ ଆକାରରେ ପ୍ରକାଶ କରାଯାଇ ସାଧାରଣ ବଣ୍ଟନ ସହିତ କେନ୍ଦ୍ର ସରକାରଙ୍କ ପାଖକୁ ପ୍ରେରଣ କରାଯାଇଥିଲା। ସେଥିରେ ଆମ ଦେଶର

ସ୍ୱାଧିନତା ପ୍ରାପ୍ତି ନିମନ୍ତେ ଯେଉଁସବୁ ଆନ୍ଦୋଳନ ହୋଇଥିଲା ସେମାନଙ୍କ ମଧ୍ୟରୁ ୧୮୧୭ ପାଇକ ଉଦ୍‌ବେଳନକୁ ପ୍ରାଥମିକତା ଓ ଅଗ୍ରଗଣ୍ୟତାର ସ୍ୱୀକୃତି ଦେବାପାଇଁ ଦାବି ଉପସ୍ଥାପନ ହୋଇଥିଲା । ଏହି କ୍ରମରେ ବହୁ ପାଇକ ସଂଗଠନ ପକ୍ଷରୁ ବିଭିନ୍ନ ସମୟରେ ଆଲୋଚନା ସଭାମାନ କରାଯାଇ ଆସୁଛି । କିନ୍ତୁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହାକୁ ଯେଭଳି ଗୁରୁତ୍ୱ ସହକାରେ ବିଚାରକୁ ନେଇ କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପିତ କରାଇପାରିଲେ ତାହା ଥିଲା ତାପର୍ଯ୍ୟପୂର୍ଣ୍ଣ । ଏହା ଓଡ଼ିଆ ଅସ୍ମିତା ପାଇଁ ବଡ଼ ଉପଲବ୍ଧି ।

ଐତିହାସିକ ପାଇକ ବିଦ୍ରୋହର ଦୁଇଶହ ବର୍ଷର ପୂର୍ତ୍ତିର ସମାପ୍ତି ହୋଇସାରିଛି । ସେଇ ଅବସରରେ ଆମକୁ ମିଳିଛି ସ୍ୱୀକୃତି, ଯେଉଁ ସ୍ୱୀକୃତି ଥିଲା ଆମର ହକ୍ । ୧୮୫୭ ସିପାହୀ ବିଦ୍ରୋହର ୪୦ ବର୍ଷ ପୂର୍ବରୁ ହୋଇଥିଲା ପାଇକ ବିଦ୍ରୋହ । ସିପାହୀ ବିଦ୍ରୋହ ଦୁଇ ବର୍ଷ ମଧ୍ୟରେ ଦମନ ହୋଇଥିଲେ ହେଁ ପାଇକ ବିଦ୍ରୋହ ପ୍ରଶମିତ ହେବାକୁ ଲାଗିଲା ଆଠ ବର୍ଷ । ଖ୍ରୀ ୧୭୫୭ରେ ଇଂରେଜମାନେ ବଙ୍ଗଳା ଦଖଲ କରିଥିଲେ ହେଁ ସେହି ବଙ୍ଗଳାର ବାରାକପୁରରୁ ଅର୍ଥାତ୍ ୧୦୦ ବର୍ଷ ପରେ ସିପାହୀ ବିଦ୍ରୋହ ଆରମ୍ଭ ହୋଇଥିଲା । ଅଥଚ ୧୮୦୩ ଖ୍ରୀଷ୍ଟାବ୍ଦରେ ଓଡ଼ିଶାରେ ଇଂରେଜମାନଙ୍କ ଆଗମନ ପରେ ୧୮୦୪ ରେ ଖୋର୍ଦ୍ଧା ରାଜ ବିଦ୍ରୋହ, ୧୮୧୭ରେ ପାଇକ ବିଦ୍ରୋହ, ୧୮୨୭ରେ ତାପଙ୍ଗ ଯୁଦ୍ଧ ଏବଂ ୧୮୩୬ରେ କୃତ୍ତିବାସ ପାଟ୍ଟଶାଣୀଙ୍କ ନେତୃତ୍ୱରେ ବାଣପୁର ମୁକ୍ତି ସଂଗ୍ରାମ ସଂଗଠିତ ହୋଇ ଦୀର୍ଘ ୩୨ ବର୍ଷ କାଳ ଓଡ଼ିଆମାନେ ଯେଭଳି ଇଂରେଜ ବିରୋଧି ସଂଗ୍ରାମ କରିଥିଲେ ତାହା ଓଡ଼ିଆମାନଙ୍କ ସ୍ୱାଧୀନଚେତା ମନୋଭାବର ପରିଚୟ ଦିଏ । ୧୮୧୭ ବିଦ୍ରୋହକୁ ଇଂରେଜମାନେ ପାଇକ ବିଦ୍ରୋହ ଆଖ୍ୟା ଦେଇଥିଲେ ହେଁ ତାହା ଥିଲା ଓଡ଼ିଶାର ଗଣବିପ୍ଳବ । ବିଭିନ୍ନ କାରଣରୁ ପ୍ରତ୍ୟେକ ବର୍ଗର ଲୋକମାନଙ୍କର ଏହି ବିପ୍ଳବରେ ସମର୍ଥନ ଥିଲା । ଏହାର ନେତୃତ୍ୱ ନେଇଥିଲେ ଖୋର୍ଦ୍ଧା ରାଜାଙ୍କ ସେନାପତି ବକ୍ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟ ମହାପାତ୍ର । ବ୍ରହ୍ମଗିରି ନିକଟବର୍ତ୍ତୀ ରୋଡ଼ଙ୍ଗ ଗଡ଼ରେ ତାଙ୍କର ଜନ୍ମସ୍ଥାନ । ଘୁମୁସର, ଶେରଗଡ଼ ଓ ବଡ଼ମ୍ବା ରାଜ ପରିବାର ସହିତ ବୈବାହିକ ସମ୍ପର୍କ ଥିଲା । ସେ ଖୋର୍ଦ୍ଧାରାଜାଙ୍କ ବଂଶାନୁକ୍ରମିକ ବକ୍ସି ବା ସେନାପତି ଥିବାରୁ ତାଙ୍କର ପଦମର୍ଯ୍ୟାଦା ଯଥେଷ୍ଟ ଥିଲା । ବକ୍ସିଙ୍କ କୋଳରେ ବସି ଗଜପତି ଅଭିଷେକ ହୋଇ ସିଂହାସନରେ ବସିବାର ପରମ୍ପରା ଅଦ୍ୟାବଧି ପ୍ରଚଳିତ ଅଛି । ବକ୍ସି ଜଗବନ୍ଧୁ ବକ୍ସିବାଡ଼ ମଧ୍ୟରେ ଥିବା ୨୪ଟି ଗ୍ରାମକୁ ନେଇ ରୋଡ଼ଙ୍ଗ ପ୍ରଗଣାର ଅଧିକାରୀ ଥିଲେ । ଏହା ବ୍ୟତୀତ ଖୋର୍ଦ୍ଧା ରାଜାଙ୍କ ପ୍ରଦତ୍ତ ଦୁଇଶହ ବାଟି ଜାଗିରି ଜମିର ଅଧିକାରୀ ମଧ୍ୟ ଥିଲେ । ବିଶାଳ ଐଶ୍ୱର୍ଯ୍ୟର ଅଧିକାରୀ ଓ ଅଚଳାଚଳ ସମ୍ପତ୍ତିର ମାଲିକ ବକ୍ସି ଜଗବନ୍ଧୁ କୁଚକ୍ରୀ କୃଷ୍ଣଚନ୍ଦ୍ର ସିଂହଙ୍କ ଚକ୍ରାନ୍ତ ଯୋଗୁଁ ସର୍ବସ୍ୱାନ୍ତ ହେଲେ ।

ସେତେବେଳେ ମେଜର ଫ୍ଳେଚର ଖୋର୍ଦ୍ଧାର ମାଜିଷ୍ଟ୍ରେଟ ଥିଲେ । ପାଇକମାନେ ଆବହମାନ କାଳରୁ ଯେଉଁ ନିଷ୍କର ଜାଗିରି ଭୋଗକରି ଆସୁଥିଲେ ଫ୍ଳେଚର ସେ ସମସ୍ତ ଜାଗିରି ପାଇକମାନଙ୍କଠାରୁ ଛଡ଼ାଇ ନେଇ ସରକାରଙ୍କ ଖାସମାହାଲ ମଧ୍ୟରେ ରଖିଲେ ଏବଂ ସେହି ଜମି ଉପରେ ଜମାଧାର୍ଯ୍ୟ କଲେ । ରାଜସ୍ୱ ଆଦାୟ ନିମନ୍ତେ ଯେଉଁ ସରବରାକାରମାନେ ନିଯୁକ୍ତ ରହିଲେ ସେମାନେ କଠୋର ଭାବରେ କର ଆଦାୟ କରି ପାଇକମାନଙ୍କ ଉପରେ ଅତ୍ୟାଚାର କଲେ । ସେତେବେଳେ ବଙ୍ଗାଳୀମାନେ ସରକାରଙ୍କ ପ୍ରଧାନ କର୍ମଚାରୀ ଥାଇ ନିଜ ସ୍ୱାର୍ଥ ସାଧନ ପାଇଁ କଦର୍ଯ୍ୟ ଆଚରଣ କରୁଥିଲେ, ତାହା ପାଇକମାନଙ୍କୁ ବିଶେଷ ଉତ୍ତେଜିତ କରୁଥିଲା । ୧୮୦୪ ରୁ ୧୮୧୬ ମଧ୍ୟରେ ଇଂରେଜମାନେ ଛ'ଥରରେ ବନ୍ଦୋବସ୍ତ କରି ଛ'ଗୁଣ କର ବୃଦ୍ଧି କରିଥିଲେ ଯାହା ଲୋକମାନଙ୍କୁ ଅସନ୍ତୁଷ୍ଟ କରିଥିଲା । ପୁନଶ୍ଚ କଉଡ଼ି ପରିବର୍ତ୍ତେ ଟଙ୍କା ଅସୁଲ ଏବଂ ଲୁଣମାରିବା ଉପରେ ଆଦେଶ ମଲାଙ୍ଗିମାନଙ୍କୁ ବାଧିଥିଲା । ସୂର୍ଯ୍ୟାସ୍ତ ଆଇନ ଯୋଗୁଁ ଓଡ଼ିଆ ଜମିଦାରମାନ ରାଜ୍ୟ ହରାଇଲେ ଓ ସେମାନଙ୍କ ସ୍ଥାନ ବଙ୍ଗାଳୀ ଜମିଦାରମାନେ ମାଡ଼ି ବସିଲେ । ଏ ସମସ୍ତ କାରଣରୁ ଲୋକମାନଙ୍କ ଅସନ୍ତୋଷ ସାଙ୍ଗକୁ ବକ୍ସି ଜଗବନ୍ଧୁଙ୍କ ଅସନ୍ତୋଷ ପାଇକ ବିଦ୍ରୋହର ଅଗ୍ନିକୁ ପ୍ରଜ୍ଜ୍ୱଳିତ କରିଥିଲା । ବକ୍ସି ଜଗବନ୍ଧୁ ତାଙ୍କ ପୈତୃକ ଜମିଦାରୀ ରୋଡ଼ଙ୍କ ପ୍ରଗଣା ଚଞ୍ଚକତା ଯୋଗୁ ହରାଇଥିଲେ । ଏହି ଚଞ୍ଚକତା ଧରାପଡ଼ିଲେ ବି ସରକାର ତାଙ୍କ ପ୍ରଗଣା ଫେରାଇ ନଥିଲେ । ଏଣେ କୃଷ୍ଣଚନ୍ଦ୍ର ସିଂହ ରାହାଙ୍ଗ ଓଗେର ରୋଡ଼ଙ୍ଗକୁ ଖର୍ଦ୍ଦି କରି ବକ୍ସି ଜଗବନ୍ଧୁଙ୍କର ସମସ୍ତ ସମ୍ପତ୍ତି ଅଧିକାର କଲେ । ଗଡ଼ ରୋଡ଼ଙ୍ଗ ହରଚଣ୍ଡୀପୁର ଓ ଚଣ୍ଡୀପୁଟରେ ଥିବା ବକ୍ସିଙ୍କର ନିଜର ଚାଷ ଜମିକୁ ତାଙ୍କ ଗୁମାସ୍ତା ଜଗବନ୍ଧୁ ପଟ୍ଟନାୟକ ବୁଝାସୁଝା କରୁଥିଲେ । ବକ୍ସି ଜଗବନ୍ଧୁଙ୍କର ଦୁର୍ଦ୍ଦିନର ସୁଯୋଗ ନେଇ ଜଗବନ୍ଧୁ ପଟ୍ଟନାୟକ ଉପରୋକ୍ତ ଗ୍ରାମର ଚାଷଜମିକୁ କୃଷ୍ଣଚନ୍ଦ୍ର ସିଂହଙ୍କଠାରୁ ନିଜ ନାମରେ କବଲା କରି ଚାଷ କଲେ । ଏହାର ମର୍ମ ହେଲା ଶେଷ ସମ୍ବଳ ନିଜ ଚାଷଜମିକୁ ଗୁମାସ୍ତା ଜଗବନ୍ଧୁ ପଟ୍ଟନାୟକ ଅମାନୁଷିକ ବିଶ୍ୱାସଘାତକତା କରି ଆତ୍ମସାତ୍ କଲେ ।

ପୈତୃକ ରୋଡ଼ଙ୍ଗ ପ୍ରଗଣା, ଜାଗିରି ଦୁଇ ଶହ ବାଟି ଜମି ଓ ନିଜ ଚାଷ ଜମିକୁ ହରାଇ ବକ୍ସି ଜଗବଂଧୁ ଦାଣ୍ଡର ଭିକାରୀ ହୋଇଗଲେ । ସହିବାର ସୀମା ଟପିଗଲା । କେବଳ ନିଜ କଥା ନୁହେଁ । ଇଂରେଜମାନଙ୍କ ଦ୍ୱାରା ପ୍ରଜାମାନେ ଯେଭଳି ହଇରାଣ, ହରକତ, ଅତ୍ୟାଚାର ଓ ନିର୍ଯ୍ୟାତନାର ଶିକାର ହେଲେ, ତାହା ତାଙ୍କୁ ବିଦ୍ରୋହୀ କରାଇଲା । ଇଂରେଜ ଶାସନର ଅବସାନ ଘଟାଇ ପୁର୍ନବାର ରାଜାଙ୍କୁ ଖୋର୍ଦ୍ଧା ସିଂହାସନରେ ଅଧିଷ୍ଠିତ କରାଇବା ଯୋଜନା କରି ଜଗବଂଧୁ ରାଜ୍ୟର ମୁଖ୍ୟ ବ୍ୟକ୍ତିମାନଙ୍କୁ ତାଳପତ୍ରରେ ଲିଖିତ ନିମନ୍ତ୍ରଣ ପତ୍ର ପଠାଇଲେ । ଏହାର ପ୍ରଭାବ କୁଜଙ୍ଗ, କନିକା ଭଳି ରାଜନ୍ୟମଣ୍ଡଳୀକୁ ସଶସ୍ତ୍ର ବିଦ୍ରୋହରେ ପ୍ରଭାବିତ କରିଥିବାବେଳେ ଅନ୍ୟ ପଡ଼ୋଶୀ ଗଡ଼ଜାତ ରାଜାମାନଙ୍କର ନୈତିକ ସମର୍ଥନ ମିଳିଥିଲା । ଏଣେ ବକ୍ସି ଶେରଗଡ଼ ଓ ଘୁମୁସର ଯାଇ ଉଭୟ ବନ୍ଧୁ ରାଜାଙ୍କ ସହଯୋଗ ଲୋଡ଼ିଥିଲେ । ଫଳରେ ଦୁଇ ରାଜାଙ୍କ ପରାମର୍ଶରେ ବଛା ବଛା ଦୁର୍ଦ୍ଦାନ୍ତ କନ୍ଧ ପାଇକ ବାଣପୁର ଆସିବାକୁ ସ୍ଥିର ହେଲା । ବକ୍ସି ବାଣପୁରଠାରେ ସେମାନଙ୍କୁ ଅପେକ୍ଷା କରି

ରହିଲେ ଏବଂ ଭାଟପଡ଼ା ଦଳବେହେରା ଛତ୍ରଗଡ଼ ବିଶୋଇ ରଥି ସାମନ୍ତସିଂହାର ଓ ପଞ୍ଚୁପଲ୍ଲୀ ଦଳବେହେରା ଶ୍ରୀ ହରି ମାନସିଂହଙ୍କ ଜରିଆରେ ବାଣପୁର ଲୋକଙ୍କୁ ପ୍ରଭାବିତ କଲେ। ଘୁମୁସରରୁ ୪୦୦ କନ୍ଧ ପାଇକମାନେ ଆସିବା ପରେ ବାଣପୁର ଅଞ୍ଚଳର ପାଇକମାନଙ୍କ ସହ ମିଶି ବାଣପୁର ଥାନା ଓ ସରକାରୀ କୋଠାଘର ପୋଡ଼ି ଧ୍ୱଂସ କଲେ। ସରକାରଙ୍କ ଖଜଣାଖାନା ଲୁଟ କରି ପ୍ରାୟ ପନ୍ଦର ହଜାର ଟଙ୍କା ନେଇଗଲେ। ଚିଲିକାକୂଳ ଲୁଣ ଏଜେଣ୍ଟ ବେଚର ସାହେବ ବିଦ୍ରୋହୀମାନେ ଯିବାରୁ ଲୁଚି ପଳାଇଲେ।

ସଶସ୍ତ୍ର ବିଦ୍ରୋହର ପ୍ରଥମ ଚରଣରେ ବାଣପୁରର ବ୍ରିଟିଶ ଥାନା ପୋଡ଼ି ଓ ଖଜଣା ଥାନା ଲୁଟ ଏବଂ ଇଂରେଜ ଫଉଜଙ୍କ ଛତ୍ରଭଙ୍ଗ ବିଦ୍ରୋହୀମାନଙ୍କୁ ଉତ୍ସାହିତ କରିଥିଲା। ବାଣପୁରରୁ ଖୋର୍ଦ୍ଧା ଅଭିମୁଖେ ବକ୍ସିଙ୍କ ନେତୃତ୍ୱରେ କୁହୁଡ଼ି, ମୂଳିଝର ଗଡ଼, ପାଞ୍ଚଗଡ଼ ଆଦି ବିଭିନ୍ନ ଗଡ଼ର ଗଡ଼ପତି ଓ ପାଇକମାନଙ୍କ ମଧ୍ୟରେ ଉତ୍ସାହ ଓ ଉଦ୍ଦୀପନା ଭରିଗଲା। କ୍ରମାନ୍ୱୟରେ ବିପ୍ଳବର ବେଗ ଦାବାନଳ ପରି ବୋଲଗଡ଼, ରଥିପୁର, ଖୋର୍ଦ୍ଧା, ଗଙ୍ଗପଡ଼ା, କନିକା, କୁଜଙ୍ଗ, ଦାରୁଠେଙ୍ଗ, ପିପିଲି, ପୁରୀ ପର୍ଯ୍ୟନ୍ତ ବ୍ୟାପିଗଲା। ଜନସାଧାରଣ ଏହି ସଂଗ୍ରାମକୁ ଖୋଲାଖୋଲି ସହଯୋଗ କଲେ।

ଇଂରେଜ ଐତିହାସିକ ଟୟନବୀ ଲେଖିଛନ୍ତି - "Their success at Banpur had set the whole country in arms against us and seeing the hopelessness of resistance, the whole of the Government officer's stationed at Khurda sought safety in a precipitate fight."

ଏହି ବିଦ୍ରୋହରେ ଦେୱାନ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ, ପିଣ୍ଡିକ ବାହୁବଳେନ୍ଦ୍ର, ଦୀନବନ୍ଧୁ ସାମନ୍ତରାୟ, ମୀର ହାଇଦର ଅଲ୍ଲୀ, ଲୋକନାଥ ବଳିଆରସିଂହ, କରୁଣାକର ପରମଗୁରୁ, ଶ୍ରୀହରି ମାନସିଂହ, ପଦ୍ମନାଭ ଛୋଟରାୟ, ଦାମ ସୁବୁଦ୍ଧି, ଗୋପାଳ ଛୋଟରାୟ, ଗୌରାଙ୍ଗ ବରିସଲ, ପ୍ରହଲ୍ଲାଦ ଛୋଟରାୟ, ନାରାୟଣ ପରମଗୁରୁ, ପୁରୁଷୋତ୍ତମ ମାନସିଂହ, ଅନ୍ତର୍ଯ୍ୟାମୀ ପାହାଡ଼ସିଂହ, ବାମଦେବ ପଟ୍ଟଯୋଶୀ, ଉପେନ୍ଦ୍ର ଜଗଦେବ, ଆଦିକନ୍ଦ ବିଦ୍ୟାଧର ଆଦି ବିପ୍ଳବର ନେତୃତ୍ୱ ନେଇଥିଲେ। ଏଥିପାଇଁ ଅନେକ ଫାଶୀ ଓ ଦ୍ୱୀପାନ୍ତର ଦଣ୍ଡ ପାଇଲେ। ଏହି ବିଦ୍ରୋହ ନେଇ ଜଣେ ଇଂରେଜ ଅଫିସର ମତ ଦେଇଥିଲେ ଏହିପରି - " Jagabandhu has given a lead in organising a movement, no matter in how haphazard manner for outstanding the newly established English from orissa, he expected that the orissa chiefs who had been deprived of all their freedom would follow up the lead to make a common cause with him for the purpose of liberating their motherland from foreign yoke."

ଓଡ଼ିଶାରେ ସଦ୍ୟ ଅବସ୍ଥାପିତ ଇଂରେଜମାନଙ୍କୁ ବିତାଡ଼ିତ କରିବାରେ ବକ୍ସି ଜଗବନ୍ଧୁ ନେତୃତ୍ୱ ନେଇଥିଲେ, ଏହା ଯେଉଁଭଳି ହେଉପଛେ, ଇଂରେଜମାନଙ୍କର କୁଶାସନଦ୍ୱାରା ପୀଡ଼ିତ ଲୋକମାନେ ଏବଂ ସ୍ୱାଧୀନତା ହରାଇଥିବା ଓଡ଼ିଶାର ରାଜାମାନେ ବିଦେଶୀମାନଙ୍କ କବଳରୁ ମାତୃଭୂମିକୁ ମୁକ୍ତ କରିବାପାଇଁ ତାଙ୍କ ନେତୃତ୍ୱରେ ଏକତ୍ରିତ ହେବେ ବୋଲି ସେ ଆଶା ରଖିଥିଲେ।

ଏହି ବିଦ୍ରୋହରେ ବକ୍ସିଙ୍କ ସହଯୋଗୀଙ୍କୁ ଫାଶୀ, ଜେଲଦଣ୍ଡ ଆଦି ଦେଇ ବିଦ୍ରୋହର ପ୍ରଭାବକୁ କମାଇ ଦେଇଥିଲେ ମଧ୍ୟ ତାହା ବନ୍ଦ ହୋଇନଥିଲା। ଏହା ଦୀର୍ଘ ଆଠ ବର୍ଷ କାଳ ଲାଗି ରହିଥିଲା। ବକ୍ସି ଆତ୍ମରକ୍ଷା ପାଇଁ ଲୁଚି ଛପି ରହି ଗରିଲା ଯୁଦ୍ଧ କରୁଥିଲେ। ସେହି ଦୁର୍ଦ୍ଦିନରେ ହୋଇଥିବା ଦୁର୍ଦ୍ଦଶା ସଂପର୍କରେ ପଣ୍ଡିତ ଗୋଦାବରୀଶ ମିଶ୍ର "ଅଠର ଶହ ସତର" ଉପନ୍ୟାସରେ ଲେଖିଛନ୍ତି ଯେ, "ଏପରି ଗଛମୂଳ ନଥିଲା ଯେଉଁଠି ସେ ଦୁଇଥର ପାଣି ପିଇଥିଲେ ଏବଂ ଏପରି ଘର ନଥିଲା ଯେଉଁଠି ସେ ଦୁଇଥର ଭୋଜନ କରିଥିଲେ। ବକ୍ସି ଶ୍ୱାପଦସଂକୁଳ ବଣପାହାଡ଼ରେ ଲୁଚି ବୁଲି ଏକ ପ୍ରକାର ବଣ ମଣିଷ ଜୀବନ ଜୀଇଁଥିଲେ।" ପାଇକ ବିଦ୍ରୋହର ନେତା ବକ୍ସିଙ୍କ ପ୍ରତି ପ୍ରତ୍ୟେକ ବର୍ଗରୁ ଜନ ସମର୍ଥନ ଥିବାରୁ ଇଂରେଜମାନେ ଥରକୁ ଥର ଚେଷ୍ଟା କରି ତାଙ୍କୁ ଧରି ପାରୁନଥିଲେ। ଏହି ବିଦ୍ରୋହର ବ୍ୟାପକତା ଓ ଭୟାବହତାକୁ ନେଇ ବ୍ରିଟିଶ ଐତିହାସିକ ଟୟନବି ଲେଖିଛନ୍ତି - "It was to encounter a storm which burst with such fury as to threaten our expulsion if not from the whole of orissa atleast from the teritory of khordha. This was the rebellion militia to whom the english conquest had brought little, but ruin and expulsion."

ଅର୍ଥାତ ବକ୍ସିଙ୍କ ପାଇକ ବିଦ୍ରୋହ ଏପରି ଭୟାନକ ରୂପ ନେଇଥିଲା ଯେ ଖୋର୍ଦ୍ଧା ଅଞ୍ଚଳରୁ ବ୍ରିଟିଶଙ୍କୁ ବିତାଡ଼ିତ କରିବାକୁ ସେମାନଙ୍କ ସ୍ଥିତିକୁ ଏକ ଶକ୍ତ ଧକ୍କା ଦେଇଥିଲା। ୧୮୧୭ ଏପ୍ରିଲ ମାସ ୧୪ ରାତିଖରୁ ୧୮ ତାରିଖ ପର୍ଯ୍ୟନ୍ତ ପୁରୀରୁ ଇଂରେଜମାନଙ୍କ କବଳରୁ ମୁକ୍ତ କରିବା ବ୍ରିଟିଶ ଇଣ୍ଡିଆର ଏକ ବିଶେଷ ଘଟଣା ଥିଲା, ବିଶିଷ୍ଟ ଐତିହାସିକ ପ୍ରଫେସର ଭବାନୀ ଚରଣ ରାୟ ତାଙ୍କ ରଚିତ ପୁସ୍ତକରେ ଲେଖିଛନ୍ତି - "Bakshi Jagabandhu - The path finder of freedom movement of India" ରେ ଲେଖିଛନ୍ତି "Paik revolt of 1817 appears as a mini revolution of an all India movement - August Revolution 1942. Perhaps it was the first Indian Independence movement with the symptoms of revolutionary character with the very objective to free the mother land."

କମିଶନର ଇଓ୍ୱେର ସାହେବ ଓଡ଼ିଶାର ପାଇକ ବିଦ୍ରୋହକୁ ନେଇ ଯେଉଁ ରିପୋର୍ଟ ଲେଖିଛନ୍ତି ତାହା ଗୋପୀନାଥ ମିଶ୍ରଙ୍କ ଦ୍ୱାରା ଅନୁବାଦିତ ହୋଇଛି। ସେଥିରୁ କେଇଧାଡ଼ି ଉଲ୍ଲେଖ କରୁଛି - "ଭାରତ ଇତିହାସରେ କୌଣସି ରାଜ୍ୟ ଜୟ ବ୍ୟାପାରରେ ଇଂରେଜମାନଙ୍କ ଅଦୂରଦର୍ଶିତା ଏପରି ଅବସ୍ଥାକୁ ଯାଇନାହିଁ ବା ଓଡ଼ିଆ ଭଳି କୌଣସି ଜାତି ସେମାନଙ୍କର ଭୁଲ ଅର୍ଥନୀତି ଓ ଭୁଲ କରନୀତିରେ ପିଷ୍ଟପେଷିତ ହୋଇ ଚରମ ଦାରିଦ୍ର୍ୟବରଣ

କରିନାହିଁ। ଏହା ବିଧିର ବିଡ଼ମ୍ବନା। ଶାସକ ପ୍ରତି ଜାତି ମନରେ ସେହି ଯେ ବିଦ୍ୱେଷ ରହିଲା ତାହା ଓଡ଼ିଶାବାସୀଙ୍କୁ ଇଂରେଜ ଶିକ୍ଷା ଓ ନୀତି ଗ୍ରହଣ କରିବାରେ ବହୁଦିନ ପରାଙ୍ମୁଖ କରି ରଖିଥିଲା।"

ଓଡ଼ିଶା ମାଟିରେ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ ଓଡ଼ିଆ ଜାତୀୟତାବୋଧର ପରାକାଷ୍ଠା ପ୍ରଦର୍ଶନ କରେ, ଏହି ସଂଗ୍ରାମରେ ଭାଗ ନେଇଥିବା ସଂଗ୍ରାମୀ ଓ ଶହୀଦମାନେ ଏ ମାଟିର ପୂଜ୍ୟ ଓ ନମସ୍ୟ। ଯୁଗ ଯୁଗ ଧରି ସେମାନଙ୍କ କୀର୍ତ୍ତି ଅମଳିନ ରହିବ। ଶହୀଦମାନଙ୍କର ଅମର କାହାଣୀରେ ରକ୍ତରଞ୍ଜିତ ଖୋର୍ଦ୍ଧାର ଲାଲମାଟି ଏବେ ମଧ୍ୟ ବିପ୍ଳବର ଝଙ୍କାର ତୋଳି ଆହ୍ୱାନ କରେ ଉତ୍ତର ପୁରୁଷଙ୍କୁ। ଜାତୀୟବାଦୀ ଚେତନାର ଆଗ୍ନେୟଗିରି ଖୋର୍ଦ୍ଧାର ମୁଠାଏ ମାଟିକୁ ଚିପୁଡ଼ିଦେଲେ ଏହା କହିବ ସଂଗ୍ରାମୀମାନଙ୍କ ଯନ୍ତ୍ରଣାଦଗ୍ଧ ତ୍ୟାଗପୂତ ଜୀବନର ଅମଳିନ ଗାଥା। ପାଇକ ବିଦ୍ରୋହର ଏହି ଶୌର୍ଯ୍ୟ ବୀର୍ଯ୍ୟ ଓ ବୀରତ୍ୱର ଗାଥା କେବଳ ଭାରତବର୍ଷର ଇତିହାସ ନୁହେଁ,ଏହା ହେଉଛି ବିଶ୍ୱ ଇତିହାସର ଏକ ବଡ଼ ଘଟଣା।

୨୦୧୭ ବଜେଟରେ ପାଇକ ବିଦ୍ରୋହ ନେଇ କେନ୍ଦ୍ରମନ୍ତ୍ରୀଙ୍କ ୨୦୦ କୋଟିର ବଜେଟ ଉପସ୍ଥାପନା ଆମ ଦାବି ପୂରଣର ପ୍ରଥମ ପାହାଚ ଥିଲା। ତା ୧୬.୦୪.୨୦୧୭ ରେ ଓଡ଼ିଶା ରାଜଭବନରେ ପାଇକ ବିଦ୍ରୋହର ମହାନାୟକମାନଙ୍କ ଦାୟାଦମାନଙ୍କୁ ପ୍ରଧାନମନ୍ତ୍ରୀଙ୍କଦ୍ୱାରା ସମ୍ବର୍ଦ୍ଧନା ଏକ ଐତିହାସିକ ସ୍ୱୀକୃତି ଥିଲା। କେନ୍ଦ୍ର ସରକାର ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଉତ୍ସବକୁ ଅଧିକ ଆକର୍ଷଣୀୟ କରିବାପାଇଁ ଏବଂ ଜାତୀୟ ସ୍ତରରେ ଏହାର ଗୁରୁତ୍ୱ ପ୍ରତିପାଦନ ପାଇଁ ନୂଆଦିଲ୍ଲୀ ବିଜ୍ଞାନ ଭବନରେ ତା ୨୦.୦୭.୨୦୧୭ରିଖ ଦିନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ବକ୍ସିଙ୍କ ନେତୃତ୍ୱରେ ପାଇକ ବିଦ୍ରୋହ ସ୍ମୃତି ଜାତୀୟ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ପାଇକ ଯୋଦ୍ଧାମାନଙ୍କ ଜାତିପ୍ରେମ ଓ ସଂଗ୍ରାମ ବ୍ରିଟିଶ ଶାସନକୁ ଦୋହଲାଇ ଦେଇଥିଲା ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଜାତୀୟ ଉତ୍ସବରେ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ପାଇକ ବିଦ୍ରୋହ ସ୍ୱାଭିମାନ ସମୃଦ୍ଧି କାର୍ଯ୍ୟକ୍ରମରେ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିବାକୁ ଓଡ଼ିଶା ସରକାର ସଂକଳ୍ପବଦ୍ଧ ବୋଲି ଘୋଷଣା କଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ ଓ ମହେଶ ଶର୍ମା ଉପସ୍ଥିତ ଥିଲେ। ଏହା ଅନସ୍ୱୀକାର୍ଯ୍ୟ ଯେ, ଓଡ଼ିଶାର ଗର୍ବ ଓ ଗୌରବ ଧର୍ମେନ୍ଦ୍ର ପ୍ରଧାନଙ୍କ ଯୋଗୁଁ ଏସବୁ ସମ୍ଭବ ହୋଇପାରିଥିଲା।

ଏହାର କିଛିଦିନ ଅନ୍ତରରେ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରୀ ପ୍ରକାଶ ଜାଭେଡକର ଓଡ଼ିଶାର ପାଇକ ବିଦ୍ରୋହକୁ ଜାତୀୟ ସ୍ତରରେ ପାଠ୍ୟ ପୁସ୍ତକରେ ସ୍ଥାନ ଦେବାକୁ ଘୋଷଣା କଲେ। ଚଳିତ ବର୍ଷ ଏନ୍.ସି.ଆର.ଟି ଦ୍ୱାରା ପ୍ରକାଶିତ ଅଷ୍ଟମ ଶ୍ରେଣୀ Social Science - Part (II) ପୁସ୍ତକରେ ଏହା ସ୍ଥାନ ପାଇବା ଅଭିନନ୍ଦନୀୟ। ପ୍ରଧାନମନ୍ତ୍ରୀଙ୍କଦ୍ୱାରା ପାଇକ ବିଦ୍ରୋହକୁ ନେଇ ଡାକଟିକେଟ, ମୁଦ୍ରା ପ୍ରଚଳନ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରେ ଗବେଷଣା ପାଇଁ "ପାଇକ ଗବେଷଣା ଚେୟାର" ପ୍ରତିଷ୍ଠା ଅତ୍ୟନ୍ତ ପ୍ରେରଣା ଦାୟକ ଏବଂ ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇଁ ଉଚିତ ସମ୍ମାନ।

ଇଂରେଜ ଶାସନ ବିରୋଧରେ ପାଇକମାନଙ୍କର ସାହସିକ ସଂଗ୍ରାମର କୀର୍ତ୍ତିକୁ ଉଜ୍ଜୀବୀତ ରଖିବାପାଇଁ ପାଇକ ବିଦ୍ରୋହ ସ୍ମାରକର ଭିତ୍ତିପ୍ରସ୍ତର ସ୍ଥାପନ ଭାରତର ମହାମହୀମ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଦ୍ୱାରା ୨୦୧୯ ଡିସେମ୍ବର ୮ ତାରିଖ ଦିନ ବରୁଣାଇ ପାଦ ଦେଶରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ଆନ୍ଧ୍ରର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ସିଂହ ପଟେଲ ଏବଂ ଓଡ଼ିଶାର ପର୍ଯ୍ୟଟନ, ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉପସ୍ଥିତ ଥିଲେ। କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ୍ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ମନ୍ତ୍ରଣାଳୟ ପକ୍ଷରୁ ଏହି ଭବ୍ୟସଭାର ଆୟୋଜନ କରିଥିଲେ। ବରୁଣାଇଠାରେ ପାଇକ ମ୍ୟୁଜିୟମ, ପ୍ରତିମୂର୍ତ୍ତି ସ୍ଥାପନ ଖୋର୍ଦ୍ଧାଗଡ଼ର ରିପ୍ଲିକା, ଖୋର୍ଦ୍ଧାଗଡ଼ ଓ ବରୁଣାଇ ମଧ୍ୟରେ ରୋପ୍ ୱେ, ପାହାଡ଼ ଉପରେ ବକ୍ସି ଜଗବନ୍ଧୁଙ୍କର ଅଶ୍ୱ ଉପରେ ବସିଥିବା ଏକ ବିଶାଳକାୟ ପ୍ରତିମୂର୍ତ୍ତି ସ୍ଥାପନ ଆଦି ବହୁବିଧ କାର୍ଯ୍ୟକ୍ରମର ଯୋଜନା ରହିଛି। ବରୁଣାଇ ଏକ ଐତିହାସିକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇବାକୁ ଯାଉଥିବା ଏକ ଖୁସିର ବାର୍ତ୍ତା।

'ସହଯେଗୀ ସଂପାଦକ'
ଆମରିସତ୍ୟ
ଦୂରଭାଷ-୯୨୩୭୦୮୯୫୦୯


ବକ୍ସି ଜଗବନ୍ଧୁ

# ବିଜ୍ଞାନ ବିଚିତ୍ର



ଡକ୍ଟର ପ୍ରେମଚାନ୍ଦ ମହାନ୍ତି

**କ୍ଷୁଦ୍ର ଗ୍ରହ ମାନଙ୍କୁ ନିପାତ କରିବାକୁ ନାସାର ଯୋଜନା :-** ଅଧିକାଂଶ ସମୟରେ ପୃଥିବୀ ପୃଷ୍ଠକୁ କ୍ଷୁଦ୍ରଗ୍ରହମାନେ ଆସି ଧକ୍କା ହୋଇଥାନ୍ତି। କିନ୍ତୁ ଏଗୁଡିକ କ୍ଷୁଦ୍ର ହୋଇଥିବାରୁ ଆମର ସେତେଟା କ୍ଷତି କରନ୍ତି ନାହିଁ। ନାସା ଦ୍ୱାରା ଏପରି ୭୩ଟି ଆଷ୍ଟରଏଡ୍ ଚିହ୍ନଟ କରାଯାଇଛି ଯେଉଁମାନଙ୍କର ୧୬୦୦ ମଧ୍ୟରୁ ଗୋଟିକର ପୃଥିବୀ ସହ ଧକ୍କା ଖାଇବାର ସଂଭାବନା ରହିଛି। ଯେପରିକି ୧୬୦୦ ଫୁଟ ଚଉଡାର ବେନୁ ନାମକ ଆଷ୍ଟରଏଡ ଅଛି ଯିଏ ପୃଥିବୀଠାରୁ ୫୪ ମିଲିଅନ୍ ମାଇଲ ଦୁରରେ ରହି ସୂର୍ଯ୍ୟ ଚାରିପଟେ ଘଂଟାକୁ ୬୩,୦୦୦ ମାଇଲ ବେଗରେ ଘୁରୁଛି। ଏକ ଏନଇଓ ବା ନିଅର୍ ଆର୍ଥ ଅବଜେକ୍ଟ ଭାବେ ଯଦି ଏହା ପୃଥିବୀ ସହ ଧକ୍କା ଖାଏ ତେବେ ତାର ଶକ୍ତି ୧୪୫୦ ଟନ ଟିଏନଟି ର ବିସ୍ଫୋରଣ ସହ ସମାନ ହେବ ବୋଲି ଆକଳନ କରାଯାଇଛି। ୟୁନିଭର୍ସିଟି ଅଫ ଆରାଜୋନାର ବୈଜ୍ଞାନିକ ଡାନ୍ତେ ଲରେଟାଙ୍କ ମତରେ ଏଥିରୁ ନିର୍ଗତ ଶକ୍ତି ଆଜି ପର୍ଯ୍ୟନ୍ତ ଆଣବିକ ବୋମା ଜନିତ ଯେତେ ବିସ୍ଫୋରଣ ହୋଇଛି ତାର ଶକ୍ତିର ୩ ଗୁଣ ଅଧିକ ହୋଇ ପାରିବ। ଏହା କବଳରୁ ରକ୍ଷା ପାଇବାକୁ ହେଲେ ଏହି କ୍ଷୁଦ୍ର ଗ୍ରହକୁ ଆକାଶରେ ହିଁ ନଷ୍ଟ କରିବାକୁ ପଡିବ। ଏଥିପାଇଁ ନାସା ତର'ରୁ ଏକ ବିଶାଳକାୟ ନ୍ୟୁକ୍ଲିଆର ସ୍ପେସକ୍ରାଫ୍ଟ HAMMER ( Hypervelocity Asteroid Mitigation Mission for Emergency Response ) ତିଆରି ହୋଇଛି ଯାହାର ଓଜନ ପ୍ରାୟ ୮ ଟନ ଏବଂ ଏହା ଗୋଟିଏ ବିରାଟ ପାହାଡକୁ ବି ଦୋହଲାଇ ଦେଇପାରେ। ବେନୁକୁ ଲକ୍ଷ୍ୟରେ ରଖି ୧୯୯୯ ମସିହାରୁ ଏହି ସ୍ପେସସିପ୍ ତିଆରି କରିବାକୁ ନାସା ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି।

**ଏଣିକି ବିଭିନ୍ନ ଗ୍ରହକୁ ରକେଟରେ ମଣିଷ ବି ଯାଇ ପାରିବ :-** ଆପଣଙ୍କ ମନେ ଥାଇପାରେ ଯେ ଆମେରିକା ଦ୍ୱାରା ପ୍ରେରିତ ୧୯୮୬ରେ ଚେଲେଞ୍ଜର ଓ ୨୦୦୩ରେ କଲମ୍ବିଆ କିପରି ମହାଶୂନ୍ୟରେ ଦୁର୍ଘଟଣା ହୋଇ ନଷ୍ଟ ହୋଇ ଯାଇଥିଲା। ତା ପରଠୁ ମଣିଷକୁ ରକେଟ ଦ୍ୱାରା ମହାକାଶକୁ ପ୍ରେରଣ ଏକ ବିପଜ୍ଜନକ ବ୍ୟାପାର ବୋଲି ଧାରଣା ଜନ୍ମିଲା। କିନ୍ତୁ ଏହାକୁ କିପରି ବିପଦମୁକ୍ତ କରା ଯାଇପାରିବ ସେ ନେଇ ୨୦୧୨ ମସିହାଠାରୁ ଲସଏଞ୍ଜେଲ୍ସର ଏକ କମ୍ପାନୀ ୧୫ ଟି ଡମି ମିଶନ ପଠାଇ ସାରିଲାଣି। ଏଥିପାଇଁ ନାସା ପକ୍ଷରୁ ବୋଇଙ୍ଗ କମ୍ପାନୀକୁ ୪.୨ ବିଲିଅନ୍ ଓ ସ୍ପେସେକ୍ସ କମ୍ପାନୀକୁ ୨.୬ ବିଲିଅନ୍ ଡଲାର ଅର୍ଥ ୨୦୧୪ ମସିହାରୁ ଯୋଗାଇ ଦିଆ ଯାଇଥିଲା। କିନ୍ତୁ ଗତ ୨୦୧୯ ମାର୍ଚ୍ଚ ମାସରେ ନାସା ଓ ସ୍ପେସେକ୍ସର ମିଳିତ ସହଯୋଗରେ ଫାଲକନ-୯ ନାମକ ରକେଟରେ ରିପ୍ଲି ନାମକ ଡମି ଯାତ୍ରୀକୁ ନେଇ ଏକ ମହାକାଶ ଯାନ ପ୍ରେରିତ ହୋଇ ଯାଇଛି ଯାହା ଆନ୍ତର୍ଜାତିକ ସ୍ପେସ ଷ୍ଟେସନ ଚାରିପଟେ ଏକ ସପ୍ତାହ ଘୁରିବା କ୍ଷମତା ନେଇ ଯାଇଛି। ଏଥିରେ ଖଞ୍ଜା ଯାଇଥିବା ମନିଟର ଗୁଡିକ ମନୁଷ୍ୟ ସମ୍ମୁଖୀନ ହେଉଥିବା ବିଭିନ୍ନ ବଳ ସଂପର୍କରେ ସୂଚନା ଦେବେ। ଏହା ତାର ଲକ୍ଷ୍ୟପଥରେ ପହଂଚିବାକୁ ପ୍ରାୟ ୧୧ ମିନିଟ ସମୟ ଲାଗିଲା। ମୂଳରୁ ଏହି ପ୍ରକାର ମିଶନ ପାଇଁ ରୁଷିଆ ଉପରେ ନିର୍ଭର କରିବାକୁ ପଡୁଥିଲା। ଶେଷଥରପାଇଁ ୨୦୧୧ ମସିହା ଜୁଲାଇ ୨୧ ତାରିଖରେ ଆଟଲାଂଟିସ୍ ନାମକ ଯାନରେ ଆମେରିକୀୟ ମହାକାଶଚାରୀ ମହାକାଶକୁ ଯାତ୍ରା କରି ପୃଥିବୀକୁ ଫେରି ଆସିଥିଲେ। ଏଥିପାଇଁ ଯାତ୍ରୀପିଛା ୮୨ ମିଲିଅନ୍ ଡଲାର ନାସାକୁ ଦେବାକୁ ପଡୁଥିଲା।


**ଚିନିର ବିକଳ୍ପ ଆପଣଙ୍କ ପାଇଁ ବିପଦ ସୃଷ୍ଟି କରିପାରେ :-**



ସମଗ୍ର ବିଶ୍ୱରେ ମଧୁମେହ ରୋଗୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢିବାକୁ ଲାଗିଛି। ଉଭୟ ସହର ଓ ଗ୍ରାମାଂଚଳରେ ଏହା ମହାମାରୀ ପରି ବ୍ୟାପିବାରେ ଲାଗିଛି। ଏହି ରୋଗୀମାନଙ୍କୁ ଡାକ୍ତର ମିଠା ଖାଦ୍ୟ ଖାଇବାକୁ ବାରଣ କରିଥାନ୍ତି। କିନ୍ତୁ ପାଟି ସ୍ୱାଦ ପାଇଁ ଏପରି ବ୍ୟକ୍ତି ବିଭିନ୍ନ କୃତ୍ରିମ ମିଠାସ୍ୱାଦ ଦେଇ ପାରୁଥିବା ରାସାୟନିକ ପଦାର୍ଥ ବ୍ୟବହାର କରିଥାଆନ୍ତି। ଏପରି ଛଅଟି ପଦାର୍ଥ ହେଲା ସାକାରିନ୍, ସୁକ୍ରାଲୋଜ୍, ଆସ୍ପାର୍ଟମ୍, ନିଓଟେମ୍, ଆଡଭାଂଟେମ୍ଏବଂ ଅସେସଲଫେମ୍ ପୋଟାସିଅମ୍ କେ। ମଲିକ୍ୟୁଲ ନାମକ ଜର୍ଣାଲରେ ପ୍ରକାଶିତ ଏକ ତଥ୍ୟାନୁଯାୟୀ ଏହି ପଦାର୍ଥ ଗୁଡିକ ଆମ ପାଟିକୁ ସୁଆଦିଆ ଲାଗୁଥିଲେହେଁ ଆମ କ୍ଷୁଦ୍ରାନ୍ତରେ ବାସ କରୁଥିବା କେତେକ ଉପକାରୀ ଅଣୁଜୀବଙ୍କ ପାଇଁ ବିଷ ସଦୃଶ କାର୍ଯ୍ୟ କରେ ତେଣୁ ଏମାନେ ଏହି ପରିବେଶରେ ବଂଚି ନପାରି ମୃତ୍ୟୁ ମୁଖରେ ପଡନ୍ତି ଏବଂ ତାଙ୍କଦ୍ୱାରା ସାଧିତ ହେଉଥିବା ଗୁରୁତ୍ୱପୂର୍ଣ କାର୍ଯ୍ୟଗୁଡିକ ଏତଦ୍ୱାରା ବାଧାପ୍ରାପ୍ତ ହୋଇ ଆମର ଖାଦ୍ୟ ପାଚନ କ୍ରିୟାକୁ ଦୁର୍ଗମ କରିପକାନ୍ତି। ଆପଣ ବି ଏହାକୁ ଲକ୍ଷ୍ୟ କରି ପାରିବେ। ଯଦି ଲଗାତାର ଏପରି କୃତ୍ରିମ ମିଠା ସୃଷ୍ଟିକାରୀ ପଦାର୍ଥ ବ୍ୟବହାର କରନ୍ତି ତେବେ ଭୋକ ନହେବା, କୋଷ୍ଠକାଠିନ୍ୟ ଦେଖାଦେବା ଭଳି ଲକ୍ଷଣ ସବୁ ସୃଷ୍ଟି ହୁଏ ଯାହାର

କାରଣ ଏହି ରାସାୟନିକ ପଦାର୍ଥ ଅଟନ୍ତି। ଏକ ମିଲି ରେ ଏକ ମିଲି ଗ୍ରାମର ଏପରି ପଦାର୍ଥ ବି ଏହି ଅଣୁଜୀବମାନଙ୍କ ପାଇଁ ବିଷ ଭଳି କାର୍ଯ୍ୟ କରିଥାଏ।

**ଏକ ପ୍ରକାର ରକ୍ତ ପରୀକ୍ଷା ସନ୍ତାନ ପ୍ରସବ ସମୟ ସଂପର୍କରେ ସୂଚନା ଦେଇ ପାରିବ :-** ଅଧିକାଂଶ କାରଣ ଯୋଗୁଁ



ଆମ ଦେଶରେ ଜନ୍ମିତ ଶିଶୁ,ମାତୃ ମୃତ୍ୟୁହାର ଅନ୍ୟ ଦେଶ ଅପେକ୍ଷା ଅଧିକ ଥିବାର ଜଣାଯାଏ। ଏଗୁଡିକ ମଧ୍ୟରେ ଗୋଟିଏ ହେଲା ନିର୍ଦ୍ଧାରିତ ସମୟ ପୂର୍ବରୁ ସନ୍ତାନକୁ ଜନ୍ମଦେବା। ଆମେ ଜାଣୁ ଯେ ଗର୍ଭଧାରଣର ୩୭ ସପ୍ତାହ ପରେ ସନ୍ତାନଟିଏ ଜନ୍ମ ନେଇଥାଏ। କିନ୍ତୁ ପ୍ରାୟ ୧୦% କ୍ଷେତ୍ରରେ ଏପରି ହୋଇ ନ ଥାଏ। ପ୍ରତ୍ୟେକ ବର୍ଷ ନୂଆକରି ମାଁ ସାଜୁଥିବା ୪ ମିଲିଅନ୍ ମହିଳାଙ୍କ ସଂଖ୍ୟାର ଏକ ତୃତୀୟାଂଶ ବିଭିନ୍ନ ଜଟିଳତା ଯୋଗୁଁ କୃତ୍ରିମ ବାବେ ଆସନ୍ନ ସମୟର ବହୁ ପୂର୍ବରୁ ସନ୍ତାନ ପ୍ରସବ କରିବାକୁ ବାଧ୍ୟ ହୋଇଥାନ୍ତି।ଆମେରିକାର ବ୍ରିଗହାମ ଆଂଡ ଓମେନ୍ସ ହସପିଟାଲର ଗବେଷକ ଡାକ୍ତର ମ୍ୟାକ୍ଏଲରାଥ୍ଙ୍କ ମତରେ ମହିଳାମାନଙ୍କ ଗର୍ଭଧାରଣର ପ୍ରଥମ ସୋପାନରେ ଜରାୟୁର ପ୍ଲାସେଂଟା ଭାସ୍କୁଲାରାଇଜ୍ଡ ହୋଇ ୫ ପ୍ରକାର ସିଏମପି ନାମକ ଅଣୁକଣିକା ସମ ପ୍ରୋଟିନ୍ ରକ୍ତରେ ଭାସି ବୁଲନ୍ତି ଯେଉଁମାନେ ଗୋଟିଏ କୋଷରୁ ଅନ୍ୟ କୋଷକୁ ପ୍ରୋଟିନ୍ ,ଆର୍ ଏନ ଏ ଓ ଅନ୍ୟ ଅଣୁ ସହିତ ଗତି କରିଥାନ୍ତି ଓ ବାର୍ତ୍ତାବାହକ ରୂପେ କାର୍ଯ୍ୟ କରିଥାଆନ୍ତି। ଏହି ପ୍ରକାର କୋଷ ମାନଙ୍କ ଚାଲିଚଳନରୁ କ୍ୟାନ୍ସର ଉପରେ ବିଶେଷ ଗବେଷଣା ହୋଇଛି। ବର୍ତ୍ତମାନ ଏହି ଗୁଣକୁ ମହିଳାମାନଙ୍କ ଗର୍ଭଧାରଣ ଦିନରୁ ଭବିଷ୍ୟତରେ ସନ୍ତାନ ପ୍ରସବ ସମୟରେ ସମ୍ଭାବ୍ୟ ଜଟିଳତା ସଂପର୍କୀୟ ପୂର୍ବାନୁମାନ କରା ଯାଇପାରିବ ବୋଲି ଏମାନେ ମତ ବ୍ୟକ୍ତ କରିଛନ୍ତି। ଅନ୍ୟ ଅର୍ଥରେ ଏହି ପରୀକ୍ଷଣକୁ ଏକ ମାର୍କର ଟେଷ୍ଟ ରୂପେ ବ୍ୟବହାର କରା ଯାଇ ଆବଶ୍ୟକ ସତର୍କତା ଅବଲମ୍ବନ ପୂର୍ବକ ପ୍ରି ଟର୍ମ ଡେଲିଭରି ଭଳି ଅବାଂଛିତ ବିପଦରୁ ରକ୍ଷା କରା ଯାଇ ପାରିବ ବୋଲି ମତ ବ୍ୟକ୍ତ କରିଛନ୍ତି।

**ସୁଖୀ ଦାମ୍ପତ୍ୟ ଜୀବନରେ ଜିନ୍ ର ଭୂମିକା :-**ବର୍ମିଂହାମ ସ୍ଥିତ ୟାଲ୍ ସ୍କୁଲ ଅଫ୍ ପବ୍ଲିକ୍ ହେଲ୍ଥର ପ୍ରଫେସର୍ ଜୋଆନ୍ ମୋନିନ୍ଙ୍କ ଗବେଷଣାନୁଯାୟୀ ବିବାହ ପରବର୍ତ୍ତୀ ଦାମ୍ପତ୍ୟ ଜୀବନ ସୁଖରେ କଟିବାଟା ଏକ ଜିନ୍ର ଭାରିଏସନ ଯୋଗୁଁ ହୋଇଥାଏ। ଆମର ସାମାଜିକ ସଂପର୍କର ସେତୁ ରୂପେ କାର୍ଯ୍ୟ କରୁଥିବା ଅକ୍ସିଟୋସିନ ନାମକ ହରମୋନ୍ ର କ୍ଷରଣକୁ ଏହି ଜିନ୍ ନିୟନ୍ତ୍ରିତ କରି ଆମକୁ ସୁଖ କିମ୍ବା ଦୁଃଖର ଭାବନା ପ୍ରଦାନ କରିଥାଏ। ଅକ୍ସିଟୋସିନ ଜିନ ରିସେପ୍ଟର ମଧ୍ୟରେ ହେଉ ଥିବା ଏ ରକମ ଭାରିଏସନକୁ GG Genotype Variation କୁହାଯାଏ। ୩୭ ବର୍ଷରୁ ଆରମ୍ଭ କରି ୯୦ ବର୍ଷର ୧୭୮ ଜଣ ବିବାହିତ ଦମ୍ପତିଙ୍କୁ ନେଇ ହୋଇଥିବା ପରୀକ୍ଷଣରୁ ସେମାନେ ଏହା ଜାଣି ପାରିଛନ୍ତି। ସେମାନେ ଦେଖିଛନ୍ତି ଯେ ଯଦି ଉଭୟ ଦମ୍ପତିଙ୍କ ମଧ୍ୟରୁ ଜଣଙ୍କର ରକ୍ତରେ ଏହି ଜିନ ଭାରିଏସନ ଅଛି ତେବେ ସେମାନେ ସୁଖରେ ଜୀବନ ଯାପନ କରି ପାରିବେ। ମନେ ରଖିବା ଉଚିତ ଯେ ଅକ୍ସିଟୋସିନ୍କୁ ଲଭ୍ ହରମୋନ କୁହାଯାଏ।

**ଏକ ନାନୋ କଣିକାରୁ ପ୍ରସ୍ତୁତ ଇଞ୍ଜେକ୍ସନ୍ ଦ୍ୱାରା ମୂଷାମାନଙ୍କର ଦୃଷ୍ଟିଶକ୍ତି ବୃଦ୍ଧି କରାଯାଇ ପାରିଛି :-** ମଣିଷ



ଓ ସମଜାତୀୟ ପଶୁମାନେ ରାତି ଅନ୍ଧାରରେ କିଛି ଦେଖି ପାରନ୍ତି ନାହିଁ କାରଣ ଆମ ଚକ୍ଷୁ ଇନଫ୍ରାରେଡ ଆଲୋକକୁ ଦେଖି ପାରେନାହିଁ ଅର୍ଥାତ ଅନ୍ଧାରରେ ଆମକୁ କିଛି ଦେଖାଯାଏ ନାହିଁ। ଚୀନ ଦେଶର ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ବୈଜ୍ଞାନିକ ତିଆନ ଜିଉଙ୍କ ମତରେ ଯେତେବେଳେ ଆଲୋକ ରଶ୍ମୀ ଆମ ଚକ୍ଷୁ ଦେଇ ରେଟିନାରେ ପଡେ ସେତେବଲେ ରଡ ଓ କୋନ ନାମକ ୨ ପ୍ରକାର ଆଲୋକ ସଂବେଦୀ କୋଷ ଫୋଟନ କଣିକାକୁ ଶୋଷିତ କରି ତାର ସୂଚନା ବିଦ୍ୟୁତ ସଂକେତ ମାଧ୍ୟମରେ ଆମ ମସ୍ତିଷ୍କରେ ପହଂଚାଇଥାନ୍ତି। କିନ୍ତୁ ଇନଫ୍ରାରେଡ ଆଲୋକର ତରଙ୍ଗ ଦୈର୍ଘ୍ୟ ଅଧିକ ହୋଇଥିବାରୁ ତାକୁ ଏହି କୋଷମାନେ ଗ୍ରହଣ କରି ପାରନ୍ତି ନାହିଁ। ଏହି ଦୋଷ ଦୁର କରିବାକୁ ଏହି ସଂସ୍ଥାନର ବୈଜ୍ଞାନିକମାନେ ଏକ ନାନୋ କଣିକା ତିଆରି କଲେ ଯିଏ ଫଟୋରିସେପ୍ଟର କୋଷ ଗୁଡିକୁ ଦୃଢ କରି ବାନ୍ଧି ରଖେ ଓ ଏହା ଇନଫ୍ରାରେଡ ଆଲୋକ ପାଇଁ ଟ୍ରାନ୍ସଡ୍ୟୁସର ରୂପେ କାର୍ଯ୍ୟ କରେ। ଏହି କଣିକାମାନେ ଉଚ୍ଚ ତରଙ୍ଗ ଦୈର୍ଘ୍ୟ ବିଶିଷ୍ଟ ଇନଫ୍ରାରେଡ ରଶ୍ମୀକୁ ଶୋଷଣ କରି ତାକୁ ଅପେକ୍ଷାକୃତ କ୍ଷୁଦ୍ର ଦୈର୍ଘ୍ୟ ବିଶିଷ୍ଟ ଦୃଶ୍ୟମାନ ଆଲୋକ ରଶ୍ମୀରେ ରୂପାନ୍ତରିତ କରିପାରେ ଯାହାକୁ ଅତି ସହଜରେ ରଡ ଓ କୋନ୍ କୋଷସବୁ ଗ୍ରହଣ କରି ମସ୍ତିଷ୍କକୁ ତାର ସୂଚନା ପ୍ରଦାନ କରି ଦିଅନ୍ତି। ମୂଷାମାନଙ୍କ ଶରୀରରେ ଏକ ଇଞ୍ଜେକ୍ସନ ସାହାଯ୍ୟରେ ଏହି କଣିକାକୁ ପ୍ରବେଶ କରାଇଲାପରେ ଦେଖାଗଲା ଯେ ଏହି ମୂଷାମାନେ ଇନଫ୍ରାରେଡ ରଶ୍ମୀକୁ ସହଜରେ ଦେଖି ପାରୁଛନ୍ତି ଯାହା ତାଙ୍କ ଆଖି ପତାର ଚଳନରୁ ସ୍ପଷ୍ଟ ବାରି ହେଉଥିଲା। ବୈଜ୍ଞାନିକଙ୍କ ମତରେ ଏହି ବାୟୋ-ଇଂଟିଗ୍ରେଟେଡ କଣିକା ଗୁଡିକୁଯଦି ମନୁଷ୍ୟ କ୍ଷେତ୍ରରେ ପ୍ରୟୋଗ କରାଯାଏ ତେବେ ନିରାପତ୍ତା ରକ୍ଷୀ ,ସାମରିକ ବାହିନୀଙ୍କ ପାଇଁ ଏହା ଉପାଦେୟ ହୋଇ ପାରିବ।

ପ୍ରାଧ୍ୟାପକ ରସାୟନ ବିଭାଗ
ବୁର୍ଲା, ସମ୍ବଲପୁର
ଦୂରଭାଷ-

# ଶିକ୍ଷା ଓ ମାନବୀୟ ମୂଲ୍ୟବୋଧ-୨

ତୁଳସୀ ଜୈନ



ସାଂପ୍ରତିକ ଭାରତୀୟ ସମାଜରେ ପ୍ରାଚୀନ ମୂଲ୍ୟବୋଧରେ ଗଭୀର ଅବକ୍ଷୟ ଦେଖାଯାଇଛି । ସେଗୁଡ଼ିକ ଜୀର୍ଣ୍ଣଶୀର୍ଣ୍ଣ ହୋଇ ମରିଯିବା ଉପରେ। ଅଥଚ ନୂତନ ମୂଲ୍ୟବୋଧ ସୃଜନ କରିବାରେ ଆମେ ବିଫଳ ହୋଇଛୁଁ । ଏହା ସମାଜ ପାଇଁ ଚିନ୍ତାର କାରଣ ହୋଇଛି । ଆମ ଯୁବ ପୀଢ଼ି ଭିତରେ ମାନବିକତା ଓ ନୈତିକତା ପ୍ରତି ଗହନ ଅନାସ୍ଥା ଭାବ ଜାତ ହୋଇଛି । "ସବୁ ଏଇମିତି ଚାଲିଥିବ । କିଛି ବଦଳିବାର ନୁହେଁ"- ନିରାଶାର ଏହି ଉତ୍କଟ ବିଷଦଂଶ ସମାଜକୁ ମୃତ ପ୍ରାୟ କରିଦେଉଛି ।

ଆଜିକାଲି ଶିକ୍ଷା ଜଗତରେ ଓଛ (Intelligence Quotients) ସ୍ଥାନରେ ଋଛ (Emotional Quotients) ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଯା'ର ନିଜ ଆବେଗ ଉପରେ ନିୟନ୍ତ୍ରଣ ରହୁଛି, ଧୈର୍ଯ୍ୟ, ଗାମ୍ଭୀର୍ଯ୍ୟ, ସହିଷ୍ଣୁତା ଯା'ର ଆଚରଣରେ ଓହ୍ଲାଇଛନ୍ତି, ସେମାନେ ଜୀବନରେ ନିଶ୍ଚିତ ଭାବରେ ସଫଳ ହେଉଛନ୍ତି ଏବଂ ସୁସ୍ଥ ସମାଜ ଗଠନରେ ମୁଖ୍ୟ ଘଟକ ହୋଇ ପାରିଛନ୍ତି । କେବଳ ସୂଚନାଭିତ୍ତିକ ବୌଦ୍ଧିକ ବିକାଶ ବ୍ୟକ୍ତିତ୍ୱର ଆଂଶିକ ନିର୍ମାଣ କରିଥାଏ । ଯା'ର ଦୃଷ୍ଟିକୋଣ ଯଥାର୍ଥ ସେହିଁ ଭଲମନ୍ଦ କିମ୍ବା ସତ୍‌ମାର୍ଗ-କୁମାର୍ଗର ପ୍ରଭେଦ କରି ପାରିବ । ଯିଏ ସର୍ବଦା ସକାରାତ୍ମକ ଚିନ୍ତନ କରିବା ଶିଖି ପାରିଛି, ସିଏ ଅନୁକୂଳ ପ୍ରତିକୂଳ ଉଭୟ ପରିସ୍ଥିତିରେ ଅପ୍ରଭାବିତ ରହି ସମାଜ ସକାଶେ ବରଦାନ ସାବ୍ୟସ୍ତ ହେଉଛି। ଛାତ୍ରାବସ୍ଥାରେ ସକାରାତ୍ମକ ଚିନ୍ତନ ବା ପୋଜିଟିଭ ଥିଙ୍କିଙ୍ଗ୍ ର ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା ରହିବା ଉଚିତ୍ । ତା' ସହିତ ହେୟ ଓ ଉପାଦେୟ ଜାଣି-ଛାଣି ପାରୁଥିବା ବିବେକ ମଧ୍ୟ ରହିଥିବା ଆବଶ୍ୟକ ।

ପ୍ରଶ୍ନ ହେଉଛି ଅଭିଭାବକ ସେମାନଙ୍କ ଉତ୍ତରାଧିକାରୀମାନଙ୍କ ପାଇଁ ଆଶା ଛାଡ଼ି ଦେଇ ଯିବାକୁ ଚାହୁଁଛନ୍ତି ନା ନିରାଶା ? ମା' ବାପାଙ୍କୁ ତୁଳସୀ ଉପାଡ଼ି ଘର ଅଗଣାରେ କ୍ୟାକଟସ୍ ଲଗାଇବା ପ୍ରବୃତ୍ତିଠାରୁ ନିରାପଦ ଦୂରତ୍ୱ ବଜାୟ ରଖିବାକୁ ହେବ । ଆପଣା ପୁଅ ଝିଅଙ୍କୁ ସେମାନଙ୍କ ସିଦ୍ଧାନ୍ତ ଓ ବିଚାରକୁ ଦୃଢ଼ତାର ସହିତ ଉପସ୍ଥାପନ କରିବାର ସୁଯୋଗ ଦେବାକୁ ହେବ । ନିରର୍ଥକ ଆଲୋଚନା ଓ ଅନାବଶ୍ୟକ ହସ୍ତକ୍ଷେପ ସେମାନଙ୍କ ପରିପକ୍ୱତାରେ ଅନ୍ତରାୟ ସୃଷ୍ଟି କରିଥାଏ । ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାର (Potentiality) ସମୁଚିତ ବିକାଶ ପାଇଁ ଉଚିତ ଅବସର ଯୋଗାଇବାକୁ ହେବ । ପିଲାଙ୍କ ଅସଫଳତାର ମୁହୂର୍ତ୍ତରେ ସେମାନଙ୍କ ସହ ବସି ତା'ର କାରଣ ଓ ନିରାକରଣର ସୂତ୍ର ବାହାର କରିବାକୁ ହେବ । ସବୁଠୁଁ ବଡ଼ କଥା ହେଲା- ସେମାନଙ୍କ ଛୋଟ ଛୋଟ ସଫଳତାକୁ ଅଭିନନ୍ଦନ ବା ସେଲେବ୍ରେଟ କରିବାକୁ ହେବ । ନିଜ ସନ୍ତାନର କ୍ଷମତା ଆକଳନ କରି ସେମାନଙ୍କ ସକାଶେ ଲକ୍ଷ୍ୟ ନିର୍ଦ୍ଧାରଣ କଲେ ନିରାଶ ହେବାକୁ ପଡ଼ିବ ନାହିଁ । ପିଲାମାନେ ଉଚ୍ଚାଭିଳାଷୀ ହେବା ଭଲ, ହେଲେ ଅଭିଭାବକମାନେ କଠୋର ବାସ୍ତବିକତା ଲାଗି ପ୍ରସ୍ତୁତ ହୋଇ ରହିଥିବା କଥା ।

ଶିକ୍ଷକ ଓ ଅଧ୍ୟାପକମାନେ କେବଳ ପାଠ ପଢ଼ାଇଲେ ଚଳିବ ନାହିଁ । ଛାତ୍ରଛାତ୍ରୀଙ୍କ ଯୋଗ୍ୟତା ଉପରେ ଯେଉଁ ଆବରଣ ପଡ଼ିଛି, ତାକୁ ଦୂର କରିବାର ଅଛି । ସେମାନଙ୍କ ପାଇଁ ସମ୍ଭାବନାର ଦ୍ୱାର ଖୋଲି ଦେବାର ଅଛି । ମହାନ ଶିକ୍ଷକ ବେଷ୍ଟାଲୋଜି କହିଥିଲେ- "ସାତବର୍ଷ ପାଇଁ ମୋତେ ଗୋଟିଏ ଶିଶୁକୁ ଦିଅନ୍ତୁ । ମୁଁ ତାକୁ ଏପରି ପରମାଣୁରେ ଗଠନ କରିବି ଯେ ଭଗବାନ କି ସଇତାନ କେହି ବି ତାକୁ ତିଳମାତ୍ର ବଦଳାଇ ପାରିବେ ନାହିଁ"। ଆମର ଗୁରୁକୁଳ ଏପରି ହେବା ଉଚିତ, ଯେଉଁମାନେ ବିଦ୍ୟାର୍ଥୀର ଆଦିମ ମାନସ ବା Animal Brain କୁ ପରିମାର୍ଜିତ କରି ପାରୁଥିବେ। ପରିବାରରେ ସଦ୍‌ସଂସ୍କାର ବପନ ଏବଂ ବିଦ୍ୟାଳୟରେ ମୂଲ୍ୟ ଆଧାରିତ ଶିକ୍ଷା ଦ୍ୱାରା କେବଳ ଶିଶୁ ନୁହଁ ସମାଜ ଓ ରାଷ୍ଟ୍ରର ଭବିଷ୍ୟତ ମଙ୍ଗଳମୟ ହେବ ।

ପ୍ରବନ୍ଧ ସମାପନ କରିବା ପୂର୍ବରୁ ଆବ୍ରାହମ୍ ଲିଙ୍କନ, ତାଙ୍କ ପୁଅର ବିଦ୍ୟାଳୟ ପ୍ରବେଶ କରିବା ସମୟରେ ତା'ର ଶିକ୍ଷକ ନାଆଁରେ ଯେଉଁ ଐତିହାସିକ ପତ୍ରଟି ଲେଖିଥିଲେ, ତା'ର କିୟଦଂଶ ଉଦ୍ଧାର କରିବା ଆବଶ୍ୟକ ମନେ ହେଉଛି । ସେ ଲେଖିଥିଲେ -

" ମୋ ପୁଅର ଶିକ୍ଷା ଗ୍ରହଣ କରିବାର ବେଳ ଆସିଯାଇଛି । ଭାଷା, ଗଣିତ, ଇତିହାସ, ଭୂଗୋଳ. ବିଜ୍ଞାନ ଆଦି ଆପଣମାନେ ତାକୁ ପଢ଼ାଇବେ- ଏହା ମୁଁ ଜାଣିଛି । କିନ୍ତୁ ମୁଁ ଏହା ମଧ୍ୟ ଜାଣିଛି ଯେ ସବୁପିଲା ସୁନାଗରିକ ହୋଇ ପାରନ୍ତି ନାହିଁ କି ସତ୍ୟର ପୂଜାରୀ ହେବା ସମସ୍ତଙ୍କ ପକ୍ଷେ ସମ୍ଭବ ପର ନୁହେଁ। ତେଣୁ ଦୟାକରି ଆପଣ ମୋ ପୁଅକୁ ଶିକ୍ଷା ଦେବେ-

କ) ପ୍ରତ୍ୟେକ ଦୁଷ୍ଟ ଲୋକ ସାମନାରେ ଯେପରି ଆଦର୍ଶ ନାୟକଟିଏ ହୋଇ ଛିଡ଼ା ହେବ ।

ଖ) ଜୀବନରେ ଜୟ ଓ ପରାଜୟ ଜନ୍ୟ ଗୌରବ ଓ ଗ୍ଲାନିକୁ ଆନନ୍ଦର ସହ ସ୍ୱୀକାର କରି ପାରୁଥିବ ।

ଗ) ଯେଉଁଠାରେ ଶତ୍ରୁ ଅଛନ୍ତି, ସେଠାରେ ମିତ୍ର ମଧ୍ୟ ରହିଥାନ୍ତି । ଏହି ବିଶ୍ୱାସ ତା' ଭିତରେ ଜନ୍ମ କରାଇବେ ।

ଘ) ଈର୍ଷା ଠାରୁ ତାକୁ ଦୂରେଇ ରଖିବେ ।

ଙ) ମଉନ ରହି ହସି ପାରୁଥିବାର କଳା ଶିଖାଇବେ ।

ଚ) ପୁସ୍ତକ ଜଗତର ଆଶ୍ଚର୍ଯ୍ୟଜନକ ରହସ୍ୟଗୁଡ଼ିକ ସହ ତା'ର ପରିଚୟ କରାଇବେ ଏବଂ ପାହାଡ଼ ଉପରେ ଫୁଟିଥିବା ଫୁଲର ଚିରନ୍ତନ ସୌନ୍ଦର୍ଯ୍ୟକୁ ଯେପରି ସେ ମନପ୍ରାଣ ଦେଇ ଭଲ ପାଇବ, ସେ ପରି ପ୍ରଯତ୍ନ କରିବେ ।

ଛ) ନକଲ କରିବାର ଅପେକ୍ଷା ସସମ୍ମାନେ ଅସଫଳ ହେବା ଅଧିକ ଗରିମାମୟ ଅଟେ । ତାକୁ ବୁଝାଇବେ ଯେ ବିଫଳତା ଯୋଗୁଁ ଅଶ୍ରୁପାତ କରିବା ଆଦୌ ଲଜ୍ଜାଜନକ ନୁହେଁ ।

ଜ) ସମଗ୍ର ବିଶ୍ୱ ତାକୁ ଭୁଲ ବୁଝିଲେ ବି ତା' ନିଜ ଉପରେ ଭରସା ରହିଥିଲେ ଚିନ୍ତା କରିବାର କିଛି ନାହିଁ । ଭଦ୍ରଲୋକଙ୍କୁ ଶାଳୀନତା ସହକାରେ ଓ ଦୁର୍ଜନମାନଙ୍କୁ ଦୃଢ଼ତାର ସହିତ ସାମନା କରିବାର ପ୍ରଶିକ୍ଷଣ ତାକୁ ଦେବେ।

ଝ) ମୋ ପୁଅକୁ "ଭିଡ଼ ମଧ୍ୟରୁ ଜଣେ" ହେବାକୁ ଦେବେ ନାହିଁ ।

ଞ) ସମସ୍ତଙ୍କ କଥା ଶୁଣି ସାରି ଆପଣା ବିବେକ କିମ୍ବା ସତ୍ୟର ଚାଲୁଣୀରେ ଛାଣି ସ୍ୱୀକାର କରିବାର ବିଜ୍ଞାନ ତାକୁ ବୁଝାଇବେ ।

ଟ) ଦୁଃଖ ସମୟରେ ହସି ପାରୁଥିବ । ସୁଖ-ଦୁଃଖବୋଧ ଓ ପ୍ରିୟ-ଅପ୍ରିୟର ସଂବେଦନରୁ ଉପରକୁ ଉଠିବାର ସୂତ୍ର ତାକୁ ବତାଇବେ ।

ଠ) ନିଜ ବୁଦ୍ଧି ଓ ଝାଳକୁ ସବୁଠୁଁ ବେଶୀ ଦର ଦେଉଥିବା ଲୋକଙ୍କୁ ସେ ବିକ୍ରୟ କରିବା ଉଚିତ । କିନ୍ତୁ ତା'ର ହୃଦୟ ଓ ଆତ୍ମାର ମୂଲ୍ୟ ତାକୁ ଅବଶ୍ୟ ବତାଇଦେବେ ।

ଲିଙ୍କନଙ୍କ ଦୂରଦୃଷ୍ଟି, ବୈଶ୍ୱିକ ଶିକ୍ଷାଜଗତ ପାଇଁ ସମପରିମାଣରେ ଉପଯୋଗୀ। ଶିକ୍ଷାକୁ ସର୍ବଜନପ୍ରିୟ, ସର୍ବଜନସୁଖାୟ କରିବାକୁ ହେଲେ ପ୍ରାଥମିକ ସ୍ତରରୁ "ଜୀବନ ବିଜ୍ଞାନ" ପ୍ରଶିକ୍ଷଣ ଦିଆଯିବା ବିଧେୟ । ଅନେକ ରାଜ୍ୟରେ 'ଜୀବନବିଜ୍ଞାନ'କୁ ନିୟମିତ ପାଠ୍ୟକ୍ରମ ସହିତ ଯୋଡ଼ି ଦିଆଯାଇଛି । ଫଳରେ ଛାତ୍ରଛାତ୍ରୀଙ୍କ ମେଧାବୃଦ୍ଧି ସହିତ ଅନୁଶାସନହୀନତା ହ୍ରାସ ପାଇଛି। ଜୀବନର କଳା ଶିଖିଗଲେ ଭାରତ ତା'ର ଲୁପ୍ତ ମର୍ଯ୍ୟାଦି ପୁଣି ଫେରି ପାଇବ।

**ତୁଷାରା, ବଲାଙ୍ଗୀର**
**ଦୂରଭାଷ: ୯୪୩୭୦୩୯୦୯୬**

# ଅଧା ଲେଖା କବିତା

**ଡ.ପ୍ରସନ୍ନ କୁମାର ମହାନ୍ତି**

ନିତି ସଂଜରେ ଫେରିବାକୁ ହୁଏ ଘରକୁ
କାରଣ, ତୁମେ ଥାଅ ଘରେ ।

ଜାଣେ
ଦିନେ ଘରକୁ ଫେରିଲା ବେଳକୁ
ତୁମେ ଆଉ ନଥିବ ଘରେ,
ଅଥବା, ମୁଁ ସବୁଦିନ ପରି ଘରକୁ ନଫେରି
ପହଞ୍ଚିବି ଯାଇ
କୋଉ ଅନ୍ୟ କୋଣରେ ।

ଅମ୍ଳଜାନ ପରି ପୁରୁଣା ବଂଧୁତ
ଦିନେ ଛାଡ଼ିଦିଏ ହାତ,
ଇଚ୍ଛା ଅନିଚ୍ଛାର ଉର୍ଦ୍ଧ୍ୱରେ
ଆମର ଦ୍ୱିପାକ୍ଷିକ ପ୍ରତାରଣା ବି
ସେମିତି ବିଦ୍ଧି ନିର୍ଦ୍ଧାରିତ।
ଜାଣିଛି
ସେଥିରେ ମୋ କଥାକୁ କିନ୍ତୁ
ହୋଇପଡ଼ିବ ଅତି କରୁଣ, ଅଭାବିତ ।

ତୁମକୁ ଛୁଇଁ ହେଉ ନଥିବା ବେଳେ
ସତରେ କି କାମ ଆଉ
ବାକି ଥିବ ସଂସାରରେ
ମୋ ସ୍ନାୟୁ ଓ ଇନ୍ଦ୍ରିୟମାନଙ୍କର ?

ଏ କବିତା ଶହ ଶହ ବର୍ଷଧରି
ଏଇଠି ହିଁ ଅଟକି ରହିବ,
କାରଣ ତୁମ ବିନା ଜିଇଁ ଶିଖିବାକୁ
ଅଗଣିତ ଶତାବ୍ଦୀ ତ
ନିଅଣ୍ଟ ପଡ଼ିବ !

**ଅମୃତାଶ୍ରୁ , ୩, ମହାଲକ୍ଷ୍ମୀ ନଗର**
**ଗଡ଼ ମହାବୀର ରୋଡ୍**
**ଭୂବନେଶ୍ୱର.- ୭୫୧୦୦୨**

# ଚାଉଳ କିଲ ଦୁଇ ଟଙ୍କା



ସୁଧାଂଶୁ ଶେଖର ପାଣିଗ୍ରାହୀ

ହାତ ଗଲା କେମିତି
କାଟିବାକୁ
ପ୍ରଜାଙ୍କର ହାତ, ଗୋଡ଼
ବୁଦ୍ଧି ଓ ବିଚାର
ବଙ୍କା କଲ କୋଡ଼ିଏ ଆଙ୍ଗୁଠିର
ଚିର ପରିଶ୍ରମ ।।

ସଫଳ ଷଡ଼ଯନ୍ତ୍ରର ସ୍ଲୋ ପଏଜନ୍‌ରେ
ବନ୍ଧ୍ୟା କଲ ଭୂଇଁ
ବିଷଧର ବ୍ୟୁରୋକ୍ରୋଟଙ୍କର
ଶୀତତାପ ନିୟନ୍ତ୍ରିତ ଫୁତ୍କାର
ମିଶେଇ ଚାଲିଲ
ଆମ ଗାଁର ନିଷ୍ପାପ ବଂଶୀଧ୍ୱନିରେ ।।

କୁଆଡ଼େ ଗଲ ସବୁ
ଲଙ୍ଗଳ, ଫାଉଡ଼ା,
ଗଇଁଚି, ମଇ, ଟିପେଇ, ଶଗଡ଼
ଜୁଆଳି, ଯୋତ, ମେଢ଼ି, ତୁଣ୍ଡି
ଲଙ୍ଗଳ, ଦଉଡ଼ି
ତମେ ଶେଷରେ ଭୋଟର ପାଲଟିଲ
କାଳିଆ କଷରା ?  ।।

ଗୋଧୂଳିରେ ରାଜନୀତି
କାକରରେ ରାଜନୀତି
କୀର୍ତ୍ତନରେ ରାଜନୀତି
ମହୁଫେଣାରେ ରାଜନୀତି
ଆମ୍ବତୋଳାରେ ରାଜନୀତି
ମାଛଧରାରେ ରାଜନୀତି ।।

ବେଣ୍ଟି ଆଙ୍ଗୁଠିରୁ ଧାନଖୁଣ୍ଡା ଦାଆ
ମୁଢ଼ିଟୋପିରୁ ଖଳାବାଡ଼ି
ଜନ୍ତାଳରୁ ଭାତ, ସାରୁସିଜା
ଦଉଡ଼ିଆ ଖଟରୁ ମଶାଣି ଯାଏଁ
ଛାଇ ହୋଇ ମରା ହୋଇଛି
ମଣିଷମାନଙ୍କୁ ମେଣ୍ଢା କରିବାର
ଆଟ୍ରାକ୍‌ଟିଭ୍ ପ୍ୟାକେଜ୍ ପୋଷ୍ଟର
ଚିରିଲେ ଲାଗିବ
ଦେଶଦ୍ରୋହ ଅପରାଧ ଦଫା ।।

ଟୋପାଏ ମଦ ପାଇଁ
ଗୋଇଠା ମାରିବା ଅଭ୍ୟାସ କରେଇଲ
ନାଲି ଚା, ଚାଉଳ ଭଜାକୁ
ଭୁଡିଆ ଭାତ ଓ ଧନିଆ ପତ୍ରକୁ ବି
ଦଳଭୁକ୍ତ କଲ
ଆଣ୍ଡ୍ରଏଡ୍ ସେଟ୍‌ରେ ବ୍ଲୁ ପିକ୍‌ଚର ଦେଖେଇ
ସାହିଟାକୁ ବି ତିନିଭାଗ କଲ
ପାର୍ଟି ପନିକିରେ ।।

ମାଇଲ ମାଇଲ ଜମି ଯଉବନ
ଓଦା ଓଦା ସବୁଜ ସବୁଜ ନୁହେଁ
ଶୁଖା ଶୁଖା ଧୂସର ଧୂସର
କାନ୍ଦୁଛି ବର୍ଷା, ବାହୁନୁଛି ବିହନ
କୃତ୍ରିମ ଆଳସ୍ୟର ପୁରସ୍କୃତ ସିନେମାରେ
ଶରୀର ସଂଙ୍କୁଚିତ
ଆଙ୍ଗୁଠି କୋଢ଼ିଆ ।।

ଜେଜେଙ୍କ, ଜେଜେଙ୍କ ଜେଜେଙ୍କ ଜେଜେଠୁ
ଛ ଗୁଣ୍ଠ ଜମିରେ ତ
ପିଉସୀ, ମାଉସୀ, ମାମୁଁ, ଝିଆରି
ବନ୍ଧୁ ବାନ୍ଧବ, ଦଶ, ବାହାଘର
ତିନିକୋଡ଼ି ମେଳା ମଉଛବ
କିଛି ତ ଅଟକି ନଥିଲା
ଆଜି କିନ୍ତୁ ମୋ ମେରୁଦଣ୍ଡ
ମୋଡ଼ିହୋଇ ଯାଇଚି
ଦି - ଟଙ୍କା ଚାଉଳର ଲମ୍ବା ଲାଇନ୍‌ରେ ।

**କଣ୍ଟାବାଡ଼ ,ଖୋରଧା**
**ଦୂରଭାଷ - ୯୪୩୭୪୨୧୭୮୮**

# ନୂଆବରଷ



ଗୋବିନ୍ଦ ଚନ୍ଦ୍ର ମହାରଣା

କି ଶୁଭ ବେଳାରେ ଶୀତ ସକାଳରେ
ଆସିଛି ନୂଆବରଷ
ଜଗତର ଜନ ସଭିଏଁ ହରଷ
ପାଇ ତୁମର ପରଶ ।
ଗାଆଁରୁ ସହର ଖୁସିର ଲହର
ତବ ଶୁଭ ଆଗମନେ
ଶୁଭ ମନାସନ୍ତି ସକଳେ ନିଜର
ଆତ୍ମୀୟ ବାନ୍ଧବ ଜନେ।
ଭ୍ରମଣ ସହିତ ବଣଭୋଜି ମଜା
ନିଅନ୍ତି ପିଲାଠୁ ବଡ଼
ପୁରୀ କୋଣାରକେ ନନ୍ଦନକାନନେ
ଚିଲିକାରେ ଭାରି ଭିଡ଼ ।
ଉତ୍ସବ ମୁଖର ସାରା ବିଶ୍ୱ ଆଜି
ଚାଲିଅଛି ନାଚଗୀତ
ହେ ଦୁଇ ହଜାର କୋଡ଼ିଏ ତୁମକୁ
କରୁଛୁ ଆମେ ସ୍ୱାଗତ ।
ଶାନ୍ତି ମୈତ୍ରୀ ଭାଇ ଚାରାର ପ୍ରଚାର
କର ହେ ବରଷ ସାରା
ମାନବ ଜାତିର ହିତ ଓ ପ୍ରଗତି
ହେଉ ତୁମ ଚିନ୍ତାଧାରା ।
ନୂଆବରଷର ନୂଆ ସକାଳରେ
ନୂଆ ମନ ନେଇ ଆସ
ନୂଆ ନୂଆ କାମ କରିଯିବା ଆମେ
ଆଗେଇବ ଆମ ଦେଶ ।

**ମଙ୍ଗଳା ନଗର,**
**ଲେନ୍ - ୧, ଖୋର୍ଦ୍ଧା**
**ଦୂରଭାଷ - ୯୪୩୮୭୩୪୬୪୪**

ତୁମ ଜୀବ ରକ୍ଷାକାରୀ ବୀର୍ଯ୍ୟ ତୁମର ଶ୍ରେଷ୍ଠ ଧନ, ଏହା ରକ୍ତର ସାର। ବ୍ରହ୍ମଚର୍ଯ୍ୟ ଜୀବନର ଶ୍ରେଷ୍ଠତମ ରତ୍ନ। - ସ୍ୱାମୀ ବିବେକାନନ୍ଦ

ଆମ ଲୋକକଥାରେ ବିଜ୍ଞାନ...

# ଚକେ ଗଲେ ବାରହାତ




ଡକ୍ଟର ପ୍ରହ୍ଲାଦ ଚନ୍ଦ୍ର ନାୟକ

ଏହି ଉକ୍ତିଟି ପୁରପଲ୍ଲୀରୁ ନଗ୍ରଜନପଦ ଯାଏ, ନିରକ୍ଷର ଶ୍ରମଜୀବୀଙ୍କଠାରୁ ଉଚ୍ଚଶିକ୍ଷିତ ବୁଦ୍ଧିଜୀବୀମାନଙ୍କ ପର୍ଯ୍ୟନ୍ତ ଏବଂ ସାଧାରଣ ଲୋକଭାଷାରୁ ସମ୍ଭ୍ରାନ୍ତ ସାହିତ୍ୟ ପର୍ଯ୍ୟନ୍ତ ସବୁଠି କଥିତ ଭାଷା ଏବଂ ଲେଖାରେ ବ୍ୟବହୃତ ହୋଇଥାଏ। ପ୍ରୟୋଗର ଯଥାଯଥ କ୍ଷେତ୍ର ରହିଛି। ଯେମିତି କି - ମନେକରନ୍ତୁ କୌଣସି ବ୍ୟକ୍ତି କିମ୍ବା ସଂସ୍ଥା ଯଦି ଦୀର୍ଘ ସୂତ୍ରତା ବଶତଃ ନିଜ ଉପରେ ନ୍ୟସ୍ତ ଦାୟିତ୍ୱ ଅବା କାର୍ଯ୍ୟ ସମ୍ପାଦନରେ ଇପ୍ସିତ ସମୟସୀମାଠାରୁ ଅଧିକ ନିଅନ୍ତି, ସେହି କ୍ଷେତ୍ରରେ ଦାୟିତ୍ୱ ନ୍ୟସ୍ତ କରିଥିବା ବ୍ୟକ୍ତି ବା ସଂସ୍ଥା, ପ୍ରତୀକ୍ଷାର ଦୀର୍ଘ ମୂହୁର୍ତ୍ତମାନ ଗଣୁ ଗଣୁ, ବ୍ୟସ୍ତ ବ୍ୟଥିତ ହୋଇ କହିପକାନ୍ତି - ଛାଡ଼, ସିଏ ବା ସେମାନେ ଯୋଉ ଲୋକ ଏ କାମ କରିବେ କ'ଣ ? ଅନ୍ୟ କୋଉଠିକି ଯିବେଣି କି ଅନ୍ୟ କୋଉ କାମରେ ଲାଗି ଯିବେଣି। ଦେଖିଲୋ ! ଚକେ ଗଲେ ବାର ହାତ। ଏହି ଉକ୍ତିରୁ, ଯେଉଁ ବ୍ୟକ୍ତିର ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି ବା ଯାଇଥିଲା, ତାଙ୍କର କିଛିଟା ଅମନଯୋଗିତା, ଦାୟିତ୍ୱହୀନତା, କାର୍ଯ୍ୟସଂପାଦନରେ ଅସଙ୍ଗତି ଓ ଭିନ୍ନଧୀ ସ୍ପୃହା ଆଦି ପ୍ରତିପନ୍ନ ହୁଏ। ତେବେ ଏ ପ୍ରକାର ମନ୍ତବ୍ୟ ନିହାତି ନାସ୍ତିବାଚକ ନୁହେଁ। ଏଥିରେ ଆଶା ଥାଏ ଯେ, ବ୍ୟକ୍ତି ବା ସଂସ୍ଥାକୁ ଯେଉଁ ଦାୟିତ୍ୱ ଦିଆଯାଇଛି, ତାହା ଅସମ୍ପନ୍ନ ରହିବନାହିଁ। ହୁଏତ କାର୍ଯ୍ୟସିଦ୍ଧିରେ କିଛିଟା ବିଳମ୍ବ ହୋଇପାରେ। ସିଦ୍ଧିର ସମ୍ଭାବନା ଶୂନ୍ୟ ନୁହେଁ। ଏହା ସସୀମ।

ତେବେ ଏହି ଶେଷ ବାକ୍ୟଟି ଏକ ଗାଣିତିକ ଉକ୍ତି। କାରଣ ଆଲୋଚ୍ୟ ଲୋକକଥାରେ ଅଛି ଗାଣିତିକ ସତ୍ୟ। ଏଥିରେ "ଚକ" ଏକ ଭୌତିକ ଉପାଦାନ ଓ "ବାରହାତ" ଏକ ଗାଣିତିକ ରାଶି।

ଏଠାରେ ଚକେ ଗଲେ ବାରହାତର ଅର୍ଥ, ଚକ ପରଟିଏ ଗଡ଼ିଲେ ବାରହାତ ଦୂରତାଯାଏ ଯିବ। ଭାରତର ପ୍ରାଚୀନ ଦୈର୍ଘ୍ୟମାପର ଗୋଟିଏ ଏକକ ଥିଲା "ହାତ"। ହାତକୁ ୨୪ ଆଙ୍ଗୁଳି। ଏକ ମାନବ ହାତ ହେଉଛି ଦେଢ଼ଫୁଟ (୧୮ ଇଞ୍ଚ) ବା ୪୫ ସେ.ମି.।

ଚକ ଏବଂ ଚକ ଗଡ଼ିବାରୁ ଦୂରତା ମାପର ଜ୍ୟାମିତିକ ତତ୍ତ୍ୱ ଏବେ ଦେଖିବା। ଚକ - ସିଏ ରଥ ଚକ, ଶଗଡ଼ ଚକ ବା ଗାଁ ଦାଣ୍ଡରେ ଛୋଟ ପିଲା ଗଡ଼ାଉଥିବା ବେତ ମୁଣ୍ଡୁଳାର ଚକ ହୋଇପାରେ। ଏସବୁ ଚକ ବୃତ୍ତାକାର। ଏକ ନିର୍ଦ୍ଦିଷ୍ଟ ସ୍ଥିର ବିନ୍ଦୁରୁ ସ୍ଥିର ଦୂରତାରେ ରହୁଥିବା ଅନ୍ୟ ଏକ ବିନ୍ଦୁର ସଂଚରର ପଥ ହେଉଛି ଏକ ବୃତ୍ତ। ସ୍ଥିର ବିନ୍ଦୁଟି ହେଉଛି ବୃତ୍ତର କେନ୍ଦ୍ର। ସ୍ଥିର ଦୂରତା ବୃତ୍ତର ବ୍ୟାସାର୍ଦ୍ଧ। ଭ୍ରାମ୍ୟମାଣ ବିନ୍ଦୁର ସଂଚରପଥ ହେଉଛି ବୃତ୍ତର ପରିଧି। ନିମ୍ନରେ ଦିଆଯାଇଥିବା ଚିତ୍ରରେ 'O' ସ୍ଥିରବିନ୍ଦୁ, 'P' ଭ୍ରାମ୍ୟମାଣ ବିନ୍ଦୁ। ABCD ହେଉଛି ବୃତ୍ତ ଯାହାର କେନ୍ଦ୍ରବିନ୍ଦୁ 'O'। OB=OD ଦୂରତା ବୃତ୍ତର ବ୍ୟାସାର୍ଦ୍ଧ। ତେଣୁ ବୃତ୍ତର ବ୍ୟାସ D=2r BOP ରେଖା। CE ରେଖା ହେଉଛି ଚକ। ABCD ଥରଟିଏ ଗଡ଼ିବାର ଦୂରତା। ଏହାକୁ L ଧରାଯାଉ।




ଚିତ୍ର :- ଚକ ଗଡ଼ିବାର ଚିତ୍ର

ଚକ ଥରେ ବା ଚକେ ଗଡ଼ିଲେ ଚକର ପରିଧି ପରିମାଣର ଦୂରତ୍ୱ ଅତିକ୍ରମ କରିବ। ବ୍ୟାସାର୍ଦ୍ଧ ଦିଆଯାଇଥିଲେ, ପରିଧି ବାହାର କରିହେବ। ସେଥିପାଇଁ ସୂତ୍ର ହେଉଛି, $l = 2\pi r = \pi d$ ପରିଧି। ଏଠାରେ $\pi$ (ଉଚ୍ଚାରଣ ପାଏ) ଏକ ଧ୍ରୁବ ସଂଖ୍ୟା, ଯାହାର ମୂଲ୍ୟ ପ୍ରାୟ $\frac{22}{7}$ X 3.142 L= ତେଣୁ L= $\frac{22}{7}$ x 2r = $\frac{22}{7}$ x d । ତେଣୁ ଚକ ଥରେ ଗଡ଼ିଲେ, କେତେ ବାଟ ଯିବ, ତାହା ଚକର ବ୍ୟାସ, କିମ୍ବା ଚକକୁ ଭୂମି ଉପରେ ଲମ୍ବଭାବେ (ସିଧା) ଠିଆ କଲେ, ତାର ଉଚ୍ଚତା ଉପରେ ନିର୍ଭର କରେ।

ତେଣୁ ଚକ ଥରେ ବୁଲିଲେ ବାର ହାତ ଗଡ଼ିବା ପାଇଁ ନିର୍ଦ୍ଦିଷ୍ଟ ବ୍ୟାସ ବା ଉଚ୍ଚତା ଦରକାର। ଏହି ଉଚ୍ଚତା ଏଠାରେ ଚାରି ହାତ ନିଆଯାଇଛି। ତାହା ହେଲେ ପରିଧି ହେବ $\frac{22}{7}$ x 4 ହାତ =12.57 ହାତ ବା ପ୍ରାୟ ୧୨ ହାତ। ଏହି ଚାରି ହାତକୁ ଏକ ପୁରୁଷ ଉଚ୍ଚ କୁହାଯାଇପାରେ। କାରଣ ଆଉ ଗୋଟିଏ ଲୋକକଥାରେ ଅଛି - "ନିଜ ହାତରେ ନିଜେ ଚଉଦ ପାଆ" । ଚଉଦ ପାଆର ଅର୍ଥ ସାଢେ ତିନି ହାତ। ଆଙ୍ଗୁଳି ହିସାବରେ ଏହା ୮୪ ଆଙ୍ଗୁଳି। ସେଇଥିପାଇଁ "ମନବୋଧ ଚଉତିଶା"ରେ କବି ଭକ୍ତଚରଣ ଦାସ ଲେଖିଛନ୍ତି - "ଚର୍ମ ବେଢ଼ିଛି ସିନା ଚଉରାଶି କି"। ଆଉ ପ୍ରକୃତମାପରେ ମଧ୍ୟ ଏହି ସାଢ଼େ ତିନିହାତର ଲୋକ କଥାଟି ସତ୍ୟ। ସେଇଥିପାଇଁ ଲୋକ କଥାରେ ଚକକୁ ପ୍ରାୟ ଏକ ପୁରୁଷ ବା ୪ ହାତ ନିଆଯିବା ଯଥାର୍ଥ ମନେ ହୁଏ।

ଆଲୋଚ୍ୟ ଲୋକକଥାରେ ଆଉ ଗୋଟିଏ ତାତ୍ପର୍ଯ୍ୟ ହେଉଛି ଯେ, ସଧାରଣ ଅନୁମାନ ଓ ଗାଣିତିକ ଫଳ ସବୁବେଳେ ସମାନ ନୁହେଁ। ସାଧାରଣ ଲୋକ ଭାବିବ - ଲାଠିରେ ମାପିବା ପରି ଉପର ତଳ ହୋଇ ଗଡ଼ିଲେ ଚକ ଦି'ପୁରୁଷ ଯିବ। କିନ୍ତୁ ଗଣିତ ଦେଖାଉଛି ତିନିପୁରୁଷ। ତେଣୁ ଚକ ଗଡ଼ିବାର ଅନୁମାନ ପ୍ରକୃତ ଫଳ ମଧ୍ୟରେ ଯେଉଁ ଅନିଶ୍ଚିତତା ବା ଭେଦ ରହୁଛି, ସାଧାରଣ ଜୀବନରେ ନାନା କାର୍ଯ୍ୟ ସାଧନାରେ ମଧ୍ୟ ସେହି ଅନିଶ୍ଚିତତା ଓ ପ୍ରଭେଦ ରହୁଛି। ସେଥିପାଇଁ ଏ ଉକ୍ତି ଆମ ଭାଷାରେ ଚଳି ଆସୁଛି ।

ନୂଆଗାଁ, କେନ୍ଦ୍ରାପଡ଼ା
ଦୂରଭାଷ-୯୪୩୭୪୯୩୨୫୩

# ଛାତ୍ର ଆତ୍ମହତ୍ୟା - ଏକ ଅନୁଚିନ୍ତା



ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

୨୦୧୮ ମସିହା ଏବେ ଅତୀତ। ହେଲେ ସେ ଛାଡ଼ିଯାଇଛି ଏକ ଶୋକାବହ ସ୍ମୃତି। ସେହି ବର୍ଷଟିରେ ନବୋଦୟ ବିଦ୍ୟାଳୟ ସମେତ ଅନ୍ୟ କେତେକ ଶିକ୍ଷାନୁଷ୍ଠାନରେ ଛାତ୍ରମାନଙ୍କ ଆତ୍ମହତ୍ୟା ବିସ୍ମୟାଭିଭୂତ କରିଦେଉଛି ସମସ୍ତଙ୍କୁ। ଗତ ପାଞ୍ଚବର୍ଷ ଭିତରେ ନବୋଦୟ ବିଦ୍ୟାଳୟଗୁଡ଼ିକରୁ ୪୯ଜଣ ଶିକ୍ଷାର୍ଥୀ ବାଛିନେଇଛନ୍ତି ଆତ୍ମହତ୍ୟାର ପଥ। କୋଟାରେ ଶହଶହ ଛାତ୍ରଛାତ୍ରୀ ମେଡ଼ିକାଲ୍ ଓ ଇଂଜିନିୟରିଂ ପ୍ରବେଶିକା ପରୀକ୍ଷା ନିମନ୍ତେ କୋଚିଂ ନେଇଥାନ୍ତି। କୋଚିଂ ସେଣ୍ଟର ଭାବରେ ରାଜସ୍ଥାନର କୋଟାର ନାଁ ଡାକ। ସେଠାରେ ଆଇ.ଆଇ.ଟି ପ୍ରବେଶିକା ପରୀକ୍ଷା ଉଦ୍ଦେଶ୍ୟରେ କୋଚିଂ ନେଉଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ତିନି ଜଣ ମାତ୍ର ଚାରିଦିନ ଭିତରେ ହୋଇଗଲେ ଆତ୍ମଘାତୀ। ଏଭଳି ଘଟଣାକୁ କ'ଣ ଅଣଦେଖା କରାଯାଇପାରେ ?



ହେଲେ ଏହି କିଶୋର - ଯୁବଗୋଷ୍ଠୀ ନିଜ ନିଜର ଅକାଳ ଜୀବନାବସାନ ଘଟେଇବାପାଇଁ କାହିଁକି ନିଷ୍ପତ୍ତି ନେଲେ ? କଅଣ ଏହାର କାରଣ ? ପରୀକ୍ଷାରେ ଫେଲ୍ ହୋଇଯିବାର ଭୟ, ଶିକ୍ଷକମାନଙ୍କର ସମାଲୋଚନା, ସାଙ୍ଗସାଥିମାନଙ୍କ ଆଡୁ ଭୟଭୀତ କରାଇ ନିର୍ଯାତନା, ପରିବାରର ଚାପ କିମ୍ବା ନିଜର ଉଜ୍ଜ୍ୱଳ ଭବିଷ୍ୟତ ସଂପର୍କରେ ସନ୍ଦେହ ଇତ୍ୟାଦି ହୁଏତ ସେହି ଛାତ୍ରଛାତ୍ରୀମାନଙ୍କୁ ଆତ୍ମହତ୍ୟା ନିମନ୍ତେ ପ୍ରରୋଚିତ କରିଥିବ।

ଯାହାହେଉ, ଏବେ କିଶୋର ଯୁବଗୋଷ୍ଠୀର ଆତ୍ମହତ୍ୟାର ହାର ଅସ୍ୱାଭାବିକ ଭାବରେ ବଢ଼ି ବଢ଼ି ଚାଲିଛି। ଏହା ଥମିବାର ନାଁ ଧରୁନି। ଏ ଧରଣର ଘଟଣା ଗୋଟିଏ ଦୁଇଟି ଜାଗାରେ ଘଟୁଥିଲେ ହୁଏତ ଉପେକ୍ଷା ହୋଇପାରନ୍ତା। ମାତ୍ର ଏହାତ ଏବେ ବେଶ ବ୍ୟାପକ ଆକାର ଧାରଣ କଲାଣି।

ତାହାହେଲେ, ଏଥିପାଇଁ କାହାକୁ ଅବା ଆମ୍ଭେ ଦାୟୀ କରିବା ? ଏଥିପାଇଁ ନିଶ୍ଚିତ ଭାବରେ ଦାୟୀ ରହିବ ଆମର ଶିକ୍ଷା ପରିସଂସ୍ଥା ବା ଏଡୁକେସନାଲ ଇକୋସିଷ୍ଟମ୍। ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ମୁଣ୍ଡରେ ଅଠା ନ ବୋଲି ଅନ୍ୟ କାହାକୁ କାହିଁକି ଏ ଦୋଷାରୋପରେ ଭାଗୀଦାର କରାଯିବ ?

## ସାଂପ୍ରତିକ ଦୃଶ୍ୟପଟ :-

ରାଜସ୍ଥାନର କୋଟାରେ ଯାହା ଘଟୁଛି, ତାହାକୁ ଏକ ବ୍ୟତିକ୍ରମ ବା ଆକସ୍ମିକ ବିଚ୍ୟୁତି କହି ଏଡ଼େଇ ଦେଇ ହେବନି। ଯେଉଁସବୁ କୋଚିଂ ସେଣ୍ଟରରେ ଛାତ୍ରଛାତ୍ରୀମାନେ ମେଡ଼ିକାଲ ଓ ଇଂଜିନିୟରିଂ ପ୍ରବେଶିକା ପରୀକ୍ଷା ନିମନ୍ତେ କୋଚିଂ ନେଉଛନ୍ତି, ସେଠାରେ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିବା ଆଉ କାଁ ଭାଁ ଘଟଣା ହୋଇ ରହିନାହିଁ। ଏ ସଂପର୍କରେ ନେସନାଲ କ୍ରାଇମ୍ ରେକର୍ଡ଼ ବ୍ୟୁରୋ ବା ଜାତୀୟ ଅପରାଧ ରେକର୍ଡ ବ୍ୟୁରୋଦ୍ୱାରା ପ୍ରସାରିତ ତଥ୍ୟ ଅନୁଯାୟୀ ୨୦୧୪ ରୁ ୨୦୧୬ ମସିହା ଭିତରେ ଭାରତରେ ଆତ୍ମହତ୍ୟା କରିଥିଲେ ୨୬, ୪୭୯ ଜଣ ଛାତ୍ରଛାତ୍ରୀ। ସେମାନଙ୍କ ମଧ୍ୟରୁ ୭.୪୭୨ ଜଣ ଆତ୍ମହତ୍ୟା କରିଥିଲେ ପରୀକ୍ଷାରେ ଅକୃତକାର୍ଯ୍ୟ ହେବା କାରଣରୁ। ପରୀକ୍ଷାଫଳ ବାହାରିବା ପରେ ପରେ ଛାତ୍ରଛାତ୍ରୀମାନଙ୍କ କ୍ଷେତ୍ରରେ ଆତ୍ମହତ୍ୟାର ହାର ବୃଦ୍ଧି ପାଇଯିବା ଏବେ ଆଉ ବିରଳ ଘଟଣା ହୋଇ ରହିନାହିଁ ।

ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆତ୍ମହତ୍ୟାର ହାର ବୃଦ୍ଧି ପାଉଥିବା ଦୃଷ୍ଟିରୁ ଆମ ଶିକ୍ଷାବ୍ୟବସ୍ଥା ପ୍ରତି ଏକ ଗମ୍ଭୀର ତଥା ଗଭୀର ଦୃଷ୍ଟିପାତର ଆବଶ୍ୟକତା ରହିଛି। ଭବିଷ୍ୟତରେ ଏକ ଲୋଭନୀୟ ନିଯୁକ୍ତି ପାଇବା ଆଶାରେ ଅଖିଆ, ଅପିଆ ଓ ଅନିଦ୍ରା ରହି ଛାତ୍ରଛାତ୍ରୀମାନେ ଆଣ୍ଠୁଗଣ୍ଠି ଛିଣ୍ଡେଇ ପଢୁଛନ୍ତି। କିନ୍ତୁ ଆମର ବର୍ତ୍ତମାନର ଅବସ୍ଥା ଯାହା, ସେଥିରେ ଭଲ ଚାକିରିଟିଏ ପାଇଯିବାର ସଫଳତା ବେଶ ଦୂରୁହ ମନେହୁଏ। ଉଦାହରଣ ସ୍ୱରୂପ- ଇଣ୍ଟରନ୍ୟାସନାଲ ଲେବର ଅରଗାଇନାଇଜେସନ୍‌ର ୱାର୍ଲଡ଼ ଏମ୍ପ୍ଲୟମେଣ୍ଟ ଆଣ୍ଡ ସୋସିଆଲ ଆଉଟଲୁକ୍ ଟ୍ରେଣ୍ଡସ୍ ରିପୋର୍ଟ - ୨୦୧୮ରେ ଦର୍ଶାଯାଇଛି ଯେ ଭାରତରେ ୧୦୧୯ ମସିହାରେ ୭୭ ପ୍ରତିଶତ କର୍ମଚାରୀଙ୍କ ଚାକିରି ପ୍ରତି ବିପଦର ଯଥେଷ୍ଟ ସମ୍ଭାବନା ରହିଛି। ପୁଣି ୧କୋଟି ୮୯ ଲକ୍ଷ ଲୋକ ବେକାର ହୋଇଯିବେ ବୋଲି ଆକଳନ କରିଛି ଉପରୋକ୍ତ ସଂସ୍ଥା। ଚାକିରି ଖଣ୍ଡିଏ ପାଇବାର ସମ୍ଭାବନା ଏପରି ବୈରାଗ୍ୟଜନକ ହୋଇଥିବାରୁ ପାଠପଢ଼ାରେ ଉଚ୍ଚମାନର କୃତିତ୍ୱ ପ୍ରଦର୍ଶନ କରିବା ନିମନ୍ତେ ଛାତ୍ରଛାତ୍ରୀମାନେ ଚାପଗ୍ରସ୍ତ ରହିବା ସ୍ୱାଭାବିକ। ସେଥିପାଇଁ ପାଠପଢ଼ା ତଥା ଶିକ୍ଷାଗ୍ରହଣ ସେମାନଙ୍କ ପାଇଁ ଆଦୌ ଆକର୍ଷଣୀୟ କି ଉପଭୋଗୀ ହୋଇପାରୁନାହିଁ। ଏହା ପରିବର୍ତ୍ତେ ସେମାନେ ସମ୍ମୁଖିନ ହୋଇ ଚାଲିଥିବା ନିରବଚ୍ଛିନ୍ନ ଚାପ ସେମାନଙ୍କୁ କରେଇ ଦେଉଛି ସମାଜ ବିରୋଧି। ସେମାନେ ସମାଜପ୍ରତି ବୀତସ୍ପୃହ ହୋଇପଡୁଛନ୍ତି।

ସମାଜବିଜ୍ଞାନୀ ଏମିଲେ ଡୁରଖେଇମ୍‌ଙ୍କ ଦ୍ୱାରା ପ୍ରସାରିତ ତତ୍ତ୍ୱ ଅନୁଯାୟୀ ଆତ୍ମହତ୍ୟାର ପଶ୍ଚାତ୍‌ରେ କେବଳ ମନସ୍ତାତ୍ତ୍ୱିକ କିମ୍ବା ଆବେଗିକ କାରକ ନିହିତ ନଥାଏ। ଏହାର ପଶ୍ଚାତ୍‌ରେ ମଧ୍ୟ ଜଡ଼ିତ ଥାଏ ବହୁ ସାମାଜିକ କାରକ। ସଂପ୍ରତି ଗୋଷ୍ଠୀସଂପର୍କ ଏବଂ ଅନ୍ୟାନ୍ୟ ସାମାଜିକ ବନ୍ଧନ

ହୋଇପଡୁଛି ଶିଥିଳରୁ ଶିଥିଳତର। ଛାତ୍ରଛାତ୍ରୀମାନଙ୍କ ସମସ୍ୟାପ୍ରତି ପିତାମାତା ଏବଂ ଶିକ୍ଷକ ଶିକ୍ଷିକାଙ୍କଠାରେ ସହନଶୀଳ ମନୋଭାବ ପ୍ରକାଶ ପାଉନାହିଁ ଫଳରେ ସ୍କୁଲ, କଲେଜ,ୟୁନିଭରସିଟି ଏବଂ କୋଚିଂ ସେଣ୍ଟରଗୁଡ଼ିକର ଛାତ୍ରଛାତ୍ରୀମାନଙ୍କୁ ନିଜ ସମସ୍ୟାସହ ଏକୁଟିଆ ସଂଗ୍ରାମ କରିବାପାଇଁ ପଡୁଛି। ଏହାର ପରିଣାମରେ ସେମାନେ ନୈରାଶ୍ୟଜର୍ଜରିତ ରହି କେହି କେହି ଆତ୍ମହତ୍ୟା କରିବାଟାକୁ ଶ୍ରେୟସ୍କର ମଣୁଛନ୍ତି।

ଶିକ୍ଷାନୁଷ୍ଠାନଗୁଡ଼ିକର ଛାତ୍ରଛାତ୍ରୀମାନଙ୍କଠାରେ ଆତ୍ମହତ୍ୟା କରିବାର ପ୍ରବଣତାକୁ ପ୍ରଶମନ ତଥା ନିବାରଣ କରିବାପାଇଁ ଓ ସେମାନଙ୍କୁ ସବୁପ୍ରକାରର ସୁରକ୍ଷା ତଥା ନିରାପତ୍ତା ଯୋଗାଇଦେବାପାଇଁ ଶିକ୍ଷକଶିକ୍ଷିକା ଓ ଅଧ୍ୟକ୍ଷ, ଅଧ୍ୟକ୍ଷାମାନଙ୍କୁ ଉପଯୋଗୀ ତାଲିମ ଦେବା ଅପରିହାର୍ଯ୍ୟ ବିବେଚିତ ହେଉଛି। ମାତ୍ର ପ୍ରତ୍ୟେକ ଶିକ୍ଷାଳୟରେ ଛାତ୍ର ଉପଦେଷ୍ଟାଙ୍କୁ ନିଯୁକ୍ତି କରିବାପାଇଁ ଏଯାବତ୍ ସମ୍ଭବ ହୋଇପାରିନାହିଁ। ଛାତ୍ର ଉପଦେଷ୍ଟାମାନଙ୍କୁ ନିଯୁକ୍ତି କରିଦେଲେ ଯେ ସମସ୍ୟା ସମାହିତ ହୋଇଯିବ ତାହା ବି ନୁହେଁ। ତେବେ ଛାତ୍ର ଆତ୍ମହତ୍ୟାର ମୌଳିକ କାରଣ ନିର୍ଣ୍ଣୟ କରି ତା'ର ପ୍ରତିକାର କରିବା ନିମନ୍ତେ ସରକାର ଆଶୁ ପଦକ୍ଷେପ ନେବା ଜରୁରୀ। ସେହିପରି ଛାତ୍ରଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ପାଠ୍ୟ ନିର୍ଘଣ୍ଟ ଓ ପରୀକ୍ଷା ପଦ୍ଧତିରେ ଅନୁକୂଳ ପରିବର୍ତ୍ତନ ଲୋଡ଼ା। ସେମାନଙ୍କ ଶାରୀରିକ, ମନସ୍ତାତ୍ତ୍ୱିକ, ସାମାଜିକ ଓ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟକୁ ଶିକ୍ଷାର୍ଥୀ-ବାନ୍ଧବ କରିବା ନିମନ୍ତେ ଯୋଗ, ଧ୍ୟାନ, ପ୍ରାଣାୟମ ତଥା ମାନସିକ ବ୍ୟାୟାମର ବ୍ୟବସ୍ଥା କରାଯିବା ଉଚିତ୍। ଶିକ୍ଷାର୍ଥୀମାନେ ଖୁସି ଅନୁଭବ ନକରି ଯଦି ସର୍ବଦା ମାନସିକ ଋପଗ୍ରସ୍ତ ତଥା ଦୁଃଖୀ ରହିବେ, ତେବେ ସେମାନଙ୍କ ମଧ୍ୟରୁ ଅନେକ ଆତ୍ମହତ୍ୟା ଭଳି ସମାଜ-ପ୍ରତିକୂଳ ପଦକ୍ଷେପ ନେବାରେ ବିସ୍ମିତ ହେବାର କିଛିନାହିଁ।

ବାସ୍ତବରେ ସେମାନେ ଏପରି ନୈରାଶ୍ୟ ଜର୍ଜରିତ ହୋଇପଡ଼ନ୍ତି ଯେ ଶ୍ୱାସକ୍ରିୟା ହିଁ ସେମାନଙ୍କ ପାଇଁ ପାଲଟିଯାଏ ଶତ୍ରୁ। ସୁତରାଂ ସେହି ଶ୍ୱାସକ୍ରିୟାର ନିଧନ ପାଇଁ ସେମାନଙ୍କୁ ତର ସହେ ନାହିଁ। କିନ୍ତୁ ଯାହା ଆଦୌ ଗ୍ରହଣୀୟ ନୁହେଁ ଓ ଅତ୍ୟନ୍ତ ଅପ୍ରୀତିକର ବୋଧ ହୋଇଥାଏ, ସେଥିରୁ ମୁକ୍ତି ପାଇବା ନିମନ୍ତେ ମୃତ୍ୟୁକୁ ଆଲିଙ୍ଗନ କରିବା କୌଣସି ସାହସିକ ବ୍ୟକ୍ତିର କାର୍ଯ୍ୟ ନୁହେଁ; ବରଂ ତାହା ଏକ କାପୁରୁଷ ବ୍ୟକ୍ତିର କାର୍ଯ୍ୟ ବୋଲି କହିଯାଇଛନ୍ତି ଗ୍ରୀକ୍ ଦାର୍ଶନିକ ତଥା ବୈଜ୍ଞାନିକ ଆରିଷ୍ଟୋଟଲ୍।

ଆତ୍ମହତ୍ୟା ହେଉଛି ଏକ ଅପରାଧ। ତେଣୁ ଏହାର ସପକ୍ଷରେ କୌଣସି ସଫେଇ ଦେବା ତିଳେମାତ୍ର ସ୍ପୃହଣୀୟ ନୁହେଁ। ଦୁର୍ଭାଗ୍ୟକୁ ଭୟ କରି ମୃତ୍ୟୁର ଆଶ୍ରୟ ନନେଇ ଜୀବନଜଞ୍ଜାଳ ଉପରେ ବିଜୟ ହାସଲ କରିବା ନିମନ୍ତେ ଉଦ୍ୟମୀ ହେବାରେ ହିଁ ଜୀବନର ସାର୍ଥକତା।

ସେଥିପାଇଁ ଫରାସୀ ଦାର୍ଶନିକ, କବି ତଥା ନାଟ୍ୟକାର ଭୋଲଟାୟାର ଯଥାର୍ଥରେ କହିଛନ୍ତି, "ଯେଉଁ ବ୍ୟକ୍ତି ତୀବ୍ର ବିଷାଦଗ୍ରସ୍ତ ହୋଇ ଆଜି ନିଜକୁ ହତ୍ୟା କରି ପକେଇଛି, ମାତ୍ର ଗୋଟିଏ ସପ୍ତାହ ଅପେକ୍ଷା କରି ଯାଇଥିଲେ ସେ ବଞ୍ଚିରହିବା ନିମନ୍ତେ ତୀବ୍ର ବ୍ୟାକୁଳତା ପୋଷଣ କରିଥାନ୍ତା।"

ବାସ୍ତବରେ ଆତ୍ମହନନ ବା ନିଜଦ୍ୱାରା ନିଜର ପ୍ରାଣନାଶ ହେଉଛି ଏକ ଅତି ଘୃଣ୍ୟ କାର୍ଯ୍ୟ। ସୁତରାଂ ଆତ୍ମହତ୍ୟା କରିବାର ଚିନ୍ତାଭାବନା ଆଦୌ ବାଞ୍ଛନୀୟ ନୁହେଁ। କାରଣ ଆତ୍ମହତ୍ୟା କରିଦେଲେ ଅନୁତପ୍ତ ହୋଇ ନିଜ ନିଷ୍ପତ୍ତିର ପୁର୍ନବିଚାର କରିବା ନିମନ୍ତେ ସମସ୍ତ ସମ୍ଭାବନାର ମଧ୍ୟ ମୃତ୍ୟୁ ହୋଇଥାଏ।

ସେ ଯାହାହେଉ ଆମର ଶିକ୍ଷାବ୍ୟବସ୍ଥା ଓ ପରୀକ୍ଷା ପଦ୍ଧତି ପ୍ରତି ଏବେ ଏକ ସିଂହାବଲୋକନର ସମୟ ଉପସ୍ଥିତ। ଶିକ୍ଷାବ୍ୟବସ୍ଥାରେ ବିବର୍ତ୍ତନ ତଥା ରୂପାନ୍ତର ଲୋଡ଼ା। ଏହା ପରିବର୍ତ୍ତନଧର୍ମୀ ହେବା ଆବଶ୍ୟକ। ଆଧୁନିକ ଶିକ୍ଷା ବ୍ୟବସ୍ଥା ହେବା ଉଚିତ୍ ଅର୍ଥବୋଧକ ଓ ନବୀକରଣଯୋଗ୍ୟ। ଅଭିନବ ଧାରଣାଗୁଡ଼ିକୁ ଅକୁଣ୍ଠିତ ଭାବରେ ଗ୍ରହଣ କରିବାପାଇଁ ଏହା ଖୁବ୍ ନମନୀୟ ହୋଇଥିବା ମଧ୍ୟ ଦରକାର। କାରଣ କୋମଳମତି ଅପରିପକ୍ୱ ଛାତ୍ରଛାତ୍ରୀମାନଙ୍କ ଜୀବନକୁ ସଂକଟମୟ ତଥା ମୂଲ୍ୟହୀନ ନକରି ତାକୁ ଅତ୍ୟନ୍ତ ମୂଲ୍ୟବାନ ତଥା ଗୁରୁତ୍ୱପୂର୍ଣ୍ଣ କରାଇବା ଶିକ୍ଷାବ୍ୟବସ୍ଥା ପ୍ରଣୟନକାରୀ ତଥା ଶିକ୍ଷାବିଜ୍ଞାନୀମାନଙ୍କର ଧ୍ୟେୟ ହେବା ବାଞ୍ଛନୀୟ।

**ଅଭୀପ୍ସା**
**ସେକ୍ଟର-୬, ପ୍ଲଟ୍ ନଂ - ୧୧୩୧, କଟକ**
**ପିନ୍ - ୭୫୩୦୧୪**

# ସୁ-ଡୋକୁ

ସୁ-ଡୋକୁ ଏକ ଗାଣିତିକ ଧନ୍ଦା। ନିମ୍ନରେ ପ୍ରଦତ୍ତ ଧନ୍ଦାଟିର ଖାଲି ସ୍ଥାନକୁ ଏପରି ଭାବରେ ପୂରଣ କର ଯେପରି ଧାଡିଗୁଡିକୁ ଯେଉଁ ପଟରୁ ସିଧା ମିଶାଇଲେ ଯୋଗଫଳ ସମାନ ହେଉଥିବ ଏବଂ କୌଣସି ସଂଖ୍ୟା ଦ୍ୱିତୀୟ ଥର ବ୍ୟବହାର ହୋଇନଥିବ। ସଂଖ୍ୟାଗୁଡିକ ୧ ଠାରୁ ୯ ମଧ୍ୟରେ ହୋଇଥିବ।

**ଉତ୍ତର ପୃଷ୍ଠା ନ.-୨୨**

| | | | | | | | | |
|---|---|---|---|---|---|---|---|---|
| | 4 | 2 | 9 | | 1 | | 6 | |
| | 9 | | | 7 | | 4 | | 5 |
| 5 | 6 | | 3 | | 4 | | 2 | 7 |
| 2 | | | 4 | 9 | | 5 | | 1 |
| 8 | | 9 | 1 | | 7 | 6 | | |
| | | 7 | | 6 | 5 | | 3 | 9 |
| 1 | | 5 | | | | 7 | 9 | 6 |
| 9 | | 4 | 5 | 2 | | | 8 | |
| | 8 | | 7 | | 9 | | 5 | 4 |



# ନିର୍ଜନତା ଓ ମାନସିକ ବିଶୃଙ୍ଖଳା

ଡକ୍ଟର ମୁରାରୀ ମୋହନ ଦାଶ

ନିର୍ଜନତାର ଦୁଇଟି ପାର୍ଶ୍ୱ ଥାଏ। ପ୍ରଥମଟି ନୈରାଶ୍ୟ ଓ ଚୁପ ରହିବା ଏବଂ ଦ୍ୱିତୀୟଟି ମହତ୍ ଉଦ୍ଦେଶ୍ୟ ଜନିତ ନିଃସଙ୍ଗତା। କିନ୍ତୁ ସାରା ବିଶ୍ୱ ବିଶ୍ୱାସ କରେ ଯେ ନିର୍ଜନତା ଏକ ମହାମାରୀ ଏବଂ ସେଥିରେ କେବଳ ବୃଦ୍ଧ ବୃଦ୍ଧା ନୁହଁନ୍ତି ସବୁ ଶ୍ରେଣୀର ଲୋକେ ପ୍ରଭାବିତ ହୁଅନ୍ତି। ନିର୍ଜନତାର ପଥରୋଧ କରିବାପାଇଁ ଏପରି କୌଣସି ମ୍ୟାଜିକ୍ ବଟିକା ନାହିଁ। ସାମାଜିକ ସ୍ତରରେ ବିଚ୍ଛିନ୍ନ ରହିଲେ ତାହା ବ୍ୟକ୍ତିର ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ବେଳେବେଳେ ନିର୍ଜନତା ମାନସିକ ବିଶୃଙ୍ଖଳାରୁ ସୃଷ୍ଟି ହୋଇଥାଏ। ନିର୍ଜନତା ଦର୍ଶନଶାସ୍ତ୍ରଜ୍ଞମାନଙ୍କଠାରେ ମଧ୍ୟ ଦେଖାଯାଏ। ଏହା ଜୀବନର ବିଭିନ୍ନ ଦିଗକୁ ବ୍ୟାଖ୍ୟା କରିବାର ଏକ ମହତ୍ ପ୍ରଚେଷ୍ଟା। ଆମର ଭାବୁକ, କବି ଓ ଦର୍ଶନଶାସ୍ତ୍ରଜ୍ଞମାନେ ନିରବତା, ଏକାକୀତା ଓ ଚିନ୍ତାଶୀଳତା ମାଧ୍ୟମରେ ସେମାନଙ୍କ କୃତିକୁ ଆମକୁ ଦାନ କରିଯାଇଛନ୍ତି। ସେ ଯାହା ହେଉନା କାହିଁକି "ଏକାକୀ ରହିବା" ଓ "ନିଃସଙ୍ଗ ବା ବିଚ୍ଛିନ୍ନ ରହିବା" ଭିତରେ ଅନେକ ଭାବାର୍ଥ ତାରତମ୍ୟ ରହିଛି। ଏକାକୀ ରହିବାକୁ ନିଜେ ବାଛି ନେଲାବେଳେ ନିଃସଙ୍ଗ ହେଉଛି ସାମାଜିକ ପୃଥକୀକରଣ, ଏକ ଜଟିଳ ଆବେଗ ସମ୍ବନ୍ଧୀୟ ଅବସ୍ଥା।

ଏକ ସର୍ବେକ୍ଷଣରୁ ଜଣାଯାଏ ଯେ :-

- ଆମେରିକାର ପ୍ରାୟ ଅଧେ ଲୋକ ନିଃସଙ୍ଗ ଅନୁଭବ କରନ୍ତି।
- ୫୪ ପ୍ରତିଶତ ଲୋକ କହନ୍ତି ଯେ ସେମାନଙ୍କୁ କେହି ଭଲକରି ଜାଣନ୍ତି ନାହିଁ।
- ୫୬ ପ୍ରତିଶତ ଲୋକଙ୍କ ମତରେ ତାଙ୍କ ଚତୁଃପାର୍ଶ୍ୱରେ ଥିବା ବ୍ୟକ୍ତିମାନେ ସେମାନଙ୍କ ସାଙ୍ଗରେ ନଥାନ୍ତି।
- ୪୦ ପ୍ରତିଶତ ଲୋକଙ୍କ ଅନୁଯାୟୀ ସେମାନଙ୍କର କେହି ଅର୍ଥପୂର୍ଣ୍ଣ ବନ୍ଧୁ ନାହାଁନ୍ତି ଏବଂ ସେମାନେ ସେଥିପାଇଁ ପୃଥକ୍ ରହନ୍ତି।

ବହୁତ ଲୋକ ଏକୁଟିଆ ରହନ୍ତି କିନ୍ତୁ ନିଃସଙ୍ଗତା ଅନୁଭବ କରିନଥାନ୍ତି। ଆମ ଭିତରେ କେତେକ ପ୍ରତିଷ୍ଠିତ ବ୍ୟକ୍ତି ଅଛନ୍ତି ଯେଉଁମାନେ ସମାଜରେ ରହି ମଧ୍ୟ ନିର୍ଜନତା ଅନୁଭବ କରିଥାନ୍ତି। ସେହି ନିଃସଙ୍ଗ ବ୍ୟକ୍ତିମାନଙ୍କର ସାମାଜିକ ଆବଶ୍ୟକତା ଗୁଣାତ୍ମକ ଓ ପରିମାଣାତ୍ମକ ଭାବେ ପୂରଣ ହୋଇପାରିନଥାଏ। ସେମାନଙ୍କୁ ସବୁବେଳେ ଅଧିକ ଆବଶ୍ୟକ ହୋଇଥାଏ। ମଣିଷ ଏକ ସାମାଜିକ ପ୍ରାଣୀର ଅର୍ଥ ହେଲା, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ସ୍ୱାଭାବିକ ଭାବେ ସଂଯୋଗ ସ୍ଥାପନ କରିବା।

ପିଲାମାନଙ୍କର ସାଧାରଣ ବିକାଶର ଚରିତ୍ର ହେଲା, ସାମାଜିକ ସ୍ତରରେ ଆଖି ସହିତ ଆଖି ମିଶାଇ ତା'ର ପ୍ରତିକ୍ରିୟାରେ ଟିକେ ହସିଦେବା। ଜୀବନର ସବୁ ସ୍ତରରେ ସାମାଜିକ ପ୍ରତିକ୍ରିୟାର ପ୍ରଭାବ ଅନୁଭୂତ ହୋଇଥାଏ। ସାମାଜିକ ସ୍ତରରେ ଅବହେଳିତ ହେଲେ ଓ ସାମାଜିକ ପ୍ରତିକ୍ରିୟା କମ୍ ହେଲେ ପିଲାମାନଙ୍କର ବିକାଶ ବାଧାପ୍ରାପ୍ତ ହୁଏ, ବିଳମ୍ବିତ ହୁଏ, ବିଶେଷକରି କଥା କହିବାରେ ଓ ସାମାଜିକ ପ୍ରତିକ୍ରିୟା ପ୍ରକାଶ କରିବାରେ।

- ଭାରତରେ ୧୨ ପ୍ରତିଶତ ଯୁବକ/ ଯୁବତୀ ଡିପ୍ରେସନରେ ଥାଆନ୍ତି।
- ୧୦ ପ୍ରତିଶତ ଲୋକଙ୍କଠାରେ ମାନସିକ ବିଶୃଙ୍ଖଳା, ଯଥା- ଉଦ୍‌ବେଗ ଓ ସ୍ଫୂର୍ତ୍ତିହୀନତା ଦେଖାଯାଏ।
- ଯୁବକ ଓ ଯୁବତୀଙ୍କ କ୍ଷେତ୍ରରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଉଛି।
- ଅରକ୍ଷିତ ତରୁଣ / ତରୁଣୀମାନେ ମାନସିକ ବିଶୃଙ୍ଖଳାରେ ପୀଡ଼ିତ।

ଆମ ମସ୍ତିଷ୍କର ଢାଞ୍ଚା ସେହି ଅନୁସାରେ ପରିକଳ୍ପନା କରାଯାଇଛି। ଫଳରେ ଆମେ ସାମାଜିକ ଚିହ୍ନ ଓ ପ୍ରତିକ୍ରିୟାକୁ ସହଜରେ ଚିହ୍ନଟ କରିପାରୁ। ସାମାଜିକ ପାରସ୍ପାରିକ କ୍ରିୟା ବହୁସମୟ ଧରି ଅପରିବର୍ତ୍ତନୀୟ ଭାବେ ଚାଲୁ ରହିଲେ ସାମାଜିକତା ସୁଦୃଢ଼ ହୋଇଥାଏ। କିନ୍ତୁ ଆମେ ସାମାଜିକତାର ମାନକୁ ବିଚାରକୁ ନେଇ ନିଜ ପସନ୍ଦ ଅନୁଯାୟୀ ଉତ୍ତର ରଖିଥାଉ। ମଣିଷ ଧୀଶକ୍ତିର ବିକାଶ ହୋଇନଥାଏ କେବଳ ପରିବେଶୀୟ ସମସ୍ୟାର ସମାଧାନ କରିବା ପାଇଁ, ମାତ୍ର ଏହାର ଆବଶ୍ୟକତା ଥାଏ ଜଟିଳ ସାମାଜିକ ଗୋଷ୍ଠୀ ମଧ୍ୟରେ ବସବାସ କରିବା। ତେଣୁ ସମସ୍ତାତ୍ତ୍ୱିକ ସ୍ୱାସ୍ଥ୍ୟ ପାଇଁ ସାମାଜିକ ସ୍ତରରେ ବସବାସ କରିବା ଜରୁରୀ ଅଟେ।

ଜଣେ ବ୍ୟକ୍ତି କି ପ୍ରକାର ଅପ୍ରୀତିକର ଅବସ୍ଥା ପାଇଁ ନିର୍ଜନତାର ଆକ୍ରାନ୍ତ ହୁଏ ? ନିଶ୍ଚିତ ଭାବରେ ସେ କିଛି ଅଶାନ୍ତି (ଅସ୍ୱାଚ୍ଛଳ୍ୟ ଭାବ) ଅନୁଭବ କରୁଛି ଯାହା ପାଇଁ ସେ ଚିନ୍ତାରେ ରହୁଛି ଏବଂ ସେଥିପାଇଁ ସେ ସାହାଯ୍ୟ ଚାହୁଁଛି। ଏହି ଅନୁଭବ କବି, ଭାବୁକ ଓ ଦର୍ଶନଶାସ୍ତ୍ରଜ୍ଞମାନଙ୍କଠାରୁ ଭିନ୍ନ। ସେମାନେ ନିଜେ ନିଜେ ନିଃସଙ୍ଗ ଜୀବନଯାପନ କରିବାକୁ ପସନ୍ଦ କରନ୍ତି। ନିଃସଙ୍ଗ ଜୀବନରୁ ଯେଉଁ ମାନସିକ ଅଶାନ୍ତି ମିଳେ ପ୍ରକୃତରେ ତାହା ଚିନ୍ତାର କାରଣ ଅଟେ।

ମାନସିକ ସ୍ୱାସ୍ଥ୍ୟ ସମସ୍ୟା, ଯଥା- ସ୍ଫୂର୍ତ୍ତିହୀନତା ଓ ଉଦ୍‌ବେଗ ନିଃସଙ୍ଗତାର ଚିର ସହଚର। ଲୋକମାନେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ନଥାଇ ମଧ୍ୟ ନିଃସଙ୍ଗତା ଅନୁଭବ କରନ୍ତି। ଗୋଟିଏ ସଂସ୍କୃତି / ସମାଜ / ପରିବାରରେ ସାମାଜିକ ପୃଥକୀକରଣ ଥିଲେ ତାହା ପୂର୍ବାନୁମାନ କରିନପାରିବା ଅବସ୍ଥା,

ହତାଶା ଓ ଅସୁରକ୍ଷିତ ଭାବ ଜାଗ୍ରତ କରିଥାଏ। ଏପରି ଅବସ୍ଥାରେ ଜଣେ ବ୍ୟକ୍ତି ନକାରାତ୍ମକ ଭାବେ ପକ୍ଷପାତିତା କରିବାକୁ ପ୍ରଭାବିତ ହୋଇଥାଏ। ନିର୍ଜନତାରୁ ସଂଭୂତ ମାନସିକ ଚାପ ଓ ତୀବ୍ର ମାନସିକ ଯନ୍ତ୍ରଣା ଶରୀରରେ ବିଭିନ୍ନ ପ୍ରତିକ୍ରିୟା ସୃଷ୍ଟି କରେ ଯାହା ମନସ୍ତାତ୍ତ୍ୱିକ ଅସୁସ୍ଥତାର କାରଣ ହୋଇଥାଏ ଏବଂ ବେଳେବେଳେ କେତେକ ଦୀର୍ଘକାଳୀନ ରୋଗକୁ ନିମନ୍ତ୍ରଣ କରିଥାଏ। ନିର୍ଜନତାର ଉପଶମ ପାଇଁ କୌଣସି ବଟିକା ନାହିଁ। ସେଥିପାଇଁ ସାମାଜିକ ସହାୟତା, ଆମୋଦ ପ୍ରମୋଦ କାର୍ଯ୍ୟକ୍ରମ, ପାରସ୍ପରିକ କ୍ରିୟାରେ ଦକ୍ଷତା, ସମ୍ପର୍କ ଆରମ୍ଭ କରିବା ଓ ତା'ର ସ୍ଥିତାବସ୍ଥା ଅକ୍ଷୁଣ୍ଣ ରଖିବା ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ।

**ଲୋକପ୍ରିୟ ବିଜ୍ଞାନ ସଂଗ୍ରାହକ**
**ଜି/ଏଲ-୧, ଭି.ଏସ୍.ଏସ୍, ନଗର**
**ଭୁବନେଶ୍ୱର - ୭୫୧୦୦୭, ମୋ - ୯୪୩୭୧୧୦୭୨୫**

# ଜୀବନର ପ୍ରକୃତମିତ୍ର



**ଡକ୍ଟର ତ୍ରିନାଥ ପଟ୍ଟନାୟକ**

ଚାଣକ୍ୟ କହିଥିଲେ, "ରାଜଦ୍ୱାରେ ଶ୍ମଶାନେ ଚ ଯ ତିଷ୍ଠତି ସ ବାନ୍ଧବଃ"। ବିପଦର ସାଥୀ ହେଉଛି ବନ୍ଧୁ, ଯିଏକି ଅନ୍ୟର ଦୁଃଖକୁ ନିଜେ ବାଣ୍ଟିନିଏ। ଏମିତି ଜଣେ ବନ୍ଧୁଥିଲେ ତାଙ୍କର ନାମ ଜୀବନ। ଜୀବନଙ୍କର ଅନ୍ୟ ତିନିଜଣ ବନ୍ଧୁଥିଲେ। ସେ ପ୍ରଥମେ ଦୁଇଜଣ ବନ୍ଧୁକୁ ବହୁତ ସ୍ନେହ କରୁଥିଲେ। ସବୁକଥାରେ ବହୁତ ଗୁରୁତ୍ୱ ମଧ୍ୟ ଦେଉଥିଲେ। ମାତ୍ର ତୃତୀୟ ବନ୍ଧୁକୁ ସ୍ନେହ କରୁଥିଲେ ସୁଦ୍ଧା ସେତେଟା ଗୁରୁତ୍ୱ ଦେଉନଥିଲେ। ତାଙ୍କ ପ୍ରତି ଧ୍ୟାନ ସୁଦ୍ଧା ନଥିଲା। ଏମିତିକି ତୃତୀୟ ବନ୍ଧୁଙ୍କ କଥାକୁ କେବେହେଲେ ଚିନ୍ତା କରୁ ନଥିଲେ।

ଜୀବନବାବୁ ଥରେ ବିପଦରେ ପଡିଲେ। ତାଙ୍କର ଦୋଷ ବିଚାର ନିମନ୍ତେ ନ୍ୟାୟାଳୟରୁ ତଲବ ଆସିଲା। ସେ ବହୁତ ଡରିଗଲେ। ଏବେ ତାଙ୍କ ସହିତ ନ୍ୟାୟାଳୟକୁ କିଏ ଯିବ? ସେ ତାଙ୍କର ପରମ ବନ୍ଧୁ ପ୍ରଥମ ବ୍ୟକ୍ତିଙ୍କ ପାଖକୁ ଦୌଡିଲେ। ନିଜକୁ ସହାୟତା ଦେବା ନିମନ୍ତେ ଅନୁରୋଧ କଲେ। ପ୍ରଥମ ବନ୍ଧୁ ଜଣଙ୍କ ରାଜି ହେଲେନାହିଁ। କହିଲେ ନ୍ୟାୟାଳୟ ଦ୍ୱାରକୁ ଯିବା ତ ଦୂରର କଥା, ମୁଁ ତୁମ ସହିତ ଏଠାରୁ ଗୋଟିଏ ପାଦସୁଦ୍ଧା ଯାଇପାରିବି ନାହିଁ, କାରଣ ମୁଁ ଗୋଟିଏ ପରିସର ମଧ୍ୟରେ ଆବଦ୍ଧ।

ତା ପରେ ଜୀବନବାବୁ ଦ୍ୱିତୀୟ ମିତ୍ର ପାଖରେ ଯାଇ ପହଞ୍ଚିଲେ। ତାଙ୍କୁ ମଧ୍ୟ ସାହାଯ୍ୟ ଭିକ୍ଷାକଲେ। ଦ୍ୱିତୀୟ ମିତ୍ର କହିଲେ, ମୁଁ ଜାଣିଛି ତୁମେ ବହୁତ ବିପଦରେ ଫସି ଯାଇଛ। ମୁଁ ତୁମ ସହିତ ନ୍ୟାୟାଳୟ ପର୍ଯ୍ୟନ୍ତ ଯାଇପାରିବି ମାତ୍ର କକ୍ଷମଧ୍ୟକୁ ପ୍ରବେଶ କରିପାରିବି ନାହିଁ। ତାହା ମୋ ଦ୍ୱାରା ସମ୍ଭବ ନୁହେଁ।

ଜୀବନବାବୁ ଦେଖିଲେ, ଏ ଦୁଇ ବନ୍ଧୁଙ୍କ ପାଖରୁ କୌଣସି ସାହାଯ୍ୟ ମିଳିବ ନାହିଁ। ସେ ବାଧ୍ୟ ହୋଇ ତୃତୀୟ ବନ୍ଧୁଙ୍କ ନିକଟରେ ପହଞ୍ଚିଲେ ତୃତୀୟ ବନ୍ଧୁ ହତାଦର ପାଇଥିଲେ ସୁଦ୍ଧା ବନ୍ଧୁଙ୍କଠାରୁ ସମସ୍ତ କଥା ଶୁଣି ଦୁଃଖ ପ୍ରକାଶ କଲେ। ନ୍ୟାୟାଧୀଶଙ୍କ ନିକଟକୁ ଯିବା ନିମନ୍ତେ ଇଚ୍ଛା ପ୍ରକାଶ କଲେ। ନ୍ୟାୟାଧୀଶଙ୍କ ନିକଟରେ ଅଖଣ୍ଡ ଯୁକ୍ତି ଦେଖାଇ ବନ୍ଧୁଙ୍କୁ ଦୋଷ ମୁକ୍ତ କଲେ। ଜୀବନବାବୁ ଜୀବନରେ ତୃତୀୟ ବନ୍ଧୁଙ୍କୁ ଉପେକ୍ଷା କରିଥିବା ଯୋଗୁଁ ଅନୁତାପ କଲେ।

**ଚାଣକ୍ୟ କହିଥିଲେ, "ରାଜଦ୍ୱାରେ ଶ୍ମଶାନେ ଚ ଯ ତିଷ୍ଠତି ସ ବାନ୍ଧବଃ"। ବିପଦର ସାଥୀ ହେଉଛି ବନ୍ଧୁ, ଯିଏକି ଅନ୍ୟର ଦୁଃଖକୁ ନିଜେ ବାଣ୍ଟିନିଏ।**

ସତ କହିବାକୁ ଗଲେ ଜୀବନର ତିନି ଜଣ ମିତ୍ର ହେଉଛନ୍ତି ସମ୍ପତି, ସମ୍ବନ୍ଧୀ ଓ ସତ୍‌କର୍ମ। ମଣିଷ ବହୁକଷ୍ଟ କରି ଧନ ସମ୍ପତି ରୋଜଗାର କରିଥାଏ। ସଂଚୟ ମଧ୍ୟ କରେ। ଧନକୁ ଦେଖି ଦେଖି ଉଲ୍ଲସିତ ହୁଏ ମାତ୍ର ଯେତେବେଳେ ମରଣାପନ୍ନ ହୁଏ, ସେତେବେଳେ ଧନ ସଂପତ୍ତି କୌଣସି କାମରେ ଆସନ୍ତି ନାହିଁ। ପୁତ୍ର କନ୍ୟା କିମ୍ବା ଜ୍ଞାତି ମାନଙ୍କର ଆଦର ପାଇ ସେମାନଙ୍କୁ ପାଖକୁ ଯାଏ। ସମ୍ପତିକୁ ଯିଏ ପାଇଲା ସିଏ କରାୟତ କଲା। ଶେଷ ଜୀବନରେ ସମ୍ପତି ମଶାଣି ମୁହଁକୁ ଯାଏ ନାହିଁ।

ଦ୍ୱିତୀୟ ବନ୍ଧୁ ହେଲେ ସମ୍ବନ୍ଧୀ ଅର୍ଥାତ୍ ବନ୍ଧୁ ବାନ୍ଧବ। ସେମାନେ କେବଳ ଦୁଃଖ ପ୍ରକାଶ କରନ୍ତି। ଆଉ ଶବ ସହିତ ଶ୍ମଶାନ ପର୍ଯ୍ୟନ୍ତ ଯାଆନ୍ତି, ତା'ପରେ ଆଉ ପାଦେ ଯିବା ସେମାନଙ୍କ ପକ୍ଷେ ସମ୍ଭବ ନୁହେଁ। ମାତ୍ର ତୃତୀୟ ବନ୍ଧୁ ସତ୍‌କର୍ମ, ମନୁଷ୍ୟ ସହିତ ଶେଷ ପର୍ଯ୍ୟନ୍ତ ଯାଇଥାନ୍ତି। ଈଶ୍ୱରଙ୍କର ନ୍ୟାୟାଳୟରେ ପହଁଞ୍ଚି ବ୍ୟକ୍ତିର ସୁକର୍ମ ବିଷୟରେ ସବୁକଥା ସୂଚୀତ କରାଇ ଯୁକ୍ତି ବାଢିଥାନ୍ତି। ଅଖଣ୍ଡ ଯୁକ୍ତି ଦ୍ୱାରା ବ୍ୟକ୍ତିକୁ ଦୋଷମୁକ୍ତ କରାଇଥାନ୍ତି।

ଏସବୁ ସତ୍ତ୍ୱେ ମନୁଷ୍ୟ ଯେପରି ସମ୍ପତ୍ତି ଓ ସମ୍ବନ୍ଧୀଙ୍କ ପ୍ରତି ଗୁରୁତ୍ୱ ଓ ଧ୍ୟାନ ଦେଇଥାନ୍ତି ସେହିଭଳି ସତ୍‌କର୍ମ ଅର୍ଜନ କରିବାରେ ଧ୍ୟାନ ଦେଇନଥାନ୍ତି।

**ଆଲୋକ ନଗର, ନିଆଳୀ, ଜି- କଟକ**
**ଫୋନ୍ - ୯୯୩୭୮୪୦୩୮୭**

# ବିଦ୍ୟାଳୟରେ ନୈତିକ ଶିକ୍ଷା



ଡକ୍ଟର ରାଜକିଶୋର ପାଢ଼ୀ

ବିଭିନ୍ନ ସ୍କୁଲକୁ କେବେ କେମିତି ଗଲେ ସ୍କୁଲ କାନ୍ଥରେ କେତେ ମହାପୁରଷଙ୍କ ନୀତିବାଣୀ ଲେଖା ହେଇଥିବା ଦୃଷ୍ଟିରେ ପଡ଼େ। ସେଇ ଲେଖାରେ କେଉଁଠି ଭାଷାଗତ ଭୁଲ୍ ଥିଲେ ବି ଭାବଟି ମହତ୍ତ୍ୱପୂର୍ଣ୍ଣ ବୋଲି ନିଶ୍ଚୟ କୁହାଯିବ। ମାତ୍ର ସେଇ ବାଣୀର ପ୍ରଭାବ ସଂପର୍କରେ ସନ୍ଦେହ ହୁଏ। ଯଦି ସେସବୁ ପ୍ରଭାବଶାଳୀ ହେଇଥାନ୍ତେ ତେବେ ଆମ ସମାଜରେ ଏତେ ଭ୍ରଷ୍ଟାଚାର କାହିଁକି ? ସ୍କୁଲରୁ ତ ପିଲା ବାହାରି ଉଚ୍ଚଶିକ୍ଷା ପାଇ ବା ଉଚ୍ଚଶିକ୍ଷା କରିନପାରି ଦେଶର ନାଗରିକ ଭାବରେ ଗଣା ହୁଅନ୍ତି। ତା'ପରେ ଜୀବନରୁ ନୈତିକତା ଉଭେଇଯାଏ କାହିଁକି ? ଆମର ଧର୍ମଚର୍ଚ୍ଚା ତ କମ୍ ହୁଏନା ! ପୁରାଣ ପଢ଼ା ଏବେ ମଧ୍ୟ ଅଛି। ପ୍ରବଚନ, ସତ୍‌ସଙ୍ଗ, ବିଭିନ୍ନ ଧର୍ମର, ସଂପ୍ରଦାୟର ଧାରାବାହିକ ସହିତ ଆମେ ପରିଚିତ ଅଛନ୍ତି। ବାବା, ମାତା, ଗୁରୁମାନେ ଅଛନ୍ତି ଆମର ଦିଗ୍‌ଦର୍ଶକ। ତଥାପି ଯୁକ୍ତି କରାଯାଉଛି ବିଦ୍ୟାଳୟରେ ନୀତିଶିକ୍ଷା ଦିଆଯିବା ଦରକାର। ପିଲାଏ କୁଆଡ଼େ ଖାଣ୍ଟି ସୁନା ହେଇ ବାହାରିବେ। ଦେଶରୁ, ରାଜ୍ୟରୁ ଦୁର୍ନୀତି ଚାଲିଯିବ। ସତ୍ୟଯୁଗ ଆସିବ। ବିଶ୍ୱରେ ଦୁର୍ନୀତିଗ୍ରସ୍ତ ରାଷ୍ଟ୍ରମାନଙ୍କ ତାଲିକାରେ ଆମ ଦେଶର ନାଁ ଖୋଜିଲେ ଆଉ ମିଳିବ ନାହିଁ।

ଏହା କିନ୍ତୁ ବିଶ୍ୱାସଯୋଗ୍ୟ ଆଦୌ ନୁହେଁ। ନୈତିକତା ତଥାକଥିତ ଶିକ୍ଷାରେ ନଥାଏ। ନୀତିଶିକ୍ଷାର ବହିଟିଏ ସଂପାଦିତ କରି ପିଲାଙ୍କୁ, ନାଗରିକଙ୍କୁ ଧରାଇ ଦେଲେ ସବୁ ତ ସୁନା ହେଇଯାଆନ୍ତା। କଥାରେ ଶାଗ ସିଝେନା। ଉଚ୍ଚାରଣରେ କିଛି ଘଟେନା। ଲେଖିଦେଲେ ବି ହୁଏନା। ପବନରେ ସେସବୁ ମିଳେଇଯାଏ, ଭୁଲି ହେଇଯାଏ।

ଆମ ଦେଶରେ ଯେତେ ଭ୍ରଷ୍ଟାଚାରୀ, ଦୁର୍ନୀତିଗ୍ରସ୍ତ, କଳାବଜାରୀ, ନୀତିଭ୍ରଷ୍ଟ ଜନନେତା ଅଛନ୍ତି ଅନ୍ୟ କେଉଁଠି ଏତେ ଥିବେ କି ନାହିଁ। ସେଇ ନୀତିହୀନତା ସବାଉପରୁ ପଂଚାୟତ ଶାସନଯାଏଁ, ମନ୍ତ୍ରୀରୁ ଓ୍ୱାର୍ଡ଼ମେମ୍ବର ଯାଏଁ ପରିବ୍ୟାପ୍ତ। ଏପରିକି ବିଶ୍ୱବିଦ୍ୟାଳୟରୁ ଗାଁ' ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ଅନୈତିକତାର ଚେର ଖୁବ୍ ଗହୀରରେ ମାଡ଼ିଛି।

ଏବେ ଆମ ରାଜ୍ୟର ସ୍କୁଲମାନଙ୍କୁ ଯାଇ ଥରେ ଦେଖିଲେ ପେଟ ପୂରିଯିବ। ସୁନ୍ଦର କୋଠାବାଡ଼ି, ଶୌଚାଳୟ, ବଗିଚା, କାନ୍ଥରେ ଚିତ୍ର, ପାଠ୍ୟୋପକରଣ, ଆସବାସପତ୍ର, ପାଣି ଯୋଗାଣ, ବିଦ୍ୟୁତ୍, ପଙ୍ଖା, ହତାବାଡ଼ି ଓ ଆହୁରି କେତେ କ'ଣ। ଭଲ ଲାଗିବ। ପଚାଶ ଷାଠିଏ ବର୍ଷ ତଳେ ଆମେ ସବୁ ପଢୁଥିବା ସ୍କୁଲ କେତେ ଦରିଦ୍ର ଦିଶୁଥିଲେ। କେତେ ଅଭାବ ଥିଲା। ଶିକ୍ଷକମାନେ କେତେ ନିରୀହ ଓ ବ୍ରତାଚାରୀ ପରି ଲାଗୁଥିଲେ। ସ୍କୁଲକୁ, ପାଠକୁ, ପିଲାଙ୍କୁ ଓ ଶିକ୍ଷାଦାନକୁ ପ୍ରାଣପଣେ ଭଲପାଉଥିଲେ। ସ୍କୁଲ କାନ୍ଥରେ ଜମା ନୀତିବାଣୀ ନଥିଲା। ଶିକ୍ଷକମାନେ ନୀତି ଆଦର୍ଶର ପ୍ରତିମୂର୍ତ୍ତି ଥିଲେ। ମୋର ଜଣେ ପ୍ରିୟ ପ୍ରଧାନଶିକ୍ଷକ ପ୍ରାର୍ଥନା କ୍ଲାସରେ କିଛି ପିଲା ଓ କିଛି ଶିକ୍ଷକ ଦିନେ ଡେରିରେ ପହଂଚିଥିଲେ ବୋଲି ବିଦ୍ୟାଳୟର ମୁଖ୍ୟ ଭାବରେ ସମସ୍ତଙ୍କ ଦୋଷ ନିଜ ମୁଣ୍ଡକୁ ନେଇ, ଦୋଷ ସ୍ୱୀକାର ପୂର୍ବକ କାନମୋଡ଼ି ହୋଇ ନିଜ ଗାଲରେ ଚାପୁଡ଼ା ମାରିଥିଲେ। ମୋ' ଜୀବନରେ ତାଙ୍କୁ କେବେ ବି ଥରେ ସ୍କୁଲ ଆରମ୍ଭ ପୂର୍ବରୁ ପ୍ରାର୍ଥନା ଶ୍ରେଣୀରେ ଯୋଗ ନ ଦେବା ଦେଖି ନାହିଁ। ତାଙ୍କୁ ଏଇ କାମ କରିବାକୁ କିଏ କହିଥିଲା ? ଘରୋଇ ସ୍କୁଲଟିଏ। କାନ୍ଥରେ ସମୟାନୁବର୍ତ୍ତୀ ହେବାକୁ ଲେଖା ହୋଇନାହିଁ। କିନ୍ତୁ କେହି ବିଳମ୍ବ କରି ଆସିବା ସମ୍ଭବ ନଥିଲା। ସ୍କୁଲର ବାତାବରଣ, ଶିକ୍ଷକଙ୍କ ଆଚରଣ ଏ ଶିକ୍ଷାଦିଏ। ଉଚ୍ଚାରଣରୁ ଶିଖି ହୁଏନା।

ସ୍କୁଲ ସବୁ ଏବେ ତ ଓପନ୍ ସିକ୍ରେଟ୍ ପରି ଅନୈତିକତାର କର୍ମଶାଳା ରୂପେ କାମ କରୁଛନ୍ତି। ମଧ୍ୟାହ୍ନ ଭୋଜନକୁ ବିଚାରକୁ ନିଆଯାଇପାରେ। ଶୁଣାଯାଏ, ଯଦିଓ କାଗଜପତ୍ରରେ ପ୍ରମାଣ କିଛି ନାହିଁ। ସ୍କୁଲକୁ ଯେତିକି ପରିମାଣର ଖାଦ୍ୟ ସାମଗ୍ରୀ ଆସେ ତା' ଓଜନରେ କିଛି କମ୍ ଥାଏ। ତାକୁ ପ୍ରଥମେ ଚଳେଇ ନବାକୁ ହୁଏ। ଏଣେ ସ୍କୁଲ କମିଟି, ସ୍କୁଲ ଶିକ୍ଷକଗୋଷ୍ଠୀ ସହଯୋଗରେ ରାଜନେତାଙ୍କ ଅନୁମୋଦନ କ୍ରମେ କର୍ତ୍ତୃପକ୍ଷ ଇତ୍ୟାଦିଙ୍କ ନଜାଣିବା ପରି ଜାଣିଥିବା ଭିତରେ ସ୍କୁଲ ଉପସ୍ଥାନ ପ୍ରତିଦିନ ବଢ଼ାଇ ଦିଆଯାଏ। ଫଳରେ ଖାଦ୍ୟ ସାମଗ୍ରୀ ବଳିପଡ଼େ। ସରକାରୀ ଭାବରେ ସବୁଠିକ୍ ଚାଲେ। ସରକାରୀ ଗୋଚରରେ ବେସରକାରୀ ଭାବରେ ସ୍କୁଲରେ ପ୍ରାଇଭେଟ୍ ଆକାଉଣ୍ଟରେ ବା ପ୍ରଧାନଶିକ୍ଷକଙ୍କ ଦାୟିତ୍ୱରେ ଉଲ୍ଲେଖଯୋଗ୍ୟ ପରିମାଣର ଟଙ୍କା ବଳିପଡ଼େ। ସେଇ ଟଙ୍କାରେ ସ୍କୁଲର ଉନ୍ନୟନ ହୁଏ। ସ୍କୁଲ ଆଖି ଝଲସା ସୁନ୍ଦର ରୂପରେ ଠିଆହୁଏ। ଗାନ୍ଧିଜୀଙ୍କ ଲକ୍ଷ୍ୟ ଓ ଲକ୍ଷ୍ୟ ହାସଲର ଉପାୟ ଉଭୟେ ସାଧୁ ହବା ନୀତି ଚୁଲିକି ଯାଏ। ପାଠ ବି ତା'ର ସହିତ ସେଇ ଚୁଲିକି ଯାଏ। ସ୍କୁଲ ଧନୀ ହେଉଥାଏ। ବିଦ୍ୟାଧନରେ, ନୈତିକତାର ଧନରେ ଦରିଦ୍ର ଦିଶେ। ବୁଝି ମଧ୍ୟ କେହି ବୁଝନ୍ତି ନାହିଁ। ଆଖି ବୁଜି ବିଲେଇ ଦୁଧ ପିଇଲାପରି ଦୋଷସବୁ ଦିଶେନା। ଶିକ୍ଷକମାନଙ୍କୁ, ରାଜନେତାଙ୍କୁ, କର୍ତ୍ତୃପକ୍ଷଙ୍କୁ, ସରକାରଙ୍କୁ ଆମେ ଦୋଷ ଦେବା ନା ପ୍ରଶଂସା କରିବା ! ଆମର ଏଥିରେ ବି ଲାଭ ଅଛି। ଆଉ ପାଠ, ନୈତିକତା ତାକୁ ନେଇ ମୁଣ୍ଡବ୍ୟଥା କାହିଁକି ?

ଖାଲି ମଧ୍ୟାହ୍ନ ଭୋଜନ ନୁହେଁ, ଆମ ପରୀକ୍ଷାକୁ ଦେଖନ୍ତୁ। ଅନେକ ସ୍କୁଲରେ ପାଣ୍ କଲାପରି ଉତ୍ତର ଡାକି ଦିଆଯାଏ। ଫଳରେ ପରୀକ୍ଷାଫଳ ବଢ଼ିଆ ହୁଏ। ପିଲାଙ୍କ ଅଭିଭାବକମାନେ, ଶିକ୍ଷକମାନେ, ସରକାର,

ଗ୍ରାମବାସୀ, କର୍ତ୍ତୃପକ୍ଷ ବେଶ୍ ଖୁସି। ମିଛିମିଛିକା ଖୁସିରେ ଆମ ପେଟ ପୂରେ। ପଚାଶ ଦଶକର ଶେଷବେଳକୁ ଆମେ ଯେତେବେଳେ ପରୀକ୍ଷା ଦେଲୁ, କପି କରିବା କଥା ଭାବିପାରି ନଥିଲୁ। ପରୀକ୍ଷାବେଳେ ପରୀକ୍ଷାକେନ୍ଦ୍ର ବାହାରେ କୁଆ କୋଇଲିଟିଏ ବି ନଥାନ୍ତି। ଏବେ କେନ୍ଦ୍ର ବାହାରେ ଯାତରା। ୧୯୫୯ରେ ପରୀକ୍ଷାମୂଳକ ଭାବରେ ବୋର୍ଡ଼ କେତେକ ସ୍କୁଲରେ ସେଇ ସ୍କୁଲର ପିଲା ପରୀକ୍ଷା ଦେବାର ବ୍ୟବସ୍ଥା କଲେ। ଅଳ୍ପ କେଇଜଣ ନୀତିନିଷ୍ଠ ପ୍ରଧାନଶିକ୍ଷକ ଏଇ ଆହ୍ୱାନକୁ ସାହସର ସହିତ ଗ୍ରହଣ କଲେ ଓ ସାର୍ଥକ ଭାବରେ ପରୀକ୍ଷା ପରିଚାଳିତ ହେଲା। ମୁଁ ମୋର ସ୍କୁଲରେ ପରୀକ୍ଷା ଦେଲି। ଆଶାନୁରୂପ ଫଳ ବି ହେଲା ନାହିଁ। ଏବେ ଏଇ କଥାଟି ସ୍ୱପ୍ନାତୀତ ମନେହୁଏ।

ନୀତିଶିକ୍ଷା ଦେଲେ କିଛି ହବନି। ଘରେ, ପଦାରେ, ବଡ଼ମାନଙ୍କଠାରେ, ଶିକ୍ଷକ ଭିତରେ, ଶିକ୍ଷାକର୍ତ୍ତୃପକ୍ଷଙ୍କ ମଧ୍ୟରେ, ରାଜନେତାଠାରେ ସେ ନୈତିକତାକୁ ପ୍ରତ୍ୟକ୍ଷ କରିବା ଦରକାର। ତା' ନ ହେଲେ ସବୁ ନିଷ୍ଫଳ। ମୋ' ପଢୁଥିବା ସ୍କୁଲକୁ ଆସିଥିଲେ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ। ସଭାପରେ, ଖାଇଲାବେଳେ ସିଏ ଜଣେ ହରିଜନ ପିଲାକୁ ଡକାଇଲେ ପାଖରେ ବସି ଖାଇବାପାଇଁ। ହଠାତ୍ ଯେଉଁ ପିଲାକୁ ଅଣାଗଲା ତା' ଜାମା ମଇଳା, ନାକ ଅପରିଚ୍ଛନ୍ନ। ଜଣେ ଅଫିସର ଜଣେ ଶିକ୍ଷକଙ୍କୁ ଚୁପିଚୁପି କହିଲେ, ସଫାସୁତର ପିଲାଟିଏ ପାଇଲ ନାହିଁ। ମୁଖ୍ୟମନ୍ତ୍ରୀଙ୍କୁ ଶୁଭିଗଲା। ସେ କହିଲେ, "ଆମେ ତ ତାକୁ ସେପରି ରଖିଛନ୍ତି। ସଫା ସୁତର ପିଲା ଆସିବେ କୁଆଡୁ?" ନୈତିକ ଦାୟିତ୍ୱଟା କାହାର ଏଥିରୁ ସ୍ପଷ୍ଟ ହୁଏ। ରଜା ନୀତିଭ୍ରଷ୍ଟ ହେଲେ ପ୍ରଜା କେଉଁ ଧର୍ମରେ ଚାଲିବେ। ଜୀବନର ସବୁ ସ୍ତରକୁ, ଜୀବନଯାପନ ଭିତରକୁ ନୈତିକତା ନ ପଶିଲେ ଶୁଣାକଥାରେ ଦୀପ ଜଳେନା। ନିଜେ ଜଳିଲେ ସିନା ଆଉ ଗୋଟିଏ ଦୀପ ଜଳିବ। ତେବେ ଆମେ ନୀତିଶିକ୍ଷା ଦେବା ନା ନୀତି ଆଚରିବା, କେଉଁଟା ହବ ଆଜିର ଆହ୍ୱାନ!!

**କୋଟପୁର, ଯାଜପୁର ୭୫୫୦୦୮**
**ଫୋନ୍:୯୯୩୭୫୫୧୫୭୭**

ସୁଡୋକୁ ୧୫ ପୃଷ୍ଠାର ଉତ୍ତର

| | | | | | | | | |
|---|---|---|---|---|---|---|---|---|
| 7 | 4 | 2 | 9 | 5 | 1 | 3 | 6 | 8 |
| 3 | 9 | 8 | 6 | 7 | 2 | 4 | 1 | 5 |
| 5 | 6 | 1 | 3 | 8 | 4 | 9 | 2 | 7 |
| 2 | 3 | 6 | 4 | 9 | 8 | 5 | 7 | 1 |
| 8 | 5 | 9 | 1 | 3 | 7 | 6 | 4 | 2 |
| 4 | 1 | 7 | 2 | 6 | 5 | 8 | 3 | 9 |
| 1 | 2 | 5 | 8 | 4 | 3 | 7 | 9 | 6 |
| 9 | 7 | 4 | 5 | 2 | 6 | 1 | 8 | 3 |
| 6 | 8 | 3 | 7 | 1 | 9 | 2 | 5 | 4 |

# ଗାନ୍ଧୀବୁଢ଼ା ସତେ କଲା ପାଗଳ

**ଶ୍ରୀ ରବୀନ୍ଦ୍ରନାଥ ପ୍ରଧାନ**




ଆମ ଦେଶରୁ ବିଦେଶୀ ଶାସନର ଅନ୍ତ ଘଟାଇବା ପାଇଁ ମହାତ୍ମାଗାନ୍ଧି ଅହିଂସା ଆନ୍ଦୋଳନ ଡ଼ାକରା ଦେଇଥାନ୍ତି। ହେଲେ ଇଏ କ'ଣ ଏତେ ସହଜ କଥା? ଜଣେ ଲୋକ ସାରା ଭାରତଟାଯାକର ଲୋକଙ୍କୁ ମତେଇ ଦୁର୍ଦ୍ଦଶ ବଣିକ ଜାତିକୁ ହଟାଇ ପାରିବ? ସମସ୍ତେ ଆଶ୍ଚର୍ଯ୍ୟ ହେଉଥାନ୍ତି, କି ସାହସ, କି ଧୈର୍ଯ୍ୟ ଏ ଗାନ୍ଧି ବୁଢ଼ାଟାର? ଇଏ ତ ଉଷୁନା ଧାନ ଗଜା ହେଲା ଭଳିଆ କଥାଟିଏ। ବୁଢ଼ା ଏଭଳି ଅସମ୍ଭବ କାର୍ଯ୍ୟରେ ହାତ ଦେଲା କାହିଁକି? ଧନ୍ୟ କହିବ ବୁଢ଼ାର ଆତ୍ମବଳ ଓ ଆତ୍ମବିଶ୍ୱାସକୁ। ଏହିଭଳି ଦେଶବାସୀ ନାନା କଥା କଥାବାର୍ତ୍ତା ହେଉଥାନ୍ତି, ନାନା ମନ୍ତବ୍ୟ ଦେଉଥାନ୍ତି। ହେଲେ ବୁଢ଼ା କାହା କଥା ଶୁଣିଲା ନା ମାନିଲା – ଅଣ୍ଟାଭିଡ଼ି ବାହାରି ପଡ଼ିଲା। ଏକ ନୂଆ ଆନ୍ଦୋଳନ ଡ଼ାକରା ଦେଲା। ସେଇଟି ହେଲା – "ଅହିଂସା ଆନ୍ଦୋଳନ"।

ଏଥର ଲୋକମାନେ କଥା ହେଲେ, ଆରେ ଇଏକି ଆନ୍ଦୋଳନ? ହିଂସା ବିନା କେଉଁଠି ଆନ୍ଦୋଳନ ଅଛି ନା ଇଏ କରିବେ।

କିନ୍ତୁ ଗାନ୍ଧିଜୀ କ'ଣ କଲେ, ଏବେ ଶୁଣ ସେ କଥା –

" ଗାନ୍ଧିଜୀ ଲଢ଼ିଲେ ଲୋକଙ୍କୁ ମତେଇ
ସତ୍ୟ,ଅହିଂସାର ନୀତିରେ
ଆମରି ଦେଶରୁ ତଡ଼ିବେ ଗୋରାଙ୍କୁ
ଲୋକେ ମାତିଗଲେ ସତରେ ॥"



ସତରେ ଆମ ଦେଶରୁ ଗୋରା ସରକାରଙ୍କୁ ତଡ଼ିଦେବା ପାଇଁ ଗାନ୍ଧି ବୁଢ଼ାଟା ମନରେ କେତେ ଚିନ୍ତା ଥିଲା କହି ହେବନି ? ଗୋଟାକ ପରେ ଗୋଟାଏ ନୂଆ ନୂଆ କଥା କହୁଥାନ୍ତି ସେ। ଆଉ ସାରା ଭାରତବାସୀ ପାଗଳଙ୍କ ଭଳି ଧାଇଁଥାନ୍ତି ତାଙ୍କ ପଛରେ।

ଦିନକର କଥା। ଗାନ୍ଧୀବୁଢ଼ା କହିଲା -

"ସଭିଏଁ ଶପଥ ନେବାରେ ଆଜି
ବିଦେଶୀ ଦରବ ଦେବା ବରଜି
କାଟିପିନ୍ଧି,କୁଟି ଖାଇ
ଗୋରା ସରକାରେ ଦେବାରେ ହଟେଇ
ଆସ ଏକଜୁଟ ହୋଇ ।।"

ଗାନ୍ଧୀବୁଢ଼ା କହୁଥାଏ - "ଭାଇମାନେ ! ଚାଲ ଇଂରେଜ ସରକାରଙ୍କୁ ଅସହଯୋଗ କରିବା। ବିଦେଶୀ ଜିନିଷପତ୍ର କିଣିବା ନାହିଁ। ଆମେ ହାତରେ ସୂତା କାଟି ଲୁଗାବୁଣି ପିନ୍ଧିବା। ଜମିରେ ପରିଶ୍ରମ କରି ଖଟି ଖାଇବା। ଗୋରା ସରକାରକୁ ଅସହଯୋଗ କଲେ ସେ ଆପେ ଆପେ ଆମ ଦେଶ ଛାଡ଼ି ଚାଲିଯିବ।"

ସତକୁ ସତ ଗାନ୍ଧୀବୁଢ଼ା କଥାରେ ଦେଶବାସୀ ମାତିଗଲେ। ବୁଢ଼ା ଯେତେବେଳେ ଯାହା କହିଲା ସେଇଆ କଲେ।

ଏତିକିବେଳେ ଜାତୀୟ କବି ବୀରକିଶୋରଙ୍କ ରଚିତ ଗୀତ ଲୋକମାନେ ଗାଇ ଗାଇ ଚାଲିଲେ। ଅତ୍ୟନ୍ତ ହୃଦୟସ୍ପର୍ଶୀ,ଲୋମ ଟାଙ୍କୁରା ଗୀତ, ଠିକ୍ ଏହିଭଳି -

"ମାନମହତକୁ ଡ଼ରଥିଲେ ଭାଇ
ଛାଡ଼ ଏ ବିଲାତି ନିଶାକୁ
ନିଶା ନିତି ନିତି ତୁମକୁ ଖାଉଛି
ଦେଖୁନାହଁ ତୁମ ଦଶାକୁ ?"

ଏବେ ଲୋକ ବୁଝିଗଲେ - ସତେତ, ବିଲାତରୁ ଆସି ଆମ ଦେଶରେ ନିଶାଦ୍ରବ୍ୟ ବିକ୍ରି ହେଉଛି। ନିଶାକୁ ସେବନ କରି ଆମ ଦେଶର ଲୋକଙ୍କର ସ୍ୱାସ୍ଥ୍ୟହାନୀ ଘଟୁଛି। ତା'ଛଡ଼ା ଗୋରାମାନେ ଆମଦେଶରୁ ପଇସା ଛାଣି ନେଉଛନ୍ତି ତାଙ୍କ ଦେଶକୁ। ଫଳରେ ଆମଦେଶ ଗରିବ ହୋଇଯାଉଛି ତ ସେମାନଙ୍କ ଦେଶ ଧନୀ ହେଉଛି।

ଠିକ୍ ଏତିକିବେଳେ ଲୋକମାନେ ଦେଖିଲେ - ମଦ, ଗଂଜେଇ ଦୋକାନ ଆଗରେ ଦଳେ ଲୋକ ଆସି ପିକେଟିଂ କଲେଣି। ସେମାନେ ହଠାତ୍ ମାଦକଦ୍ରବ୍ୟ ବିକ୍ରି ବନ୍ଦ କରିଦେଲେ। ଲୋକେ କଥାବାର୍ତ୍ତା ହେଲେ, ଏଇ ଦଳ ବୋଧେ ଗୋରା ସରକାର ବିରୋଧରେ ଅହିଂସା ଲଢ଼େଇ କରୁଛନ୍ତି। ଏଇମାନଙ୍କୁ ସତ୍ୟାଗ୍ରହୀ କୁହାଯାଉଛି। ସୁତରାଂ ଯେଉଁମାନେ ଏଦୃଶ୍ୟ ଦେଖିଥିଲେ ସେମାନେ ସତ୍ୟାଗ୍ରହୀ ପାଲଟିଗଲେ। ଫଳରେ ଦିନୁ ଦିନ ସତ୍ୟାଗ୍ରହୀଙ୍କ ସଂଖ୍ୟା ବଢ଼ିବାକୁ ଲାଗିଲା।

ଗାନ୍ଧି ବୁଢ଼ାର କଥାରେ ସମସ୍ତେ ତ ମାତିଛନ୍ତି, ସୁତରାଂ ପିଲାମାନେ ସେଥିରୁ ବାଦ ପଡ଼ନ୍ତେ କାହିଁକି ? ଏବେ ପିଲାମାନେ ବି ମିଶିଗଲେ ଆନ୍ଦୋଳନରେ। ଗାନ୍ଧୀବୁଢ଼ା ତାଙ୍କର ନାଁ ଦେଲେ - ବାନରସେନା। ସେମାନେ ବି ପିକେଟିଂ କଲେ ଦୋକାନ ଆଗରେ।

ଏହାଦେଖି ଗୋରା ସିପାହୀମାନେ ବାନରସେନାଙ୍କୁ ଏ କାମରୁ ନିବୃତ୍ତ କରାଇ କହିଲେ - "ତୁମେ ଟିକି ଟିକି ପିଲା। ଏ କାମରୁ ତୁମକୁ କ'ଣ ମିଳିବ ? ତୁମେ ଘରକୁ ଫେରିଯାଅ।"

ହେଲେ ପିଲାମାନେ କ'ଣ ଶୁଣିଲେ ନା ମାନିଲେ ସିପାହୀଙ୍କ କଥାକୁ ? ପୂର୍ବଭଳି ପିକେଟିଂ କାମ ଚାଲୁ ରଖିଲେ।

ସୁତରାଂ ଗୋରା ପୋଲିସ୍ କ'ଣ କଲେ ନା -

"ଧରିନେଲେ ଏକ ଦଳକୁ ସିନା
ଆଉ ଦଳେ ବସିଗଲେଣି ଅନା
ଶେଷରେ ପୋଲିସ୍ ବାଲା
ନିରୁପାୟ ହୋଇ ବେତମାଡ଼ ଦେଇ
ତଡ଼ିବାକୁ ବାଧ୍ୟ ହେଲା ।।"

ତଥାପି ପିଲାମାନେ ଜିଦ୍‌ରେ ଅଟଳ। ବେତମାଡ଼ଖାଇ ହାତପାପୁଲି ଫାଟି ରକ୍ତ ଝରୁଥିଲେ ବି ପିକେଟିଂ କରି ଚାଲିଥାଆନ୍ତି। ଓଲଟି ପିଲାମାନେ କବି ବୀରକିଶୋରଙ୍କ ଗୀତ ପଢ଼ିପଢ଼ି ଗୋରା ସିପାହୀଙ୍କୁ ଚିଡ଼ାଉଥାନ୍ତି।

"ଭାଇରେ ମୋର କେତେ ବେତ ମାରିବ
ଦେଶଲାଗି ଆମେ ପଣ କରିଅଛୁ,ତୁମେ କି ଆମକୁ ପାରିବ
ଭାଇରେ,ମାର କେତେ ବେତ ମାରିବ ?
ଆମେ ଡ଼ରୁନାହୁଁ କେବେ ମରଣେ
ମନ ଦେଇଅଛୁ ବିଭୁଚରଣେ
ତୁମ-ଆମ କଥା ତାଙ୍କ ଦରବାରେ
ଦିନେ ତ ବିଚାର ହୋଇବ,
ଭାଇରେ,ମାର କେତେ ବେତ ମାରିବ ?"

ପିଲାଙ୍କର ଏଭଳି କଥାରେ ନିର୍ଦ୍ଦୟ ଗୋରା ସରକାରର ହୃଦୟ ଟିକିଏ ବି ତରଳିଲା ନାହିଁ। କି ବିଚାର ଇଏ ? ସେମାନେ ମଣିଷ ନା ପଶୁ ? ନିଶା ଖାଅନାହିଁ ବୋଲି ଲୋକଙ୍କୁ ବୁଝେଇବା କ'ଣ ଅପରାଧ ? ବାସ୍ତବିକ୍ ଗାନ୍ଧିବୁଢ଼ାର କଥାର କି ଯାଦୁଥିଲା କେଜାଣି, ଆମ ଦେଶବାସୀ ତାଙ୍କରି କଥାରେ ଦେଶଲାଗି ଜୀବନକୁ ଉତ୍ସର୍ଗ କରିଦେଇଥିଲେ। ଏହି ଆନ୍ଦୋଳନରେ ଆମ ଦେଶର ଅନେକ ଶହିଦ ହୋଇଯାଇଥିଲେ ମଧ୍ୟ ଆମ ଲୋକେ ଇଂରେଜଙ୍କ ପ୍ରତି ଆଦୌ ହିଂସାଭାବ ଦେଖାଇ ନଥିଲେ।

**ଖମାରସାହି,ବାଣପୁର,ଖୋରଧା**
**ପିନ୍ ୭୫୨୦୩୧**
**ଦୂରଭାଷ - ୯୬୬୮୫୬୦୬୪୫**

(ଏବେ, କେବେ, କୋଉଠି- ୭୪)



# ବିଚରା ସତ୍ୟକକ୍ଷ

ସତ୍ୟନାରାୟଣ ସାମନ୍ତରାୟ (ସତ୍ୟକକ୍ଷ )

ମୋର ପ୍ରଥମ ବହିଟି ପ୍ରକାଶ ପାଇବା ପାରେ କେତେକ ଶୁଭେଚ୍ଛୁ, ଶ୍ରଦ୍ଧେୟ ଓ ଆତ୍ମୀୟ ବନ୍ଧୁମାନଙ୍କୁ ତାର ଖଣ୍ଡିଏ ଖଣ୍ଡିଏ ନମୁନା ଦ୍ୱାରସ୍ଥ ପୂର୍ବକ ସେମାନଙ୍କ ହସ୍ତରେ ପ୍ରଦାନ କଲି। କୃତାଞ୍ଜଳିପୁଟରେ ନିହାତି ବିନମ୍ରଭାବରେ ବହିଟିକୁ ପଢ଼ିବାକୁ ଅନୁରୋଧ କଲି। ୟା’ ସହିତ ବହିଟିରେ ସନ୍ନିବିଷ୍ଟ କ୍ଷୁଦ୍ର ଲଳିତ ପ୍ରବନ୍ଧଗୁଡ଼ିକ ଭଲ ହୋଇଛି ଓ ପଢ଼ିଲେ ଭଲଲାଗିବ ବୋଲି ଆତ୍ମପ୍ରୌଢ଼ୀ କରିବାକୁ ମଧ୍ୟ ପଛେଇନଥିଲି। କେତେପ୍ରକାର ନମ୍ରତା ପ୍ରକାଶକରି ପଢ଼ିବା ଓ ମତାମତ ଦେବାକୁ ପୁନଃ ଅନୁରୋଧକରି ଫେରିଥିଲି।

ୟା’ ଭିତରେ ତିନିବର୍ଷ ଗତ ହୋଇଗଲାଣି। ପ୍ରାୟ ଶହେସରକି ବନ୍ଧୁଙ୍କୁ ବହି ଦେଇ ସେମାନଙ୍କଠୁ ଉତ୍ତର ପାଇବାର ଯେଉଁ ଉତ୍କଣ୍ଠା ଥିଲା, ତାହା ମଧ୍ୟ ୟା’ ଭିତରେ ମରିଗଲାଣି। ତଥାପି ଯେତେବେଳେ ଯାହାକୁ ବାଟରେ, ଘାଟରେ କିମ୍ବା କୌଣସି କାର୍ଯ୍ୟକ୍ରମରେ ଦେଖେ ଅତି ନିର୍ଲ୍ଲଜ ଭଳି ପଚାରିଦିଏ- କଣ ଭାଇ ପଢ଼ିଲଣି ?

ବନ୍ଧୁଜଣକ ଖୁବ୍ ନିର୍ମଳ ହସଟିଏ ହସନ୍ତି। କହନ୍ତି ନାଇଁରେ ଭାଇ, ପଢ଼ିବାକୁ ସମୟ ହେଉନି। ହଉ, ପଢ଼ିବି ନିଶ୍ଚୟ ଓ ନିଶ୍ଚୟ କହିବି।

ଆଶା କରି ବନ୍ଧୁଙ୍କ ଉତ୍ତରକୁ ଅପେକ୍ଷା ରଖେ।

ସମୟ ଗଡ଼ିଚାଲେ। ଆଉ କେତେବେଳେ ବି ଯଦି ଆଉ କୋଉ ବନ୍ଧୁ ଦେଖାହୁଏ, ସେଇ ପଢ଼ିବାକଥା ତାଙ୍କୁ ପଚାରେ। ସିଏ ବି ସେମିତି ହସିଦେଇ କହନ୍ତି, ନାଇଁମ ! ପଢ଼ିପାରିନି। ସମୟ ହେଉନି। ପଢ଼ିଲେ ନିଶ୍ଚୟ କହିବି।

ଯାହାକୁ ଯୋଉଠି ଦେଖିଲେ ସେହି ଏକା ପ୍ରଶ୍ନ ପଚାରିବା ମୋର ପ୍ରାୟ ଅଭ୍ୟାସ ହୋଇଯାଇଥାଏ। ସେମାନେ ବି ପରୀକ୍ଷା ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ସାଥିବହିରୁ ଘୋଷିଥିବା ଭଳି ସେଇ ଏକା ଉତ୍ତର ଦିଅନ୍ତି- ସମୟ ହେଉନି। ପଢ଼ିଲେ ନିଶ୍ଚୟ କହିବି।

ସେମାନେ ତ କେହି ଉତ୍ତର ଦେଲେନି କି ଦେବେନି। ଆଶା କରିବା ବି ବୃଥା। ତଥାପି ଲେଖକୀୟ କଣ୍ଡୁ ହେତୁ କଲମ କାଗଜକୁ ଓଟାରିଆଣେ। ୟାଡୁ ସ୍ୟାଡୁ କଣଗୁଡ଼ାଏ ଲେଖିପକାଏ। କୁଆଡ଼କୁ କୁଆଡ଼କୁ ପଠେଇଦିଏ। କେତେ ପ୍ରକାଶପାଏ ତ କେତେ ପାଏନି। ଲେଖାମାନେ ନିଜ କର୍ମଫଳ ଭୋଗକରନ୍ତି ବୋଲି ସେମାନେ ଜାଣନ୍ତି କି ନାଇଁ ମୁଁ ଜାଣିନି ! କିନ୍ତୁ ମୁଁ ଲେଖେ।

ବର୍ଣ୍ଣିତ ବନ୍ଧୁମାନେ ତ ପଢ଼ିଲେନି କି ମତାମତ ଦେଲେନି, ବରଂ ମୋତେ ଦେଖି ନଦେଖିଲା ଭଳି କେହି କେହି ବାଟ ଭାଙ୍ଗି ଚାଲିଯାଉଥିବାର ମଧ୍ୟ ନଜରକୁ ଆସିଲାଣି। କାଳେ ପଚାରିଦେବିକି, ଏଇଆ ଆଶଙ୍କାରେ ବୋଧହୁଏ।

ଯାହାହେଉ, ଜଣେ ଅଧ୍ୟାପକବନ୍ଧୁଙ୍କ ସହ ଦିନେ ମୁହାଁମୁହିଁ ଭେଟ ହୋଇଗଲା। କେତେଥର ମୋତେ ବାଟଭାଙ୍ଗି ଚାଲିଯାଇଥିବାର ମୋ ନଜରକୁ ଆସିଥିଲା। ମାତ୍ର ଆଜି ସାମନାସାମନି ଭେଟ। ମୁଁ କିଛି ପଚାରିବା ପୂର୍ବରୁ ସିଏ ତାଙ୍କ ଆଡୁ କହିଲେ, ଆରେ ଭାଇ କଣ କରିବି କହିଲ, ତମକୁ ସେଦିନ କଥାଦେଇ ମନରେ ଭାରି ଗୋଟେ ଆଣ୍ଠକରି ବହିଟା ପଢ଼ିବାକୁ ଖୋଜିଲାବେଳକୁ ବହିଟାକୁ କାଇଁ ପାଇଲିନି। କୁଆଡ଼େ ଯେ ଗଲା ? ସ୍ୱାମୀ-ସ୍ତ୍ରୀ ଦୁହେଁ ଖୋଜିଲୁ, ହେଲେ ପାଇଲୁନି। ଆରେ ଭାଇ କିଛି ଖରାପ ଭାବିବନି। ଆଉ ଖଣ୍ଡେ ଯଦି ଅଛି ମୋତେ ଦେବ। ମୁଁ ପଢ଼ିକି ନିଶ୍ଚେ ମତାମତ ଦେବି।

ବନ୍ଧୁଙ୍କ ପଠନପ୍ରୀତିକୁ ମନେମନେ ତାରିଫ୍ କଲି। ଅବଶ୍ୟ ସେଇଟା ତାଙ୍କର ଦୋଷ ନୁହେଁ। ଦୋଷଟା ମୋର ! କଥାରେ ଅଛି “ଯାଚି ଓଳଗି, ମାଗି କଲ୍ୟାଣ”- ଇଏ କୋଉ କାମକୁ ନୁହଁ। ଉପକାର ଅପେକ୍ଷା ଉପହସିତ ହବାର ସମ୍ଭାବନା ଅଧିକା।

ଏହିକ୍ରମରେ ସେଦିନ ଦୋକାନରୁ ଆଣିଥିବା କିଛି ତେଜରାତି ସଉଦା ପତ୍ନୀ ଖାଲିକରି ରଖୁଥିବାବେଳେ, ମୋ ଉଦ୍ଦେଶ୍ୟରେ କହିଲେ, ହଇଓ ଦେଖ ଦେଖ, ତମ ନୀଳାମ୍ବର ଠୁଙ୍ଗା ହେଇସାରିଲାଣି !

ହଠାତ୍ କଥାଟା ବୁଝିପାରିଲିନି। ପଚାରିଲି କୋଉ ନୀଳାମ୍ବର ?

କୋଉ ନୀଳାମ୍ବର କଣ ମ ? ନିଅ ପଢ଼ !

ପତ୍ନୀ ମୋ ହାତକୁ ଠୁଙ୍ଗାଟିକି ବଢ଼େଇଦେଲେ।

ଦେଖିଲି ଉପରବର୍ଣ୍ଣିତ ମୋରି ବହିଟିର ଦୁଇଟି ଫାଳରେ ଠୁଙ୍ଗାଟି ତିଆରି ହୋଇଛି ଓ ମୋ ଲେଖାର ସନ୍ତକ ନାମ ‘ନୀଳାମ୍ବର’ ଚରିତ୍ରଟି ଉପରେ ଦୈବାତ୍ ପତ୍ନୀଙ୍କର ଆଖି ପଡ଼ିଯାଇଛି। ଫଳରେ ସିଏ ମୋତେ ଜଣେଇଦବାକୁ ଉଚିତ ମଣିଛନ୍ତି।

କାଗଜ ତିଆରି ଠୁଙ୍ଗା ଓ ସେଥିରେ ମୋ ବହିର ଫାଳ - ଖୁବ୍ ଦୁଃଖ ଲାଗିଲା। ଦୁଃଖ ଲାଗିନଥା’ନ୍ତା, ଯଦି କୋଉ ମାଗାଜିନ୍‌ର ଫର୍ଦ୍ଦରେ ମୋ ଲେଖାକୁ ଏମିତି ଭାବରେ ଦେଖିଥା’ନ୍ତି। କାରଣ, ଏଇଟା ବହିଟେ। ସାଇତିଲା ପରି ପଦାର୍ଥଟେ। କିଏ ସିଏ ହୋଇପାରେ, ଯିଏକି ଆଦରରେ ସମର୍ପିତ ପଦାର୍ଥଟିକୁ ଏପରିଭାବେ ଅବମାନନା କରିପାରେ ?

ମନେପଡ଼ିଲା, ପୂର୍ବୋକ୍ତ ସେହି ଅଧ୍ୟାପକଙ୍କ କଥା। ବହିଟି

ହଜିଯାଇଥିବା ସିଏ ମୋତେ କହିଥିଲେ। ହୁଏତ, ବହିଟିକୁ ଠୁଙ୍ଗାବାଲାକୁ ବିକିଦେଇ ପାଉନାହାଁନ୍ତି ବୋଲି ମୋତେ ମିଛ କହିଥାଇପାରନ୍ତି। ତେବେ ନିରୋଳାଭାବେ ସେହି ବନ୍ଧୁଙ୍କୁ ଦୋଷ ଦେଇହେବନି। ଏକଥା ବି ଅନ୍ୟକେହି କରିଥାଇପାରନ୍ତି। କାରଣ, ଶହେସରିକି ବନ୍ଧୁଙ୍କୁ ବହି ଦେଇଥିବାବେଳେ ନିର୍ଦ୍ଦିଷ୍ଟଭାବେ ଜଣକୁ କଣ ଦୋଷ ଦେଇହେବ ?

ତେବେ, ଏଇଟା ବି ଏକପ୍ରକାର ଉପକାର। ଯୋଉ ବନ୍ଧୁ ଏହାକୁ ଅଦରକାରୀ ଭାବି ଠୁଙ୍ଗାବାଲାକୁ ବିକିଦେଇଛନ୍ତି, ସିଏ ବି ପ୍ରକାରାନ୍ତରେ ବହିଟିର ଭାଗ୍ୟରେ କିଛି ସମ୍ଭାବନା ଯୋଡ଼ିଦେଇଛନ୍ତି ବୋଲି ନିହାତି ବିଚାରିବାକୁ ପଡ଼ିବ। ସିଏ ସାହିତ୍ୟ ନସାଧିଲେ ନାହିଁ କି ନବୁଝିଲେ ନାହିଁ, ସାହିତ୍ୟକୁ ଆଗେଇନବାରେ ଯଥେଷ୍ଟ ସହଯୋଗ କରିଥିବାରୁ ସେ ଧନ୍ୟବାଦାର୍ହ୍ୟ। କାରଣ, ବହିଟିକୁ ଅବମାନନା କରି ଅନ୍ଧାରଘରେ ବନ୍ଦ କରି ରଖିବା ଅପେକ୍ଷା ଠୁଙ୍ଗାବାଲାକୁ ଦେଇ ଅନ୍ୟକାହା ଦୃଷ୍ଟି ଆକର୍ଷଣ କରାଇପାରିଛନ୍ତି ଭାବି ସେ ବନ୍ଧୁଙ୍କୁ ଧନ୍ୟବାଦ ଦେଇଥିଲି। ବହି ରୂପରେ ନହେଲେ ନାଇଁ, ଠୁଙ୍ଗା ଉପରୁ ବା ଅଦରକାରୀ ବୋଲି ଫିଙ୍ଗିଦେଇଥିବା କାଗଜଟୁକୁଡ଼ା ଉପରୁ କେହି ସାହିତ୍ୟ ରସଗ୍ରାହୀ ହୁଏତ ଏହାର ରସ ଗ୍ରହଣ କରିପାରେ।

ଏଇମିତି ଅଦରକାରୀ କାଗଜଟୁକୁଡ଼ାର କବିତା ଦିନେ ରାତାରାତି ମରଣୋତ୍ତରଭାବେ ବିଶ୍ୱପ୍ରସିଦ୍ଧ କରିଦେଇଥିଲା କିଶୋରୀକନ୍ୟା ଗୀତାଞ୍ଜଳିକୁ। କ୍ୟାନସର୍ ପୀଡ଼ିତା ଗୀତାଞ୍ଜଳି ! ବାରରୁ ପନ୍ଦର ବର୍ଷ - ତିନିବର୍ଷର ମୃତ୍ୟୁ ସହ ସଂଗ୍ରାମ ଭିତରେ ସିଏ ଲେଖେ ଅନେକ ଛୋଟ ଛୋଟ କବିତା। ମୃତ୍ୟୁ ପରେ ସେସବୁ ଝିଅର ଶୋଇବାଘର ବହିଥାକ, ଶେଜତଳ, ତକିଆ ଖୋଳ ଭିତରୁ ଆବିଷ୍କାର କରନ୍ତି ମାଆ । ମାଆଙ୍କୁ ଭଲ ଲାଗେ। ପଠେଇଦିଅନ୍ତି ଇଲୁଷ୍ଟ୍ରେଟେଡ୍ ଉଇକ୍ଲିର କବିତା ବିଭାଗକୁ। ସେସବୁ ପ୍ରକାଶିତ ହୁଏ।

ସେହି ପତ୍ରିକାର ଫର୍ଦ୍ଦଟିଏ ମୋଡ଼ାମୋଡ଼ି ଅବସ୍ଥାରେ ରାସ୍ତା ଉପରେ ପଡ଼ିଥିବାବେଳେ ତାକୁ ଜଣେ ଆଗ୍ରହୀ ପଥଚାରୀ କୌତୂହଳବଶତଃ ତଳୁ ଉଠାଇ ପଢ଼ିବାକୁ ଲାଗନ୍ତି। କବିତାର ଅନ୍ତଃସ୍ୱରର ଆବେଦନରେ ଆଶ୍ଚର୍ଯ୍ୟଚକିତ ହୁଅନ୍ତି ପଥଚାରୀ ଜଣକ। ପରବର୍ତ୍ତୀ ସମୟରେ ସେ ସେସବୁ କବିତାଗୁଡ଼ିକ ସଂଗ୍ରହକରି ବହିରୂପରେ ପ୍ରକାଶକରନ୍ତି ଓ ମରଣୋତ୍ତରଭାବେ ଗୋଟିଏ କିଶୋରୀକନ୍ୟାର ଜୀବନାଦର୍ଶର ଇସ୍ତାହାର ବିଶ୍ୱସାହିତ୍ୟରେ ଏକ ଅଲିଭା ସ୍ମୃତି ହୋଇରହିଯାଏ।

ସେହି ଦୃଷ୍ଟିରୁ ସେ ଅଜ୍ଞାତବନ୍ଧୁ ଧନ୍ୟବାଦର ପାତ୍ର। ଦାନ ଅପାତ୍ରରେ ହୋଇପାରେ; ମାତ୍ର କୌଣସି ବ୍ୟକ୍ତି ଅପାତ୍ର ନୁହଁନ୍ତି। କାରଣ, ଅପାତ୍ର ବୋଲି ଲାଗୁଥିବା ସେହି ବ୍ୟକ୍ତିଟି ଭିତରେ କୋଉଠି ନା କୋଉଠି ତା କାମରେ, କଥାରେ କିମ୍ବା ବ୍ୟବହାରରେ ସମାଜକୁ ଦର୍ଶନଟିଏ ଭେଟିଦବାର ଅଭିରୁଚି ସଂଚିତ ଥାଏ। ତାହା ହୁଏତ ସେହି ବ୍ୟକ୍ତିର ଅଜାଣତରେ ହୋଇପାରେ।

ଠୁଙ୍ଗାଟିକୁ ଆଉଥରେ ନିରିଖେଇ ଦେଖିଲି। ଠୁଙ୍ଗା ଉପରୁ ନୀଳାମ୍ବର ମୋତେ ଦେଖି ହସୁଥିଲା ଓ କହୁଥିଲା, "ବିଚରା ସତ୍ୟକଙ୍କ" !

**ବେଗୁନିଆ, ଜି- ଖୋରଧା**
**ମୋ- ୯୪୩୮୭୩୪୮୧୬**

# କଥା ସରିଲା



**ଶିବ ମିଶ୍ର**

ସେ ଗାଁର କାନ୍ଥ ବାଡ ନଥିବା ଗୋଟିଏ ଘରର ଅଗଣାରେ ଛନ ଛନ ହୋଇ ଉଠୁରି ଆସୁଥିଲା ଫୁଲ ଗଛଟିଏ। ଦେଖଣାହାରୀଙ୍କ ଆଖି ଲାଖି ଯାଉଥିଲା । ସେଇଠି ଦିନେ ସକଳ ପାହିଲା ବେଳକୁ ସେ ଗଛଟାର ରସ ଚୋଚଡା ଡାଂଗଟା ଭୂଇଁରେ ପଡିଥିଲା । କୋଉ ଅରଣା ଷଣ୍ଢ ତାକୁ ପାକୁଳେଇ ଦେଇ ଯାଇଥିଲା ନା କଣ । ଗାଁ ଲୋକ ଜଣେ କହିଲା ଷଣ୍ଢ ନୁହେଁ ଗାଁ ମୁଖିଆଙ୍କର ଅମହଣିଆ ଦାମୁଡିଟା ଏକାମ କରିଥିବ। କାହିଁକିନା ସେ ଗାଁର ଆଉ କେତେଜଣଙ୍କର ଫୁଲଗଛ ନଷ୍ଟ କରିଦେଇଛି ପରା। ହେଲେ ସେ ଫୁଲ ଗଛର ମାଲିକମାନେ ଚୁପ ରହିଛନ୍ତି ।

ଏଥର କିନ୍ତୁ ଘଟଣାକୁ ଚପାଇ ନଦେଇ ଗାଁର କିଛି ଲୋକ ଗାଁ ମୁଖିଆଙ୍କ ନିକଟକୁ ଯାଇ ଅଭିଯୋଗ କଲେ । ମୁଖିଆ କହିଲେ - ଫୁଲ ଗଛର କ୍ଷୟ କ୍ଷତି ଗୋରୁମାନଙ୍କଦ୍ୱରା ହେଲେ ମଧ୍ୟ ଏଥିପାଇଁ ସେମାନଙ୍କୁ ଦାୟୀ କରାଯାଏ ନାହିଁ। ଦାୟୀ କାରାଯାଏ ଜନ୍ଦାମାନଙ୍କୁ । ଏହି ନିୟମ ଆବାହମାନ କାଳରୁ ଚଲି ଆସୁଛି ।

ମୁଖିଆଙ୍କ ତୁଣ୍ଡରୁ କଥା ସରୁ ନସରୁଣୁ ଗାଁର ଚଉକିଆ ଧାଇଁ ଯାଇ ମରିଥିବା ସେ ଫୁଲ ଗଛକୁ ଯତ୍ନରେ ଉତାରିଥିବା କଳା କୋଚଟିଆ ମଢିଆ,ହାଡୁଆ ଲୋକଟିଏକୁ ସେହି କାନ୍ଥ ବାଡ ନଥିବା ଘରୁ ଘୋଷାରି ଆଣିଲା । ମୁଖିଆଙ୍କୁ କହିଲା - ହଜୁରେ ଯା ନାଁ ଜନ୍ଦା ।

ମୁଖିଆଙ୍କ ଆଦେଶରେ ତତ୍କ୍ଷଣାତ୍ ସେ ଜନ୍ଦାର ଗଣ୍ଡିରୁ ମୁଣ୍ଡ ଛିଣ୍ଡି ଗଲା , କାଥା ସରିଲା ।

ବଣପୁର, ଖୋରଧା

# ଗାଁ ମାଟିର ବାସ୍ନା

ଅମିନୀଲୁ ରାୟ

ସରକାରୀ ଚାକିରିରୁ ଅବସର ପରେ ସିଧା ସିଧା ବଡ ପୁଅ ଅଜୁ ପାଖକୁ ଚାଲିଆସନ୍ତି ସଦାଶିବ ବାବୁ । କଥା ପ୍ରସଙ୍ଗରେ ଅଜୁ କହେ – "ବାପା, ଗାଁରେ ରହିବା ପାଇଁ ସେମିତି କିଛି ସୁବିଧା ନାହିଁ । ଏମିତିକି ଗାଁଠାରୁ ବଜାର ବହୁ ଦୂରରେ । ଆପଣଙ୍କୁ ସେଠାରେ ରହିବାକୁ ଅସୁବିଧା ହେବ ନିଶ୍ଚୟ । ସହଜେ ବୋଉ ବି ରୋଗିଣା ମଣିଷ । ତା ଦେହପା' ସଦାବେଳେ ଖରାପ ହେଉଛି । ତେଣୁ ଆପଣ ଏଇଠି ରହିଯାଆନ୍ତୁ । ମଝିରେ ମଝିରେ ଗାଁକୁ ଯାଇ ବୁଲିଆସୁଥିବେ ।" ବୋହୂ ଲଳିତା ଚା' କପ୍‌ଟା ଶ୍ୱଶୁରଙ୍କ ହାତକୁ ବଢାଇ ଦେଉ ଦେଉ ସ୍ମିତ ହସି କହିଲା – "ହଁ ବାପା, ଆପଣଙ୍କର ଏଠି କିଛି ଅସୁବିଧା ହେବନି । ବୋଉଙ୍କ ଦେହ ବି ଭଲ ରହିବ । ତେଣୁ ଆପଣ ଗାଁରେ ରହିବା କଥା ଆଉ କୁହନ୍ତୁନି ।" ପୁଅ ବୋହୂଙ୍କଠାରୁ ସବୁ ଶୁଣିସାରିବା ପରେ ସେ ଖାଲି କପ୍‌ଟାକୁ ଟେବୁଲ୍ ଉପରେ ରଖି ସେମାନଙ୍କୁ ବୁଝାଇବାକୁ ଯାଇ କହିଲେ – "ଦେଖ, ମୁଁ ବାହାରେ ବହୁ ବର୍ଷ କଟେଇ ସାରିଲିଣି । ହଁ, ତୁମ୍ଭମାନଙ୍କ ଚିନ୍ତାଧାରା ଅବଶ୍ୟ ଠିକ୍ । ସେଠାରେ ପ୍ରଥମେ ପ୍ରଥମେ ମୋ'ର କିଛି ଅସୁବିଧା ହେବ । ତଥାପି ସମୟ କ୍ରମେ ଧୀରେ ଧୀରେ ମୁଁ ସବୁ ଆଡ୍‌ଜଷ୍ଟ କରିନେବି । ସହରରେ ଏତେ ବର୍ଷ ରହିବା ପରେ ମୋତେ ଆଉ କୋଉଠି ରହିବାକୁ ଭଲ ଲାଗୁନି । ସ୍ଥିର କରିଛି ବାକି ଜୀବନଟା ଗାଁରେ କଟେଇବି ।" ଅଜୁ ଜାଣେ ବାପାଙ୍କୁ କଥାରେ ପାରି ହେବନି । ସେ ଯାହା ବୁଝିଥିବେ ସେଇଆ । ତେଣୁ ଶେଷରେ ସେ ଅନନ୍ୟୋପାୟ ହୋଇ କହିଲା – "ଠିକ୍ ଅଛି । ଆପଣଙ୍କ ଇଚ୍ଛା । କିନ୍ତୁ ପ୍ରତି ମାସରେ ଥରେ ଦୁଇଥର ଏଠାକୁ ଆସି ବୁଲିଯିବେ । ସଦାଶିବ ବାବୁ ସ୍ମିତ ହସି ହଁ କହିଲେ। "

ସଂଧ୍ୟା ସମୟ । ସଦାଶିବ ବାବୁ ଓ ପତ୍ନୀ ସୁମିତା ଦେବୀ ଗାଁରେ ପହଂଚି ଏକତ୍ର ଅଗଣାରେ ବସି ହସ ହସ ମୁହଁରେ ଚା' ପିଉଥିବା ସମୟରେ ଗାଁର କେତେ ଜଣ ବୟସ୍କ ବ୍ୟକ୍ତି ତାଙ୍କ ପାଖରେ ଆସି ରୁଣ୍ଡ ହେବାରୁ ଶ୍ରୀମତୀ ସେମାନଙ୍କୁ ସହାସ୍ୟ ବଦନରେ ବସିବାକୁ କହି ଚା' ପରଷିବାର ବନ୍ଦୋବସ୍ତ କଲେ । ଚା' ପାନ ବିରତି ପରେ ଘଡିଏ ପହଡ ଯାଏ ଗାଁରେ ଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା ।

ସଦାଶିବ ବାବୁ ବଡି ସକାଳୁ ଗାଁର ଶେଷ ମୁଣ୍ଡରେ ଥିବା ଗ୍ରାମ ଦେବତୀ ମନ୍ଦିର, ଆମ୍ବ ତୋଟା, ନଦୀକୂଳ, ତାଳବଣ ଇତ୍ୟାଦିରେ ଗୋଟିଏ ଘେରା ବୁଲିଆସି ଅଗଣାରେ ପଡିଥିବା ଚୌକିଟା ଉପରେ ବସିପଡିଲେ । ତାଙ୍କୁ ଗାଁର ପରିବେଶ ଭାରି ଭଲ ଲାଗିଲା । ଏତେ ବର୍ଷ ପରେ ସେ ଏ ମାଟିରେ ପାଦ ଥାପିଥିବାରୁ ନିଜକୁ ଗୌରବାନ୍ୱିତ ମନେକରୁଥିଲେ । ଏଠାକାର



ମୁକ୍ତ ପରିବେଶ, ଖୋଲା ପବନ, ଚଢେଇମାନଙ୍କର କିଚିରି ମିଚିରି ଶବ୍ଦ ତାଙ୍କ ମନରେ ଖୁସି ଭରି ଦେଲା । ସେ ଅନ୍ୟମନସ୍କ ହୋଇ ଭାବନା ରାଜ୍ୟରେ ଘୂରିବୁଲୁଥିଲାବେଳେ ସହଧର୍ମିଣୀ ତାଙ୍କ ହାତକୁ ଚା' କପ୍‌ଟା ବଢାଇ ଦେଉ ଦେଉ ନମ୍ର ଭାବେ କହିଲେ – "କୁଆଡେ ଯାଇଥିଲ ?" ଉତ୍ତରରେ ସଦାଶିବ ବାବୁ କହିଲେ – "ତମେ କ'ଣ ଜାଣିନ ଯେ ମୁଁ ତୁମକୁ କହିବି ? ତୁମର ମନେ ଥିବ ଏଇ ଗାଁ ଦାଣ୍ଡରେ, ଧୂଳି ବାଲିରେ ଖେଳି ଖେଳି, ପ୍ୟାଂଟ୍ ଶାର୍ଟ୍ ଅସନା କରି ଘରକୁ ଭୟରେ ଲୁଚି ଲୁଚି ଫେରିଲେ ମା'ଙ୍କ ଆଖିରେ ମୁଁ ଧରାପଡି ଯାଉଥିଲି । ସେ ରାଗରେ ମୋ କାନକୁ ମୋଡି ଗୋଟେ ଚଟ୍‌କଣି ବସାଇ ସଙ୍ଗେ ସଙ୍ଗେ ତାଙ୍କ ପଣତକାନିରେ ମୋତେ ଝାଡିଦେବା ସହ ଗାଳିମନ୍ଦ କରୁଥିଲେ । ଏବେ ସେହି ପିଲାଦିନ କଥା ସବୁ ମନେ ପଡିଲେ ମୋତେ ଭାରି ହସ ଲାଗେ । ପୁଣି ଗାଁ ଚାଟଶାଳୀରେ ପଢୁଥିଲାବେଳେ ପାଠରେ ଟିକେ ଭୁଲ୍ ହେଲେ ନୋକା ସାର୍ ମୋତେ ପିଟି ପିଟି ବାହାରେ ଆଣ୍ଠେଇ ଦେଉଥିଲେ । ଖରାଦିନେ ଆମ ଗାଁ ପୋଖରୀରେ ଥିବା ଅଂଟାଏ ପାଣିରେ ବୁଡି ବୁଡି, ଆଖିକୁ ନାଲି କରି ଘରକୁ ଫେରୁଥିଲି । ମା' ମୋ ଆଖିରୁ ଜାଣିପାରୁଥିଲେ ମୁଁ କେତେ ସମୟ ପାଣିରେ ବୁଡିଛି ? ବର୍ଷା ଦିନେ ଏଇ ଗାଁ ଦାଣ୍ଡରେ ପାଣି ସୁଅରେ କେତେ ଯେ କାଗଜ ଡଙ୍ଗା କରି ଭସେଇଛି ତାହାର କିଛି ଠିକଣା ନାହିଁ । ବର୍ଷାରେ ଭିଜି ଭିଜି ଖେଳୁଥିଲାବେଳେ ମା' ମୋତେ ପାଟି କରି କହୁଥିଲେ – ଆରେ ଥଣ୍ଡାହେବ । ଓଦା ହେଉଛୁ କାହିଁକି ? ସ୍କୁଲକୁ ବସ୍ତାନୀ କାନ୍ଧରେ ପକାଇ

ବାଟ ଚାଲୁଥିଲାବେଳେ ରାସ୍ତା କଡରେ ଥିବା ବୁଦାମାନଙ୍କରୁ କଂଟେଇ କୋଳି ତୋଳିବା ଆଶାରେ ଗୋଡ ହାତ କଂଟାରେ ଫୋଡି ହୋଇ ରକ୍ତ ବାହାରିଲେ ବି ସେଥିପ୍ରତି ମୋ'ର ଖାତିର୍ ନଥିଲା । ଘରେ ପହଂଚିଲେ ଆଂଚୁଡା ଦାଗ ଦେଖି ସହି ନ ପାରି ମା' ମୋତେ ଧନରେ କହି ଦୁଃଖରେ ଆଉ ସେପରି ନ କରିବାକୁ ବାରଣ କରୁଥିଲେ ।

ଏଇ ଗାଁ ଆମ୍ବତୋଟାରେ ପ୍ରତି ବର୍ଷ ଖରା ଦିନେ ଆମେ ୫/୬ ଜଣ ସାଙ୍ଗ ମିଶି ଭୋଜି କରୁ । ଘରୁ ଗିନାଏ ଗିନାଏ ଚାଉଳ ନେଇ, ଦୁଇ ଟଙ୍କା ଲେଖାଏଁ ଆଦାୟ କରି, ମାଛ , ଡାଲି , ତେଲ ଇତ୍ୟାଦି କିଣି, ଚୁଲି ଲଗାଇବାକୁ ଗଲାବେଳେ ତାହା ପବନରେ ବାରମ୍ବାର ଲିଭି ଯାଉଥିଲା । ଆମେ ଫୁଙ୍କି ଫୁଙ୍କି ବେଦମ୍ ହୋଇଯାଉଥିଲୁ । ତଥାପି ହାର୍ ମାନିନୁ । ଗଛ ତଳେ, କଦଳୀ ପତ୍ରରେ, ଆମେ ଏକାଠି ବସି ଖାଉଥିବାବେଳେ ତାହା ଏତେ ସୁଆଦିଆ ଲାଗୁଥିଲା, ବିଶ୍ୱାସ କରିହେବ ନାହିଁ । ଇଚ୍ଛା ହେଉଛି ଆଉ ଥରେ ସେ ପିଲା ଦିନ ଫେରି ଆସନ୍ତା କି ? ଛୁଟି ଦିନରେ ଖରାବେଳେ ନ ଶୋଇ ଆମେ କେତେ ଜଣ ଆମ୍ବତୋଟାରେ ଖେଳୁଥିବା ଜାଣିପାରି ବାପା ମୋତେ ରାଗରେ ଘରକୁ ଟାଣି ଟାଣି ଆଣି ପିଟନ୍ତି । ଶୋଇବାକୁ ବାଧ୍ୟକରନ୍ତି । ନ ଶୋଇଲେ ଏଥର ସ୍କୁଲ ସାର୍‌ଙ୍କ ପାଖରେ ମାଡ଼ ଖୁଆଇବେ କହି ଡରାଇ ଦିଅନ୍ତି । ଏସବୁ କଥା ମନେ ପଡିଲେ କାହିଁକି କେଜାଣି ମନଟା ମୋ'ର କେମିତି କେମିତି ହେଇଯାଏ, ଆଖିରେ ଲୁହ ଆସେ । କିଛି ସମୟ ଚୁପ୍ ରହି ସଦାଶିବ ବାବୁ ଦୀର୍ଘ ନିଶ୍ୱାସଟିଏ ଛାଡି ପୁ'ଣି କହିଲେ – 'ବୁଝିଲ, ଚାକିରି ଜୀବନ କାଳରେ ମୁଁ ଯେତେ ଜାଗା ବଦଳି ହୋଇଛି, ମୋତେ ମୋ ଗାଁ ମାଟିଠାରୁ ସବୁ ଅଲଗା ଅଲଗା ଲାଗିବାର ଅନୁଭବ କରିଛି । ଏଇ ମାଟିରେ ମୋ ଜନ୍ମ, ଏଇ ମାଟିରେ ମୋ ଜୀବନ । ଏଠାରେ ସ୍ନେହ, ଆଦର, ଭଲପାଇବା ଓ ଆତ୍ମୀୟତା ଭରି ରହିଛି । ଏହାର ପାଣି ପବନରେ ଗଢା ହେଇଛି ମୁଁ । ସତରେ ଗାଁ ମାଟିର ବାସ୍ନାରେ ସ୍ୱତନ୍ତ୍ରତା ଅଛି । ଯାହାକୁ କେବେ ବି ମରିବା ପର୍ଯ୍ୟନ୍ତ ଭୁଲି ହେବ ନାହିଁ । ଏଇ ମାଟି ମା' କୋଳ ମୋ ପାଇଁ ଅମୃତ ସମାନ । ତା'ରି କୋଳରେ ଜନ୍ମ ନେଇଛି, ଜୀବନର ଶେଷ ଘଂଟା ବାଜିଲେ ପୁ'ଣି ତା'ରି କୋଳକୁ ଛ'ଖଣ୍ଡ କାଠରେ ଚାଲିଯିବି ।' ଏଇ ସବୁ କଥା କହି ସେ ଆଖିରୁ ଲୁହ ପୋଛୁଥିଲାବେଳେ, ସୁମିତା ଦେବୀ ତାଙ୍କ ମୁହଁକୁ ସେମିତି ଏକ୍ ଲୟରେ ଚାହିଁ ରହିଥିଲେ । "

ସୂର୍ଯ୍ୟ ଆସି ମୁଣ୍ଡ ଉପରେ ହୁଅନ୍ତେ, ଚାକର ଅନାମ ପାଣି ଜଗଟା ହାତରେ ଧରି ତାଙ୍କ ପାଖକୁ ଆସି କହିଲା – "ଆଜ୍ଞା, ଟେବୁଲ୍ ଉପରେ ଭାତ ବାଢିସାରିଲିଣି । ଆସନ୍ତୁ ଖାଇବେ, ନୋହିଲେ ଥଣ୍ଡା ହେଇଯିବ ।"

ସେ ଭୋକ ପେଟରେ ପାଟିକୁ ଗୁଣ୍ଡାଏ ଭାତ ନେଇଛନ୍ତି କି ନାହିଁ, ସେତିକିବେଳେ ହଠାତ୍ ସୁଦାମ ଆସି କାନ୍ଦି କାନ୍ଦି କହିଲା – "ମଉସା ମଉସା, ବାପା ଚାଲିଗଲେ । କ'ଣ କରିବି କିଛି ଭାବି ପାରୁନି । ମୋତେ କିଛି ବୁଦ୍ଧି ବାଟ ଦିଶୁନି । ପାଖରେ ବି ପଇସାଟାଏ ନାହିଁ । ଏଇ ମାସେ ହେବ ଭଉଣୀ ବାହା ହେଇଛି । ଏ ବେଳରେ କେମିତି ବାପାଙ୍କ ଶୁଦ୍ଧିକ୍ରିୟା, କର୍ମ, ଖାଇବା ପିଇବା ଇତ୍ୟାଦି କରିବି, ମୋ ମୁଣ୍ଡରେ କିଛି ପଶୁନି । ଆପଣ ତ ମୋ ବାପାଙ୍କ ସାଙ୍ଗ । କିଛି ଗୋଟେ ଉପାୟ କରନ୍ତୁ ।" ଏସବୁ ଶୁଣି ସଦାଶିବ ବାବୁ ଦୁଃଖରେ ଭାତ ଥାଳି ପାଖରୁ ଉଠି ଆସି ତାକୁ ସାନ୍ତ୍ୱନା ଦେଇ କହିଲେ – "ଏମିତି ଭାଙ୍ଗି ପଡିଲେ ଚଳିବ ? ତୁ କିଛି ଚିନ୍ତା କର୍‌ନା । ମୁଁ ତୋ ପଛରେ ଅଛି । ଯାହା ଖର୍ଚ୍ଚ ଲାଗିବ, ମୁଁ ସବୁ କରିବି ।"

ଶବ ସଂସ୍କାର କରି ସଂଧ୍ୟାରେ ସେ ଟିକେ ଖୋଲା ପବନ ଖାଇବା ପାଇଁ ନଦୀ କୂଳରେ ବସିଥିଲାବେଳେ ମନେ ମନେ ଭାବୁଥିଲେ – "ଜୀବନଟା ଏଇ ଅଛି, ଏଇ ନାହିଁ । କେତେବେଳେ ପାଣି ଫୋଟ୍‌କା ପରି ମିଳେଇ ଯାଏ, କେହି ଜାଣିପାରନ୍ତିନି । ଚାହୁଁ ଚାହୁଁ ସୁଦାମର ବାପା ମହେଶ୍ୱରଟା ଚାଲିଗଲା । ଆଉ କେତେଟା ଦିନ ରହିଥିଲେ ଘରକୁ ବୋହୂଟିଏ ଆଣିଥାନ୍ତା, ନାତି ନାତୁଣୀ ଦେଖିଥାନ୍ତା । କିନ୍ତୁ ବିଧାତା ସହିଲାନି । ଗାଁ ହେଉ କିମ୍ବା ସହର, ସମସ୍ତେ ନିଜ ନିଜର ସ୍ୱାର୍ଥ ତଥା ଲୋଭ ପଛରେ ଧାଇଁଛନ୍ତି । କେହି ଜଣେ ହେଲେ ବିପଦ ସମୟରେ ସହଯୋଗ କରିବାକୁ ହାତ ବଢାଉନାହାନ୍ତି । ଧନ୍ୟ ମଣିଷ ଜୀବନ । ଜୀବନ ଥିବାଯାଏ ସବୁ ମୋ'ର ମୋ'ର । ଯେମିତି ଏ ପୃଥିବୀଟାକୁ ସେ ଜୟ କରିଛି । ଏଇ ଜନ୍ମ ମାଟି ଉପରେ ଦିନେ ଇଂରେଜମାନେ ଆସି ଆଧିପତ୍ୟ ବିସ୍ତାର କରିଥିଲେ ସବୁଦିନେ ରହିବାକୁ । ହେଲେ କ'ଣ ରହିପାରିଛନ୍ତି ? ଶେଷରେ ମାଟି ମା' ତା କୋଳରେ ସୁଯୋଗ୍ୟ ସନ୍ତାନ ଜନ୍ମ କରି ସେମାନଙ୍କୁ ବିତାଡିତ କରିଛି ।"

ସେ ପାଠ ପଢୁଥିଲାବେଳେ ତାଙ୍କର ମନେ ଅଛି – ଏଇ ମହେଶ୍ୱର, କଲେଜ୍‌ରେ ଆଡମିସନ୍ କରିବା ପାଇଁ କେଉଁଠୁ ଆଣି ମୋତେ ଟଙ୍କା ଦେଇଥିଲା । ମନ ଲଗାଇ ପଢିବାକୁ ସେ ସଦାବେଳେ ମୋତେ କୁହେ । ଆଉ ଦିନକର କଥା । ମୋ ବାପା ରୋଗ ଶଯ୍ୟାରେ ପଡିଥିଲାବେଳେ ଗାଁରେ ସାହାଯ୍ୟ କରିବାକୁ କେହି ଜଣେ ହେଲେ ଆଗେଇ ଆସିନଥିଲେ । ଏତିକିବେଳେ ସେ ତା ଝିଅ ବାହାଘର କରିବା ପାଇଁ ବ୍ୟାଙ୍କ୍‌ରେ ରଖିଥିବା ଗଚ୍ଛିତ ଟଙ୍କାକୁ ମୋତେ ଦେଇ କହିଲା – "ତୁ ବ୍ୟସ୍ତ ହଅନା । ମୋ ଝିଅ ଏବେ ନବମରେ ପଢୁଛି । ତା'ର ବାହାଘର ହେଉ ହେଉ ଆଉ ୬/୭ ବର୍ଷ । ଯାରି ଭିତରେ ସେ ଭଲ ହୋଇଗଲେ ତୁ ମୋତେ ଦେଇଦେବୁନି ? ଖାଲି ଯାହା ପୁଅଟା ପାଇଁ ମୋ'ର ଚିନ୍ତା । ସେ ଟିକେ କେଉଁଠି କୂଳରେ ଲାଗିଗଲେ ମୁଁ ଶାନ୍ତିରେ ମରିପାରନ୍ତି ।"

ଅନେକ ସମୟ ଧରି ବସି ବସି ସବୁ କଥା ଚିନ୍ତା କରି ଆଖିରୁ ଲୁହ ପୋଛୁଥିଲେ ସଦାଶିବ ବାବୁ । ଏହା ମଧ୍ୟରେ ରାତି ୯ଟା ହେଲାଣି, ଅଥଚ ତାଙ୍କୁ ଜଣା ନାହିଁ । ହାତ ଘଂଟା ଦେଖି ଧୀରେ ଧୀରେ ପାଦ ବଢାଇଲେ ଘରକୁ । ଜହ୍ନର ଶୀତଳ ଆଲୋକରେ, ଅଗଣାରେ ପଡିଥିବା ଚୌକିଟା ଉପରେ ଥମ୍ କିନା ବସିପଡି ଦୀର୍ଘନିଶ୍ୱାସ ନେଉଥିବାବେଳେ ସୁମିତା ଦେବୀ କହିଲେ – "କୁଆଡେ ଯାଇଥିଲ ? ସକାଳ ପ୍ରହରୁ ଚା' ଟିକେ ପି'ଥିଲ ଯେ ସେତିକି । ଆସ, କ'ଣ ଦି'ଟା ଖାଇକି ଶୋଇପଡିବ ।"

**ଜଗତ୍‌ସିଂହପୁର / ଦୂରଭାଷ- ୯୯୩୭୪୧୨୫୧୫**

# ଶ୍ରୀମଦ୍‌ଭାଗବତରେ ଶ୍ରୀଜଗନ୍ନାଥ ଓ ପୁରୁଷୋତ୍ତମତତ୍ତ୍ୱ



ଅଧ୍ୟାପିକା ସୁକାନ୍ତି ମହାପାତ୍ର



ବଦନ୍ତି ତତ୍ତ୍ୱବିଦସ୍ତତ୍ତ୍ୱଂ ଯଜ୍‌ଜ୍ଞାନମଦ୍ୱୟମ୍
ବ୍ରହ୍ମେତି ପରମାତ୍ମେତି ଭଗବାନିତି ଶବ୍ଦତେ।
(ଶ୍ରମଦ୍ ଭାବତଗୀତା୧.୨.୧୧)

ଶ୍ରୀମଦ୍‌ଭାଗବତ ଗୀତାରେ ପ୍ରଭୁ ସର୍ବଶ୍ରେଷ୍ଠ ଉତ୍ତମ ପୁରୁଷ, କ୍ଷରପୁରୁଷଙ୍କଠାରୁ ଊର୍ଦ୍ଧ୍ୱରେ ଓ ଅକ୍ଷରପୁରୁଷଙ୍କଠାରୁ ଉତ୍ତମ ରହି ସେ ପରଂବ୍ରହ୍ମ ପରମ ପୁରୁଷ ରୂପେ ଅଭିହିତ। ଏଇ ଅଖିଳ ଜଗତର ଉପାଦାନ ଓ ନିମିତ୍ତର କାରଣ ରୂପେ ସେହିଁ ନିର୍ଣ୍ଣିତ ହୋଇଥାନ୍ତି। ଏଇ 'ପୁରୁଷ'ଶବ୍ଦଟିର ପ୍ରଚଳନ କେଉଁ ଅନାଦି କାଳରୁ ହୋଇ ଆସିଛି। ଋଗ୍‌ବେଦର ଦଶମ ମଣ୍ଡଳ ଅନ୍ତର୍ଗତ 'ପୁରୁଷସୂକ୍ତ'ରେ ସମସ୍ତ ମନ୍ତ୍ରର ଆହୂତ ଦେବତା ହେଉଛନ୍ତି 'ପୁରୁଷ'। ବୈଦିକ ଚିନ୍ତନରେ ପୁରୁଷ ସମସ୍ତଙ୍କ ମଧ୍ୟରେ ବିରାଜମାନ କରୁଥିବା ଚିତ୍ ଓ ଆନନ୍ଦମୟ ସତ୍ତା। ପୁରୁଷସୂକ୍ତର ମଙ୍ଗଳାଚାର୍ଯ୍ୟ ଭାଷ୍ୟ ସୂଚିତ କରେ ଯେ ଯିଏ ମହତ୍ତ୍ୱକୁ ସୃଷ୍ଟିର ଆଦ୍ୟତତ୍ତ୍ୱ ସେ ସୃଷ୍ଟି କରିଥାନ୍ତି, ସେ ହିଁ ପୁରୁଷ। ପୁରୁଷ ହେଉଛନ୍ତି ସୃଷ୍ଟି ସ୍ଥିତି ଓ ପ୍ରଳୟର କାରଣ। ଉପନିଷଦୀୟ ତତ୍ତ୍ୱରେ ପରମାତ୍ମା ବା ପରମେଶ୍ୱର ହିଁ ପୁରୁଷ। ଉପନିଷଦ୍ ତାଙ୍କୁ ବ୍ରହ୍ମ ଭାବରେ ପରିକଳ୍ପନା କରିଥାଏ। ଆଦିଗୁରୁ ଶଙ୍କରାଚାର୍ଯ୍ୟ ପୁରୁଷ ଶବ୍ଦର ବ୍ୟାଖ୍ୟା କରିବାକୁ ଯାଇ କହିଛନ୍ତି ଯିଏ ସବୁସ୍ଥାନରେ ଏବଂ ସବୁ ଶରୀର ମଧ୍ୟରେ ବିଦ୍ୟମାନ ସେହି ଅବ୍ୟକ୍ତ ସତ୍ତା ହିଁ ପୁରୁଷ।

'ଶ୍ରୀମଦ୍‌ଭଗବତ ଗୀତାର ଏଇ ପୁରୁଷୋତ୍ତମ ତତ୍ତ୍ୱର ମହିମା ସମସ୍ତଙ୍କଠାରୁ ଭିନ୍ନ, ଏହି ଜୀବ ଓ ଜୀବାତ୍ମାଙ୍କଠାରୁ ସେ ପୃଥକ ଓ ଶ୍ରେଷ୍ଠ ବୋଲି ଗୃହୀତ।

ଗୀତାର ପୁରୁଷୋତ୍ତମ ଯୋଗରେ କୁହାଯାଇଛି-

'ଦ୍ୱାବିମୌ ପୁରୁଷୌ ଲୋକେ କ୍ଷରଶ୍ଚାକ୍ଷର ଏବ ଚ
କ୍ଷରଃ ସର୍ବାଣି ଭୂତାନି କୂଟସ୍ଥୋଽକ୍ଷର ଉଚ୍ୟତେ।
ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରାମାତ୍ମେତ୍ୟୁଦାହୃତଃ।
ଯୋ ଲୋକତ୍ରୟମା ବିଶ୍ୟ ବିବର୍ତ୍ତ୍ୟବ୍ୟୟ ଈଶ୍ୱରଃ।
(ଗୀତା ୧୫/୧୬)

ଏଠାରେ କୂଟସ୍ଥ ଶବ୍ଦଟି ଦ୍ୱିଅର୍ଥ ବାଚକ। ମୂଳତଃ ଏହା ମାୟାସ୍ଥିତ ଅବସ୍ଥାକୁ ବୁଝେଇଥାଏ। ପୁଣି ବି ପର୍ବତ କରି ସ୍ଥିର ବା ନିର୍ବିକାରତ୍ୱକୁ ମଧ୍ୟ ବୁଝାଏ।

ପରମ ବୈଷ୍ଣବାଚାର୍ଯ୍ୟ ଶ୍ରୀରାମାନୁଜଙ୍କ ଦର୍ଶନ କୁହେ, ସମସ୍ତ ଦୋଷ ବର୍ଜିତ ଓ ନିଖିଳ କଲ୍ୟାଣ ଗୁଣାଶ୍ରୟ ପୁରୁଷୋତ୍ତମ ହେଉଛନ୍ତି ବ୍ରହ୍ମ ସ୍ୱରୂପ।

ଏହି ପୁରୁଷୋତ୍ତମତତ୍ତ୍ୱ ଓ ଶ୍ରୀଜଗନ୍ନାଥତତ୍ତ୍ୱ ଏକ ଓ ଅଭିନ୍ନ ଏବଂ ଗୋଟିଏ ବିନ୍ଦୁରେ ସମ୍ମିଳିତ।

ବେଦ ଓ ଉପନିଷଦରେ ଯେଉଁ ପୁରୁଷତତ୍ତ୍ୱର କ୍ରମବିକାଶ ଘଟିଥିଲା। ଶ୍ରୀମଦ୍‌ଭଗବତ୍ ଗୀତାରେ ତାହା 'ଉତ୍ତମ ପୁରୁଷ' ବା ପୁରୁଷୋତ୍ତମ ରୂପେ ବ୍ୟାଖ୍ୟା କରାଯାଇ ପରଂବ୍ରହ୍ମ ବା ପରମାତ୍ମା ରୂପରେ ପ୍ରତିପାଦନ କରାଯାଇଛି। ଭାରତୀୟ ଧର୍ମଧାରାରେ ଏହି ପରମ ପୁରୁଷଙ୍କୁ ଶ୍ରୀବିଷ୍ଣୁ, ଶ୍ରୀକୃଷ୍ଣ, ନାରାୟଣ ଓ ବାସୁଦେବ ଆଦି ବହୁ ରୂପରେ ଉପାସନା କରିବାର ଧାରା ପ୍ରଚଳିତ ଥିଲେ ମଧ୍ୟ ପରଂବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ରୂପ ଦର୍ଶନରେ ଅନ୍ୟ ସମସ୍ତ ରୂପ ସମାହିତ ହୋଇ ଏକ ଦିବ୍ୟ ବ୍ରହ୍ମାନୁଭୂତିର ଉପଲବ୍ଧି ସାଧକ ଓ ଭକ୍ତ ପ୍ରାଣକୁ ବିଭୋର କରେ। ଏହା ପୁରୁଷୋତ୍ତମଙ୍କ ଲୀଳା ମାଧୁର୍ଯ୍ୟ।

ବେଦବର୍ଣ୍ଣିତ ପୁରୁଷ ସୂକ୍ତରେ ଏଇ ଅବ୍ୟକ୍ତ ପୁରୁଷଙ୍କୁ ସର୍ବବ୍ୟାପୀ ଓ ସର୍ବଜ୍ଞ ଭାବରେ ବର୍ଣ୍ଣନା କରାଯାଇଛି ଏବଂ ଏଇ ଚରାଚର ଜଗତ୍ ତାଙ୍କର ଶରୀର ବୋଲି କୁହାଯାଇଛି। ଉପନିଷଦରେ ଏଇ ପରମ ପୁରୁଷଙ୍କୁ ବ୍ରହ୍ମ ଭାବରେ ନାମିତ କରଯାଇଥିଲେ ମଧ୍ୟ 'ପୁରୁଷ ଶବ୍ଦଟିର ବାରମ୍ବାର ପ୍ରୟୋଗ କରାଯାଇ ପୁରୁଷତତ୍ତ୍ୱର ନିଗୂଢ଼ତା ପ୍ରତିପାଦନ କରାଯାଇଛି ଓ ଏଇ ପରମପୁରୁଷ ଆନନ୍ଦ ସ୍ୱରୂପ ଓ ସେ ଜଗତର ସୃଷ୍ଟି, ସ୍ଥିତି, ପ୍ରଳୟର କାରଣ ରୂପେ ଦର୍ଶାଯାଇଛି। ଉପନିଷଦୀୟ ତତ୍ତ୍ୱାନୁସାରେ ଅଦ୍ୱିତୀୟ ପୁରୁଷ ଶ୍ରେଷ୍ଠ ଓ ବ୍ରହ୍ମଙ୍କ ମଧ୍ୟରେ କୌଣସି ଭିନ୍ନତା ନାହିଁ। କଠୋପନିଷଦ୍‌ରେ ଏହି ପୁରୁଷତତ୍ତ୍ୱର ମହିମା ବଖାଣିବାକୁ ଯାଇ କୁହାଯାଇଛି-

'ଇନ୍ଦ୍ରିୟେଭ୍ୟଃ ପରାହ୍ୟର୍ଥା ଅର୍ଥେଭ୍ୟଶ୍ଚ ପରଃମନଃ
ମନସସ୍ତୁ ପରାବୁଦ୍ଧି ବୁଦ୍ଧେରାତ୍ମ ମହାନ୍ ପରଃ ॥
ମହତଃ ପରମ ବ୍ୟକ୍ତମ ବ୍ୟକ୍ତାତ୍ ପୁରୁଷଃ ପରଃ
ପୁରୁଷାନ୍ନ ପରଂ କିଞ୍ଚିତ୍ ସା କାଷ୍ଠା ସା ପରା ଗତିଃ।' (୧,୩,୧୦,୧୧)

ଅର୍ଥାତ୍-ଇନ୍ଦ୍ରିୟମାନଙ୍କଠାରୁ ବିଷୟମାନେ ସୂକ୍ଷ୍ମ ଓ ଶ୍ରେଷ୍ଠ ଅଟନ୍ତି। ବିଷୟମାନଙ୍କଠାରୁ ମନ ସୂକ୍ଷ୍ମ ବା ଶ୍ରେଷ୍ଠ। ମନଠାରୁ ବୁଦ୍ଧି ଶ୍ରେଷ୍ଠ। ବୁଦ୍ଧିଠାରୁ

ମହାନ ଆତ୍ମା। (ହିରଣ୍ୟଗର୍ଭାଦି ବା ମହତତ୍ତ୍ୱ) ଶ୍ରେଷ୍ଠ ଆତ୍ମାଠାରୁ ଅବ୍ୟକ୍ତ ଶ୍ରେଷ୍ଠ ଓ ଅବ୍ୟକ୍ତ ଶକ୍ତିଠାରୁ ପୁରୁଷ ଶ୍ରେଷ୍ଠ ଅଟନ୍ତି। ଏହି ପୁରୁଷଙ୍କ ଠାରୁ ଶ୍ରେଷ୍ଠ ବା ଅଧିକ ଆଉ କିଛି ନାହିଁ। ଏହା ହିଁ ଚରମସୀମା ଓ ପରମଗତି ଅଟେ। ଏହି ପରମ ପୁରୁଷ ସମସ୍ତଙ୍କ ଶରୀରରେ ଆତ୍ମାରୂପେ ବିଦ୍ୟମାନ, ଯେ କି ସ୍ୱୀୟ ମାୟାରେ ଆଚ୍ଛାଦିତ ରହି ଅପ୍ରକଟଥାନ୍ତି। ସେହି ସୂକ୍ଷ୍ମରୁ ସୂକ୍ଷ୍ମତମ ସ୍ୱରୂପକୁ ଋଷିମାନେ ଦର୍ଶନ କରିଥାନ୍ତି। ବେଦ ଓ ଉପନିଷଦର ଏହି ପରଂବ୍ରହ୍ମ ପୁରୁଷ ହିଁ ଶ୍ରୀମଦ୍ ଭଗବତ୍‌ଗୀତାରେ ଶ୍ରୀପୁରୁଷୋତ୍ତମ ଭାବରେ ସର୍ବ ପ୍ରଥମେ ନାମିତ ହୋଇଥିଲେ। ଗୀତାରେ ବର୍ଣ୍ଣିତ ପୁରୁଷୋତ୍ତମତତ୍ତ୍ୱକୁ ପରମ ରହସ୍ୟମୟ ତଥା ମହତ୍ତ୍ୱପୂର୍ଣ୍ଣ ତତ୍ତ୍ୱ ଭାବରେ ଭାରତୀୟ ଦର୍ଶନ ଗ୍ରହଣ କରିଥାଏ। ଈଶ୍ୱରଙ୍କୁ ଗୀତା ରୂପେ ପୁରୁଷୋତ୍ତମ ଯୋଗରେ ବର୍ଣ୍ଣନା କରାଯାଇଛି। ଯଥା-

'ଯସ୍ମାତ୍ କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ,
ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ।'
(ଶ୍ରୀମଦ୍‌ଭଗବତଗୀତା ୧୫/୨୮)

ଶ୍ରୀମଦ୍‌ଭଗବତ୍‌ଗୀତା'ର ସମସ୍ତ ଅଧ୍ୟାୟରେ ପରା ପ୍ରକୃତି ଓ ଅପରା ପ୍ରକୃତିର ବ୍ୟାଖ୍ୟା କରିବା ପ୍ରସଙ୍ଗରେ ଏହି ଉଭୟପୁରୁଷଙ୍କ ସୂଚନା ଦିଆଯାଇଛି। ପ୍ରକୃତି ଯାହା ବ୍ରହ୍ମଠାରୁ ଉତ୍ପତ୍ତି ହୁଏ ଓ ବ୍ରହ୍ମଙ୍କଠାରେ ହିଁ ଲୀନ ହୁଏ- ତାଙ୍କର ବର୍ଣ୍ଣନା କରିବାକୁ ଯାଇ କୁହାଯାଇଛି-

'ଭୂମିରାପୋଽନଲୋ ବାୟୁର ଖଂ ମନୋ ବୁଦ୍ଧିରେବ ଚ
ଅହଙ୍କାର ଇତୀୟ ମେ ଭିନ୍ନା ପ୍ରକୃତିରଷ୍ଟଧା
ଅପରେୟମିତସ୍ତ୍ୱନ୍ୟାଂ ପ୍ରକୃତିଂ ବିଦ୍ଧିମେ ପରାମ
ଜୀବଭୂତାଂ ମହାବାହୋ ଯୟେଦଂ ଧାର୍ଯ୍ୟତେ ଜଗତ୍।

ବ୍ରହ୍ମ ବା ଈଶ୍ୱରଙ୍କର ଦୁଇଟି ପ୍ରକୃତି ରହିଛି। ଗୋଟିଏ ପରାପ୍ରକୃତି ଓ ଅପରଟି ଅପରା ପ୍ରକୃତି। ଜୀବାତ୍ମା ବ୍ରହ୍ମଙ୍କର ପରାପ୍ରକୃତି। ଏହା ଚୈତନ୍ୟମୟ ଓ ବ୍ୟାପ୍ତ। ଜୀବ ମଧ୍ୟରେ ଏହା ସତ୍‌ସ୍ୱରୂପ ଯୁକ୍ତ ହୋଇ ଅପ୍ରକଟ ବା ଅବ୍ୟକ୍ତ ଭାବେ ରହିଥାଏ। ବିଜ୍ଞମାନେ ଏହାକୁ ବ୍ରହ୍ମଙ୍କର ଆତ୍ମା ବୋଲି ମଧ୍ୟ କହିଥାନ୍ତି। ଏହି ଅବ୍ୟକ୍ତ ଓ ଅବିନାଶୀ ପରାପ୍ରକୃତିକୁ ଅକ୍ଷରପୁରୁଷ ବୋଲି ମଧ୍ୟ କୁହାଯାଏ। ଏହାହିଁ ହେଉଛି ସେହି ଚିତ୍‌ଶକ୍ତି ଯାହା ଚରାଚର ଜଗତକୁ ଧାରଣ କରିଥାଏ।

ମାତ୍ର ଅପରାପ୍ରକୃତି ମାୟା ବିଜଡିତ। ଜ୍ଞାନୀମାନେ ଏହାକୁ କେବଳ ପ୍ରକୃତି ବୋଲି ମଧ୍ୟ କହିଥାନ୍ତି। ରୂପ, ରସ, ଶବ୍ଦ, ଗନ୍ଧ ଓ ସ୍ପର୍ଶ ଏହି ପଞ୍ଚ ତନ୍ମାତ୍ର ଓ ତତ୍‌ସହିତ ମନ, ବୁଦ୍ଧି, ଅହଙ୍କାର ଏହି ଅଷ୍ଟ ଉପାଦାନର ସମଷ୍ଟି ବା ଅଷ୍ଟଧା ପ୍ରକୃତି ହେଉଛି ଅପରାପ୍ରକୃତି ବା ମାୟା ପ୍ରକୃତି। ଏହି ପ୍ରକୃତିକୁ 'କ୍ଷର ପୁରୁଷ' କୁହାଯାଏ।

ଉପନିଷଦ ଯେଉଁ ପରମାତ୍ମାଙ୍କ ସ୍ୱୟଂ ପ୍ରକାଶ ବୋଲି ବର୍ଣ୍ଣନା କରିଛି, ଗୀତାରେ ତାହା ବର୍ଣ୍ଣିବାକୁ ଯାଇ କୁହାଯାଇଛି-

ଯଦାଦିତ୍ୟଗତଂ ତେଜୋ ଜଗଦ୍‌ଭାସୟତେଽଖିଳମ୍
ଯଚ୍ଚନ୍ଦ୍ରମସି ଯଚ୍ଚାଗ୍ନୌ ତତ୍ତେଜୋ ବିଦ୍ଧି ମାମକମ୍। (୧୫/୧୨)

ଅର୍ଥାତ୍-ଯେଉଁ ତେଜ ସୂର୍ଯ୍ୟଙ୍କଠାରେ ରହି ସମଗ୍ର ଜଗତକୁ ଆଲୋକିତ କରେ ଓ ଯେଉଁ ତେଜକୁ ନେଇ ଚନ୍ଦ୍ର ଓ ଅଗ୍ନି ଦୀପ୍ତିମନ୍ତ, ତାହା ଶ୍ରୀବିଷ୍ଣୁଙ୍କର ଚୈତନ୍ୟମୟୀ ଜ୍ୟୋତି ବୋଲି ବୁଝିବାକୁ ହେବ।

ସୁତରାଂ ପୁରୁଷୋତ୍ତମ ହିଁ ସଂସାର ବୃକ୍ଷର ଊର୍ଦ୍ଧ୍ୱମୂଳ ଓ ଜ୍ୟୋତିର୍ମୟ ପରଂବ୍ରହ୍ମ ଯାହାଙ୍କର ଆଦିଅନ୍ତର କଳନା କରି ହୁଏ ନାହିଁ। ବେଦ, ଉପନିଷଦ ଓ ପୁରାଣ ବର୍ଣ୍ଣିତ ଏହି ପରମ ଜ୍ୟୋତିର୍ମୟ ଅନାଦି ପରମପୁରୁଷ ପରଂବ୍ରହ୍ମ ହିଁ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ସାକାର ସ୍ୱରୂପରେ ଆରାଧିତ। ବେଦ ଓ ଉପନିଷଦୀୟ ପୁରୁଷ-ବ୍ରହ୍ମ ଶାବର ସଂସ୍କୃତିର ଆରାଧ୍ୟ ଦେବତା। କାଳକ୍ରମେ ଶ୍ରୀକ୍ଷେତ୍ରର ଶ୍ରୀ ପୁରୁଷୋତ୍ତମ ଦାରୁ ବ୍ରହ୍ମ ରୂପ ଗ୍ରହଣ କରି ଉପାସିତ। ଶଙ୍କରାଚାର୍ଯ୍ୟ ପରଂବ୍ରହ୍ମଙ୍କର ଏହି ରୂପ ବିଗ୍ରହକୁ ଉପାସନା ନିମିତ୍ତ ସ୍ୱୟଂ ପରିକଳ୍ପିତ ଏକ ସଗୁଣ ରୂପ ବୋଲି କହିଛନ୍ତି।

ଶ୍ରୀଜଗନ୍ନାଥ ଦାରୁବ୍ରହ୍ମ ଓ ଶ୍ରୀପୁରୁଷୋତ୍ତମ ନାମରେ ସମଗ୍ର ଭାରତୀୟ ଚେତନାରେ ବ୍ୟାପ୍ତ। ସେ ଦାରୁବିଗ୍ରହ ରୂପେ ଭଗବାନଙ୍କର ସାକାର ସ୍ୱରୂପକୁ ନେଇ ବିଦ୍ୟମାନ ପୁଣି ତାଙ୍କ ମଧ୍ୟରେ ଅବ୍ୟକ୍ତ, ଅବ୍ୟୟ ଭାବେ ସ୍ଥିତ 'ବ୍ରହ୍ମ' ପୂର୍ଣ୍ଣ ଚୈତନ୍ୟମୟ ଓ ସର୍ବଶକ୍ତିମାନ।

ଉତ୍କଳ ପଞ୍ଚସଖାଦି ବୈଷ୍ଣବମାନେ ଶ୍ରୀଜଗନ୍ନାଥଙ୍କୁ ପୂର୍ଣ୍ଣବ୍ରହ୍ମ ପୁରୁଷୋତ୍ତମ ଜ୍ଞାନରେ ଭକ୍ତି କରିଥାନ୍ତି ଓ ତାଙ୍କୁ ଷୋଳକଳାରେ ପୂର୍ଣ୍ଣ ଜଗତଠାକୁର ବୋଲି ବର୍ଣ୍ଣନା କରିଥାନ୍ତି-

ତେଣୁ ପରମଭକ୍ତ ଜଗନ୍ନାଥ ଦାସ ଭାଗବତର ବର୍ଣ୍ଣନା କରିଛନ୍ତି :-

'ଯେତେ ଯେ ବିଷ୍ଣୁ ଅବତାର, ଏହି କ୍ଷେତ୍ରରୁ ସେ ବାହାର
ଏ ଦେବ ଦେବଙ୍କ ଉତ୍ତମ, କ୍ଷେତ୍ର ଶ୍ରେଷ୍ଠ ପୁରୁଷୋତ୍ତମ
ଯେତକ ପୁଣ୍ୟ ସ୍ଥାନ ମହୀ, ଏହି କ୍ଷେତ୍ରରୁ ଜାତ ସେହି।

ଗୀତାରେ ମଧ୍ୟ ଶ୍ରୀକୃଷ୍ଣ କହିଛନ୍ତି -

ଏତଦ୍‌ଯୋନୀନି ଭୂତାନି ସର୍ବାଣିତ୍ୟୁ ପଧାରୟ
ଅହଂ କୃତ୍ସ୍ନସ୍ୟ ଜଗତଃ ପ୍ରଭବଃ ପ୍ରଳୟସ୍ତଥା। (ଗୀତା ୭/୬)

ଅର୍ଥାତ୍-ପ୍ରକୃତି ଓ ପୁରୁଷଙ୍କ ମିଳନରୁ ସମଗ୍ର ଜଗତ ସୃଷ୍ଟି ହୋଇଛି। ଏହି ବ୍ରହ୍ମଙ୍କର ପରାପ୍ରକୃତି ଓ ଅପରାପ୍ରକୃତିକୁ ହିଁ ବୁଝାଇଥାଏ। ସେଣୁ ସୂକ୍ଷ୍ମତଃ ଅନୁଶୀଳନ କଲେ ବୁଝାପଡ଼େ ଯେ ଏଇ ବିଶ୍ୱର ସମସ୍ତ ଦୃଶ୍ୟମାନ ବସ୍ତୁ ବ୍ରହ୍ମରୁ ଜାତ ଓ ଶେଷରେ ବ୍ରହ୍ମରେ ଲୀନ ହୋଇଥାନ୍ତି। ଅତଏବ ଏହି ବ୍ରହ୍ମ ହିଁ ବିଶ୍ୱର କାରଣ। ସେ ହିଁ ସୃଷ୍ଟିକର୍ତ୍ତା, ବିଲୟକର୍ତ୍ତା ପୁଣି ନିୟାମକ ମଧ୍ୟ। ତେଣୁ ଏ ଜଗତ ବ୍ରହ୍ମମୟ।

ଯାହାଦୃଶ୍ୟ ଏବଂ ଯାହା କିଛି ଦୃଶ୍ୟାତୀତ-ସବୁ ହିଁ ସେହି ବ୍ରହ୍ମାଙ୍କର ସ୍ୱରୂପ, ଜୀବ ତେଣୁ ତାଙ୍କୁ 'ପୂର୍ଣ୍ଣ' ଜ୍ଞାନରେ ପ୍ରଣାମ କରେ।

'ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ,
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବା ବଶିଷ୍ୟତେ।'

ଏହି ପୂର୍ଣ୍ଣଭାବ ହିଁ ପୁରୁଷୋତ୍ତମ। ଯେଉଁ ଜଗତଠାକୁର ଶ୍ରୀଜଗନ୍ନାଥଙ୍କୁ ଭକ୍ତଜନ ପୂର୍ଣ୍ଣବ୍ରହ୍ମ ରୂପେ ଜ୍ଞାନ କରନ୍ତି, ଭାବ ଜଗତରେ ତେଣୁ ସେ ହିଁ ପୁରୁଷୋତ୍ତମ। ତାଙ୍କଠାରୁ ଶ୍ରେଷ୍ଠ କେହି ନାହାଁନ୍ତି।

ଶଙ୍କରାଚାର୍ଯ୍ୟ ତାଙ୍କୁ 'ଜଗତଗୁରୁ' ଦେବ ଦେବଂ ଅନନ୍ତ ପୁରୁଷୋତ୍ତମ ବୋଲି ଉଲ୍ଲେଖ କରିଛନ୍ତି। ଶ୍ରୀମଦ୍‌ଭଗବତ ଗୀତାକୁ ଉପନିଷଦ ସାର ଭାବେ ଗ୍ରହଣ କରାଯାଏ। ଗୀତାରେ ଭଗବାନଙ୍କ ତତ୍ତ୍ୱର ବ୍ୟାଖ୍ୟା କରି ସ୍ୱୟଂ ଶ୍ରୀକୃଷ୍ଣ ବ୍ରହ୍ମଙ୍କୁ କ୍ଷର ଅକ୍ଷରଙ୍କଠାରୁ ଉର୍ଦ୍ଧ୍ୱରେ ବୋଲି କହିଛନ୍ତି।

ଭାରତୀୟ ଦର୍ଶନରେ 'ଗୀତା'ର ଏହି ତତ୍ତ୍ୱକୁ ବ୍ୟାଖ୍ୟା କରି ଉଲ୍ଲେଖ କରାଯାଇଛି। ଗୀତା ଭଗବାନଙ୍କର ଦୁଇ ପ୍ରକାର ସତ୍ତା ସ୍ୱୀକାର କରେ। ପରଭାବ ଓ ଅପରଭାବ। ଈଶ୍ୱର ଗୋଟିଏ ଅଂଶରେ ଯୋଗମାୟାରେ ଯୁକ୍ତ ରୁହନ୍ତି ଓ ସେହି ଅଂଶରେ ଜଗତର ଅଭିବ୍ୟକ୍ତ ହୁଅନ୍ତି। ଗୋଟିଏ ଅଂଶରେ ସେ ଜଗତକୁ ବ୍ୟାପ୍ତ ହୋଇ ରୁହନ୍ତି। ଏହାର ନାମ ଅପରଭାବ ଓ ବିଶ୍ୱାନୁଗତାରୂପ ମାତ୍ର। ସେ ଏହାକୁ ଅତିକ୍ରମ ମଧ୍ୟ କରିଥାନ୍ତି, ଯାହା ତାଙ୍କର ବାସ୍ତବିକ ରୂପ। ଏହି ଅବୟ ରୂପର ନାମ ପରଭାବ ବା ବିଶ୍ୱାତୀତ ରୂପ।

ସଗୁଣ ବ୍ରହ୍ମଙ୍କର ସ୍ୱରୂପ ବର୍ଣ୍ଣନା କରିବାକୁ ଯାଇ ଭାରତୀୟ ଦର୍ଶନରେ ଛାନ୍ଦୋଗ୍ୟ ଉପନିଷଦର ଗୋଟିଏ ଶାବ୍ଦିକ ଉଦାହରଣ ଦିଆଯାଇଛି- 'ତଜ୍ଜଲାନିତି ଶାନ୍ତ ଉପାସିତ'

(ଛାନ୍ଦୋଗ୍ୟ ଉପନିଷଦ ୩-୧୦-୧୯)

ଛାନ୍ଦୋଗ୍ୟ ଉପନିଷଦର ଏଇ ତତ୍ତ୍ୱକୁ ଆଧାରକରି କୁହାଯାଇଛି ଯେ, 'ସଗୁଣ ବ୍ରହ୍ମଙ୍କର ତଟସ୍ଥ ଲକ୍ଷଣ-'ତଜ୍ଜଲାନ' ଏହି ଗୋଟିଏ ଶବ୍ଦରୁ ହିଁ ଜଣାଯାଏ। ତିନୋଟି ଶବ୍ଦ ପୃଥକ୍ ଭାବରେ ବିବେଚନା କଲେ ତାହା ହେବ, ତଜ୍ଜ, ତଲ୍ଲ ତଥା ତଦନ୍।

ଏହା ଜଗତ ବ୍ରହ୍ମରୁ ଉତ୍ପନ୍ନ ହୋଇଛି (ତଜ୍ଜି), ଏହା ସେହି ବ୍ରହ୍ମରେ ଲୀନ ହୁଏ, (ତଲ୍ଲ) ଓ ତାଙ୍କରି କାରଣରୁ ଏହି ଜଗତର ସ୍ଥିତି ଅର୍ଥାତ୍ ସ୍ଥିତି କାଳରେ ତାହା ପ୍ରାଣ ଧରିଥାଏ (ତଦନ୍)। ଉପନିଷଦର ଏହି ତତ୍ତ୍ୱଟି ସୂଚିତ କରେ ଏହି ଜଗତର ଉତ୍ପତ୍ତି ସ୍ଥିତି ଓ ବିଲୟର କାରଣ ହେଉଛନ୍ତି ବ୍ରହ୍ମ। ସୃଷ୍ଟିର ଏହି ରହସ୍ୟମୟ ତତ୍ତ୍ୱଟି ହେଉଛି ପରମେଶ୍ୱର ବା ପୁରୁଷୋତ୍ତମଙ୍କର ପରମତତ୍ତ୍ୱ। ପୁଣି ବି ସେ ସମସ୍ତେ ହେୟଗୁଣ ଶୂନ୍ୟ ହୋଇଥିବାରୁ ନିର୍ଗୁଣ ମଧ୍ୟ।

କଠୋପନିଷଦରେ ବ୍ରହ୍ମାଙ୍କୁ ବିପୁଳକାୟ, ଅଗାଧ ସମୁଦ୍ର ସହିତ ସମାନ କରାଯାଇଛି ଓ ସେ ଏହି ଜଗତର ପ୍ରକାଶର ହେତୁ ବୋଲି କୁହାଯାଇଛି। ମୁଣ୍ଡକ ଉପନିଷଦରେ ମଧ୍ୟ ବର୍ଣ୍ଣିତ ଅଛି ଯେ ବ୍ରହ୍ମ ଲୋକରେ ସୂର୍ଯ୍ୟ ଚମକେ ନାହିଁ, ଚନ୍ଦ୍ର, ତାରା କିରଣ ପ୍ରଦାନ କରନ୍ତି ନାହିଁ। ଅଥବା ବିଜୁଳି ମଧ୍ୟ ଚମକେ ନାହିଁ। କେବଳ ବ୍ରହ୍ମଙ୍କ ପ୍ରକାଶରେ ହିଁ ସମସ୍ତ ବସ୍ତୁ ପ୍ରକାଶିତ ହୋଇଥାନ୍ତି।

'ନ ତତ୍ର ସୂର୍ଯ୍ୟୋଭାତି ନ ଚନ୍ଦ୍ର ତାରକଂ
ନେମା ବିଦ୍ୟୁତୋ ଭାନ୍ତି କୁତୋଽୟମଗ୍ନିଃ
ତମେବ ଭାନ୍ତମନୁଭାତି ସର୍ବଂ
ତସ୍ୟ ଭାସା ସର୍ବମିଦଂ ବିଭାତି। (ମୁଣ୍ଡକୋପନିଷଦ ୨/୧୦)

ଏହା ହେଉଛି ବ୍ରହ୍ମଙ୍କର ଜ୍ୟୋତିର୍ମୟ ସ୍ୱରୂପ।

ଶ୍ରୀଜଗନ୍ନାଥ ହେଉଛନ୍ତି ଏହି ଜ୍ୟୋତି ସ୍ୱରୂପ ବ୍ରହ୍ମ। ଶାସ୍ତ୍ରଜ୍ଞମାନେ ତାହାଙ୍କର ଦୁଇ ନେତ୍ରକୁ ସୂର୍ଯ୍ୟ ଓ ଚନ୍ଦ୍ରଙ୍କର ପ୍ରତୀକ ବୋଲି କହିଥାନ୍ତି। ତାଙ୍କ ମଥାରେ ତିଳକକୁ ଅଗଣିତ ନକ୍ଷତ୍ରଙ୍କର ସମଷ୍ଟି ବୋଲି କହନ୍ତି। ଶ୍ରୀମଦ୍ ଭଗବତ ଗୀତାରେ ଏହି ପରମ ପୁରୁଷ ବ୍ରହ୍ମଙ୍କର ତ୍ରିବିଧ ରୂପ ବର୍ଣ୍ଣିତ ହୋଇଛି। ଯଥା-

ଓଁ ତତ୍ ସଦିତି ନିର୍ଦ୍ଦେଶୋ ବ୍ରହ୍ମଣ ସ୍ତ୍ରିବିଧଃ ସ୍ମୃତଃ
ବ୍ରାହ୍ମଣ ସ୍ତେନ ବେଦାଶ୍ଚ ଯଜ୍ଞାଶ୍ଚ ବିହିତାଃ ପୁରା। (୧୭/୨୩)

ଏହି ତିନୋଟି ନାମ ସଙ୍କେତର ଆଧାରରେ ଗବେଷକମାନେ ତ୍ରି-ବିଗ୍ରହଙ୍କୁ ପରିକଳ୍ପନା କରି ଲେଖିଛନ୍ତି ଶ୍ରୀଜଗନ୍ନାଥ ଚେତନାରେ ପୁରୁଷୋତ୍ତମ କହିଲେ କୌଣସି ଗୋଟିଏ ବିଗ୍ରହକୁ ବୁଝାଏ ନାହିଁ। ଶ୍ରୀଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରା-ଏହି ତ୍ରିମୂର୍ତ୍ତିର ସମଷ୍ଟି ହିଁ ଶ୍ରୀପୁରୁଷୋତ୍ତମ ଅଟନ୍ତି।

ବିଭିନ୍ନ ତନ୍ତ୍ରଶାସ୍ତ୍ରମାନଙ୍କରେ ମଧ୍ୟ ଶ୍ରୀପୁରୁଷୋତ୍ତମ ଓ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ଅଭିନ୍ନତା ଥିବାର ଦୃଷ୍ଟାନ୍ତ ରହିଛି। ତନ୍ତ୍ର ଯାମଳ ନାମକ ତନ୍ତ୍ର ଶାସ୍ତ୍ରରେ ବର୍ଣ୍ଣିତ ଅଛି, 'ଭାରତେ ଚୋତ୍କଳେ ଦେଶେ ଭୂସ୍ୱର୍ଗେ ପୁରୁଷୋତ୍ତମ ଦାରୁରୂପୀ ଜଗନ୍ନାଥୋ ଭକ୍ତାନାମଭୟପ୍ରଦଃ।'

ପରମବୈଷ୍ଣବାଚାର୍ଯ୍ୟ ଶ୍ରୀରାମାନୁଜ 'ବ୍ରହ୍ମ'ଙ୍କୁ ପୁରୁଷୋତ୍ତମ ବୋଲି ସ୍ତୁତି କରି ସେ ଜଗତର ନିମିତ୍ତ ଓ ଉପାଦାନର କାରଣ ବୋଲି କହିଛନ୍ତି। ଆଚାର୍ଯ୍ୟ ଶଙ୍କର ବ୍ରହ୍ମର ସ୍ୱରୂପ ଲକ୍ଷଣ ଓ ତଟସ୍ଥ, ଭେଦର ବିଚାର କରି ତାହା ସତ୍ (ସତ୍ତା) ଚିତ୍(ଜ୍ଞାନ) ଓ ଆନନ୍ଦ ସ୍ୱରୂପ (ସଚ୍ଚିଦାନନ୍ଦ) ବୋଲି କହିଥିଲେ। ଏହି ମହାନ ସନ୍ଥଗଣ ନୀଳାଚଳ ଧାମରେ ଅଧିଷ୍ଠିତ ବିଗ୍ରହଙ୍କୁ ପୁରୁଷୋତ୍ତମ ଜ୍ଞାନରେ ଉପାସନା କରୁଥିଲେ।

ସେହିପରି ସ୍କନ୍ଧପୁରାଣ, କର୍ମପୁରାଣ, ନାରଦପୁରାଣ, ବ୍ରହ୍ମ ପୁରାଣ ଆଦି ପ୍ରାଚୀନ ଗ୍ରନ୍ଥମାନଙ୍କରେ ଶ୍ରୀଜଗନ୍ନାଥଙ୍କୁ ପୁରୁଷୋତ୍ତମ ଜ୍ଞାନରେ ସ୍ତୁତି କରିବାରେ ଦୃଷ୍ଟାନ୍ତ ରହିଛି।

'ଶ୍ରୀମଦ୍‌ଭାଗବତ'ରେ ଈଶ୍ୱରୀୟତତ୍ତ୍ୱ ବିଷୟରେ ବ୍ରହ୍ମାଙ୍କୁ ବୁଝାଇବାକୁ ଯାଇ ସେ ନିଜକୁ ପରିପ୍ରକାଶ କରିଛନ୍ତି ଯେ-

'ଅହମେବ ସତମବାଗ୍ରେ ନାନ୍ୟଦ୍ୟସ୍‌ସଦସତ୍‌ପରମ୍
ପଶ୍ଚାଦହଂ ଯଦେତଦି ଯୋଽବଶିଷ୍ୟେତ ସୋଽସ୍ମ୍ୟହମ୍।'

(୨/୯/୩୨/ଦ୍ଧି)

ଏହାର ଭାବାର୍ଥ-ଯେତେବେଳେ ଏହି ସୃଷ୍ଟିର ଆରମ୍ଭ ହୋଇନଥିଲା ଓ କୌଣସି କ୍ରିୟା ଘଟି ନଥିଲା, ସେତେବେଳେ କୌଣସି ସତ୍-ଅସତ୍ ଅର୍ଥାତ୍ କ୍ରିୟାତ୍ମକ ସ୍ଥୁଳତା ଅଥବା କାରଣଯୁକ୍ତ ସୂକ୍ଷ୍ମ ଭାବ ନଥିଲା। ସବୁକିଛି ଅନ୍ତର୍ମୁଖୀ ହୋଇ ମୋରି ଭିତରେ ଲୀନ ଥିଲା। ସୃଷ୍ଟିର ସମସ୍ତ ରହସ୍ୟ ମୁଁ ହିଁ, ପୁଣି ଏଇ ସୃଷ୍ଟି ପ୍ରଳୟାଭିମୁଖୀ ହେବାପରେ ମଧ୍ୟ ମୁଁ ହିଁ ଏକମାତ୍ର ଅବଶିଷ୍ଟ ହୋଇ ରହିବି।

ଭାରତୀୟ ସଂସ୍କୃତିରେ ପରମ ଓ ଚରମ ଅଭିବ୍ୟକ୍ତି ହେଉଛି 'ବେଦ', ଏଥିରେ ଶ୍ରୀଜଗନ୍ନାଥଙ୍କ ପ୍ରାଚୀନତା ସଂପର୍କରେ କଥିତ ହୋଇଛି। ଯଥା ଋକ୍ ବେଦର ସୂକ୍ତ:-

'ଅଦୋଃ ଯଦ୍‌ଦାରୁପ୍ଲବତେ ସିନ୍ଧୋଃପାରେ ଅପୁରୁଷମ୍
ତଦାରଭସ୍ୱ ଦୁର୍ହଣୋ ତେନଗଚ୍ଛ ପରସ୍ତରମ୍।'
(ପୁରୁଷସୂକ୍ତ-ସାୟଣାଚାର୍ଯ୍ୟ)

ଅର୍ଥ- 'ସିନ୍ଧୁ ଜଳରେ ଭାସୁଥିବା ଓ ତତ୍ ନିର୍ମିତ ଅପୁରୁଷ ଦାରୁବିଗ୍ରହ, ଯେକି ସାଗର କୂଳରେ ପୂଜା ପାଉଛନ୍ତି, ତାଙ୍କୁ ଆଶ୍ରା କରି ପରମସ୍ଥାନ ପ୍ରାପ୍ତ ହୁଅ।' ତେଣୁ ଶ୍ରୀ ଜୀଉମାନଙ୍କର ବିଗ୍ରହ ଯେ ସମୁଦ୍ର ଜଳରେ ଦାରୁ ରୂପରେ ପୂର୍ବେ ଭାସୁଥିଲା ଏକଥା ବେଦ (ଋକ୍) ପ୍ରମାଣ କରେ।

ବ୍ୟାସଦେବ ଶ୍ରୀମଦ୍‌ଭଗବତ ଗୀତା ଗ୍ରନ୍ଥରେ ଚତୁର୍ଥ ଅଧ୍ୟାୟ ୭ମ ଓ ୮ମ ଶ୍ଲୋକରେ ଭଗବାନଙ୍କର ଅବତାର ସଂପର୍କରେ ସୂଚନା ପ୍ରଦାନ କରିଛନ୍ତି ଯେ-

ଯଦା ଯଦାହି ଧର୍ମସ୍ୟ ଗ୍ଲାନି ର୍ଭବତି ଭାରତ
ଅଭ୍ୟୁତ୍‌ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍।(୭)
ପରିତ୍ରାଣାୟ ସାଧୁନାଂ ବିନାଶାୟଚ ଦୃଷ୍କୃତାମ୍
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ। (୮)

ଶ୍ରୀମଦ୍‌ଭଗବତ୍ ଗୀତାରେ ଶ୍ରୀଭଗବାନ ଅର୍ଜୁନଙ୍କୁ କହିଛନ୍ତି-

'ବହୁନି ମେ ବ୍ୟତୀତାନି ଜନ୍ମାନି ତବଚାର୍ଜୁନ
ତନ୍ୟହଂ ବେଦ ସର୍ବାଣି ନତ୍ୱଂ ବେତ୍‌ଥ ପରନ୍ତପଃ।'
(୪ର୍ଥଅଧ୍ୟାୟ ୫ମ ଶ୍ଳୋକ)

ପୌରାଣିକ ସିଦ୍ଧାନ୍ତରେ ପ୍ରଭୁଙ୍କର ଅବତାର ଅସଂଖ୍ୟ ହେଲେ ହେଁ, ଶ୍ରୀଜଗନ୍ନାଥ ସଂସ୍କୃତିରେ ୨୪ ଗୋଟି ଅବତାରକୁ ସ୍ୱୀକୃତି ଦିଆଯାଇଛି। ଅଖିଳ ଜଗତର ଅଧୀଶ୍ୱର ଶ୍ରୀଜଗନ୍ନାଥ ଅବତାର ନୁହନ୍ତି। ସେ ହେଉଛନ୍ତି ଅବତାରୀ। ତେଣୁ ଗୀତାରେ ଯଥାର୍ଥରେ କୁହାଯାଇଛି- 'ଯେ ଯଥା ମାଂ ପ୍ରପଦ୍ୟନ୍ତେ। ତାଂ ସ୍ତଥୈବ ଭଜାମ୍ୟହମ୍।'

ଓଡ଼ିଆ ଭାଗବତରେ ସ୍ରଷ୍ଟା ଜଗନ୍ନାଥ ଦାସ ପ୍ରଥମେ ସୃଷ୍ଟିର ଆଦି କାରଣ ପ୍ରଭୁ 'ନୃସିଂହ'ଙ୍କ ପଦାରବିନ୍ଦରେ ନମସ୍କାର ଜଣାଇ କାବ୍ୟ ଆରମ୍ଭ କରିଛନ୍ତି। କାବ୍ୟନୁସାରେ-

ନମଇଁ ନୃସିଂହ ଚରଣ। ଅନାଦି ପରମ କାରଣ॥
ଲୀଳା ବିଧୃତ କଳେବର । ଦେବ ମାନବେ ଅଗୋଚର ॥

ଭକ୍ତକବି ଜଗନ୍ନାଥ ଦାସଙ୍କ ଭାଗବତ ଗ୍ରନ୍ଥଟି ସଂପୂର୍ଣ୍ଣ ଶ୍ରୀକୃଷ୍ଣଙ୍କ ଜନ୍ମଠାରୁ ମହାପ୍ରୟାଣ ଏବଂ ଭାରତୀୟ ଧର୍ମ ଦର୍ଶନ-ଯଥା ଯୋଗ,ଜ୍ଞାନ,ତତ୍ତ୍ୱ, ବ୍ରହ୍ମ ନିରୂପଣ ମାହାତ୍ମ୍ୟ ଭକ୍ତିତତ୍ତ୍ୱ, କର୍ମଯୋଗ ସହିତ ପ୍ରଭୁଙ୍କର ଅବତାର ଲୀଳା ସଂପର୍କରେ ରଚିତ ହୋଇଅଛି।

ଶ୍ରୀମଦ୍‌ଭଗବତ୍ ଗୀତାରେ ବର୍ଣ୍ଣିତ ହୋଇଥିବା ଭଗବାନଙ୍କର ବାଇଶଟି ଅବତାର ଭିତରୁ ଜୟଦେବଙ୍କ ଦ୍ୱାରା ୧୦ଗୋଟି ଅବତାର ସ୍ୱୀକୃତ। ପୁଣି ସେମାନଙ୍କ ଭିତରେ ଥିବା ପ୍ରଥମ ୩ ଗୋଟି ଅବତାର। ଯଥା- ମତ୍ସ୍ୟ, କଚ୍ଛପ ଓ ବରାହ ଅବତାରର ସ୍ୱରୂପକୁ ରାକ୍ଷାସମାନେ ଭୋଜ୍ୟ ବସ୍ତୁ ଭାବରେ ବ୍ୟବହାର କରିବା ହେତୁ ଭଗବାନ ତତ୍ ପରବର୍ତ୍ତୀ ମନୁଷ୍ୟ ଶରୀର ଓ ସିଂହ ବିଶିଷ୍ଟ ଏକ ଭୟଙ୍କର ମୂର୍ତ୍ତିରେ ପ୍ରକଟ ହୋଇଥିଲେ। ସେହି 'ନରସିଂହ' ଅବତାର ପରେ ଭଗବାନ ବିଷ୍ଣୁ ଆବଶ୍ୟକତା ବୋଧରେ ପୂର୍ଣ୍ଣାଙ୍ଗ ମନୁଷ୍ୟ ଦେହଧାରୀ ଅବତାରମାନ ଗ୍ରହଣ କରିଅଛନ୍ତି। ଏହି ପରିକଳ୍ପନା ସୃଷ୍ଟିର ବିବର୍ତ୍ତନବାଦ ଉପରେ ପର୍ଯ୍ୟବସିତ।

ବ୍ରହ୍ମ ସଂହିତାରେ ଶ୍ରୀକୃଷ୍ଣଙ୍କୁ ପରମ ଈଶ୍ୱର ବୋଲି ବନ୍ଦନା କରାଯାଇଛି। ଶାସ୍ତ୍ରାନୁଯାୟୀ-

'ଈଶ୍ୱର ପରମଃକୃଷ୍ଣ ସଚ୍ଚିଦାନନ୍ଦ ବିଗ୍ରହ
ଅନାଦି ରାଦି ଗୋବିନ୍ଦ ସର୍ବକାରଣ କାରଣମ୍।'

ଶ୍ରୀକୃଷ୍ଣ ହେଉଛନ୍ତି ସର୍ବଶକ୍ତିମାନ ଭାବଗ୍ରାହୀ। ପଣ୍ଡିତମାନଙ୍କ ଦ୍ୱାରା 'ଶ୍ରୀକୃଷ୍ଣ' ଶବ୍ଦର ଅର୍ଥ- 'କର୍ଷତି ଅରୀନ ମହା ପ୍ରଭାବଶବତ୍ୱଃ' ବୋଲି ବିଶ୍ଳେଷଣ କରାଯାଇଅଛି। ପୁନଶ୍ଚ-'କର୍ଷତି ସର୍ବାନ୍ ସ୍ୱକୁକ୍ଷେ ପ୍ରଳୟକାଳେ'- ଅର୍ଥାତ୍ ପ୍ରଳୟ କାଳରେ ଯେ ରୁଦ୍ରପରି ଜଗତକୁ ସଂହାର କରିପାରନ୍ତି ଓ ଭକ୍ତମାନଙ୍କୁ ନିଜ ଆଡ଼କୁ ଆକର୍ଷଣ କରି ଆପଣାର କରିପାରନ୍ତି। ଭାରତରେ ପୂର୍ବରୁ ପ୍ରଚଳିତ ଥିବା ବୈଷ୍ଣବ ଧର୍ମକୁ 'ଭାଗବତ ଧର୍ମ' କୁହାଯାଉଥିଲା। ବିଷ୍ଣୁ ହେଉଛନ୍ତି ଏହି ଧର୍ମର ଆରାଧ୍ୟ ଦେବତା। ବେଦ ଅମଳରୁ ବିଷ୍ଣୁଙ୍କ ଗୁଣ କୀର୍ତ୍ତନ କରା ହୋଇ ଆସୁଅଛି। ବିଷ୍ଣୁ ପୁରାଣ, ବ୍ରହ୍ମ ବୈବର୍ତ୍ତ ପୁରାଣ, ଭାଗବତ ପୁରାଣାଦିରେ ବିଷ୍ଣୁଙ୍କୁ ସର୍ବଶ୍ରେଷ୍ଠ ସ୍ଥାନ ଦିଆଯାଇଛି। ବୈୟାକରଣ ପାଣିନୀଙ୍କ ସମୟରେ (ଖ୍ରୀ:ପୂ:୫୦୦) ଭଗବାନ ବାସୁଦେବଙ୍କ ପୂଜାର ପ୍ରସିଦ୍ଧି ଥିଲା। ବାସୁଦେବଙ୍କର ଭକ୍ତମାନେ ତାଙ୍କୁ ଭଗବାନ ବୋଲି ଜ୍ଞାନ କରି -'ଓଁ ନମୋ ଭଗବତେ ବାସୁଦେବାୟ' ବୋଲି ମନ୍ତ୍ର ଉଚ୍ଚାରଣ କରୁଥିଲେ। ପୁନଶ୍ଚ ଖ୍ରୀ:ପୂ ୨୦୦ ବେଳକୁ ଗ୍ରୀକ୍ ରାଜାଙ୍କର ଦୂତ 'ହେଲିଓ ଡ଼ୋରସ୍' ନିଜକୁ ଭାଗବତ ବୋଲି ଗୌରାବନ୍ୱିତ ମନେ କରୁଥିଲେ। ସେହିପରି ଗୁପ୍ତ ସମ୍ରାଟ ଗଣ ନିଜକୁ 'ପରମ ଭାଗବତ' ବୋଲି ପରିଚିତ କରାଉଥିଲେ। ଦାକ୍ଷିଣାତ୍ୟରେ ଅଲୱାର ସମ୍ପ୍ରଦାୟର ଭକ୍ତମାନେ 'ଭଗବାନ ବାସୁଦେବ'ଙ୍କୁ ପରମ ବ୍ରହ୍ମ ବୋଲି ପୂଜା କରୁଥିଲେ। କିନ୍ତୁ ଗୌଡ଼ୀୟ ବୈଷ୍ଣବମାନେ ଶ୍ରୀକୃଷ୍ଣଙ୍କୁ ବ୍ରହ୍ମ ରୂପେ ସ୍ୱୀକାର କରୁଥିବାର ଜଣାଯାଏ। ଶ୍ରୀକୃଷ୍ଣଙ୍କୁ ସେମାନେ ଅବତାରୀ ଓ ଅନ୍ୟ ଦେବାଦେବୀଙ୍କୁ ଅବତାର ବୋଲି ଗ୍ରହଣ କରିଥାନ୍ତି। ଗୌଡ଼ୀୟମାନଙ୍କର ପ୍ରଧାନ ଧର୍ମଶାସ୍ତ୍ର 'ଚୈତନ୍ୟ ଚରିତାମୃତ' କହିଥାଏ-

'ଷଡୈଶ୍ୱର୍ଯ୍ୟ ପୂର୍ଣ୍ଣାନନ୍ଦ ବିଗ୍ରହ ଯାହାର
ହେନ ଭଗବାନ ତୁମି କହ ନିରାକାର।'

ଏହାପୂର୍ବରୁ ମଧ୍ୟ ପାଞ୍ଚ ରାତ୍ର ଆଗମ ଶାସ୍ତ୍ରରେ 'ବାସୁଦେବ'ଙ୍କର ପୂଜା ଉପାସନା ସଂପର୍କରେ ପ୍ରଚାର ହୋଇ ଆସିଛି। ସାତ୍ୱତବଂଶୀ କ୍ଷତ୍ରୀୟମାନେ ପାଞ୍ଚରାତ୍ର ଧର୍ମ ବା ବାସୁଦେବ କୃଷ୍ଣ କୈନ୍ଦ୍ରିକ ବୈଷ୍ଣବ ଧର୍ମକୁ ପ୍ରତିଷ୍ଠା କରିବା ପରେ ଆର୍ଯ୍ୟାବର୍ତ୍ତ ବାହାରେ ଏହାର ପ୍ରଚାର ପ୍ରସାର ହୋଇଥିଲା।

ପ୍ରାଚୀନ ପାଦ୍ମତନ୍ତ୍ରରେ ପ୍ରଭୁଙ୍କର ବ୍ୟୂହାନ୍ତର ପ୍ରକାର ସଂପର୍କରେ ବର୍ଣ୍ଣନା ଅଛି।

ବ୍ୟୂହ-ମୂଳ ବାସୁଦେବ ବ୍ୟୂହାନ୍ତର-ବାସୁଦେବ,
ପୁରୁଷୋତ୍ତମ, ଜନାର୍ଦ୍ଦନବ୍ୟୂହ-ମୂଳ ସଙ୍କର୍ଷଣ
ବ୍ୟୂହାନ୍ତର-ସଙ୍କର୍ଷଣ, ଅଧୋକ୍ଷଜ, ଉପେନ୍ଦ୍ର
ବ୍ୟୂହ-ମୂଳ ପ୍ରଦ୍ୟୁମ୍ନ ବ୍ୟୂହାନ୍ତର-ପ୍ରଦ୍ୟୁମ୍ନ, ନୃସିଂହ, ହରି
ବ୍ୟୂହ-ଅନିରୁଦ୍ଧ ବ୍ୟୂହାନ୍ତର-ଅନିରୁଦ୍ଧ, ଅଚ୍ୟୁତ, କୃଷ୍ଣ

ବିଷ୍ଣୁଙ୍କର ଏହି ଅବତାରଗୁଡ଼ିକ ସଂପର୍କରେ ଶ୍ରୀଜଗନ୍ନାଥ ଦାସଙ୍କ ଭାଗବତରେ ଏକାଦଶ ସ୍କନ୍ଧର ଷଷ୍ଠ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି।

ଏକାଦଶ ସ୍କନ୍ଧ ବିଂଶ ଅଧ୍ୟାୟରେ କବି ଜଗନ୍ନାଥ ଦାସ ପ୍ରଭୁଙ୍କୁ ବିଶ୍ୱେଶର, ନାରାୟଣ, ଅନାଦିପୁରୁଷ, ବିଶ୍ୱରୂପୀ, ବିଶ୍ୱଦେହ ବୋଲି ବର୍ଣ୍ଣନା କରିଛନ୍ତି। ଯାହା ପରବର୍ତ୍ତୀ କାଳରେ ଶ୍ରୀଜଗନ୍ନାଥଙ୍କ ପାଇଁ ଗୌଡ଼ୀୟ ବୈଷ୍ଣବ କବି ଅଭିମନ୍ୟୁ ସମାନ୍ତସିଂହାର କହିଛନ୍ତି-

'ଆଦି ଅନାଦି କାରଣ ସଗୁଣ ନିର୍ଗୁଣ
ଆତ୍ମାରାମ ସନାତନ ବ୍ରହ୍ମ ନିରୂପଣ (ବିଦଗ୍ଧ ଚିନ୍ତାମଣି)

ତେଣୁ ଶ୍ରୀମଦ୍ ଭାଗବତ୍ ଗୀତାରେ ଏଇ ବ୍ରହ୍ମ ହେଉଛନ୍ତି ଶ୍ରୀପୁରୁଷୋତ୍ତମ। ସେ ସମସ୍ତ ଭୂତଙ୍କର ସନାତନ ବୀଜ ଅଟନ୍ତି। ଗୀତା ତାଙ୍କୁ 'ଅଜୋ ନିତ୍ୟ ଶାଶ୍ୱତୋଽୟଂ ପୁରାଣୋ।' ବୋଲି ଆଖ୍ୟା ଦେଇଛି। ଅର୍ଥାତ୍ ସେ ହେଉଛନ୍ତି ଅଜ, ନିତ୍ୟ, ଶାଶ୍ୱତ ଓ ପୁରାଣ ସ୍ୱରୂପ। ତାଙ୍କରି ଅପ୍ରକାଶ୍ୟ ଦୀପ୍ତିରେ ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି ସମସ୍ତେ ଦୀପ୍ତମାନ। ଏ ଚରାଚର ଜଗତ ତାଙ୍କରି ଠାରୁ ଆରମ୍ଭ ପୁଣି ତାଙ୍କରି ଠାରେ ଶେଷ।

ବେଦ ଉପନିଷଦ ବର୍ଣ୍ଣିତ ସେହି ପରମପୁରୁଷ ଓ ଶ୍ରୀମଦ୍‌ଭଗବତ ଗୀତାର ଅବିନାଶୀ ପୁରୁଷୋତ୍ତମ ଶ୍ରୀକ୍ଷେତ୍ରରେ ଦାରୁବ୍ରହ୍ମ ଭାବେ ବିରାଜିତ ଓ ଶ୍ରୀପୁରୁଷୋତ୍ତମ ଭାବେ ବିଶ୍ୱବ୍ୟାପ୍ତ, ବିଜ୍ଞାନୀମାନଙ୍କ ଦୃଷ୍ଟିରେ, ଏଇ ଦିବ୍ୟ ଦାରୁ ବିଗ୍ରହ ମଧରେ ଦେହ ଓ ଦେହୀ 'ସୃଷ୍ଟି ଓ ସ୍ରଷ୍ଟା' 'ଗୁଣ ଓ ଗୁଣୀ'ର ଭାବ ପ୍ରକଟିତ। ଏହି ତିନୋଟି ସମ୍ବନ୍ଧ ହେଉଛି ପୁରୁଷ, ପ୍ରକୃତି ଓ ପରମ ପୁରୁଷଙ୍କ ସମ୍ବନ୍ଧ। ଶ୍ରୀମଦଭଗବତର ବର୍ଣ୍ଣନା ମତେ ସେହି ପରଂବ୍ରହ୍ମ ପରମ ପୁରୁଷଙ୍କୁ ତଥା ଅଦ୍ୱିତୀୟ ଈଶ୍ୱରଙ୍କୁ ଜ୍ଞାନୀମାନେ 'ବ୍ରହ୍ମ' ବୋଲି କହିଥାନ୍ତି, ଯୋଗୀମାନେ ପରମାତ୍ମା ଏବଂ ଭକ୍ତମାନେ ଭଗବାନ୍ ବୋଲି କହିଥାନ୍ତି।

ତେଣୁ ସେ ସୃଷ୍ଟି କାରଣର କାରଣ ଅଟନ୍ତି। ନାଦ ବ୍ରହ୍ମଶୂନ୍ୟ ବ୍ରହ୍ମ ରୂପରେ ମଧ୍ୟ ପ୍ରତିଭାତ ହୋଇଥାନ୍ତି। ଭ-ଭକ୍ତି, ଗ-ଜ୍ଞାନ, ବ-ବ୍ରହ୍ମ ଓ ତ-ତତ୍ତ୍ୱ ଉପରେ ଆଧାରିତ ଏକ ଦାର୍ଶନିକ ନିର୍ଗୁଣ ଶାସ୍ତ୍ର ହେଉଛି ଭାଗବତ। ଭାଗବତ ଗ୍ରନ୍ଥଟି ସଂପୂର୍ଣ୍ଣ ଜଗନ୍ନାଥ ଧର୍ମ ଓ ଦର୍ଶନ ଉପରେ ଆଧାରିତ। ଶ୍ରୀମଦ୍‌ଭାଗବତ୍ ଗୀତାର ଶ୍ରୀଜଗନ୍ନାଥ ଓ ଶ୍ରୀପୁରୁଷୋତ୍ତମ ତତ୍ତ୍ୱ ଏକ ଏବଂ ଅଭିନ୍ନ। ଏହି ପବିତ୍ର ଗ୍ରନ୍ଥ କେବଳ ଓଡ଼ିଶା କି ଭାରତରେ ନୁହେଁ ସାରା ପୃଥିବୀରେ ଅଦ୍ୱିତୀୟ ସ୍ଥାନ ଅଧିକାର କରିଛି।

ଅଧକ୍ଷା , ଏସ୍.ବି.ଡ଼ି ଅଧକ୍ଷା ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟ,
କନ୍ତିଆ, ଜଟଣୀ, ଖୋର୍ଦ୍ଧା, ୭୫୨୦୫୦
ମୋ-୯୮୬୧୦୬୨୫୬୪/୭୯୭୮୫୯୫୪୬୬


# ସଡ଼କ ସୁରକ୍ଷା



ଜବାହରଲାଲ ସୁବୁଦ୍ଧି

ଆସ ଏବେ ଭାଇ ଭଉଣୀ ଯିବା,
ସଡ଼କ ସୁରକ୍ଷାରେ ଯୋଗ ଦେବା। ॥୧॥
ଆସ ନିୟମ ମାନିବା ରାସ୍ତାରେ,
କେବେ ଜୀବନ ନଦେବା ଶସ୍ତାରେ । ॥୨॥
ମାନିବା ଯଦି ରାସ୍ତାର ନିୟମ,
ଖୁସିରେ କଟିବ ଆମ ଜୀବନ । ॥୩॥
ମୋବାଇଲ ସଙ୍ଗେ ଗାଡ଼ି ଚଳନା,
ଜୀବନଟା ହୁଏ ଭଙ୍ଗା ଖେଳନା । ॥୪॥
ମଦ୍ୟପାନେ ଚଳାଇଲେଟି ଗାଡ଼ି,
ମୃତ୍ୟୁ ମୁଖେ ନିଷ୍ଟେ ଯିବାରେ ପଡ଼ି । ॥୫॥
ହେଲ୍‌ମେଟ୍ ପିନ୍ଧି ଗାଡ଼ି ଚଳାଇଲେ,
ମୃତ୍ୟୁ ମୁଖେ ପଡ଼ିବାନିଟି ଭଲେ । ॥୬॥
ବେଗ ରୋମାଞ୍ଚ ସୃଷ୍ଟି କରିପାରେ,
ମୃତ୍ୟୁ ମୁଖକୁ ଠେଲି ଦେଇପାରେ । ॥୭॥
ଆଗ ଗାଡ଼ିଠାରୁ ଦୂରେ ରହିବ,
ବ୍ୟବଧାନରେ ଗାଡ଼ି ଚଳାଇବ । ॥୮॥
ରାସ୍ତାର ଦୁଇ ପାର୍ଶ୍ୱକୁ ଦେଖନ୍ତୁ,
ପରେ ରାସ୍ତା ଅତିକ୍ରମ କରନ୍ତୁ । ॥୯॥
ଆଦୌ ନପହଞ୍ଚିବା ଅପେକ୍ଷା ଭାଇ,
ବିଳମ୍ବେ ପହଞ୍ଚିବା ଭଲରେ ଭାଇ । ॥୧୦॥

ବଡ଼ତୋଟା, ଜଟଣୀ,ଖୋରଧା
ମୋ - ୯୪୩୮୩୫୨୩୭୬





# ଗଣନା

**ରାମଶଙ୍କର**

'ହେଇଟି ଶୁଣୁଛ, ମଦନ ବାବୁ ଫୋନ୍ କରିଥିଲେ । ଆସନ୍ତା ରବିବାର ଦିନ ମଇନାକୁ ଦେଖିବାକୁ ସପରିବାର ଆସିବେ । ତୁମେ ମଇନାକୁ ଫୋନକରି କହିଦିଅ । ସେ ଶନିବାର ସଂଧ୍ୟାକୁ ଘରକୁ ଆସୁ । ମୁଁ ମଦନବାବୁଙ୍କୁ କହିଦେଉଛି, ସେମାନେ ଦିନ ୧୧ଟା ବେଳକୁ ଆସନ୍ତୁ, ଖାଇ ପିଇ କରି ଯିବେ' । ସଦାନନ୍ଦ ବାବୁ କହିସାରି ସ୍ତ୍ରୀଙ୍କ ମୁହଁକୁ ଅନେଇଲେ ।

ଆରତୀ ଦେବୀ କିଛି ସମୟ ଗୁମ୍ ମାରି ରହିଲେ । ପୁଣି କହିଲେ, 'ମୁଁ ତ ମଇନାକୁ କହିଦେବି । କିନ୍ତୁ ତୁମେ ମଧ ମଇନା ସହ କଥା ହୋଇଯାଅ । ତୁମରି ମୁହଁ ପାଇ ସେ ଉପରମୁହାଁ ହୋଇଛି । ମୋ କଥା କ'ଣ କେବେ ରଖୁଛି ନା ଏବେ ରଖିବ ? ତୁମଠୁ ସାହସ ପାଇ ସେ ଠୋ ଠୋ କଥାବାର୍ତ୍ତା କରୁଛି । ଝିଅ ପିଲାଟା, ଟିକେ ଲାଜ ସରମ କରୁନାହିଁ । ଯେତେ ପାଠ ପଢ଼ି ଚାକିରି କଲେ କ'ଣ ହେବ ? ଅନ୍ୟମାନଙ୍କ ସହ କଥା ବାର୍ତ୍ତା ହେଲାବେଳେ, ତା ମନକୁ ନ ପାଇଲେ ଖାଲି ଯୁକ୍ତି । ଏଥରକ ମଦନବାବୁଙ୍କ ପରିବାରଙ୍କ ସହ ବେଶି ଗପିବ ନାହିଁ । ସେମାନେ ଯେତିକି ପଚାରିବେ ସେତିକି ଉତ୍ତର ଦେବ । କଲେଜରେ ପିଲାମାନଙ୍କୁ ପାଠ ପଢ଼ଉଛି ବୋଲି କ'ଣ ସମସ୍ତଙ୍କୁ ପାଠ ପଢ଼େଇବ ? ସାନ, ବଡ଼, ଗୁରୁଜନ ବୋଲି କିଛି ମାନିବ ନାହିଁ ? ଗୁରୁଜନମାନଙ୍କ କଥା ମନକୁ ନ ପାଇଲା ବୋଲି ତାଙ୍କୁ ମୁହେଁ ମୁହେଁ ଭୁଲ୍ ଠିକ୍ ଶୁଣାଇବ ? ଆଉ ଶୁଣ, ଝିଅ ବାହାଘର ପାଇଁ ଘର, ବର ଦେଖିବା କଥା । ମଦନବାବୁଙ୍କ ଭଳି ଶିଳ୍ପପତି ଆମ ରାଜ୍ୟରେ କେତେ ଜଣ ଅଛନ୍ତି ? ଗୋଟିଏ ବୋଲି ପୁଅ, ଝିଅ ଦୁଇଟାକୁ ବାହା ଦେଇ ସାରିଛନ୍ତି । ପୁଅ ଲଣ୍ଡନରୁ ଏମ୍.ବି.ଏ. କରି ଆସି ନିଜ କାରଖାନାର ମ୍ୟାନେଜିଂ ଡାଇରେକ୍ଟର ଦାୟିତ୍ୱ ସମ୍ଭାଳୁଛି । ଆମର ଆଉ କ'ଣ ଦରକାର ଯେ ? ମଇନାକୁ କହିଦେବ, ଇଆଡୁ ସିଆଡୁ କଥାବାର୍ତ୍ତା କରି ମଦନବାବୁଙ୍କ ପରିବାରକୁ ବିଗିଡେଇଲେ ତା' ପାଇଁ ଆଉ ପ୍ରସ୍ତାବ ଦେଖାଯିବନାହିଁ । ସେ ତା ମନ ଇଚ୍ଛାରେ ବାହା ହେଉ କି ଅଭିଆଡ଼ୀ ରହୁ । ସେ କ'ଣ ଭାବୁଛି ଆ'ଠୁ ଆଉ ଭଲ ପ୍ରସ୍ତାବ ମିଳିବ । ତା' ପୁଣି ମଦନବାବୁ ତାଙ୍କ ଆଡୁ ପ୍ରସ୍ତାବ ଆଣିଛନ୍ତି । ତାଙ୍କ ଧନ ଦୌଲତ, ମାନ ସମ୍ମାନ ଆଗରେ ଆମେ କ'ଣ କହିଲ ? ହଉ, ତୁମେ ଗାଧୋଇ ପାଧେଇ ଜଳଖିଆ କରି ବଜାରକୁ ଟିକେ ଯାଅ । ମଦନବାବୁଙ୍କ ପରିବାର ସମସ୍ତେ ଖାଇଲା ଭଳି ମୁଁ ଗୋଟିଏ ଚିଠା କରି ଦେଉଛି । ମାର୍କେଟିଂଟା ଆଜି ସାରି ଦିଅ । ମଝିରେ ତ ଦିନ ଦିଇଟା । ରବିବାର ଦିନ ସକାଳୁ ମଟନ୍ ଆଉ ବଡ଼ ଚୁଙ୍ଗୁଡି ଆଣିଦେବ' । ସବୁ କଥା କହିସାରି ଆରତୀ ଦେବୀ ରୋଷେଇ ଘର ଭିତରକୁ ପଶିଗଲେ ।

ସଦାନନ୍ଦ ବାବୁଙ୍କ ମୁଣ୍ଡରେ ଆରତୀ ଦେବୀଙ୍କ କଥା କିଛି ପଶୁ ନଥିଲା । ସେ କେବଳ ଗୋଟିଏ କଥା ଭାବୁଥିଲେ । ତାହା ଥିଲା ମଇନାର ସମ୍ମତିରେ ବିବାହ । ଗୋଟିଏ ବୋଲି ଝିଅ । ବାପାଙ୍କ ଅଚଳାଚଳ ସମ୍ପତ୍ତିକୁ କେବେ ଅନେଇ ନାହାଁନ୍ତି । ସାନ ଭାଇକୁ ଭୋଗ କରିବା ପାଇଁ ସବୁ ଛାଡି ଦେଇଛନ୍ତି । ଯିଏ ଭାଇଠାରୁ ମାପିଚୁପି ଭାଗ ନେବ ସେ ସମାଜକୁ କ'ଣ ଦେବ ? ଅଧ୍ୟାପକ ଭାବରେ ଜୀବନ ସାରା ବିଦ୍ୟାର୍ଥୀମାନଙ୍କୁ ଶିକ୍ଷା ଦାନକରି ବେଶ ନାଁ ଅର୍ଜନ କରିଛନ୍ତି । ମଇନାକୁ ନିଜ ହାତରେ ଗଢ଼ିଛନ୍ତି । ଶିକ୍ଷା ଦୀକ୍ଷା ସଂସ୍କାର ଦେବାରେ କୌଣସି ଅବହେଳା କରି ନାହାଁନ୍ତି । ମଇନା ବି ସ୍କୁଲ କ୍ୟାରିଅର ବେଳୁ ତାଙ୍କ ସମ୍ମାନ ରଖିଆସିଛି । ଶେଷରେ ପି.ଜି.ରେ ଫାଷ୍ଟ କ୍ଲାସ୍, ଗୋଲ୍ଡ ମେଡାଲ ଓ ପି.ଏଚ୍‌ଡି. । ଅନେକ ସାଙ୍ଗ ସାଥୀ ବନ୍ଧୁବାନ୍ଧବ ଆଇ.ଏ.ଏସ୍ ପାଇଁ ପ୍ରସ୍ତୁତ ହେବାକୁ ତାକୁ କହିଛନ୍ତି । ମାତ୍ର ଜଣେ ଅଧ୍ୟାପିକା ହେବାକୁ ମଇନା ମୂଳରୁ ମନ ସ୍ଥିର କରିସାରିଥିଲା । ସଦାନନ୍ଦ ବାବୁ ମଇନାକୁ ପାଠ ପଢ଼ାଇଛନ୍ତି କିନ୍ତୁ ତା' ଭବିଷ୍ୟତ ତାକୁ ସ୍ଥିର କରିବାକୁ ଶିଖାଇଛନ୍ତି । ଆଜି ଜୀବନର ଏତେ ବଡ଼ ନିଷ୍ପତ୍ତି ସେ ନେବାକୁ ଯାଉଥିବା ବେଳେ ସେଥିରେ ହସ୍ତକ୍ଷେପ କରିବାକୁ ସେ ଚାହାଁନ୍ତି ନାହିଁ । ମଇନାର ନିଷ୍ପତ୍ତି ହି ତାଙ୍କ ନିଷ୍ପତ୍ତି ।

'ବୁଝିଲେ ସଦାନନ୍ଦ ବାବୁ ମଇନାର ନିଷ୍ପତ୍ତି ହିଁ ଆମ ନିଷ୍ପତ୍ତି । ଆପଣଙ୍କୁ ମୁଁ କ'ଣ କହିବି ଭାଷା ପାଉ ନାହିଁ । ଏହା କହିବାର ଆବଶ୍ୟକ ନଥିଲା । ଆଜିକାଲି କ'ଣ ସବୁ ଘଟୁଛି ସେ କଥା ଆପଣ ଓ ମୁଁ ଉଭୟେ ଜାଣେ। ସାଧାରଣ ଘରର ଅଧାପାଠୁଆ ପୁଅ ଝିଅ ନିଜ ଇଚ୍ଛାରେ ବାହା ହେଉଛନ୍ତି । ମଇନା ତ ଜଣେ ଉଚ୍ଚ ଶିକ୍ଷିତା ମ୍ୟାଚ୍ୟୁର୍ଡ ଝିଅ । ଆମ ଇଚ୍ଛା ତା' ଉପରେ ଲଦି ଦେବା କ'ଣ ଠିକ୍ ହେବ ? ଲଦି ଦେଲେ ବି ସେମାନଙ୍କ ଦାମ୍ପତ୍ୟ ଜୀବନ କ'ଣ ସୁଖମୟ ହେବ ? ମୁଁ ମଧ ଏ ବିଷୟରେ ପୁଅ ସୀତାକାନ୍ତ ସହ ଖୋଲାଖୋଲି କଥା ହୋଇଛି । ସେ ମଧ୍ୟ କହୁଥିଲା ଯେ ଦୁଇ ପରିବାରର ପରସ୍ପର ସହ ବନ୍ଧୁତା ବହୁ ବର୍ଷର। ମଇନାର ସମ୍ମତି ନ ମିଳିଲେ ବାହାଘର ନ ହୋଇପାରେ ମାତ୍ର ବନ୍ଧୁତା ତ ରହିବ । ଏଇ କଥା କ'ଣ ଆପଣ ଫୋନ୍‌ରେ କହି ମନ ହାଲୁକା କରି ପାରିନଥାନ୍ତେ ? ସେଥିପାଇଁ ମୋ ପାଖକୁ ଆସିବାର କିଛି ଦରକାର ନଥିଲା । ଆପଣ ନିଶ୍ଚିନ୍ତରେ ଯାଆନ୍ତୁ। ମୁଁ ମଧ୍ୟ ମଇନାକୁ ପିଲାବେଳୁ ଦେଖି ଆସୁଛି । ମୋର ଦୃଢ଼ ବିଶ୍ୱାସ, ମଇନା ସଠିକ୍ ନିଷ୍ପତ୍ତି ନେବ' ।

'ତୁ କ'ଣ ଭାବୁଛୁ ତୁ ସଠିକ୍ ନିଷ୍ପତ୍ତି ନେଇଛୁ' ?, ସଦାନନ୍ଦ ବାବୁ ମଇନାକୁ ଧୀର ସ୍ୱରରେ ପଚାରିଲେ ।

'ମୋ ନିଷ୍ପତ୍ତିକୁ ନିର୍ଭୁଲ କରିବା ପାଇଁ ମଦନବାବୁ ଓ ସୀତାକାନ୍ତ ମୋତେ ସାହାଯ୍ୟ କରିଛନ୍ତି । ଅବଶ୍ୟ ସେ କଥା ସେମାନେ ଜାଣି ନାହାନ୍ତି ଯେ ମୋତେ କିପରି ସାହାଯ୍ୟ କରଛନ୍ତି । ସେ କଥା ତୁମେ ଶୁଣ । ତା'ପରେ ମୋ ନିଷ୍ପତ୍ତି ସଠିକ୍ କି ନାହିଁ କହିବ ।

ମଦନ ବାବୁ ଜଣେ ପ୍ରତିଷ୍ଠିତ ଶିଳ୍ପପତି । ସୀତାକାନ୍ତ ତାଙ୍କର ଏକମାତ୍ର ପୁଅ ଓ ଉଚ୍ଚ ଶିକ୍ଷିତ । କିନ୍ତୁ ତୁମେ ବାପା ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ଲକ୍ଷ୍ୟ କରିପାର ନାହିଁ । ସୀତାକାନ୍ତ ତା ପାଞ୍ଚ ଅଙ୍ଗୁଠିରେ ପାଞ୍ଚଟି ବିଭିନ୍ନ ପଥର ଖଞ୍ଜା ମୁଦି ପିନ୍ଧିଛନ୍ତି । ସେଗୁଡିକ ଜ୍ୟୋତିଷମାନେ ସ୍ଥିର କରିଥାନ୍ତି । ପ୍ରଥମେ ମୋ ଆଖି ପଡିଲା ଲାଲ ପ୍ରବାଳ ଉପରେ । ମାନସିକ ଭୟ ଓ ଦୁର୍ବଳତା ଦୂର କରିବା ପାଇଁ ଏହାକୁ ପିନ୍ଧାଯାଏ । ଠିକ୍ ସେହିଭଳି ଗୋଟେ ମୁଦି ପିନ୍ଧିଛନ୍ତି ମଦନବାବୁ । ଜ୍ୟୋତିଷଙ୍କ ମତରେ ତାକୁ ପିନ୍ଧିଲେ ଋଣଗ୍ରସ୍ତ ମଣିଷ ଋଣମୁକ୍ତ ହୁଏ । ସୀତାକାନ୍ତଙ୍କ ଦ୍ୱିତୀୟ ମୁଦିରେ ଲାଗିଥିଲା ମାଣିକ୍ୟ ଯାହାକୁ ବିଫଳତାରୁ ରକ୍ଷା ପାଇବା ପାଇଁ ପିନ୍ଧାଯାଏ । ତୃତୀୟ ମୁଦିରେ ଲାଗିଥିଲା ପାନ୍ନା , ତୁମେ ବାପା ଜାଣିଛ ନା, ବାରମ୍ବାର ସ୍ୱାସ୍ଥ୍ୟ ଖରାପ ହେଲେ ପାନ୍ନା ପିନ୍ଧନ୍ତି । ଚତୁର୍ଥ ମୁଦିରେ ଥିଲା ମୋତି, ଯାହାକୁ ମାନସିକ ଅବସାଦ, ଚିଡି ଚିଡିଆ ସ୍ୱଭାବ ଦେଖାଦେଲେ ପିନ୍ଧାଯାଏ । ପଞ୍ଚମ ମୁଦିରେ ଲାଗିଥିଲା ହୀରା । ସୀତାକାନ୍ତର ହୀରା ମୁଦି କଥା ବୋଉ ବାରମ୍ବାର ମୋତେ ମନେ ପକାଉଛି । ତାକୁ ସୀତାକାନ୍ତଙ୍କ ବୋଉ କୁଆଡେ କହୁଥିଲେ ଯେ ୧୧ ଲକ୍ଷ ଟଙ୍କା ଦେଇ ସେ ହୀରା ଆଫ୍ରିକାରୁ କିଣା ଯାଇଛି । ଆମେ ସମସ୍ତେ ଭାବୁ ଧନୀ ଲୋକ ନ ହେଲେ ହୀରା ଗହଣା ପିନ୍ଧିବା ସମ୍ଭବ ନୁହେଁ । ସୀତାକାନ୍ତ ଖାଲି ଗୋଟିଏ ହୀରା ମୁଦି ପିନ୍ଧିଥିଲେ ସେ କଥା ମୁଁ ମଧ୍ୟ ଭାବିଥାନ୍ତି । ମାତ୍ର ସେ ଯେମିତି ଜ୍ୟୋତିଷଙ୍କ ପରାମର୍ଶ ଅନୁଯାୟୀ ବିଭିନ୍ନ ପଥର ଖଞ୍ଜା ମୁଦି ପିନ୍ଧୁଛନ୍ତି ସେଥିରୁ ମୁଁ ଯାହା ଜାଣିଲି ବ୍ୟବସାୟରେ କ୍ଷତି ଓ ପ୍ରତିଯୋଗିତାରେ ବିଫଳତାରୁ ରକ୍ଷା ପାଇଁ ହୀରା ପିନ୍ଧିଛନ୍ତି । ମଦନବାବୁ ଲାଲ ପ୍ରବାଳ ସହ ପୋଖରାଜ ଥିବା ଆଉ ଗୋଟିଏ ମୁଦି ପିନ୍ଧିଥିଲେ । ପାରିବାରିକ ଅଶାନ୍ତି ଦୂର କରିବା ପାଇଁ ସେହି ପଥରର ମୁଦି ପିନ୍ଧଛନ୍ତି । ଏବେ ତୁମେ ବାପା କୁହ, ଯେଉଁଠି 'ଘର ଆଉ ବର' ଏତେ ପ୍ରତିକୂଳ ପରିସ୍ଥିତି ଓ ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଛନ୍ତି ସେଠି ପ୍ରସ୍ତାବକୁ ଅସ୍ୱୀକାର କରିବା କ'ଣ ମୋ ନିଷ୍ପତ୍ତି ଠିକ୍ ନୁହେଁ ? ଆଉ ଗୋଟିଏ କଥା ଶୁଣ ବାପା । ଜୀବନରେ ସମସ୍ୟା ଆସିବ, ଏହା ଏକ ସ୍ୱାଭାବିକ ଓ ପ୍ରାକୃତିକ ଚକ୍ର । କିନ୍ତୁ ସମସ୍ୟାକୁ ସମାଧାନ କରିବା ପାଇଁ ନିଜର ମନବଳକୁ ଦୃଢ଼ ରଖି ଉଦ୍ୟମ ଜାରି ରଖିବା ପରିବର୍ତ୍ତେ କାଳ୍ପନିକ ଗ୍ରହ ପ୍ରଭାବ ଭଳି ଅନ୍ଧ ବିଶ୍ୱାସୀ ମଣିଷକୁ ଜୀବନସାଥୀ ବାଛିବା କ'ଣ ଠିକ୍ ହୋଇଥାନ୍ତା ?? ଜାଣିଛ ନା ବାପା ପାଠ ଶାଠ ପଢ଼ିଥିବା ଶିକ୍ଷିତ ଲୋକମାନେ "ପଥର" ପଛରେ ଟଙ୍କା ଖର୍ଚ୍ଚ କରୁଛନ୍ତି ଆଉ ଅଳ୍ପ ପାଠୁଆ "ପଥର" ରୁ ଟଙ୍କା ଆୟ କରୁଛନ୍ତି' ।

'ତୁ ମା' ବ୍ୟସ୍ତ ହୁଅନା, ମୁଁ ମଦନ ବାବୁଙ୍କୁ ମଧ୍ୟସ୍ଥ ଜରିଆରେ ଖବର କରିଦେବି । ଆଉ ଯଦି ଦରକାର ପଡେ ମୁଁ ନିଜେ ତାଙ୍କୁ ଭେଟି ତୋ ନିଷ୍ପତ୍ତି ଜଣାଇଦେବି' । ସଦାନନ୍ଦ ବାବୁ ମଇନା ରୁମ୍‌ରୁ ବାହାରିଲା ବେଳେ ମଇନାର ଦୃଷ୍ଟିଭଙ୍ଗୀ ତାଙ୍କ ମନୋବଳକୁ ଦୃଢ଼ କରିଥିଲା ଯାହା ତାଙ୍କ କଥା ଓ ଚାଲିରୁ ଜଣାପଡୁଥିଲା । ମଇନାର "ନିର୍ଭୁଲ ଗଣନା" ତାଙ୍କୁ ଆଚମ୍ବିତ କରିଥିଲା ।

ମଦନବାବୁ ଚିନ୍ତିତ ଓ ବ୍ୟସ୍ତ ହୋଇ ପଡୁଥିଲେ । ବାବାଙ୍କ ଆଶ୍ରମରୁ ବାହାରିଲା ବେଳେ ବିଖ୍ୟାତ ଜ୍ୟୋତିଷାଚାର୍ଯ୍ୟଙ୍କ କଥା ବାରମ୍ବାର ମନେ ପଡୁଥିଲା ।

'ବୁଝିଲ ମଦନବାବୁ, ସୀତାକାନ୍ତ ଓ ମଇନାର ରାଜଯୋଟକ, ଯୋଗକୁ ୩୬ ରୁ ୩୬ ଗୁଣ ମିଶୁଛି । ମଇନାର ପାଦ ତୁମ ଘରେ ପଡିଲେ ସବୁ ସମସ୍ୟା ସମାଧାନ ହୋଇଯିବ । ଏ ବିବାହ ନିଶ୍ଚେ ହେବ । ତୁମେ ଯାଅ, ମୁଁ ମଧ ବାବାଙ୍କ ସହ କଥାବାର୍ତ୍ତା ହୋଇ ଆସନ୍ତାକାଲି ଏକ ଗ୍ରହଶାନ୍ତି ଯଜ୍ଞ ଓ ପୂଜା ଅନୁଷ୍ଠାନ କରିବି । ତୁମେ ପଅରଦିନ ପ୍ରସ୍ତାବ ନେଇ ସଦାନନ୍ଦ ଘରକୁ ଯିବ' ।

କିନ୍ତୁ ପ୍ରସ୍ତାବର ଉତ୍ତର ପାଇ ମଦନ ବାବୁ ଭାବୁଥିଲେ ବାବା ଓ ଜ୍ୟୋତିଷାଚାର୍ଯ୍ୟଙ୍କ "ଗଣନା" କେଉଁଠି ଭୁଲ ହୋଇଗଲା ?

**ଅଧକ୍ଷ, ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ,**
**ଖୋର୍ଦ୍ଧା - ୯୩୩୭୬୨୧୪୫୫**

# ଲାଉ କୋପ୍ତା ତରକାରୀ

**ସୌମିତ୍ରା ହରିଚନ୍ଦନ**

## ଆବଶ୍ୟକ ସାମଗ୍ରୀ -

ଲାଉ ୧ କି.ଗ୍ରା, ବେସନ ୧ କପ୍, ପିଆଜ ୨ଟା, ଅଦା ୧ ଇଞ୍ଚ, କଞ୍ଚାଲଙ୍କା ୬/୭ଟି, ରସୁଣ ୧ବୁଦା, ଗରମ ମସଲା ୬ଚାମଚ, ଟମାଟୋ ୧ଟି, ତେଲ ୧କପ୍, ଟିପେ ଖାଇବା ସୋଡ଼ା, ଧନିଆ ପତ୍ର, କିଛି ଦରକାର ମୁତାବକ ଲୁଣ ଓ ହଳଦୀ ।

## ପ୍ରସ୍ତୁତ ପ୍ରଣାଳୀ -

ଲାଉର ଚୋପା ଛଡ଼ାଇ ଲାଉକୁ କୋରାଇ ନିଅନ୍ତୁ । ସେଥିରେ ବେସନ, ଲୁଣ, ଖାଇବାସୋଡ଼ା, ଓ କିଛି ଗରମ ମସଲା ଦେଇ ଚକଟି ଦିଅନ୍ତୁ ଏବଂ କଡ଼ାଇରେ ତେଲ ଗରମ କରି ଛୋଟ କୋଣ୍ଡା କରି ଭାଜି ନିଅନ୍ତୁ । ପିଆଜ, ଅଦା ଓ ରସୁଣକୁ ବାଟି ନେଇ ବଳିଥିବା ତେଲରେ ମସଲା ଗୁଡ଼ିକ ଟମାଟୋ କଟା ଦେଇ ଭାଜି ନିଅନ୍ତୁ । ମସଲା ଭଲ ଭାବରେ ଭାଜି ହୋଇଗଲେ ସେଥିରେ ୩କପ୍ ପାଣିଦେଇ ଫୁଟାଇ ଦିଅନ୍ତୁ । କିଛି ସମୟ ଫୁଟିବା ପରେ ସେଥିରେ ଲାଉ କୋପ୍ତା ଓ କଟା ଧନିଆ ପତ୍ର ଦେଇ ଟିକେ ସମୟ ଫୁଟିବା ପରେ ତରକାରୀ ଓହ୍ଲାଇ ଦେଇ ବଳିଥିବା ଗରମ ମସଲା ପକାଇ ନିଜେ ଖାଆନ୍ତୁ ଓ ଅନ୍ୟମାନଙ୍କୁ ଖାଇବାକୁ ଦିଅନ୍ତୁ ।

ଦୂରଭାଷ-୮୧୪୪୩୪୯୫୦୦

# ହିମୋଫାଇଲସ ଇନଫ୍ଲୁଏଂଜି

ଡାକ୍ତର ଧନେଶ୍ୱର ସାହୁ,ଏମ.ବି.ବି.ଏସ.ଏମ.ଏସ



ଏହା ଏକ ଗ୍ରାମ ନେଗେଟିଭ ଆନିରୋବିକ କୋକୋବ୍ୟାକ୍ଟେରିଆ । ଏହାକୁ Pfeiffer's bacillus କିମ୍ବା Bacillus Influenzae କୁହାଯାଏ । କୋକସ ହେଉଛି ଡଟ '.', ବାସିଲସ ହେଉଛି ରଡ଼ '।' କୋକୋବାସିଲସ ହେଉଛି ଛୋଟ ରଡ଼ '।'। ଏହା ବିଭିନ୍ନ ରୋଗ ସୃଷ୍ଟି କରେ। ଏହା ନିର୍ଦ୍ଦିଷ୍ଟ ସ୍ଥାନରେ ସୀମାବଦ୍ଧ ଭାବରେ ଓ ଅଧିକ ସ୍ଥାନରେ ମାଡ଼ିଯାଇ ରୋଗ ସଂଘର କରେ। ଏହାଦ୍ୱାରା ସୃଷ୍ଟ ରୋଗ ଅଧିକ ସଂକ୍ରମଣ କ୍ଷମ। ଏହାଦ୍ୱାରା ସମସ୍ତଙ୍କୁ ରୋଗ ହୁଏ। କିନ୍ତୁ ୫ବର୍ଷର ତଳକୁ ପିଲାଙ୍କୁ ବେଶି ହୁଏ ।

## ଏହା କେତେ ପ୍ରକାରର:-

ଏହା ଦୁଇ ପ୍ରକାରର।

୧. ଏନକ୍ୟାପସୁଲେଟେଡ଼ ଷ୍ଟ୍ରେନସ :-

ଏହା ତାର କ୍ୟାପସୁଲାର ଆଣ୍ଟିଜେନ ଅନୁସାରେ ଛଅ ପ୍ରକାରର। ସେଗୁଡ଼ିକ ହେଲା ହିମୋଫାଇଲସ ଇନଫ୍ଲୁଏଂଜି ଏ, ହିମୋଫାଇଲସ ଇନଫ୍ଲୁଏଂଜି ବି, ହିମୋଫାଇଲସ ଇନଫ୍ଲୁଏଂଜି ସି, ହିମୋଫାଇଲସ ଇନଫ୍ଲୁଏଂଜି ଡ଼ି, ହିମୋଫାଇଲସ ଇନଫ୍ଲୁଏଂଜି ଇ, ହିମୋଫାଇଲସ ଇନଫ୍ଲୁଏଂଜି ଏଫ୍। ହିମୋଫାଇଲସ ଇନଫ୍ଲୁଏଂଜି (Hib) ଟାଇପ ବି ର କ୍ୟାପସୁଲ ହେଉଛି ତାର ଭୟାବହତାର ମୂଳ କାରଣ । କାରଣ ଏହାର କ୍ୟାପସୁଲ ଫାଗୋସାଇଟୋସିସ ରେଜିଷ୍ଟ କରେ ଓ କଂପ୍ଲିମେଣ୍ଟ ମେଡ଼ିଏଟେଡ ଲାଇସ ରେଜିଷ୍ଟ କରେ ।

୨. ଅନ ଏନକ୍ୟାପସୁଲେଟେଡ଼ ଷ୍ଟ୍ରେନସ :-

ଏମାନଙ୍କୁ ନନଟାଇପେବୁଲ ହିମୋଫାଇଲସ ଇନଫ୍ଲୁଏଂଜି (NTHI) କୁହାଯାଏ । କାରଣ ସେମାନଙ୍କର କ୍ୟାପସୁଲ ନଥାଏ। ସେମାନେ ଅଧିକ ଭୟାବହ ନୁହଁନ୍ତି। ସେମାନେ କମ ରୋଗ କରନ୍ତି ଯଥା କାନ ଇନଫେକସନ, ଆଖି ଇନଫେକସନ, ସାଇନୁସାଇଟିସ, ନିଉମୋନିଆ ଇତ୍ୟାଦି ।

ହିବ (Hib) କଂଜୁଗେଟ ଟୀକା ହିବ (Hib) ଇନଫେକସନ ପ୍ରତିଶେଧ କରେ। ଏହା ନନଟାଇପେବୁଲ ହିମୋଫାଇଲସ ଇନଫ୍ଲୁଏଂଜି ଇନଫେକସନ ପ୍ରତିଶେଧ କରେନାହିଁ ।

ଯେହେତୁ ହିମୋଫାଇଲସ ଇନଫ୍ଲୁଏଂଜି ଟାଇପ ବି (Hib) ବ୍ୟାକ୍ଟେରିଆ ବେଶି ବିପଦପୂର୍ଣ୍ଣ ତା ବିଷୟରେ ଆଲୋଚନା କରିବା।

## ହିମୋଫାଇଲସ ଇନଫ୍ଲୁଏଂଜି ଟାଇପ ବି (Hib)କ'ଣ କ'ଣ ରୋଗ କରେ :-

ଏହା ନିମ୍ନଲିଖିତ ରୋଗ କରେ।

୧. ନିମୋନିଆ।

୨. ବ୍ୟାକ୍ଟେରିମିଆ।

୩. ମେନିଂଜାଇଟିସ - ଏହା ବ୍ରେନ ଡ୍ୟାମେଜ, ଶୁଣିବାଶକ୍ତି ନଷ୍ଟ କରେ, ଜୀବନ ବି ନେଇପାରେ ।

୪. ଏପିଗ୍ଲଟାଇଟିସ।

୫. ସେପ୍ଟିକ ଆରଥ୍ରାଇଟିସ।

୬. ସେଲୁଲାଇଟିସ।

୭. ଅଟାଇଟିସ ମେଡ଼ିଆ।

୮. ପୁରୁଲେଣ୍ଟ ପେରିକାର୍ଡ଼ାଇଟିସ

୯. ଏଣ୍ଡୋକାର୍ଡ଼ାଇଟିସ

୧୦. ଓସ୍ଟିଓମାଏଲାଇଟିସ

୧୧. ସାଇନୁସାଇଟିସ

## ଇନକ୍ୟୁବେସନ ପିରିଅଡ଼ :-

ଶରୀରରେ ବ୍ୟାକ୍ଟେରିଆ (ଜୀବାଣୁ) ପ୍ରବେଶଠାରୁ ରୋଗ ହେବା ପର୍ଯ୍ୟନ୍ତ ସମୟକୁ ଇନକ୍ୟୁବେସନ ପିରିୟଡ଼ କୁହାଯାଏ। ଏହା ୨-୪ ଦିନ।

## ଏହା କେମିତି ବ୍ୟାପେ :-

୧. ବାୟୁଦ୍ୱାରା ଡ୍ରପଲେଟ ଯୋଗୁ - କାଶିବା, ଛିଙ୍କିବା,ହସିବା ଦ୍ୱାରା।

୨. ପାଟିର ଲାଳ ଯୋଗୁ - ଚୁଚୁମିବା, ପାନୀୟ ଏକ ପାତ୍ରରେ ମିଶି ପିଇବାଦ୍ୱାରା।

୩. ଚର୍ମରୁ ଚର୍ମ ସଂସ୍ପର୍ଶରେ - ହ୍ୟାଣ୍ଡସେକ କରିବା, କୁଣ୍ଢେଇବା ଦ୍ୱାରା।

## ସଂକେତ ଓ ଲକ୍ଷଣ :-

୧. ନିମୋନିଆ ହେଲେ -

- ଜ୍ୱର ହୁଏ। - ଶୀତ ହୁଏ। - ଝାଳ ବାହାରେ।
- କାଶ ହୁଏ। - ପ୍ରଶ୍ୱାସ ଶ୍ୱାସ ନେବା ଆଣିବାରେ କଷ୍ଟ ହେବା।
- ମୁଣ୍ଡ ବ୍ୟଥା ହେବା। - ଛାତି ବ୍ୟଥା ହେବା।
- ମାଂସପେଶୀ ବ୍ୟଥା ହେବା। - ଅଧିକ ଦୁର୍ବଳ ଅନୁଭବ କରିବା।
- ନଖ ବ୍ଲୁ ହେବା।

୨. ମେନିଂଜାଇଟିସ ହେଲେ -

- ମୁଣ୍ଡ ବିନ୍ଧା ହେବା।

- ବାନ୍ତି ହେବା। - ଜ୍ୱର ହେବା।
- ବେକ ଟାଣ ହେବା। - ଅଧିକ ନିଦ ଲାଗିବା।
- ଦୁର୍ବଳ ଲାଗିବା। - ବାତ ମାରିବା।
- ସଂଜ୍ଞାହୀନ ହେବା।

୩. ଏପିଗ୍ଲଟାଇଟିସ ହେଲେ :-
- ତଣ୍ଟିରେ କଷ୍ଟ ହେବା। - ପାଟିରୁ ଲାଳ ବାହାରିବା।
- ପ୍ରଶ୍ୱାସ ଶ୍ୱାସ ନେବା ଆଣିବାରେ କଷ୍ଟ ଅନୁଭବ କରିବା।

୪. ସେଲୁଲାଇଟିସ ହେଲେ :-
- ଚର୍ମ ଲାଲ ଓ ଦରଜ ହୁଏ।

୫. ଗଣ୍ଠି ବାତ ହେଲେ :-
- ଗଣ୍ଠିରେ ଅତ୍ୟଧିକ ବ୍ୟଥା ହୁଏ।
- ଗଣ୍ଠି ଫୁଲିଯାଏ।
- ଗଣ୍ଠି ଲାଲ ଦେଖାଯାଏ।

୬. କାନ ଇନଫେକସନ ହେଲେ :-
- କାନ ବ୍ୟଥା ହୁଏ।

୭. ସାଇନୁସାଇଟିସ ହେଲେ :-
- ମୁଣ୍ଡ ବ୍ୟଥା ହୁଏ।

ସେହିପରି ବିଭିନ୍ନ ରୋଗ ଅନୁସାରେ ବିଭିନ୍ନ ସଂକେତ ଓ ଲକ୍ଷଣ।

## ନିଦାନ :-

- ସଂକେତ ଓ ଲକ୍ଷଣ।
- ହିମୋଫାଇଲସ ଇନଫ୍ଲୁଏଂଜି ଟାଇପ ବି ବ୍ୟାକ୍ଟେରିଆ କଲଚର କରି। ନିମ୍ନ ଲିଖିତ ଜିନିଷରୁ କଲଚର କରାଯାଏ।
  - ରକ୍ତ ଓ ଅନ୍ୟାନ୍ୟ ବଡ଼ିଫ୍ଲୁଇଡ଼ସ
  - ସିରିବ୍ରୋସ୍ପାଇନାଲ (CSF) - ଇନଫେକ୍ଟେଡ଼ ଟିସୁ
  - ଲାଟେକ୍ସ ପାଇଟିକ୍ଲ ଆଗ୍ଲୁଟିନେସନ ଟେଷ୍ଟ
  - ଚାତିର ଏକ୍ସରେ - ଆଲିଭିଓଲାର କନସଲିଡ଼େସନ ଦେଖାଯାଏ।
  - ପୋଲିମରେଜ ଚେନ ରିଆକସନ ଟେଷ୍ଟ
  - କାଉଣ୍ଟର କରେଣ୍ଟ ଇମ୍ୟୁନୋଇଲେକ୍ଟ୍ରୋଫ୍ଲୋରେସିସ ଟେଷ୍ଟ।
  - ରକ୍ତ ପରୀକ୍ଷା - ସି.ବି.ସି ଇତ୍ୟାଦି। - ବ୍ରେନର ସିଟି ସ୍କାନ।

## ଜଟିଳତା :-

- ଗୋଡ଼ କି ହାତ କଷ୍ଟ ହେବା। - ବ୍ରେନ ଡ୍ୟାମେଜ ହେବା।
- ସିରିବ୍ରାଲ ଇଡ଼ିମା। - ସବଡ୍ୟୁରାଲ ଏଫ୍ୟୁଜନ।
- ସିରିବ୍ରାଲ ପାଲସି। - ହାଇଡ୍ରୋସେଫାଲସ।
- ବ୍ରେନରେ ପ୍ରେସର ବଢ଼ିବା। - ଦୀର୍ଘଦିନ କୋମାରେ ରହିବା।
- କାଲା ହେବା। - ଅନ୍ଧ ହେବା।
- ଏଂପାଇମ। - ବାରମ୍ବାର ଜ୍ୱର ହେବା।
- ବାତ ମାରିବା। - ମୃତ୍ୟୁ ହେବା।

## ପ୍ରତିଶେଧକ :-

ହିମୋଫାଇଲସ ଇନଫ୍ଲୁଏଂଜି ଟାଇପ ବି (Hib) ଟୀକାଦ୍ୱରା ତା'ଦ୍ୱରା ହେଉଥିବା ରୋଗ ପ୍ରତିଶେଧ କରାଯାଏ।

୫ ବର୍ଷରୁ ଉର୍ଦ୍ଧ୍ୱ ବୟସର ପିଲା ଓ ବଡ଼ଲୋକଙ୍କ ପାଇଁ ଏହି ଟୀକା ଦରକାର ପଡ଼େନି। ଏହି ଟୀକା Hib ଇନଫେକସନ ଛଡ଼ା ଅନ୍ୟାନ୍ୟ ହିମୋଫାଇଲସ ଇନଫ୍ଲୁଏଂଜି ଇନଫେକସନ ପ୍ରତିଶେଧ କରିପାରେ ନାହିଁ।

ପେଣ୍ଟାଭାଲେଣ୍ଟ ଟୀକା :- (ଡିଫଥେରିଆ,ପରଟୁସିସ,ଟିଟାନସ) ହେପାଟାଇଟିସ ବି, ହିମୋଫାଇଲସ ଇନଫ୍ଲୁଏଂଜି ଟାଇପ ବି (Hib)

୬ ସପ୍ତାହର ପିଲା - ୧ମ ଡ଼ୋଜ
୧୦ ସପ୍ତାହର ପିଲା - ୨ୟ ଡ଼ୋଜ
୧୪ ସପ୍ତାହର ପିଲା - ୩ୟ ଡ଼ୋଜ
୧୨-୧୫ମାସର ପିଲା - ବୁଷ୍ଟର ଡ଼ୋଜ ଭ୍ୟାକ୍ସିନ ।

## ଚିକିତ୍ସା :-

ରୋଗୀ ହସପିଟାଲରେ ଚିକିତ୍ସା ହେବା ଉଚିତ୍। ଚିକିତ୍ସା ରୋଗର ସିଭିଅରଟି ଉପରେ ନିର୍ଭର କରେ।

ଆଣ୍ଟିବାଇଓଟିକସ : -

ସେଫୋଟାକ୍ସିମ, ସେଫଟ୍ରିଆଜୋନ, ଆପସିଲିନ ଓ ସଲବ୍ୟାକ୍ଟମ, କ୍ଲୋରୋଫେନିକଲ, ସେଫାଲୋସ୍ପୋରିନ, କ୍ଲାରିଥ୍ରୋମାଇସିନ, ଆମୋକ୍ସିକ୍ଲାଭ, କ୍ଲିଣ୍ଡାମାଇସିନ, ସେପୋଡ଼କ୍ସିମ, ସେଫୁରୋକ୍ସିମ ଏକ୍ସିଟେଲ, ଲିଭୋଫ୍ଲୋକ୍ସାସିନ, ଗାଟିଫ୍ଲୋକ୍ସାସିନ, ଜେମିଫ୍ଲୋକ୍ସାସିନ, ମକ୍ସିଫ୍ଲୋକ୍ସାସିନ ଇତ୍ୟାଦି।

- ପ୍ରଶ୍ୱାସ ଶ୍ୱାସ ନେବା ଆଣିବା କରିବା ସପୋର୍ଟ।
- ରକ୍ତଚାପ କମିଲେ ଔଷଧ।
- ସେଲୁଲାଇଟିସ ହୋଇଥିବା ଚର୍ମର ଚିକିତ୍ସା।
- ଦରକାର ପଡ଼ିଲେ ଅକ୍ସିଜେନ।
- ଜରୁରୀକାଳୀନ ଚିକିତ୍ସାପାଇଁ ଯାହା ଦରକାର ନିଆଯାଏ।

ଯଦି କୌଣସି ପିଲାର ଜ୍ୱର, ଶୀତ, କାଶ, ଛାତିବ୍ୟଥା, ମୁଣ୍ଡ ବ୍ୟଥା, ପ୍ରଶ୍ୱାସ ଶ୍ୱାସ ନେବା ଆଣିବାରେ ଅସୁବିଧା, ମାଂସପେଶୀ ବ୍ୟଥା ହୁଏ, ନଖ ବ୍ଲୁ ହୁଏ, ବେକ ଟାଣ ହୁଏ, ସେ ଅଧିକ ଦୁର୍ବଳ ଅନୁଭବ କରେ, ତାର ତଣ୍ଟିରେ କଷ୍ଟ ହୁଏ, ପାଟିରୁ ଲାଳ ବାହାରେ, ଗଣ୍ଠି ବ୍ୟଥା ହୁଏ ଓ ଫୁଲିଯାଏ, ଲାଲ ଦେଖାଯାଏ, କାନ ବ୍ୟଥା ହୁଏ, ଚର୍ମରେ ସେଲୁଲାଇଟିସ ହୁଏ, ଯେତେ ଶୀଘ୍ର ସମ୍ଭବ ଡାକ୍ତରଙ୍କ ପରାମର୍ଶ କରି ଚିକିତ୍ସା କରିବା ଦରକାର। ନଚେତ ଜୀବନ ପ୍ରତି ବିପଦ ଆସିପାରେ।

**ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଖୋର୍ଦ୍ଧା।**
**ଦୂରଭାଷ-୯୪୩୭୧୦୭୬୧୩**

# କେଉଁଠି କରିଛି ଘର

ପ୍ରମୋଦ କୁମାର ନନ୍ଦ

ବିଶ୍ୱ ଦରବାରେ ଅଛି କି ମରଣ
ସବୁ ସତ ସବୁ ମିଛ ।
ଅଜ୍ଞାନୀ ମଣନ୍ତି ମଲା ଗଲା ବୋଲି
ଜ୍ଞାନୀ ଭାବେ ତାକୁ ତୁଚ୍ଛ । ।।୧।।
ମରଣଟି ନାହିଁ କାହାର ଜଗତେ
ଅଟେ ସବୁ ରୂପାନ୍ତର ।
ପରମ ଆତ୍ମାରୁ ଜୀବଆତ୍ମା ମାନ
ଯେଝା ଅଂଶେ ଭାଗୀଦାର । ।।୨।।
ପୂର୍ଣ୍ଣରୁ ପୂର୍ଣ୍ଣତା ହଜିଗଲେ ଯେଣୁ
ହୁଏନାହିଁଟି ଅପୂର୍ଣ୍ଣ ।
ପୂର୍ଣ୍ଣ ବ୍ରହ୍ମଠାରୁ ଝଲିଗଲେ କିଛି
ଏକା ରହେ ଚିହ୍ନବର୍ଣ୍ଣ । ।।୩।।
ସବୁ ଅବଶେଷ ନୁହେଁ ଅବଶୋଷ
ମିଥ୍ୟା ମାୟା କଳେବର ।
ଏ ଶୂନ୍ୟ ଜଗତେ ଶୂନ୍ୟର ପସରା
ଆତ୍ମା ଯେଣୁ ନିରାକାର । ।।୪।।
ଆତ୍ମାଟି ହସଇ ଆତ୍ମାଟି ଶୁଣଇ
ଆତ୍ମାଟି କହଇ କଥା ।
ନାହିଁ ତା ବିକାର ଶକ୍ତିର ଭଣ୍ଡାର
ଆତ୍ମାଟି ନୁଆଁଏ ମଥା । ।।୫।।
ସାକାର ମଧ୍ୟରେ ନିରାକାର ସାଜେ
କି ଭାବ ରହିଛି ତା'ର ?
ଅବା ବିଜ୍ଞାନର ଆଧ୍ୟାତ୍ମିକ ବଳେ
କାହାର ସେ ସହଚର ? ।।୬।।
ଦେହେ ଆସେ ଜରା ଜରାରୁ ବ୍ୟାଧିଟି
ବ୍ୟାଧିରୁ ମୃତ୍ୟୁ ଝଟତି ।
ଜୀବର ଗଠନେ କେଉଁ ରସାୟନେ
ଆତ୍ମା ସଦା ଉପସ୍ଥିତି ? ।।୭।।
ସବୁ ଘଟଣାର ମୂକସାକ୍ଷୀ ଆତ୍ମା
ଆତ୍ମାର ନାହିଁଟି ଡର
ଅଦୃଶ୍ୟ ଅବ୍ୟକ୍ତ ଚେତନା ଜଡ଼ିତ
କେଉଁଠି କରିଛି ଘର ? ।।୮।।
ତା'ଘର ବ୍ୟାପିଛି ବିଶ୍ୱ ଖେଦିଅଛି
ନାହିଁ ତା'ର ପରିସୀମା
ପରମାଣୁ ଶକ୍ତି ଆଟମ୍ ବୋଲନ୍ତି
ତା'ଠାରୁ ଆତ୍ମା ମହିମା । ।।୯।।

**ବଡ଼ପାରି, ଖୋର୍ଦ୍ଧା**
**ମୋ - ୮୫୯୬୮୩୬୬୪**

# କାଶତଣ୍ଡୀ

ନାରାୟଣ ଦାସ

ଦୂର ପାହାଡ଼ଟି
ନେତ୍ରକୁ ସୁନ୍ଦର
ନିକଟେ ମନୋଜ୍ଞ ଗୋରୀ
କାଶତଣ୍ଡୀ ଦିଶେ
ପାଖକୁ ସୁନ୍ଦର
ଦୂରକୁ ସେ ଶୁଭ୍ରପରୀ । ।।୧।।
ଅଦୂରରେ ନାଚେ
ମଥା ଦୋହଲାଇ
ପାହାଡ଼ ଝରଣା ତୀରେ
ଗାଆଁର କିଶୋରୀ
ହୋଇ ଠରାଠରି
ନାଚନ୍ତି ତାହା ସାଥୀରେ । ।।୨।।
ଏପରି ନୃତ୍ୟକୁ
ଦେଖିବା ପାଇଁକି
ସର୍ବେ ହୋଇଥାନ୍ତି ଠୁଳ
କାଶତୃଣ ମନେ
ଅସୀମ ଉଲ୍ଲାସ
ଉପୁଜଇ କୌତୁହଳ । ।।୩।।
ଖୁସି ମନେଇବା
ପାଇଁଟି ତାହାର
ସଦା ହୁଏ ତାର ମନ
ଏପରି ତ୍ୟାଗୀକେ
ଅଛି ଏ ଜଗତେ
ତାହାଠାରୁ ଶିଖିଜାଣ । ।।୪।।
ମନେରଖି ତାର
ଗୁଣ ଗାଉଥାଅ
ରହୁ ତାର ସନମାନ
ବିପଦରୁ ତାକୁ
ସାହା ହେବାପାଇଁ
ମନେକର ସଦା ଧ୍ୟାନ । ।।୫।।
କାଶତଣ୍ଡୀ ସଦା
ବାଣ୍ଟେଶାନ୍ତି ପ୍ରୀତି
ଏ ବିଶ୍ୱ ମାନବ ପାଇଁ
ତୁମରି କର୍ତ୍ତବ୍ୟ
ମନେ ଭାବ ବସି
କୃପା କିମ୍ବା ହେଉନାହିଁ । ।।୬।।

ସଂପାଦକ କୋଣାର୍କ ସାହିତ୍ୟ ସଂସଦ,ଖୋର୍ଦ୍ଧା
ଦୂରଭାଷ - ୯୪୩୮୦୪୯୫୪୧

# ଜୀବନର କଥା ଶୁଣ

ଗୀତାରାଣୀ ରଥ

ମରଣର କଥା କହିବିନି ବନ୍ଧୁ
ଜୀବନର କଥା ଶୁଣ
ମରଣ ନିଏ ତ ପଲକରେ ତୋଳି
ଜୀବନ ଦିଅଇ ଯାତନା ପିଡ଼ନ
ଅଶ୍ରୁର ସ୍ୱର୍ଣ୍ଣ ତୋରଣ ।।
ତଥାପି ଜୀବନ ସଂସାରେ ସବୁଠୁ ପ୍ରିୟ
ଏଇ ଜୀବନକୁ ଲଭିବାକୁ ସିନା
ଲୁହର ଅମୂଲ୍ୟ ଦେୟ ।।
ଜୀବନ ପହଁରେ ଅସୀମ ତୃଷ୍ଣାଜଳେ
କେବେ ସେ ଦେଉଛି
ଇନ୍ଦ୍ରଧନୁର ସ୍ୱର୍ଗ ସୁଷମା
କେବେ ସେ ଫିଙ୍ଗିଛି
ସାତତାଳ ପଙ୍କ ତଳେ
ତଥାପି ଜୀବନ ସବୁଠୁ ମହାନ
ଲକ୍ଷେ ମରଣ ବର୍ଜିତ ଗାଁ'ର କୋଳେ ।।
ବିନ୍ଦୁଏ ଜୀବନ ଧରି ରଖିଥାଏ
ମଧୁ ମନ୍ଦାକିନୀ ଧାରା
କଣିକାଏ ପ୍ରେମ ପ୍ଲାବିତ କରେ
ଶୋକର ଉଚ୍ଛ୍ୱାସ ଯାତନା ଅଶ୍ରୁ ସାରା
ସେଇ ଯେ ପ୍ରେମର ଅଗାଧ ଜଳଧି
ଏଇ ଯେ ଜୀବନ କାରା ।।
ମରଣର କଥା କହିବିନି ବଂଧୁ
କଷଣ କଥା ବି ନୁହେଁ
ଜୀବନ ମୁହିଁ ଯେ ମହାଚେତନାର
ଇନ୍ଦ୍ରନୀଳ ଦ୍ୟୁତିଟିଏ
ଅଶ୍ରୁ ଯନ୍ତ୍ରଣା ବହନ କରିବି
ପୁଲକର ସ୍ରୋତଟିଏ ।।
ମରଣ ମୁଁ ଏଠି ବାଣ୍ଟିବିନି ବଂଧୁ
ଜୀବନକୁ ବୁଣୁଥାଏ
ଜୀବନ ପାଇଁକି କୁଆଁରାବ ଦେଇ
ନୂଆଭାବ ନେଇ ବାରମ୍ବାର ଫେରୁଥାଏ ।।
ଜୀବନ ଫୁଙ୍କିଛି ବିଜୟର ପଞ୍ଚଜନ୍ୟ
ଜୀବନ ଯେଉଁଠି ପରାଜିତ ହୁଏ, ପ୍ରତିହତ ହୁଏ
ମରଣେ ନିଏ ଶରଣ ।।
ମରଣର କଥା କୁହନାହିଁ ବଂଧୁ..... ଜୀବନର କଥା ଶୁଣ ।

**ରାମଚନ୍ଦ୍ରପୁର ବଜାର, ଜଟଣୀ**
**ମୋ - ୯୨୩୮୮୭୫୧୫୫**

୧୦୨ ତମ

# ଗିବନ

ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର





ଗିବନ ଏକ ମର୍କଟ ଜାତୀୟ ପ୍ରାଣୀ। ଏମାନଙ୍କୁ ଇଂରାଜୀରେ ହ୍ୱାଇଟ୍ ବ୍ରୋଡ୍ ଗିବନ ବା ଶ୍ୱେତ ଭ୍ରୂଲତା ଗିବନ କୁହାଯାଏ ଏବଂ ବୈଜ୍ଞାନିକ ନାମ ହେଉଛି HYOLOBATES HOOLOCK । ଏହି ପ୍ରାଣୀଟି ଭାରତର ଆସାମ୍ ପ୍ରଦେଶ ଓ ବ୍ରହ୍ମପୁତ୍ର ନଦୀକୂଳ ଜଙ୍ଗଲମାନଙ୍କରେ ଦେଖାଯାଆନ୍ତି ଏବଂ ବର୍ମା , ବାଂଲାଦେଶରେ ମଧ୍ୟ ବାସ କରନ୍ତି। ବିଶେଷ କରି ଏମାନେ ପାର୍ବତ୍ୟ ଜଙ୍ଗଲରେ ବସବାସ କରବା ପାଇଁ ଭଲପାଆନ୍ତି। ଏମାନଙ୍କର ଉଚ୍ଚତା ୧୦୦ସେମି., ହାତର ଲମ୍ବ ଗୋଡ ଲମ୍ବର ପ୍ରାୟ ଦୁଇ ଗୁଣ ଏବଂ ଏମାନଙ୍କର ଓଜନ ୬ରୁ ୮କି.ଗ୍ରା ପର୍ଯ୍ୟନ୍ତ ହୋଇଥାଏ। ଏମାନଙ୍କର ଲାଙ୍ଗୁଳ ନଥାଏ। ପୁରୁଷ ଓ ଛୋଟ ମାଈ ପ୍ରାଣୀମାନଙ୍କର ଶରୀର ରଙ୍ଗ କଳା। କିନ୍ତୁ ସେମାନଙ୍କର ବୟସ ୬ବର୍ଷ ହୋଇଗଲେ ମାଈ ପ୍ରାଣୀମାନଙ୍କର ଶରୀରର ରଙ୍ଗ ହଳଦିଆ ଧୂସର ହୋଇଥାଏ। ଏମାନେ ପ୍ରତ୍ୟେକ ପରିବାର ଅଲଗା ଅଲଗା ହୋଇ ରହିଥାଆନ୍ତି ଏବଂ ଗୋଟିଏ ପରିବାରରେ ପିତା , ମାତା ଏବଂ ଶିଶୁମାନଙ୍କୁ ମିଶାଇ ପରିବାରର ସଦସ୍ୟ ସଂଖ୍ୟା ପ୍ରାୟ ୬ମଧ୍ୟରେ ସୀମିତ ଥାଏ। ଏମାନେ ରାତି ସମୟରେ ବିଶ୍ରାମ ନେଇଥାଆନ୍ତି ଏବଂ ସକାଳୁ ଉଠି ପର୍ବତ ଉପରେ ଥିବା ଉଚ୍ଚା ବୃକ୍ଷମାନଙ୍କରୁ ଖାଦ୍ୟ ସଂଗ୍ରହ କରିଥାଆନ୍ତି। ଏମାନେ ଏକ ନର୍ଦ୍ଦିଷ୍ଟ ଅଞ୍ଚଳରେ ରହି ଖାଦ୍ୟ ସଂଗ୍ରହ କରିଥାଆନ୍ତି। ସିମ୍ପାଞ୍ଜିମାନଙ୍କ ପରି ଏମାନେ ଗଛର ଅଗ୍ରଭାଗରେ ବସିଥାଆନ୍ତି। ତେଣୁ ଏମାନଙ୍କୁ ସହଜରେ ଜାଣି ହୋଇଥାଏ। ପ୍ରତ୍ୟେକ ଦିନ ଗୋଟିଏ ସ୍ଥାନକୁ ଯାଇ ନିର୍ଦ୍ଦିଷ୍ଟ ଗଛରୁ ତାଳପତ୍ର ଭାଙ୍ଗି ଖାଇଥାଆନ୍ତି। ଆଉ ମଧ୍ୟ ଏମାନେ ଫଳ,ଫୁଲ,ପତ୍ର, କୀଟପତଙ୍ଗ ଓ ବୁଢିଆଣୀମାନଙ୍କୁ ଧରି ଖାଇଥାଆନ୍ତି। ସକାଳ ସମୟରେ ଏମାନେ ଖରା ପଡୁଥିବା ଗଛ ଡାଳରେ ବସି ଏକ ପ୍ରକାର ଶବ୍ଦ ସୃଷ୍ଟି କରିଥାଆନ୍ତି। ଏହି ଶବ୍ଦ ଶୁଣି ପରିବାରର ଅନ୍ୟ ସଦସ୍ୟମାନେ ମଧ୍ୟ ସେହିପରି ଶବ୍ଦ କରିଥାଆନ୍ତି। ଯାହା ଫଳରେ ସେଠାରେ ଏକ ପ୍ରକାର ଶବ୍ଦ ସୃଷ୍ଟି ହୋଇ ପ୍ରକମ୍ପିତ ହୋଇଥାଏ। ଅତ୍ୟଧିକ ଖରା କିମ୍ବା ଗରମ ହେଲେ ଏମାନେ ଗଛର ଗହଳିଆ ତଳ ଡାଳପତ୍ରରେ ବସି ବିଶ୍ରାମ ନିଅନ୍ତି। ଖରା କମିଗଲେ ସନ୍ଧ୍ୟା ସମୟରେ ଖାଦ୍ୟ ସଂଗ୍ରହ ପାଇଁ ବାହାରି ପଡନ୍ତି ଏବଂ ଏହି ସମୟରେ ପରିବାରର ସମସ୍ତ ସଦସ୍ୟ ଖୁବ୍ ଜୋରରେ ଶବ୍ଦ କରିଥାଆନ୍ତି। ଏମାନେ ହାତରେ ଓହଳି ଓହଳି ଦୋଳି ଖେଳି ଖେଳି ଗୋଟିଏ ଡାଳରୁ ଅନ୍ୟ ଏକ ଡାଳକୁ ଯାଇଥାଆନ୍ତି ଏବଂ ମୋଟା ଡାଳରେ ପାଦରେ ଚାଲିଥାଆନ୍ତି। କିନ୍ତୁ ଚାଲିଲା ବେଳେ ଏମାନେ ହାତ ଦ୍ୱାରା ଦେହର ଭାରସାମ୍ୟ ରକ୍ଷା କରିଥାଆନ୍ତି। ପୁରୁଷ ମାଙ୍କଡଟି ଗୋଟିଏ ମାତ୍ର ମାଈ ସାଥୀ ପାଇ ସନ୍ତୁଷ୍ଟ ହୋଇଥାଏ। ଏହି ପ୍ରାଣୀର ବିଶେଷତ୍ୱ ହେଉଛି ପୁରୁଷ ମାଙ୍କଡ କେବଳ ଗୋଟିଏ ମାଈ ସାଥୀକୁ ଗ୍ରହଣ କରିବା ପରେ ଆଉ କୌଣସି ମାଈ ମାଙ୍କଡ ପ୍ରତି ନଜର ରଖି ନଥାନ୍ତି। ପୁରୁଷ ଶିଶୁମାନେ ପରିବାର ସହିତ ବାସ କରନ୍ତି ଏବଂ ପ୍ରାପ୍ତ ବୟସ୍କ ହେଲେ ପରିବାରକୁ ଛାଡି ସ୍ୱତନ୍ତ୍ର ଭାବେ ରହିଥାଆନ୍ତି। ପରିବାରର ମୁଖ୍ୟ ଭାବେ ପୁରୁଷ ପ୍ରାଣୀଟି ଗୋଟିଏ ସାଥୀ ଗ୍ରହଣ କରିବା ପରେ ସେମାନଙ୍କର ନିର୍ଦ୍ଦିଷ୍ଟ ଅଞ୍ଚଳ ଓ ସ୍ଥାନରେ ରହିବା ପାଇଁ ସ୍ଥାନ ନିରୂପଣ କରିଥାଆନ୍ତି।

ବର୍ଷାଋତୁ ଆରମ୍ଭରେ ପୁରୁଷ ଓ ମାଈ ପ୍ରାଣୀମାନଙ୍କର ମିଳନ ହୋଇଥାଏ। ଶୀତ ଦିନରେ ବା ଡିସେମ୍ବରରୁ ମାର୍ଚ୍ଚ ମଧ୍ୟରେ ଏମାନେ ଶାବକ ପ୍ରସବ କରନ୍ତି। ଏମାନଙ୍କର ଗର୍ଭଧାରଣ ସମୟ ହେଉଛି ୨୦୦ ରୁ ୨୧୨ଦିନ। ମାଈ ଗିବନ ଥରକେ ଗୋଟିଏ ମାତ୍ର ଶାବକ ଜନ୍ମ ଦେଇଥାଏ। ମା'ଗିବନଟି ତା'ର ଶିଶୁକୁ ଅତି ଯତ୍ନ ସହକାରେ ନିଜ ପିଠିରେ କିମ୍ବା ହାତରେ ଧରି ଗଛ ଡାଳରେ ବୁଲିଥାଏ ଏବଂ ଖାଦ୍ୟ ସଂଗ୍ରହ କରି ଶିଶୁକୁ ଦେଇଥାଏ। ଶାବକଟି ୬ରୁ ୧୦ବର୍ଷ ମଧ୍ୟରେ ପ୍ରାପ୍ତ ବୟସ୍କ ହୋଇଥାଏ। ଏମାନଙ୍କ ଜୀବନ କାଳ ହେଉଛି ୨୩ବର୍ଷ।

**ପ୍ରାଣୀ ବିଜ୍ଞାନ ବିଭାଗ,**
**ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଙ୍କୀ**
**ଦୂରଭାଷ-**

# ଉଚ୍ଚଶିକ୍ଷାର ଅନ୍ତରାଳେ

ହେମନ୍ତ ପାତ୍ର

ଶିକ୍ଷା, କାହିଁ କେଉଁ କାଳରୁ ମଣିଷକୁ ମଣିଷ ପରି ଗଢ଼ି ତୋଳିବା ପାଇଁ ଶିକ୍ଷାର ଆବଶ୍ୟକତାକୁ ମଣିଷଠାରୁ ଦେବତା ପର୍ଯ୍ୟନ୍ତ ସମସ୍ତେ ସ୍ୱୀକାର କରନ୍ତି। ଶିକ୍ଷାହିଁ ମଣିଷକୁ ଦୁନିଆର ଭଲ-ମନ୍ଦ, ଧର୍ମ-ଅଧର୍ମ, ଜ୍ଞାନ-ଅଜ୍ଞାନ, ସତ୍ୟ-ମିଥ୍ୟା, ପାପ-ପୁଣ୍ୟ ଇତ୍ୟାଦି ପ୍ରତ୍ୟେକ ବିଷୟରେ ସମ୍ୟକ୍ ଜ୍ଞାନ ପ୍ରଦାନ କରିବାପାଇଁ ଅଭିପ୍ରେତ। ସାରାବିଶ୍ୱକୁ ଅନ୍ଧକାରରୁ ଆଲୋକର ମାର୍ଗ ଦେଖାଇବା ଶିକ୍ଷାର ଧର୍ମ। ଏଥିରେ ଆଦୌ ସନ୍ଦେହ ନାହିଁ।

ତଥାପି ମନେହୁଏ ଜ୍ଞାନରୁ ଅଜ୍ଞାନକୁ, ସଂସ୍କାରକୁ ଅପସଂସ୍କାର ଆଡ଼କୁ, ସକାରାତ୍ମକ ଦିଗରୁ ନକାରାତ୍ମକ ଦିଗକୁ, ମଣିଷପଣିଆରୁ ଅମଣିଷପଣିଆ ଆଡ଼କୁ ଏହି ଶିକ୍ଷିତ ସମାଜ ଯେମିତି ଅଣନିଶ୍ୱାସୀ ହୋଇ ଧାଇଁ ଚାଲିଛି। କେତୋଟି ଉଦାହରଣକୁ ଏହି ଉକ୍ତିର ସାର୍ଥକତା ଜାଣିହେବ।

ସ୍ୱାମୀ-ସ୍ତ୍ରୀ ଉଭୟ ଉଚ୍ଚ ଶିକ୍ଷିତ। ଉଚ୍ଚ ରୋଜଗାର କ୍ଷମ। ପାରିବାରିକ ପରିସ୍ଥିତ ସ୍ୱଚ୍ଛଳ। କିନ୍ତୁ କାହିଁକି କେଜାଣି କେହି ତାହାକୁ ବୁଝିବାକୁ ଅକ୍ଷମ। ସୁଖ ପାଇଁ ସବୁ ବାହ୍ୟ ଆଡ଼ମ୍ବର ଭିତରେ ଶାନ୍ତ ସୁଦୂର ପରାହତ। ପରସ୍ପର, ସ୍ନେହ, ପ୍ରେମ, ବିଶ୍ୱାସ, ଭରସାଠାରୁ ଅଲଗା ଏପରି ନକାରାତ୍ମକ ଶିକ୍ଷା ଏମାନେ ପାଇଲେ କେଉଁଠୁ? କଠିନ ପ୍ରରିଶ୍ରମ କରି ପିଲାଙ୍କୁ ଶିକ୍ଷାଦାନ ପ୍ରଦାନ କରିଥିବା ବୁଢ଼ା ବାପା ମାଆଙ୍କୁ ଶେଷରେ ଜରାଶ୍ରମ ଯିବାକୁ ପଡୁଛି କାହିଁକି? କାହିଁକି ଶିକ୍ଷାର ସମସ୍ତ ନୈତିକତା ଏଠାରେ ହାର ମାନୁଛି?

"ପରକୀୟା ପ୍ରୀତି ଅପରାଧ ନୁହେଁ" ଏପରି କହୁଥିବା ବୁଦ୍ଧିଜୀବୀମାନେ ଭାରତର ମହାନ୍ ସଂସ୍କୃତିକୁ କେଉଁ ଦିଗରୁ ଦେଖୁଛନ୍ତି। କୁହନ୍ତୁତ, କେଉଁ ପୁରୁଷ ବା ସ୍ତ୍ରୀ ଏପରି ପରକୀୟା ପ୍ରୀତିକୁ ନିଜେ ଅଙ୍ଗେ ନିଭାଇବା ପରେ ହସି ହସି ଗ୍ରହଣ କରିପାରିବ? ଆଜିର ପିଲା ବାପା ମାଆଙ୍କର ଏପରି ପରକୀୟା ପ୍ରୀତିରୁ ପଶୁର ଯୌନ ସଂସ୍କୃତି ଛଡ଼ା ଆଉବା କ'ଣ ଶିଖିବ? ସାମାଜିକ ଶୃଙ୍ଖଳା ମଧ୍ୟରେ ବିବାଦ, ପରିବାର ଓ ସମାଜ ତଥା ଦେଶ ଗଠନ ଭଳି ମୂଲ୍ୟବୋଧଭିତ୍ତିକ ଚରିତ୍ରର କ୍ରମ ଅବକ୍ଷୟ ଘଟି ଚାଲିଥିବା ପରି ମନେହୁଏ। ଏହି ପରିପ୍ରେକ୍ଷୀରେ "ଯୋର ଯାର ମୂଳକ ତାର" ନୀତିରେ ଭାରତବର୍ଷର ନୈତିକ ଶୃଙ୍ଖଳାକୁ ଦଳିଚକଟି ଜଙ୍ଗଲ ରାଜର ଆବାହନ କହିଲେ ଅତ୍ୟୁକ୍ତି ହେବନାହିଁ।

ଏକବିଂଶ ଶତାବ୍ଦୀରେ ବି "ତିନି ତଲାକ" ପରି ଏକ ଘୃଣ୍ୟ ପ୍ରଥାକୁ ବଞ୍ଚାଇ ରଖିବା ପାଇଁ ରାଜନୈତିକ ଦଳମାନଙ୍କ ମଧ୍ୟରେ ଛକା ପଞ୍ଝା ଭିତରେ ପ୍ରକୃତି ମାନବତାର ଶିକ୍ଷା କୁଆଡ଼େ ହଜିଯାଉଛି। ନାରୀକୁ ପୁରୁଷର ସମକକ୍ଷ କରି ଶୋଷଣରୁ ରକ୍ଷା କରିବାପାଇଁ ଭାଷଣ ବାଜି କରୁଥିବା ପାଠୁଆ ବାବୁମାନେ ଯେ ପରୋକ୍ଷରେ ନାରୀକୁ ଉପଭୋଗର ସାମଗ୍ରୀଭାବେ ରଖିବାର ନୀଚ ମାନସିକତାର ଉର୍ଦ୍ଧ୍ୱକୁ ଉଠିପାରୁନାହାନ୍ତି ବୋଲି କହିବା ଯଥାର୍ଥ ହେବ। ଉଚ୍ଚ ଶିକ୍ଷାର ପରିଣତି କ'ଣ ଏମିତି ହୁଏ?

ସଂସଦ ହେଉ ବା ବିଧାନସଭା, ଗୋଟିଏ ପଟେ ସରକାର, ଅନ୍ୟପଟେ ବିରୋଧୀ ଦଳଙ୍କ କାର୍ଯ୍ୟ ହେଲା ସରକାରଙ୍କୁ ସ୍ୱେଚ୍ଛାଚାରୀ ହେବାରୁ ନିବୃତ୍ତ କରାଇବା ସହିତ ରାଷ୍ଟ୍ରଗଠନ ପାଇଁ ସରକାରଙ୍କୁ ଉଚିତ୍ ଦିଗ୍‌ଦର୍ଶନ ଦେବା। କିନ୍ତୁ ଏପର୍ଯ୍ୟନ୍ତ କେବଳ ଏହାହିଁ ଦେଖାଯାଏ ଯେ କେବଳ "ଜିରାରୁ ଶିରା କାଢ଼ି" ସରକାରଙ୍କୁ ଘେରିବା ସହିତ ଗୃହର ବହୁମୂଲ୍ୟ ସମୟ ନଷ୍ଟ କରିବା ଛଡ଼ା କେବେବି ନିଷ୍କପଟ ଭାବରେ କୌଣସି ଯୁଗାନ୍ତକାରୀ ନିଷ୍ପତ୍ତି ଉପରେ ସରକାରଙ୍କୁ ସହଯୋଗ କରନ୍ତି ନାହିଁ। କେବଳ ବାବୁମାନଙ୍କର ଦରମା ବଢ଼ାଯିବା ବିଲ୍‌କୁ ଶତପ୍ରତିଶତ ସମର୍ଥନ ମିଳିଥାଏ। ଦେଶ ଉପରେ ଆତଙ୍କବାଦୀ ଆକ୍ରମଣ ପରି ଅତି ସମ୍ବେଦନଶୀଳ ପ୍ରଶ୍ନ ଉପରେ ବି ବିରୋଧିଦଳର ରାଷ୍ଟ୍ରପ୍ରତି ପ୍ରତିବଦ୍ଧତା ଏପର୍ଯ୍ୟନ୍ତ ପରିଦୃଶ୍ୟମାନ ହୁଏନାହିଁ।

ଜନସଂଖ୍ୟା ବିସ୍ଫୋରଣରେ ପୃଥିବୀ ତ୍ରାହି ତ୍ରାହି ଚିତ୍କାର କରୁଥିବା ସମୟରେ କିଛି ଜନସଂଖ୍ୟା ନିୟନ୍ତ୍ରଣରେ ବ୍ରତୀ ରହିଥିବା ସମୟରେ ଆଉ କିଛି ବିବାହ ପରେ ବିବାହ କରି ଛୁଆ ପରେ ଛୁଆ ଜନ୍ମ କରିବାରେ ବ୍ୟସ୍ତ। ଇଏ କୁଆଡ଼େ ତାଙ୍କର ପୁରୁଷାର୍ଥ। ସରକାର ଯାଉଛି ପୁଣି ନୂତନ ସରକାର ଆସୁଛି। ହେଲେ ଏଥିପାଇଁ ଦୃଢ଼ ଆଇନ୍ କାହିଁ? ପାଟି ଫିଟିଲେ ଭୋଟ ମିଳିବନାହିଁ। "ଆପେ ବଞ୍ଚିଲେ ବାପାର ନାଆଁ" ରାଷ୍ଟ୍ରର ଆବଶ୍ୟକତାକୁ ପଚାରେ କିଏ? ଏମିତିବି ରାଜନୀତି ବିଜ୍ଞାନରେ ଅଛି ନା ନାହିଁ?

ଦିନ ତମାମ ନିଜ ପେଟ ପାଟଣା ପାଇଁ ବ୍ୟସ୍ତ ରହୁଥିବା ସାଧାରଣ ଲୋକ ଆତଙ୍କବାଦୀଙ୍କ ସଂଜ୍ଞା କହିପାରୁଥିବାବେଳେ ବିଶ୍ୱର ସର୍ବୋଚ୍ଚ ଅଦାଲତ 'ଜାତିସଂଘ' କିନ୍ତୁ ଆତଙ୍କବାଦିଙ୍କ ସଂଜ୍ଞା ନିରୂପଣରେ ଏପର୍ଯ୍ୟନ୍ତ ଅସମର୍ଥ। କିଏ ଜାଣେ ଆଉ କେତେ ବର୍ଷ ଯା ଉପରେ ଗବେଷଣା ଚାଲିବ। ଗଣତନ୍ତ୍ର ଏଠି ବଡ଼ ବଡ଼ ପାଠୁଆଙ୍କ ଗବେଷଣାଗାରରେ ଅଣନିଶ୍ୱାସୀ। VOTE ର ଅପପ୍ରୟୋଗରେ ଗଣତନ୍ତ୍ର ଏଠି ଧରାଶାୟୀ। ବାସ୍ତବରେ ଶିକ୍ଷିତ ହେବତ ଏମିତି।

ଭଲ ଛାତ୍ରଛାତ୍ରୀମାନେ ବଡ଼ବଡ଼ ନାମକରା ବିଶ୍ୱବିଦ୍ୟାଳୟକୁ ପାଠ ପଢ଼ିବାକୁ ଯାଇ କେମିତିକା ଜାତୀୟତା ଶିକ୍ଷା କରୁଛନ୍ତି କେଜାଣି ଶତ୍ରୁ ରାଷ୍ଟ୍ରର ଜୟଜୟକାର କରିବାକୁ ଜମା କୁଣ୍ଠା କରୁନାହାନ୍ତି। ବୁର୍‌ହାନ୍‌ବାନୀ ଭଳି ଆତଙ୍କବାଦୀ ଚରିତ୍ର ଏମାନଙ୍କର ଆଦର୍ଶ। ପଛରେ ନିଆଁରେ ଘିଅ ଢାଳିବାକୁ ବିରୋଧିଦଳ ବି ତୟାର। ଏମିତି ଗୋଳିଆ ପାଣିରୁ ଯଦି ମାଛ ନଧରି ପାରିବ ତାହାଲେ କି ପାଠ ପଢ଼ିଛ।

ବୋଧହୁଏ ଏହିପରି ରାଷ୍ଟ୍ର ବିରୋଧି ତତ୍ତ୍ୱକୁ ଜାତୀୟତାର ସ୍ରୋତ ମଧ୍ୟକୁ ଆଣିବାପାଇଁ ବେନିଟୋ ମୁସୋଲିନ୍ ଦୃଢ଼ଭାବରେ ଘୋଷଣା କରିଥିଲେ - "Everything inside the state , nothing outside the state and against the state." ସ୍ୱାଧୀନତା ପୂର୍ବରୁ ଭାରତୀୟଙ୍କଠାରେ ଜାତୀୟତାବୋଧର ଅଭାବକୁ ଲକ୍ଷ୍ୟକରି ସୁଭାଷ ବୋଷ ବି ଋହିଁଥିଲେ ସ୍ୱାଧୀନତା ପ୍ରାପ୍ତିପରେ ଅନ୍ୟୁନ ୨୦ବର୍ଷ ପାଇଁ ଭାରତବର୍ଷକୁ ସେନା ଶାସନ ଅଧୀନରେ ରଖି ଦେଶପ୍ରେମର ମହାନ ଶିକ୍ଷା ଦେବାପାଇଁ।

କୌଣସି ରାଷ୍ଟ୍ର ହେଉ ବା ବିଶ୍ୱ; ଆଗକୁ ସମଦର୍ଶୀ ହୋଇ ବଢ଼ିବାପାଇଁ ଯେଉଁମାନଙ୍କ ଉପରେ ନିର୍ଭର କରୁଛି ସେମାନଙ୍କ ପକ୍ଷେ ସ୍ୱାର୍ଥପରତା ଅବା ନୀଚ କୂଟନୀତି ସର୍ବାଦୌ ବର୍ଜନୀୟ। ଆପେ ବଞ୍ଚିଲେ ବାପାର ନାଆଁକୁ ଛାଡ଼ି "ବସୁଧୈବ କୁଟୁମ୍ବକମ୍" ନୀତିକୁ ଆପଣାଇ ନିଅ। "Live and let live." ଜ୍ଞାନରେ ଉଦ୍‌ବୁଦ୍ଧ ହୁଅ। ନିଜେ ଉଠ, ଅନ୍ୟକୁ ଉଠାଅ। ଯାହା କିଛି ବିଦ୍ୟା, ବୁଦ୍ଧି, ଜ୍ଞାନ ଅର୍ଜନ କରିଛ ତାକୁ ବିଶ୍ୱ ହିତରେ ଲଗାଇ ଦିଅ। କାରଣ, ଯେତେ ଯାହା କଲେବି ଏ ସୁନ୍ଦର ପୃଥିବୀକୁ ବିନା ଯନ୍ତ୍ରଣାରେ ଭୋଗ କରି ତୁମେ ଚୀରଂଜୀବୀ ହୋଇପାରିବନାହିଁ।

**କମରପଦା, ଯଶପଡ଼ା, କଟକ**
**ପିନ୍ - ୭୫୪୧୩୦**
**ମୋ - ୮୧୪୪୮୨୬୮୮୫**

# ଭାରତୀୟ କ୍ରିକେଟର ପଥ ପ୍ରଦର୍ଶକ

**ଆଶିଷ କୁମାର ରାୟ**



ଏବେ କ୍ରିକେଟ ହେଉଛି ଭାରତର ସର୍ବାଧିକ ଲୋକପ୍ରିୟ ଖେଳ। ତେବେ ଆମ ଦେଶରେ କ୍ରିକେଟର ଲୋକପ୍ରିୟତା ବୃଦ୍ଧି ପାଇଥିଲା ୧୯୮୩ ମସିହାର ବିଶ୍ୱ କପ୍ ପରେ। ଇଂଲାଣ୍ଡରେ ଅନୁଷ୍ଠିତ ୧୯୮୩ର ବିଶ୍ୱ କପ୍‌ରେ ଭାରତ ଚାମ୍ପିଆନ୍ ହେବା ପରେ କାଶ୍ମୀରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଭାରତବାସୀ ସତେ ଯେମିତି ଏହି ଖେଳର ପ୍ରଶଂସକ ପାଲଟିଗଲେ। ଏହା ପରଠାରୁ କିଶୋରମାନଙ୍କ ମଧ୍ୟରେ ଏହାକୁ ନେଇ ଉତ୍ସାହ ବହୁଗୁଣରେ ବୃଦ୍ଧି ପାଇଲା। ଫଳସ୍ୱରୂପ ସେମାନଙ୍କ ମଧ୍ୟରୁ ଅନେକେ କ୍ରିକେଟକୁ ନିଜର କ୍ୟାରିୟରଭାବେ ଗ୍ରହଣ କରିବାକୁ ଆଗେଇ ଆସିଲେ ଏବଂ ପରବର୍ତ୍ତୀ ସମୟରେ ଉଚ୍ଚକୋଟୀର ଖେଳାଳିଭାବେ ସାମ୍ନାକୁ ଆସିଲେ। ଭାରତର ଏହି ଯୁବଗୋଷ୍ଠୀଙ୍କ ମଧ୍ୟରୁ ଅଧିକାଂଶଙ୍କ ପାଇଁ କପିଲ୍ ଦେବ ହିଁ ଥିଲେ ଆଦର୍ଶ ପୁରୁଷ, ଯାହାଙ୍କ ଅଧିନାୟକତ୍ୱରେ ଭାରତ ଜିତିଥିଲା ୧୯୮୩ର ବିଶ୍ୱ କପ୍। ସୁତରାଂ କପିଲ୍ ଦେବଙ୍କୁ ଯଦି ଭାରତୀୟ କ୍ରିକେଟର ପଥ ପ୍ରଦର୍ଶକ ଆଖ୍ୟା ଦିଆଯାଏ ତେବେ ସେଥିରେ କିଛି ଭୁଲ୍ ହେବ ନାହିଁ।



କ୍ରିକେଟ ଜଗତର ଅନ୍ୟତମ ଶ୍ରେଷ୍ଠ ଅଲରାଉଣ୍ଡର ଭାବେ କପିଲ୍ ଦେବ ନିଖଞ୍ଜଙ୍କ ଖ୍ୟାତି ସର୍ବଜନ ବିଦିତ। ୧୯୭୮ରେ ପାକିସ୍ତାନ ବିପକ୍ଷରେ ଖେଳି କ୍ରିକେଟ କ୍ୟାରିୟର ଆରମ୍ଭ କରିବାଠାରୁ ୧୯୯୪ରେ ଶ୍ରୀଲଙ୍କା ବିପକ୍ଷରେ ଅନ୍ତିମ ଟେଷ୍ଟ ଖେଳିବା ପର୍ଯ୍ୟନ୍ତ ଭାରତୀୟ କ୍ରିକେଟର ଜଣେ ଅଗ୍ରଣୀ ଯୋଦ୍ଧା ଭାବେ କ୍ରୀଡ଼ାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି ସେ। ତାଙ୍କର ଦେହ, ମନ, ପ୍ରାଣ ସବୁକିଛି ସମର୍ପିତ ହୋଇଛି ନିଜର ପ୍ରିୟ ଖେଳ ପାଇଁ। ତାଙ୍କରି ଅଧିନାୟକତ୍ୱରେ ଭାରତ ବିଶ୍ୱ ବିଜେତାର ଆସନ ମଧ୍ୟ ଅଳଙ୍କୃତ କରିଛି। କେବଳ ସେତିକି ନୁହେଁ ଆମ ଦେଶରେ କ୍ରିକେଟ ଖେଳର ଆଶାତୀତ ଲୋକପ୍ରିୟତା ଅନେକାଂଶରେ ତାଙ୍କରି ଚମତ୍କାରିତା ବଳରେ ସମ୍ଭବ ହୋଇପାରିଛି।

୧୯୫୯ ମସିହା ଜାନୁଆରୀ ୬ ତାରିଖ ଦିନ ଚଣ୍ଡୀଗଡ଼ ଠାରେ ଜନ୍ମଗ୍ରହଣ କରିଥିବା କପିଲ୍ ଦେବ ଯେ ଜଣେ ଅସାମାନ୍ୟ କ୍ରୀଡ଼ାବିତ ଏଥିରେ ଦ୍ୱିମତ ହେବାର ଅବକାଶ ନାହିଁ। ବିଶନ ସିଂହ ବେଦୀ, ଭାଗବତ ଚନ୍ଦ୍ରଶେଖର, ଏରାପଲ୍ଲୀ ପ୍ରସନ୍ନା ଓ ଭେଙ୍କଟ ରାଘବନଙ୍କ ଭଳି ପ୍ରସିଦ୍ଧ ସ୍ପିନ୍ ବୋଲରମାନେ ସେମାନଙ୍କ କ୍ରିକେଟ ଜୀବନର ସାୟାହ୍ନରେ ଉପନୀତ ହୋଇଯାଇଥିବା ସମୟରେ ଭାରତୀୟ ଦଳରେ ସାମିଲ ହେବାର ସୁଯୋଗ ପାଇଥିଲେ କପିଲ୍। ପୂର୍ବରୁ ଭାରତ ବୋଲିଂ ଆକ୍ରମଣ ମୁଖ୍ୟତଃ ସ୍ପିନ୍ ବୋଲିଂ ଉପରେ ନିର୍ଭରଶୀଳ ଥିଲା, ହେଲେ କପିଲଙ୍କ ଆଗମନ ଯୋଗୁଁ ସ୍ଥିତି ପ୍ରାୟତଃ ବଦଳିଗଲା। ନିଜର ଦ୍ରୁତ ବୋଲିଂ ବଳରେ ସେ ହିଁ ଭାରତୀୟ ଆକ୍ରମଣର କର୍ଣ୍ଣଧାର ସାଜିଲେ। ଏତଦ୍‌ବ୍ୟତୀତ ତାଙ୍କର ଧୂଆଁଧାର ବ୍ୟାଟିଂ ବିପକ୍ଷ ଦଳର ବୋଲିଂ ଲାଇନକୁ ଛିନ୍ନଛତ୍ର କରିବା ନିମନ୍ତେ ମଧ୍ୟ ଥିଲା ଅତ୍ୟନ୍ତ ଉପଯୋଗୀ।

୧୯୮୨-୮୩ରେ ଜାତୀୟ ଦଳର ନେତୃତ୍ୱ ଭାର ନ୍ୟସ୍ତ ହେଲା ଏହି ଯୁବ ଅଲରାଉଣ୍ଡରଙ୍କ ଉପରେ ଏବଂ ତାଙ୍କରି ନେତୃତ୍ୱରେ ଏକ ଦିବସୀୟ କ୍ରିକେଟରେ ଭାରତକୁ ମିଳିଲା ଅଭୂତପୂର୍ବ ସଫଳତା। ପୂର୍ବରୁ ଦିନିକିଆ ଆନ୍ତର୍ଜାତିକରେ ଏକ ଦୁର୍ବଳ ଦଳ ଭାବେ ପରିଗଣିତ ହେଉଥିବା ଭାରତୀୟ ଦଳର ସତେ ଯେପରି କାୟାକଳ୍ପ ହୋଇଗଲା। କପିଲ୍ ଦେବଙ୍କ ଅଧିନାୟକତ୍ୱରେ ଭାରତ ଜିଣିଲା ୧୯୮୩ର ବିଶ୍ୱକପ୍। ୧୯୭୫ ଓ ୧୯୭୯ର ପୂର୍ବବର୍ତ୍ତୀ ଦୁଇ ଦୁଇଟି ବିଶ୍ୱକପ୍‌ରେ ଅତ୍ୟନ୍ତ ଦୟନୀୟ ପ୍ରଦର୍ଶନ କରିଥିବା ଭାରତ ଯେ ୧୯୮୩ ମସିହାର ବିଶ୍ୱ କପ୍ ଚାମ୍ପିଆନ ହେବ ଏହା ଥିଲା ସମସ୍ତଙ୍କ କଳ୍ପନାର ବାହାରେ। କିନ୍ତୁ ଏହି ବିଶ୍ୱ କପ୍‌ରେ ଅବିଶ୍ୱସନୀୟ ପ୍ରଦର୍ଶନ କରି ସେମି ଫାଇନାଲରେ ଆୟୋଜକ ଇଂଲାଣ୍ଡ ଓ ଫାଇନାଲରେ ତାରକା ଖଚିତ ଦୁର୍ଦ୍ଧର୍ଷ ୱେଷ୍ଟଇଣ୍ଡିଜ୍ ଦଳକୁ ଧୂଳି ଚଟିବାକୁ ବାଧ୍ୟକଲା କପିଲଙ୍କ ସେନାବାହିନୀ। ନିଜେ କପିଲ୍ ଦେବ ମଧ୍ୟ ଉଭା ହେଲେ ଏହି ବିଶ୍ୱ କପ୍‌ର ଉଜ୍ଜ୍ୱଳତମ ତାରକା ଭାବେ। ଦଳକୁ ସଠିକ୍ ନେତୃତ୍ୱ ଦେବା ସହିତ ବ୍ୟାଟିଂ, ବୋଲିଂ ଓ ଫିଲଡ଼ିଂ - ଏହି ତିନୋଟିଯାକ ବିଭାଗରେ ତାଙ୍କର ପ୍ରଦର୍ଶନ ଥିଲା ଅତ୍ୟନ୍ତ ଉଚ୍ଚକୋଟୀର।

ଜିମ୍ବାୱେ ବିପକ୍ଷରେ ଟନ୍‌ବ୍ରିଜ୍ ୱେଲସ୍‌ଠାରେ ଅନୁଷ୍ଠିତ ମହତ୍ତ୍ୱପୂର୍ଣ୍ଣ ଲିଗ୍ ମ୍ୟାଚରେ କପିଲ୍ ଦେବଙ୍କ ଆକ୍ରାମଣାତ୍ମକ ବ୍ୟାଟିଂ ଦଳର ବିଜୟରେ ଗ୍ରହଣ କଲା ମହତ୍ତ୍ୱପୂର୍ଣ୍ଣ ଭୂମିକା। ଜିମ୍ବାୱେ ବୋଲରମାନଙ୍କ ମାରାତ୍ମକ ବୋଲିଂ ଯୋଗୁଁ ଭାରତୀୟ ଦଳର ପ୍ରମୁଖ ପାଞ୍ଚଜଣ ଖେଳାଳି ଯେତେବେଳେ ପ୍ୟାଭେଲିୟନର ରାସ୍ତା ଦେଖିଲେ ସେତେବେଳେ ଦଳୀୟ ସ୍କୋର ଥିଲା

ମାତ୍ର ୧୭ରନ୍। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ବ୍ୟାଟିଂ କରିବାକୁ ଆସି କପିଲ୍ ଖେଳିଲେ ୧୭୫ରନ୍‌ର ଏକ ସ୍ମରଣୀୟ ଇନିଂସ। ଏକ ଦିବସୀୟ ଆନ୍ତର୍ଜାତିକରେ ଏହା ଥିଲା ସେ ସମୟର ସର୍ବାଧିକ ସ୍କୋରର ରେକର୍ଡ଼। ଏତଦ୍‌ବ୍ୟତୀତ ଏକ ଦିବସୀୟ ଆନ୍ତର୍ଜାତିକରେ ଏହା ମଧ୍ୟ ଥିଲା ଭାରତର ପ୍ରଥମ ଶତକ। କପିଲ ଦେବଙ୍କ ଏହି ଅବିସ୍ମରଣୀୟ ବ୍ୟାଟିଂ ପ୍ରଦର୍ଶନ ଏବେ ମଧ୍ୟ କ୍ରୀଡ଼ାଜଗତରେ ଚର୍ଚ୍ଚାର ବିଷୟ ହୋଇ ରହିଛି। କପିଲ୍‌ଙ୍କର ଏହି ମ୍ୟାଚ୍ ବିଜୟୀ ଇନିଂସ ହିଁ ସମୁଦାୟ ଦଳର ମନୋବଳ ବୃଦ୍ଧି କରିବା ଦିଗରେ ସମର୍ଥ ହୋଇଥିଲା।

ଟେଷ୍ଟ ବ୍ରିଜ୍‌ଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଅନ୍ୟ ଏକ ଲିଗ୍ ମ୍ୟାଚରେ କପିଲ୍ ଦେବ ୪୩ ରନ ବିନିମୟରେ ହାସଲ କରିଥିଲେ ୫ଟି ୱିକେଟ୍। ଏକ ଦିବସୀୟ ମ୍ୟାଚ୍‌ରେ ପ୍ରଥମ ଭାରତୀୟ ଭାବେ ଶତକ ହାସଲ କରିବା ଭଳି ଗୋଟିଏ ମ୍ୟାଚରେ ପାଞ୍ଚଟି ୱିକେଟ୍ ନେବାରେ ମଧ୍ୟ କପିଲ୍ ଥିଲେ ଦେଶର ପ୍ରଥମ ବୋଲର। ସେହିଭଳି ଫାଇନାଲ ମ୍ୟାଚରେ ୱେଷ୍ଟଇଣ୍ଡିଜ୍‌ରେ ଖ୍ୟାତନାମା ବ୍ୟାଟ୍‌ସ୍‌ମ୍ୟାନ ଭିଭ୍ ରିଚର୍ଡ଼୍‌ସଙ୍କ ଦର୍ଶନୀୟ କ୍ୟାଚ୍‌ଟି ନେଇ କପିଲ ଦେବ ହିଁ ମ୍ୟାଚ୍‌ର ଗତିପଥ ବଦଳାଇ ଦେଇଥିଲେ। ଦୁଇ ଥରର ବିଶ୍ୱକପ୍ ବିଜେତା ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୪୩ ରନ୍‌ରେ ଅପ୍ରତ୍ୟାଶିତ ବିଜୟ ହାସଲ କରି ପ୍ରଥମ ଥର ସକାଶେ ଭାରତ ହେଲା ଚାମ୍ପିଆନ୍। ଏଥି ସହିତ କପିଲ ହେଲେ ବିଶ୍ୱ ବିଜୟର ମୁଖ୍ୟ ନାୟକ। ଭାରତ ବିଶ୍ୱ କପ୍ ବିଜୟୀ ହେବା ସହିତ ସମଗ୍ର ଦେଶ ବିଜୟ ଉଲ୍ଲାସରେ ମସଗୁଲ ହୋଇଉଠିଲା।

୧୦୮୩ର ବିଶ୍ୱକପ୍ ବିଜୟ ଭଳି ୧୯୮୫ ରେ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ବେନସନ୍ ହେଜେସ୍ ବିଶ୍ୱ ଚମ୍ପିଆନଶିପ୍‌ରେ ଭାରତର ବିଜୟ ମଧ୍ୟ ଥିଲା ଅତ୍ୟନ୍ତ ଉଲ୍ଲେଖନୀୟ। ଏହି ବିଜୟରେ ମଧ୍ୟ କପିଲ୍ ଦେବଙ୍କ ଭୂମିକା କିଛି କମ୍ ନଥିଲା। ନ୍ୟୁଜିଲାଣ୍ଡ ବିପକ୍ଷରେ ସେମିଫାଇନାଲରେ ତାଙ୍କର ବ୍ୟାଟିଂ ଏବଂ ପାକିସ୍ତାନ ବିପକ୍ଷରେ ଫାଇନାଲରେ ତାଙ୍କର ବୋଲିଂ ଭାରତୀୟ ଦଳର ବିଜୟ ପାଇଁ ପଥ ପରିଷ୍କାର କରିଥିଲା। ଏତଦ୍‌ବ୍ୟତୀତ ୧୩୧ ଟେଷ୍ଟରେ ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ରନ୍ କରିବା ସହିତ ୪୩୪ ୱିକେଟ ଅକ୍ତିଆର କରି ନ୍ୟୁଜିଲାଣ୍ଡର ରିଚର୍ଡ଼ ହାଡ଼ଲୀଙ୍କ ସର୍ବାଧିକ ୱିକେଟର ରେକର୍ଡ଼କୁ ଅତିକ୍ରମ କରିବା ମଧ୍ୟ ଥିଲା କପିଲ୍ ଦେବଙ୍କର ଆଉ ଏକ ସଫଳତା। ସେହିଭଳି ୨୨୫ଟି ଏକ ଦିବସୀୟ ଅନ୍ତର୍ଜାତିକରେ ୨୫୩ଟି ୱିକେଟ ମଧ୍ୟ ଥିଲା ସେସମୟର ରେକର୍ଡ଼। ଏହି ଦୁଇଟିଯାକ ରେକର୍ଡ଼ ପରବର୍ତ୍ତୀ ସମୟରେ ଭଙ୍ଗ ହୋଇ ଯାଇଥିଲେ ହେଁ କ୍ରିକେଟ ଜଗତରେ କପିଲ ଦେବଙ୍କ କୃତିତ୍ୱ ଏବେ ମଧ୍ୟ ଅକ୍ଷୁଣ୍ଣ ରହିଛି। ୱିସଡ଼ନ୍ ଦ୍ୱାରା ଯଥାର୍ଥରେ ସେ ଘୋଷିତ ହୋଇଛନ୍ତି ଗତ ଶତାବ୍ଦୀର ଶ୍ରେଷ୍ଠ ଭାରତୀୟ କ୍ରିକେଟର ଭାବେ। ଭାରତର ଅଗଣିତ କ୍ରିକେଟ ଅନୁରାଗୀ ଏବେ ମଧ୍ୟ ଏହି ମହାନ ମହାନ ତାରକାଙ୍କ କ୍ରୀଡ଼ାନୈପୁଣ୍ୟକୁ ମନେ ରଖିଛନ୍ତି ଏହାକୁ ସେମାନେ କେବେହେଲେ ଭୁଲିପାରିବେ ନାହିଁ। ଯେତେଦିନ ପର୍ଯ୍ୟନ୍ତ କ୍ରିକେଟ ଖେଳ ରହିଥିବ, ସେତେଦିନ ପର୍ଯ୍ୟନ୍ତ କପିଲ ଦେବଙ୍କର ଅବିସ୍ମରଣୀୟ କୃତିତ୍ୱର ସ୍ୱାକ୍ଷର ଭାରତୀୟ କ୍ରୀଡ଼ାକାଶରେ ଜାଜ୍ୱଲ୍ୟମାନ ହୋଇ ରହିଥିବ ।

ମୋ- ୯୪୩୭୬୨୭୫୧୪

# ସ୍ୱାଗତଂ ନୂଆ ବରଷ



**ଶ୍ରୀମତୀ ରଶ୍ମିତା ନାୟକ**

ସ୍ୱାଗତଂ ସ୍ୱାଗତଂ ନୂଆ ବରଷ
ପାଦଥାପି ଆସ ହୋଇ ହରଷ । ॥୧॥
ପରଷିବ ତୁମେ ଆଧ୍ୟାତ୍ମିକତା
ସବୁରି ହୃଦରେ ନୈତିକତା । ॥୨॥
ସତ୍ୟର ଧାରାରେ ଭସାଇ ଦେବ
ପଞ୍ଚବିକାରଠୁ ଦୂରେଇ ନେବ । ॥୩॥
ଆନନ୍ଦ ମଳୟେ ଉଲ୍ଲସିତ
ପ୍ରେମର ସାଗରେ ମନ ପ୍ଲାବିତ । ॥୪॥
ଶାନ୍ତିର କୁସୁମ ଫୁଟି ଉଠିବ
ପବିତ୍ରତାର ଲହରି ଖେଳିବ । ॥୫॥
ସୃଷ୍ଟି ହେବ ଏଠି ସ୍ୱର୍ଗ ଆମର
ରୂପାନ୍ତର ହେବ ଚିତ୍ତ ଆତ୍ମାର । ॥୬॥
ମଧୁମୟ ହେବ ସାରା ସଂସାର
ସବୁରି ମୁଖରେ ହସ ଜୁଆର । ॥୭॥
ଜ୍ଞାନର ଜ୍ୟୋତି ଉଦୟ ହେବ
ପରମାତ୍ମାଙ୍କ ସହ ଯୋଗ ରହିବ । ॥୮॥
ଶାନ୍ତି ମୈତ୍ରୀର ପ୍ରୀତି ପିୟୂଷେ
ସରବେ ନାଚିବେ ନୂଆ ବରଷେ । ॥୯॥
ପ୍ରବେଶ ହୋଇବ ଜାଣ ସତ୍ୟଯୁଗ
ଅପସରି ଯିବ ସଙ୍ଗମ ଯୁଗ । ॥୧୦॥

ଜଟଣୀ

## ଫେବ୍ରୁଆରୀ ,୨୦୨୦ କ୍ରୀଡ଼ା କ୍ୟାଲେଣ୍ଡର

ଫେବ୍ରୁଆରୀ ୯-୧୦ - ହକିପ୍ରୋ-ଲିଗ୍-ଭାରତ ବନାମ ବେଲଜିୟମ୍।
ଫେବ୍ରୁଆରୀ ୧୮-୨୩ - ବ୍ୟାଡ଼ମିଣ୍ଟନ-ସ୍ପେନ୍ ମାଷ୍ଟର୍ସ।
ଫେବ୍ରୁଆରୀ ୧୮ -୨୩ - ରେସଲିଂ - ଏସିଆନ ଚମ୍ପିଆନ୍‌ସିପ୍, ଦିଲ୍ଲୀ।
ଫେବ୍ରୁଆରୀ ୧୮ରୁ ମାର୍ଚ୍ଚ ୮ - କ୍ରିକେଟ୍-ମହିଳା ଆଇସିସି, ଟି-୨୦ ବିଶ୍ୱକପ୍ ଅଷ୍ଟ୍ରେଲିଆ।
ଫେବ୍ରୁଆରୀ ୨୧ -୨୨ - ହକି ପ୍ରୋ-ଲିଗ ଭାରତ ଅଷ୍ଟ୍ରେଲିଆ।
ଫେବ୍ରୁଆରୀ ୨୫ ରୁ ମାର୍ଚ୍ଚ୧ - ବ୍ୟାଡ଼ମିଣ୍ଟନ ଚାଇନା ମାଷ୍ଟର୍ସ।
ଫେବ୍ରୁଆରୀ ୨୬ ରୁ ମାର୍ଚ୍ଚ୧ - ସାଇକ୍ଲିଂ - ବିଶ୍ୱ ଟ୍ରାକ୍ ଚାମ୍ପିଅନ୍‌ସିପ୍ - ବର୍ଲିନ୍, ଜର୍ମାନୀ।

# ସମ୍ବାଦ ବିଚିତ୍ରା

୧. ଜଷ୍ଟିସ୍ ସଞ୍ଜୁ ପଣ୍ଡା ଓଡ଼ିଶା ହାଇକୋର୍ଟର କାର୍ଯ୍ୟନିର୍ବାହୀ ମୁଖ୍ୟ ବିଚାରପତି ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି।
୨. ବିଶ୍ୱର ପ୍ରଥମ ଫ୍ଲାଏ ଆଣ୍ଡ ଡ୍ରାଇଭ କାର୍ ମିଆମିରେ ଏକ ଇଭେଣ୍ଟରେ ଲଞ୍ଚ ହୋଇଛି।
୩. ଇସ୍ରୋ ପକ୍ଷରୁ ପଠାଯାଇଥିବା ବିକ୍ରମ ଲ୍ୟାଣ୍ଡର ୩ଖଣ୍ଡ ହୋଇ ପଡ଼ିରହିଛି ।
୪. ଉତ୍ତର ମେକ୍ସିକୋର ୧୦୦୦ ଫୁଟ ଉଚ୍ଚ ଶିଳା ଉପରୁ ଖସିପଡ଼ି ଆମେରିକାର ପ୍ରଖ୍ୟାତ ପର୍ବତାରୋହୀ ବ୍ରାଡ୍ ଗୋବ୍ରାଇଟ୍ (୩୧ବର୍ଷୀୟ)ଙ୍କର ମୃତ୍ୟୁ ହୋଇଯାଇଛି
୫. ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ୟାସୁହିରେ ନାକା ସୋନେଙ୍କ ୧୦୧ ବର୍ଷ ବୟସରେ ପରଲୋକ ହୋଇଛି ।
୬. ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସ ପାନ ଓ ଆଧାର ସଂଯୋଗ ସୀମାକୁ ୩୧ ଡିସେମ୍ବର,୨୦୧୯ରୁ ୩୧ ମାର୍ଚ୍ଚ,୨୦୨୦ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।
୭. କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନୂତନ କୂଳପତି ରୂପରେ ପ୍ରଫେସର ଆଇ.ରାମ.ବ୍ରହ୍ମମ ନିଯୁକ୍ତି ପାଇଛନ୍ତି ।
୮. ପାର୍ଲାମେଣ୍ଟ ସଦସ୍ୟମାନଙ୍କୁ ପାର୍ଲାମେଣ୍ଟ କ୍ୟାଣ୍ଟିନ୍‌ରେ ଆଗାମୀ ଅଧିବେଶନରୁ ଆଉ ରିହାତି ଖାଦ୍ୟ ମିଳିବନି ।
୯. ବିଶ୍ୱର ସବୁଠାରୁ ଅଧିକ ଲୋକପ୍ରିୟ ୧୦୦ଟି ସହର ମଧ୍ୟରେ ଭାରତର ୭ଟି ସହର ଦିଲ୍ଲୀ (୧୧), ମୁମ୍ବାଇ (୧୪), ଆଗ୍ରା (୨୬), ଚେନ୍ନାଇ (୩୧), ବେଙ୍ଗାଲୁରୁ (୧୦୦), ଜୟପୁର (୩୪) ଏବଂ କୋଲକାତା (୭୪) ରେ ଅଛି ।
୧୦. କେନ୍ଦ୍ର ସରକାରଙ୍କର କର୍ମଚାରୀଙ୍କର ଅବସର ବୟସ ୬୦ବର୍ଷରୁ କମିବନି ।
୧୧. ଡାଟା ସୁରକ୍ଷା ବିଲ୍‌କୁ କେନ୍ଦ୍ର କ୍ୟାବିନେଟ ସୁରକ୍ଷା ଦେଇଛନ୍ତି।
୧୨. ୧୬୧୨ ମସିହା ସେପ୍ଟେମ୍ବର ୫ରେ ଭାରତୀୟ ନୌସେନା ସ୍ଥାପିତ ହୋଇଥିଲା। ଏବେ ନୌସେନାକୁ ପୁରିଛି ୪୦୭ ବର୍ଷ।
୧୩. ୧୯୭୧ ମସିହା ଭାରତ-ପାକିସ୍ତାନ ଯୁଦ୍ଧରେ ନୌସେନାର ବୀରତ୍ୱ ପାଇଁ ପ୍ରତିବର୍ଷ ଡିସେମ୍ବର ୪ରେ ନୌସେନା ଦିନସ ପାଳନ କରାଯାଇଛି ।
୧୪. ଇ-ସିଗାରେଟ ଉତ୍ପାଦନ ଓ ବିକ୍ରି ନିଶିଦ୍ଧ ବିଲ ପାର୍ଲାମେଣ୍ଟରେ ଗୃହିତ ହୋଇଛି।
୧୫. ସବଲେଫ୍ଟନାଣ୍ଟ ଶିଭାଙ୍ଗି ଭାରତୀୟ ନୌସେନାର ପ୍ରଥମ ମହିଳା ପାଇଲଟ୍ ହେବାର ଗୌରବ ଅର୍ଜନ କରିଛି ।
୧୬. ସୋମା ରାୟ ଦେଶର ୨୪ତମ ମହାଲେଖାକାର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।
୧୭. ଉତ୍ତର ପ୍ରଦେଶରେ ଗାଈ ସଫାରୀରେ ବୁଲାଗାଈମାନେ ରହିବେ ।
୧୮. ୨୧ ଟି ଗୁରୁତ୍ୱପୂର୍ଣ୍ଣ ଔଷଧ ଯଥା - ଆଣ୍ଟିବାୟୋଟିକ୍, ଆଣ୍ଟିଆଲର୍ଜିକ, ମ୍ୟାଲେରିଆ ଓ ଭିଟାମିନ୍-ସି ଭଳି ଔଷଧଗୁଡ଼ିକର ମୂଲ୍ୟ ୫୦% ବୃଦ୍ଧି ହେବ।
୧୯. ଫୋବର୍ସ ୧୦୦ ପ୍ରଭାବଶାଳୀ ମହିଳା ମଧ୍ୟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୩୪ତମ ସ୍ଥାନରେ ଅଛନ୍ତି ।
୨୦. ୨୦୦୦ ଟଙ୍କିଆ ନୋଟ ପ୍ରତ୍ୟାହାର କରାଯିବ ନାହିଁ ।
୨୧. ଦକ୍ଷିଣ ଆଫ୍ରିକାର ଜୋଜି ବିନି ତୁନଜୀ ୨୦୧୯ର ମିସ୍ ୟୁନିଭର୍ସ ବା ବିଶ୍ୱ ସୁନ୍ଦରୀ ମୁକୁଟ ପିନ୍ଧିଛନ୍ତି ।
୨୨. କର୍ଣ୍ଣାଟକର ପୂର୍ବତନ ରାଜ୍ୟପାଳ ତ୍ରିଲୋକୀ ନାଥ ଚର୍ତୁବେଦୀଙ୍କର ୯୪ ବର୍ଷ ବୟସରେ ଦେହାନ୍ତ ଘଟିଛି।
୨୩. କେନ୍ଦ୍ର ସରକାର ଅଟଳ ଭୂଜଳ ଓ ଅଟଳ ଟନେଲ ନାମରେ ଦୁଇଟି ଯୋଜନା ଶୁଭାରମ୍ଭ କରିବାକୁ ମଞ୍ଜୁରୀ ଦେଇଛନ୍ତି ।
୨୪. କର୍ଣ୍ଣାଟକରେ ବେଆଇନ ଶରଣାର୍ଥୀଙ୍କ ପାଇଁ ପ୍ରଥମ ଅଟକ ଶିବିର ବେଙ୍ଗାଲୁରଠାରୁ ୪୦.କିମି ଦୂର ନୀଳମଙ୍ଗଳଠାରେ ଖୋଲିଛି।
୨୫. ଫେବୃୟାରୀ ୧୯ ରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବ।
୨୬. ଅଜିତ୍ ପାୱାର ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି।
୨୭. ଦେଶର ପ୍ରଥମ କିନ୍ନର ବିଶ୍ୱବିଦ୍ୟାଳୟ ଉତ୍ତର ପ୍ରଦେଶର କୁଶୀନଗରଠାରେ ସ୍ଥାପିତ ହୋଇଛି ।
୨୮. ୨୭ ଡିସେମ୍ବର, ୨୦୧୯ଠାରୁ ଭାରତୀୟ ବାୟୁସେନାରୁ ମିଗ୍ - ୨୭ ଯୁଦ୍ଧ ବିମାନକୁ ବିଦାୟ ଦିଆଯାଇଛି ।
୨୯. ମହାରାଷ୍ଟ୍ରରେ କୃଷିଋଣ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଛାଡ଼ କରାଯାଇଛି।
୩୦. ଭାରତୀୟ ରେଲୱେର ଯାତ୍ରୀଭଡ଼ା ମୂଲ୍ୟ ୫ ରୁ ୪୦ ପଇସା ପର୍ଯ୍ୟନ୍ତ ବଢ଼ାଯାଇଛି।
୩୧. ଦେଶର ଜିଡ଼ିପି ବୃଦ୍ଧିହାର ୬ବର୍ଷର ସର୍ବନିମ୍ନ ସ୍ତର ୪.୫%କୁ ଖସିଥିବାରୁ ୨୦୨୦ରେ ନିଯୁକ୍ତି ବୃଦ୍ଧି ସମ୍ଭାବନା କ୍ଷୀଣ ଅଟେ।
୩୨. ରୁଷିଆ ସୈନବାହିନୀରେ ଶବ୍ଦଠାରୁ ୨୭ଗୁଣା ଅଧିକ ବେଗରେ ଗତି କରୁଥିବା ହାଇପର ସୋନିକ୍ କ୍ଷେପଣାସ୍ତ୍ରକୁ ସାମିଲ କରିଛି।
୩୩. ଦୀର୍ଘ ୪ଦଶନ୍ଧି ପରେ କ୍ୟୁବାରେ ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ମାନୁଏଲ ମାରେରୋ କ୍ରୁଜ୍ ନିଯୁକ୍ତି ହୋଇଛନ୍ତି।
୩୪. ଅଶରଫଗିନି ପୁଣିଥରେ ଆଫଗାନିସ୍ତାନର ରାଷ୍ଟ୍ରପତି ରୂପେ ନିର୍ବାଚିତ ହୋଇଛନ୍ତି
୩୫. ବାଙ୍ଗଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନା ପୁଣିଥରେ ଆୱାମି ଲିଗ୍‌ର ଅଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି ।
୩୬. 'ଦି ୱାର୍ଲ୍ଡ ପପୁଲେସନ ପ୍ରସ୍‌ପେକ୍ଟସ୍ - ୨୦୧୯' ଜାତିସଂଘର ରିପୋର୍ଟ ଅନସାରେ ୨୦୨୫ ବେଳକୁ ପୃଥିବୀ ଜନସଂଖ୍ୟା ୯୭୦ କୋଟିରେ ପହଞ୍ଚିବ।
୩୭. ଭାରତରେ ଗୋଟିଏ ଆପାତକାଳୀନ ନମ୍ବର ୧୧୨ ରହିବ। ଏହା ୨୦୨୦ ମାର୍ଚ୍ଚଠାରୁ କାର୍ଯ୍ୟକାରୀ ହେବ ।
୩୮. ଆନ୍ଧ୍ରପ୍ରଦେଶ ସରକାର ଆନ୍ଧ୍ର ବିଶ୍ୱବିଦ୍ୟାଳୟରେ ଏକ ଭରଚୁଆଲ୍ ପୋଲିସ୍ ଷ୍ଟେସନ ପ୍ରତିଷ୍ଠା କରିଛନ୍ତି।
୩୯. ଓଡ଼ିଶା ସରକାର କୃଷି ବିଭାଗକୁ 'ମୋ ସରକାର' କାର୍ଯ୍ୟକ୍ରମରେ ସଂଯୁକ୍ତ କରିଛନ୍ତି।
୪୦. ଡିସେମ୍ବର ୧୩-୧୫ ମଧ୍ୟରେ ମିଲିଟାରୀ ଲିଟରେଚର ଫେଷ୍ଟିଭାଲ ଚଣ୍ଡିଗଡ଼ଠାରେ ଅନୁଷ୍ଠିତ କରାଯାଇଛି।
୪୧. ଭାରତର ୧, ୬୫,୦୦୦ ଲକ୍ଷ କୃଷକମାନେ 'ଇ-ନାମ' ପ୍ଲାଟଫର୍ମରେ ନାମ ପଞ୍ଜିକରଣ କରିଛନ୍ତି।
୪୨. ନ୍ୟାସନାଲ ଗଙ୍ଗା କାଉନସିଲର ପ୍ରଥମ ସଭା କାନପୁରଠାରେ ଅନୁଷ୍ଠିତ ହୋଇଥିଲା।
୪୩. ଏସ୍.ଟି ଓ ଏସ୍.ସିମାନଙ୍କ ପାଇଁ ଆନ୍ଧ୍ରପ୍ରଦେଶ ସରକାର ଏକ କମିଶନ ଗଠନ କରିଛନ୍ତି।
୪୪. ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଜାମ୍ମୁ ଓ କାଶ୍ମୀର ରାଜ୍ୟ ପୁରସ୍କାର ଲାଭ କରିଛି।
୪୫. ଭାରତ ବନ୍ଦନା ପାର୍କ ଦିଲ୍ଲୀରେ ଶୁଭ ଉଦ୍‌ଘାଟନ ହୋଇଛି।
୪୬. ବନ୍ଦେ ଭାରତ ଟ୍ରେନ୍ ଦିଲ୍ଲୀରୁ ବାରଣାସୀ ପର୍ଯ୍ୟନ୍ତ ଚାଲୁଛି।
୪୭. ଭାରତର ପ୍ରଥମ ଦୂରଗାମୀ ସି.ଏନ୍‌ଜି ବସ ଇନ୍ଦ୍ରପ୍ରସ୍ଥ ଗ୍ୟାସ୍ ଲିମିଟେଡ୍ ଦ୍ୱାରା ଚାଲୁ କରାଯାଇଛି।
୪୮. ଆସନ୍ତା ମଇ ୧୫ରୁ ଏନ.ପି.ଆର. ସର୍ଭେ ଆରମ୍ଭ କରାଯିବ।
୪୯. ଜର୍ମାନର ଗାଡ଼ି ନିର୍ମାଣକାରୀ କମ୍ପାନୀ ଡେମ୍‌ଲର୍ ଏଜି ଆମେରିକାରୁ ୭,୪୪,୦୦୦ ମର୍ସିଡିଜ୍ ବେଞ୍ଜ୍ ଫେରସ୍ତ ଆଣିବାକୁ ଘୋଷଣା କରିଛି।କାରଣ ଏହି ଗାଡ଼ିଗୁଡ଼ିକର ସନ୍‌ରୁଫ୍ ଗ୍ଲାସ୍ ପାନେଲ୍‌ଟି ସ୍ୱୟଂକ୍ରିୟ ରୂପେ ଖୋଲିଯିବା ସହ ଏହା ଅସୁରକ୍ଷିତ ଅବସ୍ଥାରେ ଥିବା ଅଭିଯୋଗ ହେଉଥିଲା।

# ସାଧାରଣ ଜ୍ଞାନ

## (1) ABBREVIATION

1. AWBI : Animal Welfare Board of India
2. CAGR : Compound Annual Growth Rate
3. PMRF : Prime Minister's Research Fellow
4. UDAN : Ude Desh ka Aam Nagrik
5. e-HRMS: electronic-Human Resource Management System
6. NRC : National Register of Citizens
7. NPR : National Population Register
8. NCA. : National Citizenship Act
9. UIDAI : Unique Identification Authority of India
10. TOT : Toll, Operate and Transfer

## (୨) ପୁସ୍ତକ ଓ ଲେଖକ

1. Mind Master Winning lessons From a Champian's Life :- Viswanath Anand
2. Half The Night is Gone :- Amitav Bagchi
3. An Era of Darkness :- Shashi Tharoor
4. Dreams of A Billion :India and the Olympic Games :- Boria Mazumdar & Nalin Meheta
5. Politics of Opportunism :- S.Gurumurthy

୬. ଅମୃତର ସନ୍ତାନ (ଉପନ୍ୟାସ) - ଗୋପୀନାଥ ମହାନ୍ତି
୭. ମୋ ଜୀବନ ସଂଗ୍ରାମ (ଆତ୍ମଜୀବନୀ) - ସତ୍ୟ ନାରାୟଣ ରାଜଗୁରୁ
୮. ଅରଣ୍ୟ ଫସଲ (ନାଟକ) - ମନୋରଞ୍ଜନ ଦାସ
୯. କବିତା (୧୯୬୨) - ସଚ୍ଚିଦାନନ୍ଦ ରାଉତରାୟ
୧୦. ଅବାନ୍ତର (କବିତା) - ଅନନ୍ତ ପଟ୍ଟନାୟକ

## (୩) ଦେହାନ୍ତ

| ନାମ | ବୟସ(ବର୍ଷ) | ପରିଚୟ |
|---|---|---|
| ୧. ମୁସିରୁଲ୍ ହାସନ୍ | - ୬୯ | - ଐତିହାସିକ |
| ୨. ମୃଣାଲ ସେନ୍ | - ୯୫ | - ଭାରତୀୟ ଚଳଚ୍ଚିତ୍ର ନିର୍ଦ୍ଦେଶକ |
| ୩. ଦେବୀପ୍ରସାଦ ତ୍ରିପାଠୀ | - ୬୭ | - ଭାରତୀୟ ରାଜନେତା |
| ୪. ଦଇତାରୀ ବେହେରା | - ୮୧ | - ରାଜନେତା, ଓଡ଼ିଶା |
| ୫. ଶ୍ରୀରାମ ଲାଗୁ | - ୯୨ | - ଅଭିନେତା |

## (୪) ବିଭିନ୍ନ ଯୋଜନା

| ନାମ | ସରକାର | ଉଦ୍ଦେଶ୍ୟ |
|---|---|---|
| ୧. ଅଭିନନ୍ଦନ | ଆସାମ ସରକାର | ଶିକ୍ଷାଋଣ ପାଇଁ ଏକକାଳୀନ ସବ୍‌ସିଡ଼ି |
| ୨. ଶିବ ଭୋଜନ | ମହାରାଷ୍ଟ୍ର ସରକାର | ଜିଲ୍ଲା ମୁଖ୍ୟ ସ୍ଥାନରେ ୧୦ଟଙ୍କା ହାରରେ ଖାଦ୍ୟ ଯୋଗାଣ |
| ୩. ଅଟଳ ଜଳ | କେନ୍ଦ୍ର ସରକାର | ଭୂଜଳ ବିକାଶ |
| ୪. ଜନତା କ୍ଲିନିକ୍ | ରାଜସ୍ଥାନ ସରକାର | ଗରିବମାନଙ୍କୁ ମାଗଣାସ୍ୱାସ୍ଥ୍ୟସେବା |
| ୫. ଜଳସାଥି | ଓଡ଼ିଶା ସରକାର | ବିଶୁଦ୍ଧ ଜଳ ଯୋଗାଣ |

## (୫) କେନ୍ଦ୍ରଶାସିତ ଅଞ୍ଚଳ

୧. ନାମ - ଚଣ୍ଡିଗଡ଼
୨. ପ୍ରଶାସକ -ଭି.ପି.ସିଂହ ବଦନୋର
୩. ମେୟର - ରାଜେଶ କୁମାର କାଲିଆ
୪. ଗଠନ - ୦୧ ନଭେମ୍ବର,୧୯୬୬
୫. କ୍ଷେତ୍ରଫଳ - ୧୧୪ ବର୍ଗ.କି.ମି
୬. ରାଜଧାନୀ - ଚଣ୍ଡିଗଡ଼
୭. ଲୋକସଭା ସଭ୍ୟ ସଂଖ୍ୟା - ୦୦ ୮. ରାଜ୍ୟସଭା ସଭ୍ୟ ସଂଖ୍ୟା- ୦୦
୯. ବିଧାନ ସଭା ସଭ୍ୟସଂଖ୍ୟା - ୦୦ ୧୦. ବିଧାନ ପରିଷଦ - ୦୦
୧୧. ମୁଖ୍ୟ ଭାଷା - ପଞ୍ଜାବୀ, ହିନ୍ଦୀ, ଇଂରାଜୀ,
୧୨. ଜନସଂଖ୍ୟା ସମୁଦାୟ - ୧୦୫୪୬୮୬ (୨୦୧୧)
ପୁରୁଷ - ୫୮୦୨୮୨ ମହିଳା - ୪୭୪୪୦୪
୧୩. ଜନସଂଖ୍ୟା ବୃଦ୍ଧିହାର - ୧୭.୧୦ %
୧୪. ଜନସଂଖ୍ୟା ଘନତ୍ୱ - ୯୨୫୨ / ବର୍ଗ କି.ମି
୧୫. ଶିଶୁ ଲିଙ୍ଗ ଅନୁପାତ - ୮୬୭ଝିଅ ୧୦୦୦ ପୁଅ
୧୬. ଲିଙ୍ଗ ଅନୁପାତ - ୮୧୮ ମହିଳା ୧୦୦୦ ପୁରୁଷରେ
୧୭. ସାକ୍ଷରତା ହାର - ୮୬.୪୩ %
ପୁରୁଷ- ୯୦.୫୪% ମହିଳା- ୮୧.୩୮ %
୧୮. ଜିଲ୍ଲା - ୦୧ ୧୯. ଗ୍ରାମ - ୨୩
୨୦. ସହର - ୦୧
୨୧.ଜଙ୍ଗଲ ଜମି - ୪୩ ବର୍ଗ କି.ମି.
୨୨. ପର୍ଯ୍ୟଟନ ସ୍ଥଳୀ -ଶୁଖନା ହ୍ରଦ, ଜାକୀର ଗୋଲାପବାଗ୍, ରକ୍ ଗାର୍ଡନ,ଚଣ୍ଡି ମନ୍ଦିର, ଶାନ୍ତିକୁଞ୍ଜ, ମ୍ୟୁଜିୟମ, ଆର୍ଟ ଗ୍ୟାଲେରୀ, ନ୍ୟାସନାଲ ଗ୍ୟାଲେରୀ ଅଫ୍ ପୋଟ୍ରେଟ୍

## (୬) ପୁରସ୍କାର

୧. ଶ୍ରେଷ୍ଠ ଫିଚର ଫିଲ୍ମ - ହେ ଲ୍ଲାରୋ (ଗୁଜୁରାଟୀ)
୨. ଶ୍ରେଷ୍ଠ ନିର୍ଦ୍ଦେଶକ - ଆଦିତ୍ୟ ଧର୍ (ହିନ୍ଦୀ ଚଳଚ୍ଚିତ୍ର 'ଉରି')
୩. ପ୍ରେସିଡ଼େଣ୍ଟ କଲର ଆୱାର୍ଡ଼, ୨୦୧୯ - ଗୁଜୁରାଟ
୪. ମିସ୍ ୱାର୍ଲ୍ଡ ଏସିଆ - ସୁମନ ରାଓ
୫. ୟୁନିସେଫ୍ - ୨୦୧୯ ପୁରସ୍କାର - କାମରେଡ଼ି ଜିଲ୍ଲା ତେଲେଙ୍ଗାନା

## (୭) ନିଯୁକ୍ତି

୧. ଉଦ୍ଧବ ଠାକରେ - ମୁଖ୍ୟମନ୍ତ୍ରୀ, ମହାରାଷ୍ଟ୍ର
୨. ହେମନ୍ତ ସୋରେନ୍ - ମୁଖ୍ୟମନ୍ତ୍ରୀ, ଝାଡ଼ଖଣ୍ଡ
୩. ଜେନେରାଲ ବିପିନ ରାୱତ - ପ୍ରଥମ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍
୪. ଜେନେରାଲ ମନୋଜ ମୁକୁନ୍ଦ ନରଭେନ୍ - ଭାରତୀୟ ସେନାଧକ୍ଷ
୫. ଏଚ.କେ.ଜୋଶୀ - ସି.ଏମ୍.ଡ଼ି ସିପିଙ୍ଗ୍ କରପୋରେସନ୍ ଅଫ୍ ଇଣ୍ଡିଆ ।

## (୮) ଓଡ଼ିଶା

୧. ଉଡ଼ାନ -୪ ଯୋଜନାରେ ୩ଟି ଏୟାରପୋର୍ଟ ମଧ୍ୟରେ କେଉଁଟି ସାମିଲ ହୋଇନାହିଁ ?
(କ) ଜୟପୁର (ଖ) ରାଉରକେଲା
(ଗ) ଉତ୍କେଲା (ଘ) ବ୍ରହ୍ମପୁର

୨. ୨୦୨୦ ମାର୍ଚ୍ଚ ସୁଦ୍ଧା କେତୋଟି ଖଣିର ନିଲାମ କରାଯିବ ?
(କ) ୨୦ଟି (ଖ) ୨୫ଟି (ଗ) ୨୮ଟି (ଘ) ୩୦ଟି

୩. ଓଡ଼ିଶାର ବିପିସିଏଲର ଦ୍ୱିତୀୟ ଏଲପିଜି ପ୍ଲାଣ୍ଟ କେଉଁଠାରେ ଉଦ୍‌ଘାଟିତ ହୋଇଛି ?
(କ) କଟକ (ଖ) ବଲାଙ୍ଗୀର (ଗ) ମୟୂରଭଞ୍ଜ(ଘ) ଫୁଲବାଣୀ

୪. ଟାଟା ପାୱାର କେତୋଟି ଜିଲ୍ଲାରେ ବିଦ୍ୟୁତ୍ ସେବା କାର୍ଯ୍ୟ ଗ୍ରହଣ କରିବ ?
(କ) ୧୦ (ଖ) ୯ (ଗ) ୮ (ଘ) ୭

୫. କେଉଁ ଜିଲ୍ଲାରେ ୯୬.୮୦ କୋଟି ଟଙ୍କାରେ ପ୍ରିଣ୍ଟେଡ଼ ସର୍କିଟ ବୋର୍ଡ଼ ସ୍ଥାପନ କରାଯିବ ?
(କ) ବଲାଙ୍ଗିର (ଖ) ଖୋରଧା (ଗ) ସମ୍ବଲପୁର (ଘ) ଗଞ୍ଜାମ

୬. କେଉଁ ବିଭାଗ ପାଇଁ ତରୁଣ କାନ୍ତି ମିଶ୍ର କେନ୍ଦ୍ର ସାହିତ୍ୟ ଏକାଡ଼େମୀ ୨୦୧୯ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ?
(କ) ଉପନ୍ୟାସ(ଖ) କ୍ଷୁଦ୍ର ଗଳ୍ପ(ଗ) କବିତା (ଘ) ପ୍ରବନ୍ଧ

୭. କେଉଁ ସରକାର 'ଜଳସାଥି' କାର୍ଯ୍ୟକ୍ରମ ଆରମ୍ଭ କରିଛି ?
(କ) ଛତିଶଗଡ଼ (ଖ) ଓଡ଼ିଶା
(ଗ) ଝାଡ଼ଖଣ୍ଡ (ଘ) ପଶ୍ଚିମବଙ୍ଗ

୮. ସଡ଼କ ଦୁର୍ଘଟଣା କ୍ଷେତ୍ରରେ ଓଡ଼ିଶାର ସ୍ଥାନ ଭାରତରେ କେତେ ?
(କ)ଦ୍ୱିତୀୟ (ଖ)ତୃତୀୟ (ଗ) ଚତୁର୍ଥ (ଘ) ପଞ୍ଚମ

୯. ଆଧାର ଲିଙ୍କ୍ ନଥିଲେ କେବେଠାରୁ କୌଣସି ସରକାରୀ ଯୋଜନାର ଭତ୍ତା ମିଳିବ ନାହିଁ?
(କ)ମାର୍ଚ୍ଚ,୨୦୨୦ (ଖ) ଅପ୍ରେଲ ,୨୦୨୦
(ଗ) ମଇ,୨୦୨୦ (ଘ) ଜୁନ୍,୨୦୨୦

୧୦. ଓଡ଼ିଶାରେ ଆର୍ଥିକ ବର୍ଷ ୨୦୧୯ ଅପ୍ରେଲଠାରୁ ଡିସେମ୍ବର ୨୦୧୯ ମଧ୍ୟରେ ଜିଏସ୍ ଟି ସଂଗ୍ରହ ହାର କେତେ ବୃଦ୍ଧି ପାଇଛି ?
(କ)୧୨% (ଖ) ୧୧% (ଗ) ୧୦% (ଘ)୯%

## (୯) ଯୁକ୍ତି ପ୍ରଦର୍ଶନ ପରୀକ୍ଷା


୧. କେଉଁଟି ଅଲଗା ଅଟେ
୧୭, ୨୭, ୨୯, ୩୭,
(କ) ୧୭ (ଖ) ୨୭ (ଗ) ୨୯(ଘ) ୩୭

୨. AG : IO :: EK :
(କ) LR (ଖ) MS (ଗ) PV (ଘ) SY

୩. ଘଣ୍ଟା : ସମୟ : : ଥର୍ମୋମିଟର : ................
(କ) ଗରମ (ଖ) ବିକିରଣ(ଗ) ଶକ୍ତି (ଘ) ତାପମାତ୍ରା

୪. ଡାକ୍ତର ରୋଗୀ ସହ ସଂପୃକ୍ତ ଅଟେ। ତେବେ ଓକିଲ କାହା ସହ ସଂପୃକ୍ତ ଅଟେ ?
(କ) ଗ୍ରାହକ (ଖ) ଦୋଷୀ (ଗ) ମାଜିଷ୍ଟ୍ରେଟ (ଘ)ମହକିଲ

୫. ପ୍ରଶ୍ନବାଚକ ଚିହ୍ନଟି କେତେ ?




(କ) ୨ (ଖ) ୩ (ଗ)୪ (ଘ)୧୮

୬. ଜଣେ ସ୍ତ୍ରୀଲୋକ ଜଣେ ପୁରୁଷ ଲୋକକୁ ଦେଖାଇ କହିଲେ,ସେ ମୋ ମାଆଙ୍କର ମାଆଙ୍କର ଏକ ମାତ୍ର ପୁଅ। ତେବେ ସ୍ତ୍ରୀ ଲୋକଟିର ପୁରୁଷ ଲୋକଟି ସହ ସଂପର୍କ କ'ଣ ?
(କ)ମାଆ (ଖ) ଭାଣିଜୀ (ଗ)ମାଇଁ (ଘ) ଭଉଣୀ

୭. କେଉଁଟି ଅଲଗା ଅଟେ ?
(କ)ଅଦା (ଖ) ପିଆଜ (ଗ) ଧନିଆ (ଘ)ଆଳୁ

୮. ଡିକ୍ସନାରୀ ଅନୁଯାୟୀ ସଜାଇ ଲେଖ।
1.Wound, 2.Writer,3.Whiter,4.Worst,5Worked
(କ) ୫୩୨୧୪ (ଖ) ୧୪୩୫୨
(ଗ) ୩୫୪୧୨ (ଘ) ୨୧୩୪୫

୯. 'ଜଣେଲୋକ ଉତ୍ତର ପଶ୍ଚିମ ଦିଗକୁ ମୁହଁ କରି ଠିଆହୋଇଅଛି । ସେ ଦକ୍ଷିଣାବର୍ତ୍ତୀଭାବେ ୯୦° ବୁଲିଲା ଏବଂ ତାପରେ ବାମାବର୍ତ୍ତୀଭାବେ ୧୩୫° ବୁଲିଲା। ବର୍ତ୍ତମାନ ସେ କେଉଁଦିଗକୁ ମୁହଁକରି ଠିଆହୋଇଛି ?
(କ) ପୂର୍ବ(ଖ)ପଶ୍ଚିମ(ଗ) ଉତ୍ତର (ଘ) ଦକ୍ଷିଣ

୧୦. ଶୂନ୍ୟସ୍ଥାନ ପୂରଣ କର ?
a_b_ba_b_ _ ba
(କ)bbaab (ଖ)bbabb(ଗ) aabab(ଘ) aabba

**ଉତ୍ତର**

୧. (ଘ) ବ୍ରହ୍ମପୁର , ୨.(କ) ୨୦ଟି , ୩.(ଖ) ବଲାଙ୍ଗୀର , ୪.(ଖ) ୯ ,୫.(ଖ) ଖୋରଧା , ୬.(ଖ) କ୍ଷୁଦ୍ର ଗଳ୍ପ, ୭.(ଖ) ଓଡ଼ିଶା , ୮.(ଘ) ପଞ୍ଚମ, ୯.(ଖ) ଅପ୍ରେଲ ,୨୦୨୦, ୧୦.(ଖ) ୧୧%

**୧.**(ଖ) ୨୭, **୨.** (ଖ) MS, **୩.** (ଘ) ତାପମାତ୍ରା, **୪.** (ଘ)ମହକିଲ, **୫.** (ଘ)୧୮, **୬.** (ଖ) ଭାଣିଜୀ, **୭.** (ଗ) ଧନିଆ, **୮.** .(ଗ) ୩୫୪୧୨ **୯.** (ଖ)ପଶ୍ଚିମ, **୧୦.** (ଖ)bbabb

## (୧୦) ଇତିହାସ

୧. ଇଂରେଜମାନେ କେବେ ଓଡ଼ିଶା ଅଧିକାର କରିଥିଲେ ?
(କ) ୧୫୬୮ (ଖ) ୧୭୫୯
(ଗ) ୧୮୦୩ (ଘ) ୧୮୪୯

୨. କିଏ 'ଉତ୍କଳ ଦୀପିକା'ର ସମ୍ପାଦକ ଥିଲେ ?
(କ) ଗୌରୀଶଙ୍କର ରାୟ (ଖ) ନୀଳମଣି ବିଦ୍ୟାରତ୍ନ
(ଗ) କାନ୍ତିଲାଲ ଭଟ୍ଟାଚାର୍ଯ୍ୟ (ଘ) ପ୍ୟାରୀମୋହନ ଆଚାର୍ଯ୍ୟ

୩. "ଉତ୍କଳ ସମ୍ମିଳନୀ" କେବେ ଗଠିତ ହୋଇଥିଲା ?
(କ) ୧୮୯୫ (ଖ) ୧୯୦୩
(ଗ) ୧୯୧୨ (ଘ) ୧୯୧୭

୪. ବିହାର- ଓଡ଼ିଶା ପ୍ରଦେଶ କେବେ ଜନ୍ମ ନେଲା ?
(କ) ୧୯୦୩ (ଖ) ୧୯୧୨
(ଗ) ୧୯୧୩ (ଘ) ୧୯୧୭

୫. ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ କେବେ ଗଠନ ହେଲା ?
(କ) ୧୯୦୫ (ଖ) ୧୯୦୯
(ଗ) ୧୯୧୯ (ଘ) ୧୯୩୬

୬. ମେଜର ବେଜେଲ୍‌ଗେଟ୍‌ଙ୍କୁ କେଉଁଠାରେ ହତ୍ୟା କରାଯାଇଥିଲା ?
(କ) ତାଳଚେର (ଖ) ଗାଙ୍ଗପୁର
(ଗ) ରଣପୁର (ଘ) ନୀଳଗିରି

୭. କେଉଁ ଗଡ଼ଜାତ ରାଜ୍ୟ ଓଡ଼ିଶା ସହିତ ପ୍ରଥମେ ମିଶିଥିଲା ?
(କ) ନୀଳଗିରି (ଖ) ଢେଙ୍କାନାଳ
(ଗ) ମୟୂରଭଞ୍ଜ (ଘ) ତାଳଚେର

୮. ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ କେବେ ସଂଘଟିତ ହୋଇଥିଲା ?
(କ) ୧୯୧୭ (ଖ) ୧୯୧୮
(ଗ) ୧୯୧୯ (ଘ) ୧୯୨୦

୯. ଅସହଯୋଗ ଆନ୍ଦୋଳନ କେବେ ଆରମ୍ଭ ହୋଇଥିଲା ?
(କ) ୧୯୧୮ (ଖ) ୧୯୧୯
(ଗ) ୧୯୨୦ (ଘ) ୧୯୨୧

୧୦. ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହରେ କିଏ ପ୍ରଥମେ ଲୁଣ ମାରିଥିଲେ ?
(କ) ଗୋପବନ୍ଧୁ ଚୌଧୁରୀ (ଖ) ଆଚାର୍ଯ୍ୟ ହରିହର
(ଗ) ନୀଳକଣ୍ଠ ଦାସ (ଘ) ଜଗନ୍ନାଥ ଦାସ

## (୧୧) ବାଣିଜ୍ୟ

୧. ରପ୍ତାନୀଧାରା ଲଗାତର ଭାବରେ ନଭେମ୍ବର ୨୦୧୯ରେ କେତେ ପ୍ରତିଶତକୁ ଖସିଛି ?
(କ) ୦.୩୨%(ଖ) ୦.୨୩(ଗ) ୦.୩୧ (ଘ) ୦.୬୩

୨. ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଡିଜିଟାଲ ପ୍ଲାଟଫର୍ମ ୟୋନୋର ଉପଭୋକ୍ତା ସଂଖ୍ୟା କେତେ ନିୟୁତ ଟପିଥିବା ସୂଚନା ମିଳିଛି ?
(କ)୧୪ ନିୟୁତ (ଖ)୧୫ ନିୟୁତ (ଗ)୧୬ ନିୟୁତ(ଘ) ୧୮ ନିୟୁତ

୩. ଏୟାର ଇଣ୍ଡିଆର ତାର କେତେ ଅଂଶଧନ ବିକ୍ରୟ କରିବ ?
(କ) ୫୦% (ଖ) ୯୦% (ଗ) ୯୫% (ଘ) ୧୦୦%

୪. ଆମେରିକା ଭାରତକୁ ୭୦% ପ୍ରତିଶତ ଅଶୋଧିତ ତୈଳ ଯୋଗାଣ କରି କେତେ ତମ ସ୍ଥାନରେ ଅଛି ?
(କ) ୧ମ (ଖ) ୪ର୍ଥ (ଗ) ୫ମ (ଘ)୬ଷ୍ଠ

୫. ଅନ୍ୟ ଟେଲିକମ୍ ନେଟ୍‌ୱର୍କକୁ ମିନିଟ ପିଛା ୬ପଇସା କଲ ଦର ଅବଧିକୁ କେତେ ପର୍ଯ୍ୟନ୍ତ ଟ୍ରାଇ ପକ୍ଷରୁ ବଢ଼ାଇ ଦିଆଯାଇଛି ?
(କ) ୩୧ ଡିସେମ୍ବର ୨୦୨୦ (ଖ) ୩୧ ମାର୍ଚ୍ଚ ୨୦୨୦
(ଗ) ୩୧ ଅପ୍ରେଲ ୨୦୨୦ (ଘ) ୩୧ ନଭେମ୍ବର ୨୦୨୦

୬. ନଭେମ୍ବର ୨୦୧୯ରେ ପାଇକାରୀ ମୂଲ୍ୟ ଭିତ୍ତିକ ମୁଦ୍ରାସ୍ଫିତି କେତେ ପ୍ରତିଶତ ବୃଦ୍ଧି ପାଇଛି ?
(କ) ୦.୫୮% (ଖ) ୦.୧୬% (ଗ) ୦.୨୫% (ଘ) ୦.୪୮%

୭. ଏନ୍‌ଇଏଫ୍‌ଟି ନେଣଦେଣ ୨୪ ଘଣ୍ଟିଆ କେବେଠାରୁ କାର୍ଯ୍ୟକାରୀ ହେଲା ?
(କ) ୧୯ ନଭେମ୍ବର,୧୯ (ଖ) ୧୬ ଡ଼ିସେମ୍ବର,୧୯
(ଗ) ୩୧ ଡିସେମ୍ବର,୧୯ (ଘ)୩୧ ନଭେମ୍ବର,୧୯

୮. ୨୦୧୮-୧୯ ଆର୍ଥିକ ବର୍ଷରେ ରାଷ୍ଟ୍ରାୟତ ବ୍ୟାଙ୍କ୍‌ଗୁଡ଼ିକରେ ଠକେଇ କେତେ ପ୍ରତିଶତ ବଢ଼ିଛି ?
(କ) ୭୦% (ଖ) ୭୪% (ଗ) ୭୫% (ଘ) ୭୬%

୯. ଡିଜିଟାଲ କମୁନିକେସନ କମିଶନ ସେକ୍ଟ୍ରମ ନିଲାମ ଯୋଜନାକୁ କେତେ ଲକ୍ଷ କୋଟି ଟଙ୍କାରେ ନିଲାମକୁ ମଞ୍ଜୁରୀ ଦେଇଛନ୍ତି ?
(କ) ୩.୨ (ଖ) ୪.୨୩(ଗ) ୫.୨୩ (ଘ)୬.୨୩

୧୦. ଆସନ୍ତା ମାର୍ଚ୍ଚ ମାସଠାରୁ ସରକାରୀ ଏବଂ ଘରୋଇ ଲଟେରୀ ଉପରେ ଦ୍ୱୈତ ଜିଏସ୍‌ଟି ପରିବର୍ତ୍ତେ ଏକକ ଭାବେ କେତେ ପ୍ରତିଶତ ଜିଏସ୍‌ଟି ଲାଗୁପାଇଁ ନିଷ୍ପତ୍ତି ନିଆଯାଇଛି ?
(କ)୨୦% (ଖ) ୨୫% (ଗ) ୨୮% (ଘ) ୨୪%

**ଉତ୍ତର**

୧.(ଗ) ୧୮୦୩, ୨.(କ) ଗୌରୀଶଙ୍କର ରାୟ, ୩.(ଖ) ୧୯୦୩, ୪.(ଖ) ୧୯୧୨, ୫.(ଘ)୧୯୩୬, ୬.(ଗ) ରଣପୁର ,୭.(କ) ନୀଳଗିରି, ୮.(ଗ) ୧୯୧୯, ୯.(ଗ)୧୯୨୦, ୧୦.(ଖ) ଆଚାର୍ଯ୍ୟ ହରିହର

୧.(କ) ୦.୩୨%.(ଗ)୧୬ନିୟୁତ,୩.(ଘ)୧୦୦%, ୪.(ଘ)୬ଷ୍ଠ, ୫.(କ) ୩୧ ଡିସେମ୍ବର ୨୦୨୦,୬.(କ) ୦.୫୮% , ୭.(ଖ) ୧୬ ଡ଼ିସେମ୍ବର,୧୯ ,୮.(ଖ) ୭୪% ,୯.(ଗ) ୫.୨୩ ,୧୦.(ଗ) ୨୮%

## (୧୨) ଅର୍ଥନୀତି

୧. ଜି.ଡ଼ି.ପି. ଅଭିବୃଦ୍ଧି ସେପ୍ଟେମ୍ବର ତ୍ରୟମାସରେ ୬ବର୍ଷରେ ସର୍ବନିମ୍ନ ସ୍ତର କେତେ ପ୍ରତିଶତକୁ ଖସିଛି ?
(କ) ୩.୪%(ଖ) ୪.୫% (ଗ) ୫.୫% (ଘ) ୬.୫%

୨. ୨୦୧୮ - ୨୦୧୯ ମଧ୍ୟରେ ବର୍ଷକରେ ଡ଼େବିଟ୍ କାର୍ଡ଼ ସଂଖ୍ୟା କେତେ ପ୍ରତିଶତ କମିଛି ?
(କ) ୧୫% (ଖ) ୧୬% (ଗ) ୧୭% (ଘ) ୧୭.୫%

୩. ବରିଷ୍ଠ ନାଗରିକଙ୍କର ପେନ୍‌ସନ୍ ସ୍କିମ୍ ପ୍ରଧାନମନ୍ତ୍ରୀ ବାୟାବନ୍ଦନ ଯୋଜନା ଲାଗି ସରକାର ଆଧାରକୁ ଅନିବାର୍ଯ୍ୟ କରିଛନ୍ତି। ଏହି ଯୋଜନାରେ ସୁଧହାର କେତେ ପ୍ରତିଶତ ଅଟେ ?
(କ) ୭% (ଖ) ୮% (ଗ) ୮.୫% (ଘ) ୯%

୪. ବ୍ୟାଙ୍କଗୁଡ଼ିକର ମୋଟ ଅନାଦେୟ ଋଣ (ଏନ୍‌ଏପି) ପରିମାଣ କେତେକୁ ଖସିଛି ?
(କ) ୯.୧% (ଖ) ୧୧.୨% (ଗ) ୬% (ଘ) ୭%

୫. ଭାରତ ପ୍ରଥମ ସ୍ପେସିଆଲ୍ ଇକୋନୋମିକ୍ ଜୋନ୍ (SEZ) ସବରୁମ୍‌ଠାରେ ହେବାପାଇଁ ଅନୁମୋଦିତ ହୋଇଛି। ତାହା କେଉଁ ରାଜ୍ୟ ଅଟେ ?
(କ) ମିଜୋରାମ (ଖ) ତ୍ରିପୁରା
(ଗ) ଆସାମ (ଘ) ବିହାର

୬. କେଉଁ ମସିହା ସୁଦ୍ଧା କେନ୍ଦ୍ର ସରକାର ଜାତୀୟ ବ୍ରଡ଼ବ୍ୟାଣ୍ଡ ମିଶନ୍ ଗଠନ କରି ସବୁ ଗ୍ରାମକୁ ବ୍ରଡ଼ବାଣ୍ଡ ସୁବିଧା ଦେବାପାଇଁ ସ୍ଥିର କରିଛନ୍ତି ?
(କ) ୨୦୨୧(ଖ) ୨୦୨୨(ଗ) ୨୦୨୩(ଘ) ୨୦୨୪

୭. ୬୦୦୦ କୋଟି ଟଙ୍କା ବ୍ୟୟରେ ୨୦୨୦-୨୧ ରୁ ୨୦୨୪-୨୫ ମଧ୍ୟରେ ଅଟଳ ଭୂଜଳ ଯୋଜନା ଆରମ୍ଭ କରାଯିବ। ପ୍ରଥମେ କେତୋଟି ରାଜ୍ୟରେ ଏହା କାର୍ଯ୍ୟକାରୀ ହେବ ?
(କ) ୫ (ଖ) ୬ (ଗ) ୭ (ଘ) ୮

୮. ଅଭିନନ୍ଦନ ସ୍କିମ୍ ମାଧ୍ୟମରେ ଏକକାଳୀନ ଶିକ୍ଷାଋଣ ପାଇଁ ୫୦,୦୦୦ ଟଙ୍କା ସବ୍‌ସିଡ଼ି ଦେବାର ବନ୍ଦୋବସ୍ତ ଅଛି। ଏହା କେଉଁ ରାଜ୍ୟରେ କାର୍ଯ୍ୟକାରୀ କରାଯାଇଛି ?
(କ) ଓଡ଼ିଶା (ଖ) ଆସାମ
(ଗ) ବିହାର (ଘ) ଝାଡ଼ଖଣ୍ଡ

୯. ନିମ୍ନଲିଖିତ କେଉଁ ବ୍ୟାଙ୍କ୍ ଚବିଶ ଘଣ୍ଟିଆ ଏନ୍‌ଇଏଫ୍‌ଟି ସୁବିଧା ଯୋଗାଉଛି ?
(କ) ବନ୍ଧନ ପେମେଣ୍ଟ ବ୍ୟାଙ୍କ୍ (ଖ) ଏୟାରଟେଲ ପେମେଣ୍ଟ ବ୍ୟାଙ୍କ୍
(ଗ) ପୋଷ୍ଟ ଅଫିସ୍ ପେମେଣ୍ଟ ବ୍ୟାଙ୍କ୍(ଘ) ଆକ୍ସିସ ପେମେଣ୍ଟ ବ୍ୟାଙ୍କ୍

୧୦. ଭାରତ ସରକାର କେଉଁ ମସିହା ସୁଦ୍ଧା ସବୁଗ୍ରାମକୁ ୱାଇଫାଇ ସେବା ଯୋଗାଇଦେବାକୁ ପ୍ରସ୍ତାବ ରଖିଛନ୍ତି ?
(କ)୨୦୨୦ (ଖ) ୨୦୨୧
(ଗ) ୨୦୨୨ (ଘ) ୨୦୨୩

## (୧୩) କ୍ରୀଡ଼ା

୧. ଗତ ୨୦୧୯ ଡିସେମ୍ବର ୧୧ ତାରିଖ ଦିନ ଭାରତର କେଉଁ ପ୍ରସିଦ୍ଧ କ୍ରୀଡ଼ା ତାରକା ତାଙ୍କର ୫୦ତମ ଜନ୍ମଦିବସ ପାଳନ କରିଛନ୍ତି ?
(କ) ସୌରଭ ଗାଙ୍ଗୁଲି (ଖ) ଲିଆଣ୍ଡର୍ ପେସ୍
(ଗ) ବିଶ୍ୱନାଥନ ଆନନ୍ଦ (ଘ) ବାଇଚୁଙ୍ଗ୍ ଭୁଟିଆ

୨. ବର୍ଷ -୨୦୧୯ର ଶ୍ରେଷ୍ଠ ଫୁଟବଲ ଖେଳାଳି ଭାବେ ଫିଫା ବେଲୁନ୍ ଡି' ଓର୍ ପୁରସ୍କାର ନିମନ୍ତେ ଚୟନ କରାଯାଇଥିବା ତାରକାଙ୍କ ନାମ କ'ଣ ?
(କ) ଲିଓନେଲ୍ ମେସି (ଖ) କ୍ରିଷ୍ଟିଆନୋ ରୋନାଲ୍‌ଡୋ
(ଗ) ଲୁକା ମୋଡରିଚ୍ (ଘ) ଏନ୍ତୋନ୍ ଗ୍ରୀଜ୍‌ମ୍ୟାନ୍

୩. ଗତ ଡିସେମ୍ବର ୧୯ ତାରିଖ ଦିନ ଅନୁଷ୍ଠିତ ଆଇ.ପି.ଏଲ. ନିଲାମିରେ କିଏ ସର୍ବାଧିକ ୧୫.୫ କୋଟି ଟଙ୍କାରେ ଅନୁବନ୍ଧିତ ହୋଇଛନ୍ତି ?
(କ)ଗ୍ଲେନ୍ ମାକ୍ସୱେଲ (ଖ)ବେନ୍ ଷ୍ଟୋକ୍ସ (ଗ)ପ୍ୟାଟ୍ କମିନ୍ସ (ଘ)କ୍ରିସ୍ ମୋରିସ୍

୪. ୨୦୧୯ର ଟାଇଟେଲ୍‌କୁ ମିଶାଇ ଲୁଇସ୍ ହାମିଲ୍‌ଟନ୍ ଏପର୍ଯ୍ୟନ୍ତ କେତେଥର ଫର୍ମୁଲା ୱାନ୍ ଚାମ୍ପିଆନ୍‌ଶିପ୍ ଟାଇଟେଲ୍ ହାସଲ କରିଛନ୍ତି ?
(କ) ୩ ଥର (ଖ) ୪ ଥର (ଗ) ୫ ଥର (ଘ) ୬ ଥର

୫. ୨୦୧୯ର ୫୦୦ ସି.ସି. ମୋଟର୍ ସାଇକେଲିଂ ଗ୍ରାଁ ପ୍ରି ବା ମୋଟୋ ଜିପି ଚାମ୍ପିଆନ୍ ହୋଇଥିବା ମାର୍କ ମାର୍କ୍ୱେଜ୍ କେଉଁ ଦେଶର ତାରକା ?
(କ) ଫ୍ରାନ୍ସ (ଖ) ସ୍ପେନ୍ (ଗ) ଇଟାଲୀ (ଘ) ନ୍ୟୁଜିଲାଣ୍ଡ

୬. ଲଣ୍ଡନରେ ଅନୁଷ୍ଠିତ ୨୦୧୯ର ବର୍ଷ ଶେଷର ଏ.ଟି.ପି. ଫାଇନାଲ୍ସ ଟେନିସ୍ ପ୍ରତିଯୋଗିତାରେ ସିଂଗଲ୍ସ ଚାମ୍ପିଆନ୍ ହୋଇଥିବା ତାରକାଙ୍କ ନାମ କ'ଣ ?
(କ) ରାଫାଏଲ୍ ନାଦାଲ୍ (ଖ) ଆଲେକ୍‌ଜାଣ୍ଡାର୍ ଜ୍ୱେରଭ୍
(ଗ) ରୋଜର୍ ଫେଡେରର୍ (ଘ) ଷ୍ଟିଫାନୋସ୍ ସିସିପାସ୍

୭. ଚୀନ୍‌ର ଶେନ୍‌ଝେନ୍‌ରେ ଅନୁଷ୍ଠିତ ବର୍ଷ- ୨୦୧୯ର ଡବ୍ଲ୍ୟୁ.ଟି.ଏ. ଫାଇନାଲ୍ସରେ ମହିଳା ସିଂଗଲ୍ସ ଟାଇଟେଲ୍ ହାସଲ କରିଥିବା ତାରକାଙ୍କ ନାମ କ'ଣ ?
(କ) ଆଶ୍‌ଲେ ବାର୍ଟି (ଖ) ଏଲିନା ସ୍ୱିତୋଲିନା
(ଗ) ସିମୋନା ହାଲେପ୍ (ଘ) ସେରେନା ୱିଲିୟମ୍ସ

୮. ୨୦୧୯ରେ କେଉଁ ଦେଶକୁ ଫାଇନାଲରେ ହରାଇ ସ୍ପେନ୍ ଦଳଗତ ଟେନିସ୍ ପ୍ରତିଯୋଗିତା ଡେଭିସ୍ କପ୍‌ରେ ଚାମ୍ପିଆନ୍ ହୋଇଛି ?
(କ) କାନାଡ଼ା (ଖ) ସ୍ପେନ୍ (ଗ) ଗ୍ରେଟ୍ ବ୍ରିଟେନ୍ (ଘ) ରୁଷିଆ

୯. ଚୀନ୍‌ରେ ଅନୁଷ୍ଠିତ ୨୦୧୯ର ବି.ଡବ୍ଲ୍ୟୁ.ଏଫ୍. ୱାର୍ଲ୍ଡ ଟୁର୍ ଫାଇନାଲ୍ସରେ ପୁରୁଷ ସିଂଗଲ୍ସ ଟାଇଟେଲ୍ ହାସଲ କରିଥିବା ବ୍ୟାଡମିଣ୍ଟନ୍ ତାରକା କିଏ ?
(କ) ଆଣ୍ଟୋନୀ ଗିଣ୍ଟିଙ୍ଗ୍ (ଖ) ଚେନ୍ ଲଙ୍ଗ୍
(ଗ) କେଣ୍ଟୋ ମୋମୋତା (ଘ) ଭିକ୍ଟର୍ ଆକ୍ସେଲ୍‌ସନ୍

୧୦. ୨୦୧୯ର ବି.ଡବ୍ଲ୍ୟୁ.ଏଫ୍. ୱାର୍ଲ୍ଡ ଟୁର୍ ଫାଇନାଲ୍ସରେ ମହିଳା ସିଂଗଲ୍ସ ଟାଇଟେଲ୍ କିଏ ହାସଲ କରିଛନ୍ତି ?
(କ) ଚେନ୍ ୟୁଫେଇ (ଖ) ତାଇ ସୁ ୟିଙ୍ଗ୍
(ଗ) ଆକାନେ ୟାମାଗୁଚି (ଘ) ପି.ଭି. ସିନ୍ଧୁ

### ଉତ୍ତର

୧.(ଖ) ୪.୫%, ୨.(କ) ୧୫% , ୩.(ଖ) ୮% , ୪.(କ) ୯.୧%, ୫.(ଖ) ତ୍ରିପୁରା ,୬.(ଖ) ୨୦୨୨ ,୭.(ଗ) ୭, ୮.(ଖ) ଆସାମ , ୯.(ଖ) ଏୟାରଟେଲ ପେମେଣ୍ଟ ବ୍ୟାଙ୍କ୍ , ୧୦.(କ)୨୦୨୦

୧.(ଗ) ବିଶ୍ୱନାଥନ ଆନନ୍ଦ,୨.(କ) ଲିଓନେଲ୍ ମେସି, ୩.(ଗ) ପ୍ୟାଟ୍ କମିନ୍ସ, ୪.(ଘ) ୬ଥର,୫.(ଖ) ସ୍ପେନ, ୬.(ଘ) ଷ୍ଟିଫାନୋସ୍ ସିସିପାସ୍,୭.(କ)ଆଶ୍‌ଲେ ବାର୍ଟି, ୮.(କ) କାନାଡ଼ା,୯.(ଗ) କେଣ୍ଟୋ ମୋମୋତା,୧୦.(କ) ଚେନ୍ ୟୁଫେଇ

## (୧୪) ସାହିତ୍ୟ, କଳା ଓ ସଂସ୍କୃତି

୧. ବର୍ଷ ୨୦୧୯ ପାଇଁ କେନ୍ଦ୍ର ସାହିତ୍ୟ ଅକାଦେମି ପୁରସ୍କାର ଲାଭ କରିଥିବା ବିଶିଷ୍ଟ ଓଡ଼ିଆ ସାହିତ୍ୟିକଙ୍କ ନାମ କ'ଣ ?
(କ) ତରୁଣକାନ୍ତି ମିଶ୍ର (ଖ) ହରପ୍ରସାଦ ଦାସ
(ଗ) ବିଭୂତି ପଟନାୟକ (ଘ) ଦେବାଶିଷ ପାଣିଗ୍ରାହୀ

୨. ବର୍ଷ ୨୦୧୯ ପାଇଁ ଇଂରାଜୀ ଭାଷା ନିମନ୍ତେ କେନ୍ଦ୍ର ସାହିତ୍ୟ ଅକାଦେମି ପୁରସ୍କାର ଲାଭ କରିଥିବା ଲେଖକ କିଏ ?
(କ) ଚେତନ ଭଗତ (ଖ) ଜୟନ୍ତ ମହାପାତ୍ର
(ଗ) ଶୋଭା ଦେ (ଘ) ଶଶି ଥରୁର୍

୩. ବର୍ଷ ୨୦୧୯ ପାଇଁ ହିନ୍ଦୀ ଭାଷା ନିମନ୍ତେ କେନ୍ଦ୍ର ସାହିତ୍ୟ ଅକାଦେମି ପୁରସ୍କାର ଲାଭ କରିଥିବା କବିଙ୍କ ନାମ କ'ଣ ?
(କ) ମଙ୍ଗଳେଶ ଡବରାଲ୍ (ଖ) ମହେଶ କଟାରେ
(ଗ) ଅଶୋକ ଶାହା (ଘ) ନନ୍ଦକିଶୋର ଆଚାର୍ଯ୍ୟ

୪. ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରଫୁଲ୍ଲ ମହନ୍ତଙ୍କ ପତ୍ନୀ ତଥା ରାଜ୍ୟସଭାର ଜଣେ ସାଂସଦଙ୍କୁ ୨୦୧୯ର କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାର ମିଳିଛି । ସେ କିଏ ?
(କ) ଜୋୟଶ୍ରୀ ଗୋସ୍ୱାମୀ (ଖ) ଅରୂପା କାଲିତା
(ଗ) ଚନ୍ଦନା ଗୋସ୍ୱାମୀ (ଘ) ରୀତା ଚୌଧୁରୀ

୫. ୨୦୧୮ ପାଇଁ ଚଳଚିତ୍ର କ୍ଷେତ୍ରରେ ଓଡ଼ିଶାର ସର୍ବୋଚ୍ଚ ସମ୍ମାନ 'ଜୟଦେବ ପୁରସ୍କାର' କାହାଙ୍କୁ ପ୍ରଦାନ କରାଯାଇଛି ?
(କ) ମିହିର ଦାସ (ଖ) ବିଜୟ ମିଶ୍ର
(ଗ) ଅକ୍ଷୟ ପରିଜା (ଘ) ମହାଶ୍ୱେତା ରାୟ

୬. ନିକଟରେ ପ୍ରଦାନ କରାଯାଇଥିବା ୨୦୧୮ର ରାଜ୍ୟ ଚଳଚିତ୍ର ପୁରସ୍କାର ଉତ୍ସବରେ କେଉଁ ଚଳଚିତ୍ରଟିକୁ ସର୍ବଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଇଛି ?
(କ) ଫେରି ଆ (ଖ) ଭିଜାମାଟିର ସ୍ୱର୍ଗ
(ଗ) ଚାମ୍ପିଆନ୍ (ଘ) ଭିନ୍ନ ଭିଟାମାଟି

୭. ଓଡ଼ିଶା ରାଜ୍ୟର ଚଳଚିତ୍ର ପୁରସ୍କାରରେ ସର୍ବଶ୍ରେଷ୍ଠ ଚଳଚିତ୍ରକୁ ଯେଉଁ ପୁରସ୍କାର ମିଳିଥାଏ, ସେହି ପୁରସ୍କାରର ନାମ କ'ଣ ?
(କ) ବିଜୁ ପଟନାୟକ ପୁରସ୍କାର (ଖ) ଉତ୍କଳ ସିନେ ପୁରସ୍କାର
(ଗ) କୋଣାର୍କ ପୁରସ୍କାର (ଘ) ମୋହନସୁନ୍ଦର ଦେବ ଗୋସ୍ୱାମୀ ପୁରସ୍କାର

୮. ଭାରତର ଜାତୀୟ ପ୍ରତୀକ 'ଅଶୋକ ସ୍ତମ୍ଭ'ର ଡିଜାଇନ୍ ପ୍ରସ୍ତୁତ କରିଥିବା ଚିତ୍ରକରଙ୍କ ନାମ କ'ଣ ?
(କ) ନନ୍ଦଲାଲ ଘୋଷ (ଖ) ଦୀନନାଥ ଭାର୍ଗବ
(ଗ) ଅମୃତା ଶେର ଗିଲ୍ (ଘ) ରବୀନ୍ଦ୍ରନାଥ ଟାଗୋର

୯. କେଉଁ ଦିନ କଟକଠାରେ 'ଅଲ୍ ଇଣ୍ଡିଆ ରେଡ଼ିଓ'ର କେନ୍ଦ୍ର ସ୍ଥାପିତ ହୋଇଥିଲା ?
(କ) ୨୮ ଡିସେମ୍ବର ୧୯୪୭ (ଖ) ୮ ଜାନୁଆରୀ ୧୯୪୮
(ଗ) ୨୮ ଜାନୁଆରୀ ୧୯୪୮ (ଘ) ୧୮ଫେବ୍ରୁଆରୀ ୧୯୪୮

୧୦. ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଦିବସ ବା ଜାତୀୟ ଯୁବ ଦିବସ କେବେ ?
(କ) ୧୦ଜାନୁଆରୀ (ଖ)୧୨ଜାନୁଆରୀ
(ଗ)୧୦ମାର୍ଚ୍ଚ (ଘ)୧୨ମାର୍ଚ୍ଚ

## (୧୫) ଭୂଗୋଳ

୧. ସତଲେଜ ନଦୀ ଉପରେ ନିର୍ମିତ ହୋଇଥିବା ଭାକ୍ରା ଡ୍ୟାମ୍ ଓ ନଙ୍ଗଲ୍ ବ୍ୟାରେଜ୍ କେଉଁ କେଉଁ ରାଜ୍ୟରେ ଅବସ୍ଥିତ ?
(କ) ହିମାଚଳ ପ୍ରଦେଶ ଓ ପଞ୍ଜାବ (ଖ) ହରିୟାଣା ଓ ପଞ୍ଜାବ
(ଗ) ହିମାଚଳ ପ୍ରଦେଶ ଓ ହରିୟାଣା(ଘ) ଉତ୍ତରାଖଣ୍ଡ ଓ ହରିୟାଣା

୨. ଗଣ୍ଡାମାନଙ୍କର ସୁରକ୍ଷା ପାଇଁ ଉଦ୍ଦିଷ୍ଟ କାଜିରଙ୍ଗା ଜାତୀୟ ପାର୍କଟି ଭାରତର କେଉଁ ରାଜ୍ୟରେ ଅବସ୍ଥିତ ?
(କ) ମେଘାଳୟ (ଖ) ଆସାମ (ଗ) ତ୍ରିପୁରା (ଘ) ମଣିପୁର

୩. ଓଡ଼ିଶାରେ ପ୍ରବାହିତ ହେଉଥିବା ମହେନ୍ଦ୍ର ତନୟା ନଦୀଟି କେଉଁ ନଦୀର ଉପନଦୀ ଅଟେ ?
(କ) ଗୋଦାବରୀ (ଖ) ମହାନଦୀ (ଗ) ଋଷିକୁଲ୍ୟା (ଘ) ବଂଶଧାରା

୪. ବ୍ରାଜିଲରେ ହେଉଥିବା ସ୍ଥାନାନ୍ତରିତ କୃଷିକୁ କ'ଣ କୁହାଯାଏ ?
(କ) ରୋକା (ଖ) ମିଲ୍‌ପା (ଗ) ଲାଡାଙ୍ଗ୍ (ଘ) ତାମ୍ରାଇ

୫. ଆସାମ ଓ ଅନ୍ୟାନ୍ୟ ଉତ୍ତର-ପୂର୍ବ ରାଜ୍ୟରେ କରାଯାଉଥିବା ସ୍ଥାନାନ୍ତରିତ କୃଷିକୁ କଣ କୁହାଯାଏ ?
(କ) କୁରୱା (ଖ) ଝୁମ୍ (ଗ) କୁମୁରୀ (ଘ) ରେହ୍

୬. ସିଲ୍‌ଭାସା ସହରଟି ଭାରତର କେଉଁ କେନ୍ଦ୍ରଶାସିତ ଅଞ୍ଚଳର ରାଜଧାନୀ ଅଟେ ?
(କ) ଦାମନ ଦିଉ (ଖ) ଆଣ୍ଡାମାନ ନିକୋବର
(ଗ) ଲାକ୍ଷାଦ୍ୱୀପ (ଘ) ଦାଦ୍ରା ନଗରହାବେଲୀ

୭. ତିବ୍ବତକୁ ସଂଯୋଗ କରୁଥିବା ହିମାଳୟ ପର୍ବତ ଅନ୍ତର୍ଗତ ନାଥୁଲା ଗିରିପଥ ଭାରତର କେଉଁ ରାଜ୍ୟରେ ରହିଛି ?
(କ) ଉତ୍ତରାଖଣ୍ଡ (ଖ) ଅରୁଣାଚଳ ପ୍ରଦେଶ
(ଗ) ସିକ୍କିମ୍ (ଘ) ହିମାଚଳ ପ୍ରଦେଶ

୮. ନିମ୍ନଲିଖିତ ମଧ୍ୟରୁ କେଉଁ ଅଞ୍ଚଳରେ ସର୍ବବୃହତ ମ୍ୟାନ୍‌ଗ୍ରୁଭ ଫରେଷ୍ଟ ବା ଜୁଆରିଆ ଅରଣ୍ୟ ଦେଖିବାକୁ ମିଳେ ?
(କ) ନର୍ମଦା ନଦୀ ଉପକୂଳ (ଖ) ତରାଇ ଅଞ୍ଚଳ
(ଗ) ସୁନ୍ଦର ବନ (ଘ) ମାଲାବାର ଉପକୂଳ

୯. ସଂକଟାପନ୍ନ ଓ ବିଲୁପ୍ତ ହେବାକୁ ଯାଉଥିବା ଜୀବଜନ୍ତୁଙ୍କ ବାବଦରେ ୱାର୍ଲ୍ଡ କନ୍‌ଜରଭେସନ୍ ୟୁନିଅନ୍ ଦ୍ୱାରା ପ୍ରକାଶିତ ହେଉଥିବା ପୁସ୍ତକର ନାମ କ'ଣ ?
(କ) ବ୍ଲାକ୍ ଡାଟା ବୁକ୍ (ଖ) ହ୍ୱାଇଟ୍ ଡାଟା ବୁକ୍
(ଗ) ୟେଲୋ ଡାଟା ବୁକ୍ (ଘ) ରେଡ୍ ଡାଟା ବୁକ୍

୧୦. ଆରାବଳୀ ପର୍ବତ ତଥା ଏହି ପାର୍ବତ୍ୟାଞ୍ଚଳ ଅନ୍ତର୍ଗତ ମାଉଣ୍ଟ ଆବୁ ଶୈଳନିବାସ ଭାରତର କେଉଁ ରାଜ୍ୟରେ ରହିଛି ?
(କ) ରାଜସ୍ଥାନ (ଖ) ମଧ୍ୟ ପ୍ରଦେଶ
(ଗ) ତାମିଲନାଡୁ (ଘ) ଉତ୍ତରାଖଣ୍ଡ

**ଉତ୍ତର**

୧.(କ) ତରୁଣକାନ୍ତି ମିଶ୍ର, ୨.(ଘ) ଶଶି ଥରୁର୍, ୩.(ଘ) ନନ୍ଦକିଶୋର ଆଚାର୍ଯ୍ୟ, ୪.(କ) ଜୋୟଶ୍ରୀ ଗୋସ୍ୱାମୀ, ୫.(ଖ) ବିଜୟ ମିଶ୍ର, ୬.(ଖ) ଭିଜାମାଟିର ସ୍ୱର୍ଗ, ୭.(ଘ) ମୋହନସୁନ୍ଦର ଦେବ ଗୋସ୍ୱାମୀ ପୁରସ୍କାର, ୮.(ଖ) ଦୀନନାଥ ଭାର୍ଗବ, ୯.(ଗ) ୨୮ ଜାନୁଆରୀ ୧୯୪୮, ୧୦.(ଖ)୧୨ଜାନୁଆରୀ

୧. (ଗ) ହିମାଚଳ ପ୍ରଦେଶ - ପଞ୍ଜାବ, ୨. (ଖ) ଆସାମ, ୩. (ଘ) ବଂଶଧାରା, ୪.(କ) ରୋକା, ୫.(ଖ) ଝୁମ୍ , ୬.(ଘ) ଦାଦ୍ରା ନଗରହାବେଲୀ, ୭.(ଗ) ସିକ୍କିମ୍ , ୮.(ଗ) ସୁନ୍ଦର ବନ, ୯.(ଘ) ରେଡ୍ ଡାଟା ବୁକ୍, ୧୦.(କ) ରାଜସ୍ଥାନ

## (୧୭) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. ପାର୍ଲାମେଣ୍ଟର ଶୀତକାଳୀନ ଅଧିବେଶନରେ କେତୋଟି ବିଲ୍ ପାସ୍ ହୋଇଛି ?
(କ) ୧୫ (ଖ) ୧୨
(ଗ)୧୧ (ଘ) ୧୧୦

୨. ଏସ୍.ସି ଓ ଏସ୍.ଟି ରିଜର୍ଭେସନ ଲୋକସଭା ଏବଂ ବିଧାନସଭାରେ ପାର୍ଲାମେଣ୍ଟ ସଂଶୋଧନ ବିଲ୍ ଅନୁସାରେ ପୁଣି କେତେ ବର୍ଷ ପାଇଁ ବଢ଼ାଇ ଦିଆଗଲା ?
(କ) ୧୫ ବର୍ଷ (ଖ) ୧୦ ବର୍ଷ
(ଗ) ୮ ବର୍ଷ (ଘ) ୬ ବର୍ଷ

୩. ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କ ଗ୍ରାମ୍ୟ ସଡ଼କ ଯୋଜନାର କେତେ ନମ୍ବର ଫେଜ୍ ଆରମ୍ଭ ହୋଇଛି ?
(କ) ପ୍ରଥମ (ଖ) ଦ୍ୱିତୀୟ
(ଗ) ତୃତୀୟ (ଘ) ଚତୁର୍ଥ

୪. ଝାଡ଼ଖଣ୍ଡ ରାଜ୍ୟର ରାଜ୍ୟପାଳଙ୍କ ନାମ କ'ଣ ?
(କ) ରଘୁବର ଦାସ (ଖ) କୀରଣ ଦେବୀ
(ଗ) ଜି.ସି ମୁର୍ମୁ (ଘ)ଦୌପଦୀ ମୁର୍ମୁ

୫. ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀଙ୍କ ନାମ କ'ଣ ?
(କ) ରଘୁବର ଦାସ (ଖ) ହେମନ୍ତ ସୋରେନ୍
(ଗ) ଶିବୁ ସୋରେନ୍ (ଘ) ବାବୁଲାଲ୍ ମହାନ୍ତି

୬. କେନ୍ଦ୍ର ବୈଦେଶିକ ସଚିବ ରୂପେ କିଏ ନିଯୁକ୍ତି ପାଇଛନ୍ତି ?
(କ) ବି.ଜି ଗିଲ (ଖ) ଅନୀଲ ଗ୍ରୀବାସ୍ତବ
(ଗ) ହର୍ଷ ବର୍ଦ୍ଧନ ସିଙ୍ଗଲ (ଘ) ରାଜବୀର ସିଂହ

୭. ଗୁଡ୍ ଗଭର୍ନାନ୍ସରେ ଇଣ୍ଡେକ୍ସରେ କେଉଁ ରାଜ୍ୟ ଶୀର୍ଷରେ ଅଛି ?
(କ) କେରଳ (ଖ) ମଣିପୁର
(ଗ) ତାମିଲନାଡୁ (ଘ) ଆନ୍ଧ୍ରପ୍ରଦେଶ

୮. କେଉଁ ରାଜ୍ୟ ସରକାର ଇଲେକ୍ଟ୍ରିକ୍ ଯାନବାହାନ ପାଇଁ ସବ୍‌ସିଡ଼ି ଦିଆଯିବାର ବନ୍ଦୋବସ୍ତ କରିଛନ୍ତି ?
(କ) ଦିଲ୍ଲୀ (ଖ) ହରିଆନା (ଗ) ମଧ୍ୟପ୍ରଦେଶ(ଘ) ରାଜସ୍ଥାନ

୯. ଭାରତର ଶେଷ ଗଭର୍ଣ୍ଣର ଜେନେରାଲଙ୍କର ନାମ କ'ଣ ଥିଲା ?
(କ) ଲର୍ଡ଼ ମାଉଣ୍ଟ ବ୍ୟାଟେନ (ଖ) ଲର୍ଡ଼ କ୍ଲାଇବ
(ଗ) ୱାରେନ ହେଷ୍ଟିଙ୍ଗସ (ଘ)ଚକ୍ରବର୍ତ୍ତୀ ରାଜଗୋପାଳଚାରୀ

୧୦. ନାଗରିକତା ସଂଶୋଧନ ଆଇନ(ସିଏଏ) ,୨୦୧୯ ଅନୁସାରେ କେଉଁ କେଉଁମାନଙ୍କୁ ବିଚାରକୁ ନିଆଯାଇନାହିଁ ?
(କ) ହିନ୍ଦୁ (ଖ) ଖ୍ରୀଷ୍ଟିଆନ (ଗ) ବୌଦ୍ଧ (ଘ) ମୁସଲମାନ

## (୧୭) କମ୍ପ୍ୟୁଟର ଶିକ୍ଷା

୧ କେଉଁ ପ୍ରିଣ୍ଟରଟି ଗ୍ରୀଡ୍‌ରୁ କ୍ୟାରେକ୍ଟର ଜେନେରେଟ୍ କରେ ?
(କ) ଲେଜର (ଖ) ଇଙ୍କ୍‌ଜେଟ୍
(ଗ) ଡଟ୍ ମାଟ୍ରିସ୍ (ଘ) କୌଣସିଟି ନୁହେଁ

୨. କମ୍ପ୍ୟୁଟର ଚାଲୁଥିବା ସମୟରେ ରିଷ୍ଟାର୍ଟକୁ କ'ଣ କୁହାଯାଏ ?
(କ) ୱାର୍ମ ବୁଟ୍ (ଖ) କୁଲ୍‌ବୁଟ୍
(ଗ) କୋଲ୍ଡ ବୁଟ୍ (ଘ) ହଟ୍‌ବୁଟ୍

୩. କେଉଁଟି କମ୍ପ୍ୟୁଟରରେ କେବଳ ଟାଇପ୍ ପାଇଁ ବ୍ୟବହାର ହୁଏ ?
(କ) ମାଉସ (ଖ) ପ୍ରିଣ୍ଟର
(ଗ) ମନିଟର (ଘ) କି - ବୋର୍ଡ

୪. ଲାଇନ ପ୍ରିଣ୍ଟର ସ୍ପିଡ୍‌କୁ କାହାଦ୍ୱାରା ମାପ କରାଯାଏ ?
(କ) ଲାଇନ୍ ପର୍ ମିନିଟ୍ (ଖ) କ୍ୟାରେକ୍ଟର୍ ପର୍ ମିନିଟ୍
(ଗ) ଡଟ୍ ପର୍ ମିନିଟ୍ (ଘ) କୌଣସିଟି ନୁହେଁ

୫.ଲେଜର୍ ପ୍ରିଣ୍ଟର୍‌ର ରିଜୋଲୁସନ୍ ପାଇଁ କେଉଁଟି ବ୍ୟବହାର ହୁଏ ?
(କ) ଏଲ୍ ଆଇ ପି (ଖ) ଓସିଆର
(ଗ) ଓଏମ୍ ଆର୍ (ଘ) ଡିପିଆଇ

୬. କମ୍ପ୍ୟୁଟର ମେମୋରୀ ରୂପେ କାହାକୁ ବ୍ୟବହାର କରାଯାଏ ?
(କ) ସିପିୟୁ (ଖ) ମାଉସ୍ (ଗ) ରାମ୍(ଘ) ଭିଡିଏ

୭.କେଉଁଟି ଏକ ସଫ୍ଟୱାର ନୁହେଁ ?
(କ) ଇଣ୍ଟରନେଟ୍ ଏକ୍ସପ୍ଲୋର (ଖ) ଏମ୍ ଏସ୍ ଡସ୍
(ଗ) ଏମ୍ ଏସ୍ ୱାର୍ଡ (ଘ) ପେଜ୍ ମେକର

୮. କମ୍ପ୍ୟୁଟରରେ ଗଣନା କାର୍ଯ୍ୟ କାହାଦ୍ୱାରା ହୋଇଥାଏ ?
(କ) ରାମ୍ (ଖ) ମନିଟର(ଗ) ମାଉସ୍ (ଘ) କି-ବୋର୍ଡ

୯. ଏଲ୍ ସି ଡିର ପୂରା ନାମ କ'ଣ ?
(କ) ଲିକ୍ୟୁଫାଏଡ୍ କ୍ରିସଟାଲ ଡିସ୍ପ୍ଲେ
(ଖ) ଲିକ୍ୟୁଫାଏଡ୍ କାଥେଡ୍ ଡିସ୍ପ୍ଲେ
(ଗ) ଲିକ୍ୟୁଡି କ୍ରିସଟାଲ ଡିସ୍ପ୍ଲେ

୧୦. DRAM କ'ଣ ?
(କ) ଡିଜିଟାଲ୍ ରାଣ୍ଡମ୍ ଆସେସ୍ ମିମୋରୀ
(ଖ) ଡାଇନାମିକ୍ ରାଣ୍ଡମ୍ ଆସେସ୍ ମିମୋରୀ
(ଗ) ଡିଭାଇଡିଙ୍ଗ୍ ରାଣ୍ଡମ୍ ଆସେସ୍ ମିମୋରୀ

**ଉତ୍ତର**

୧.(କ) ୧୫ ,୨.(ଖ) ୧୦ ବର୍ଷ, ୩.(ଗ) ତୃତୀୟ, ୪.(ଘ)ଦୌପଦୀ ମୁର୍ମୁ , ୫. (ଖ) ହେମନ୍ତ ସୋରେନ୍, ୬.(ଗ) ହର୍ଷ ବର୍ଦ୍ଧନ ସିଙ୍ଗଲ , ୭.(ଗ) ତାମିଲନାଡୁ, ୮.(କ) ଦିଲ୍ଲୀ ,୯.(ଘ)ଚକ୍ରବର୍ତ୍ତୀ ରାଜଗୋପାଳଚାରୀ, ୧୦. (ଘ) ମୁସଲମାନ

୧. (ଗ) ଡଟ୍ ମାଟ୍ରିସ୍ ୨. (କ) ୱାର୍ମ ବୁଟ୍, ୩. (ଘ) କି - ବୋର୍ଡ, ୪. (ଖ) କ୍ୟାରେକ୍ଟର୍ ପର୍ ମିନିଟ୍, ୫.(ଘ) ଡିପିଆଇ, ୬. (ଗ) ରାମ୍, ୭. (କ) ଇଣ୍ଟରନେଟ୍ ଏକ୍ସପ୍ଲୋର୍, ୮. (ଘ) କି-ବୋର୍ଡ୍, ୯. (ଗ) ଲିକ୍ୟୁଡି କ୍ରିସଟାଲ ଡିସ୍ପ୍ଲେ ୧୦.(ଖ) ଡାଇନାମିକ୍ ରାଣ୍ଡମ୍ ଆସେସ୍ ମିମୋରୀ

## (୧୮) ଗାଣିତିକ ପ୍ରଶ୍ନାବଳୀ

୧. ଆଲୋକବର୍ଷ ମାନେ କ'ଣ ?
(କ)ଏକ ବର୍ଷରେ ଆଲୋକ ଗତି କରିପାରୁଥିବା ଦୂରତା
(ଖ) ଏକ ମାସରେ ଆଲୋକ ଗତି କରିପାରୁଥିବା ଦୂରତା
(ଗ) ଏକ ଦିନରେଆଲୋକ ଗତି କରିପାରୁଥିବା ଦୂରତା
(ଘ)ଏକ ଘଣ୍ଟାରେ ଅତିକ୍ରମ କରୁଥିବା ଦୂରତା

୨. ଏକ ଜ୍ୟୋତିଃ ଏକକ ମାନେ କ'ଣ ?
(କ) ଆଲୋକ ଏକ ସେକେଣ୍ଡରେ ଅତିକ୍ରମ କରୁଥିବା ଦୂରତା
(ଖ) ସୂର୍ଯ୍ୟର ବ୍ୟାସ (ଗ) ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ ହାରାହାରୀ ଦୂରତା
(ଘ) ସୌର ଜଗତର ହାରାହାରି ବ୍ୟାସାର୍ଦ୍ଧ

୩. ଏକ ସୌର ଏକକ କେତେ ?
(କ) ୩ ଆଲୋକ ମିନିଟ୍ (ଖ)୫ ଆଲୋକ ମିନିଟ୍
(ଗ) ୮ ଆମୋଲ ମିନିଟ୍ (ଘ)୧୦ଆଲୋକ ମିନିଟ୍

୪. ଜ୍ୟାମିତିର ଜନକ ରୂପେ କେଉଁ ଗଣିତଜ୍ଞ ପରିଚିତ ?
(କ)ଅହମମ୍(ଖ)ଥେଲସ୍ (ଗ) ୟୁକ୍ଲିଡ୍(ଘ) ପାଇଥାଗୋରାସ୍

୫. ଦୁଇଟି ବିନ୍ଦୁ ମଧ୍ୟ ଦେଇ ଅତି ବେଶୀରେ କେତୋଟି ସରଳରେଖା ଅଙ୍କନ ସମ୍ଭବ ?
(କ) ଗୋଟିଏ(ଖ) ଦୁଇଟି (ଗ) ଅସଂଖ୍ୟ (ଘ) ଆଦୌ ସମ୍ଭବ ନୁହେଁ

୬. ଯେଉଁ ପ୍ରକାରର ତ୍ରିଭୁଜର ପରିକେନ୍ଦ୍ର ତାହାର ବହିଃର୍ଦ୍ଦେଶରେ ରହିଥାଏ ତାହା କି ପ୍ରକାରର ତ୍ରିଭୁଜ ?
(କ)ସମକୋଣୀ(ଖ)ସୂକ୍ଷ୍ମକୋଣୀ (ଗ)ସ୍ଥୂଳକୋଣୀ (ଘ)ସମବାହୁ ତ୍ରିଭୁଜ

୭. ଏକ ସମକୋଣୀ ତ୍ରିଭୁଜର ପରିକେନ୍ଦ୍ର କେଉଁଠାରେ ଥାଏ ?
(କ)ଅନ୍ତର୍ଦ୍ଦେଶରେ (ଖ) ବହିଃର୍ଦ୍ଦେଶରେ
(ଗ)କର୍ଣ୍ଣର ମଧ୍ୟବିନ୍ଦୁରେ (ଘ)ସମକୋଣସ୍ଥ ଶୀର୍ଷ ବିନ୍ଦୁରେ

୮. କେଉଁ ପ୍ରକାରର ତ୍ରିଭୁଜରେ ଦୁଇକୋଣର ସମଷ୍ଟି ତୃତୀୟ କୋଣ ସହିତ ସମାନ ହେଇଥାଏ ?
(କ) ସମବାହୁ ତ୍ରିଭୁଜ (ଖ) ସମକୋଣୀ ତ୍ରିଭୁଜ
(ଗ) ସମଦ୍ୱିବାହୁ ତ୍ରିଭୁଜ (ଘ) ସୂକ୍ଷ୍ମକୋଣୀ ତ୍ରିଭୁଜ

୯. କେଉଁ ସଂଖ୍ୟାର ବର୍ଗ ୨୦୭୧ ର ନିକଟତମ ଅଟେ।
(କ) ୪୩ (ଖ) ୪୪ (ଗ) ୪୫ (ଘ) ୪୬

୧୦. ଏକ ଚତୁର୍ଭୁଜର ପ୍ରତ୍ୟେକ କୋଣର ପରିମାଣ ୦° ରୁ ୧୮୦° ମଧ୍ୟରେ ହୋଇଥିଲେ ତାହା କି ପ୍ରକାରର ଚତୁର୍ଭୁଜ ?
(କ) ସୂକ୍ଷ୍ମକୋଣୀ ଚତୁର୍ଭୁଜ (ଖ) ସ୍ଥୂଳକୋଣୀ ଚତୁର୍ଭୁଜ
(ଗ) ଉତ୍ତଳ ଚତୁର୍ଭୁଜ (ଘ) ପ୍ରବୃଦ୍ଧକୋଣୀ ଚତୁର୍ଭୁଜ

## (୧୯) ସାଧାରଣ ବିଜ୍ଞାନ

୧. ୟୁରାନିୟମ୍-୨୩୫ ମୌଳିକର ସଙ୍କଟ ବସ୍ତୁତ୍ୱ କେତେ ?
(କ)୧୮କି.ଗ୍ରା (ଖ)୫୩ କି.ଗ୍ରା
(ଗ)୭୮ କି.ଗ୍ରା (ଘ)୨୩୫ କି.ଗ୍ରା.

୨. ସୂର୍ଯ୍ୟର ବ୍ୟାସ କେତେ ?
(କ)ପ୍ରାୟ ୧ଲକ୍ଷ କି.ମି (ଖ) ପ୍ରାୟ ୭ ଲକ୍ଷ କି.ମି
(ଗ)ପ୍ରାୟ ୧୪ଲକ୍ଷ କି.ମି (ଘ)ପ୍ରାୟ ୨୧ଲକ୍ଷ କି.ମି

୩. ସ୍ୱୟଂଚାଳିତ ରାଇଫଲ୍ କିଏ ଉଦ୍ଭାବନ କରିଥିଲେ ?
(କ) ଜନ୍ ବ୍ରାଓନିଙ୍ଗ୍ (ଖ) ଡ.ପେନ୍‌ଫିଲ୍ଡ
(ଗ) ହାନ୍ ସ ଗିଜର (ଘ) ଲେଭି ଷ୍ଟାଅସ୍

୪. ସୌର ଜଗତର ବୃହତ୍ତମ ଗ୍ରହଟିର ନାମ କ'ଣ ?
(କ) ବୃହସ୍ପତି (ଖ) ଶନି
(ଗ) ନେପଚ୍ୟୁନ (ଘ) ୟୁରାନସ୍

୫. ବିଶ୍ୱ ସୃଷ୍ଟି, ତା'ର ଉଦ୍‌ବର୍ତ୍ତନ ଏବଂ ତାହାର ବୃହତ୍ ସରଞ୍ଜନା ସମ୍ପର୍କିତ ବିଜ୍ଞାନକୁ କ'ଣ କହନ୍ତି ?
(କ) ମହାକାଶ ବିଜ୍ଞାନ (ଖ)ପଦାର୍ଥ ବିଜ୍ଞାନ
(ଗ) ବ୍ରହ୍ମାଣ୍ଡ ବିଜ୍ଞାନ (ଘ) ଜ୍ୟୋତିଃ ପଦାର୍ଥ ବିଜ୍ଞାନ

୬. ବିଶ୍ୱ ବ୍ରହ୍ମାଣ୍ଡର ସାଧାରଣ ତାପମାତ୍ରା କେତେ ?
(କ) ୩° କେ (ଖ) ୩° ସି
(ଗ) ୩° ଏଫ୍ (ଘ) ୩° ଆର୍

୭. ମହାକାଶୀୟ ବସ୍ତୁକୁ ବର୍ଦ୍ଧିତ ଓ ସ୍ପଷ୍ଟ ରୂପରେ ଦେଖିବା ପାଇଁ ନିମ୍ନଲିଖିତ କେଉଁ ଉପକରଣ ବ୍ୟବହାର କରାଯାଏ ?
(କ) ଅଣୁବୀକ୍ଷଣ (ଖ) ସ୍ପେକ୍ଟ୍ରୋମିଟର
(ଗ) ଦୂରବୀକ୍ଷଣ (ଘ) ଇଣ୍ଟରଫେରୋମିଟର

୮. ଦୂରବୀକ୍ଷଣ ପ୍ରଥମେ କେବେ ମକାହାଶୀୟ ବସ୍ତୁ ପର୍ଯ୍ୟବେକ୍ଷଣ କରାଯାଇଥିଲା ?
(କ) ୧୫୪୦ (ଖ) ୧୬୦୯
(ଗ) ୧୭୦୯ (ଘ) ୧୭୫୪

୯. ସନ୍ଧ୍ୟାତାରା ଓ ପାହାନ୍ତିତାରା ଏକ ଓ ଅଭିନ୍ନ ବୋଲି ପ୍ରଥମେ କିଏ ମତ ଦେଇଥିଲେ ?
(କ) ଥେଲସ୍ (ଖ) ଅର୍କମେଡ଼ିସ୍
(ଗ) ପିଇଥାଗୋରାସ (ଘ) ଆରଷ୍ଟୋଟଲ୍

୧୦. ପୃଥିବୀ ଏକ ଗୋଲାକୃତି ପିଣ୍ଡ ବୋଲି ପ୍ରଥମେ କିଏ ଘୋଷଣା କରିଥିଲେ ?
(କ) ପିଥାଗୋରାସ (ଖ) ଆର୍କମେଡ଼ିସ୍
(ଗ) ଆରଷ୍ଟୋଟଲ (ଘ) ଆର୍ଯ୍ୟଭଟ୍ଟ

**ଉତ୍ତର**

୧.(କ)ଏକ ବର୍ଷରେ , ୨.(ଗ) ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ ହାରାହାରୀ ଦୂରତା, ୩.(ଗ) ୮ ଆମୋଲ ମିନିଟ୍ , ୪.(ଗ) ୟୁକ୍ଲିଡ୍, ୫.(କ) ଗୋଟିଏ, ୬.(ଗ)ସ୍ଥୂଳକୋଣୀ, ୭.(ଗ)କର୍ଣ୍ଣର ମଧ୍ୟବିନ୍ଦୁରେ , ୮.(ଖ) ସମକୋଣୀ ତ୍ରିଭୁଜ , ୯.(ଘ) ୪୬, , ୧୦.(ଗ) ଉତ୍ତଳ ଚତୁର୍ଭୁଜ

୧. (ଖ)୫୩କି.ଗ୍ରା, ୨.(ଗ)ପ୍ରାୟ ୧୪ଲକ୍ଷ କି.ମି, ୩.(କ) ଜନ୍ ବ୍ରାଓନିଙ୍ଗ୍ ୪.(କ) ବୃହସ୍ପତି , ୫. (ଗ) ବ୍ରହ୍ମାଣ୍ଡ ବିଜ୍ଞାନ ୬.(କ) ୩° କେ , ୭.(ଗ) ଦୂରବୀକ୍ଷଣ,୮.(ଖ) ୧୬୦୯ , ୯. (ଗ) ପିଥାଗୋରାସ , ୧୦. ( କ ) ପିଇଥାଗୋରାସ



## (୨୦) କଳାହାଣ୍ଡି ଜିଲ୍ଲା

୧. ଜିଲ୍ଲାର ନାମ - କଳାହାଣ୍ଡି
୨. ଗଠନ - ୧ ଜାନୁଆରୀ, ୧୯୪୯
୩. କ୍ଷେତ୍ରଫଳ - ୭୯୨୦ବର୍ଗ.କି.ମି
୪. ଜନସଂଖ୍ୟା - ୧୫୭୩୦୪୫
(କ) ପୁରୁଷ - ୭୮୫୧୭୯
(ଖ) ମହିଳା - ୭୮୭୮୭୫
୫. ଉପଖଣ୍ଡ - ୦୨
୬. ତହସିଲ - ୧୩
୭. ପଞ୍ଚାୟତ ସମିତି କାର୍ଯ୍ୟାଳୟ (ବ୍ଲକ୍) - ୧୩
୮. ଗ୍ରାମ ପଞ୍ଚାୟତ - ୨୭୩
୯. ଗ୍ରାମ - ୨୨୫୩
୧୦. ଥାନା - ୧୫
୧୧.ପୌରସଂସ୍ଥା(ମ୍ୟୁନିସିପାଲିଟି)- ୦୧
୧୨. ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) - ୦୨
୧୩. ବିଧାନ ସଭା ନିର୍ବାଚନ ମଣ୍ଡଳୀ - ୦୫
୭୭-ଲାଞ୍ଜିଗଡ଼,୭୮-ଜୁନାଗଡ଼,୭୯-ଧର୍ମଗଡ଼,
୮୦-ଭବାନୀପାଟଣା,୮୧-ନର୍ରଲା
୧୪. ଶିଶୁ ଜନସଂଖ୍ୟା(୦-୬ ବର୍ଷ) - ୨୧୪୧୧୧
୧୫. ସାକ୍ଷରତା ହାର - ୬୦.୨୨%
୧୬. ପୁରୁଷ ସାକ୍ଷରତା ହାର - ୭୩.୩୪ %
୧୭. ମହିଳା ସାକ୍ଷରତା ହାର - ୪୭.୨୭ %
୧୮. ଜନସଂଖ୍ୟା ବୃଦ୍ଧି ହାର - ୧୭.୭୯ %
୧୯. ଜନସଂଖ୍ୟା ଘନତ୍ୱ - ୧୯୯/ ବର୍ଗ କି.ମି
୨୦. ୧୦୦୦ପୁରୁଷରେ ମହିଳା ସଂଖ୍ୟା - ୧୦୦୩
୨୧. ରାଜସ୍ୱ ନିରୀକ୍ଷକ ମଣ୍ଡଳ - ୪୯
୨୨. ନିଆଁଲିଭା କେନ୍ଦ୍ର - ୦୩
୨୩. ଲୋକସଭା ଆସନ ସଂଖ୍ୟା -୦୧
୨୪ ଜଙ୍ଗଲ ଜମି - ୨୫୩୮.୦୧ବର୍ଗ କି.ମି
୨୫. ହାରାହାରି ତାପମାତ୍ରା-ସର୍ବନିମ୍ନ ୦୮°-ସର୍ବୋଚ୍ଚ୪୯°
୨୬. ସାଧାରଣ ବୃଷ୍ଟିପାତ - ୧୩୩୦.୫ ମି.ମି.
୨୭. ମୋଟର ଯାନ ପଞ୍ଜିକୃତ କୋଡ଼ - ଓ.ଡି.- ୦୮
୨୮.ପର୍ଯ୍ୟଟନସ୍ଥଳୀ -
ଭବାନୀପାଟଣା, ଆମପାଣି, ଅସୁରଗଡ଼, ବେଲଖଣ୍ଡି, ଧର୍ମଗଡ଼, ଗୁଡ଼ଖଣ୍ଡି, ଜକମ, ଜୁନାଗଡ଼, କର୍ଲାପାଟ, କୁଶୁର୍ଲା, ମର୍ଦ୍ଦିଗୁଡ଼ା, ଫୁର୍ଲିଝରଣ, ରାବଣଦର, ସାପଗରଣ୍ଡା, ତାଳଗୁଡ଼ା ,ଥୁଆମୁଳ।
(ପ୍ରାୟତଃ ଅଧିକାଂଶ ତଥ୍ୟ ୨୦୧୧ ଜନଗଣନା ତଥ୍ୟାନୁସାରେ ଆଧାରିତ)

## ପର୍ବପର୍ବାଣୀ

### ଜାନୁୟାରୀ,୨୦୧୯

ତା - ୧ ଶରଣ ଶେଷ
ତା - ୫ ଶାମ୍ବଦଶମୀ ଓ ସୂର୍ଯ୍ୟଦେବଙ୍କ ପୂଜା
ତା - ୬ ସର୍ବସମ୍ମତ ପୁତ୍ରଦା ଏକାଦଶୀ ଓ ହ.ନି
ତା - ୯ ଶିବଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା
ତା- ୧୦ ଦେବାଭିଷେକ ପୂର୍ଣ୍ଣିମା ଓ ଚନ୍ଦ୍ର ପୂଜା
ତା- ୧୧ ମାଘ ବ୍ରତାରମ୍ଭ
ତା - ୧୨ ପୁଷ୍ୟା ଭିଷେକ ଓ ରାଜା ଭିଷେକ
ତା- ୧୪ ନବାଙ୍କ ବେଢ଼ା ଓ ମାସାନ୍ତ
ତା- ୧୫ ଉତ୍ତରାୟଣ ମକର ସଂକ୍ରାନ୍ତି ପୋଙ୍ଗଲ ଓ ହଳ ନିଷେଧ
ତା- ୨୦ ଷଟ୍‌ତିଳା ଏକାଦଶୀ, ଓଲାଶୁଣୀ ଯାତ୍ରା ଓ ହଳ ନିଷେଧ
ତା- ୨୩ ରଟନ୍ତି ଚତୁର୍ଦ୍ଦଶୀ ଓ ଶିବଚତୁର୍ଦ୍ଦଶୀ ଉପବାସ
ତା - ୨୪ ତ୍ରିବେଣୀ ଅମାବାସ୍ୟା, ମା' ବିରଳା ଦେବୀଙ୍କ ଜନ୍ମୋତ୍ସବ ଶରଣ ଆରମ୍ଭ
ତା -୨୫ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ପଦ୍ମମୁଖ ବେଶ
ତା- ୨୬ ଶନିଚଳନ ଓ ଦ୍ୱିତୀୟାର ଚନ୍ଦ୍ରଦର୍ଶନ ଓ ପୂଜା
ତା- ୨୮ ଶରଣ ଶେଷ
ତା- ୨୯ ବରଦା ଚତୁର୍ଥୀ
ତା - ୩୦ ଶ୍ରୀ ପଞ୍ଚମୀ, ଶ୍ରୀ ସରସ୍ୱତୀ ପୂଜା, ଶ୍ରୀମନ୍ଦିରରେ ବସନ୍ତୋତ୍ସବ

ବିବାହ - ତା୧୬/୧୯/୨୦/୨୨/୨୯/୩୦ ରିଖ
ବ୍ରତ - ତା ୨୯/୩୦/୩୧ରିଖ

### ଫେବ୍ରୁଆରୀ, ୨୦୨୦

ତା.୧ - ମାଘ ସପ୍ତମୀ ଓ ଚନ୍ଦ୍ରଭାଗା ତୀର୍ଥେ ସ୍ନାନ
ତା.୨ - ଭୀଷ୍ମାଷ୍ଟମୀ ଶ୍ରାଦ୍ଧ ଓ ତର୍ପଣ
ତା.୫ - ଭୈମୀ ଏକାଦଶୀ ଓ ହ.ନି
ତା.୬ - ବରାହ ଦ୍ୱାଦଶୀ
ତା.୭ - ଶିବଚତୁର୍ଦ୍ଦଶୀ ଉପବାସ, ବେଢ଼ା ଓ ନିତ୍ୟାନନ୍ଦ ମହାପ୍ରଭୁଙ୍କ ଜନ୍ମୋତ୍ସବ
ତା.୮ - ଅଗ୍ନ୍ୟୁତ୍ସବ ପୂର୍ଣ୍ଣିମା ଓ ଯୋରନ୍ଦା ମେଳା ଓ ଚନ୍ଦ୍ରପୂଜା
ତା.୯ - ମାଘ ପୂର୍ଣ୍ଣିମା ଓ ମାଘ ବ୍ରତ ସମାପନ
ତା.୧୨ - ମାସାନ୍ତ
ତା.୧୩ - କୁମ୍ଭ ସଂକ୍ରାନ୍ତି ଓ ହଳ ନିଷେଧ
ତା.୧୯ - ପଙ୍କୋଦ୍ଧାର ଏକାଦଶୀ ଉପବାସ ଓ ହଳ ନିଷେଧ
ତା.୨୦ - ଶରଣ ଆରମ୍ଭ
ତା.୨୧ - ମହାଶିବରାତ୍ରୀ (ଜାଗର), ଶିବଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା
ତା.୨୨ - ଚନ୍ଦ୍ରକ୍ଷୟ ଓ ନିଶିପାଳନ
ତା.୨୩ - ଅମାବାସ୍ୟା ଓ ହଳ ନିଷେଧ
ତା. ୨୫ - ଦ୍ୱିତୀୟାର ଚନ୍ଦ୍ରଦର୍ଶନ, ପୂଜା ଓ ଶରଣ ଶେଷ

ବିବାହ - ତା. ୩,୪,୧୬,୨୫,୨୬,୨୮ ରିଖ।
ବ୍ରତ - ତା. ୧୭,୧୮ରିଖ।

## ବିଭିନ୍ନ ଦିବସ ପାଳନ

### ଜାନୁଆରୀ ୨୦୨୦

ତା ୧ - ଇଂରାଜୀ ନୂତନ ବର୍ଷ, ଓ
ବିଶ୍ୱ ପରିବାର ଦିବସ,
ବିଶ୍ୱ ଶାନ୍ତି ଦିବସ,
ତା ୩ - ନିରବତା ଦିବସ
ତା ୯ - ପ୍ରବାସୀ ଭାରତୀୟ ଦିବସ
ତା ୧୦- ବିଶ୍ୱ ହସ ଦିବସ
ତା ୧୨- ଜାତୀୟ ଯୁବ ସଂକଳ୍ପ ଦିବସ
ବିବେକାନନ୍ଦ ଜୟନ୍ତୀ
ତା ୧୫- ସେନା ଦିବସ
ତା ୨୩- ନେତାଜୀ ସୁଭାଷ ଚନ୍ଦ୍ର ଜୟନ୍ତୀ
ତା ୨୫- ଜାତୀୟ ଭୋଟର ଦିବସ
ପର୍ଯ୍ୟଟନ ଦିବସ
ତା ୨୬- ସାଧାରଣତନ୍ତ୍ର ଦିବସ
ତା ୩୦ - ଶହୀଦ୍ ଦିବସ
- ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ

### ଫେବୃଆରୀ ୨୦୨୦

ତା ୦୨ - ବିଶ୍ୱ ଆର୍ଦ୍ରତା ଦିବସ
ତା ୦୪ - ବିଶ୍ୱ କ୍ୟାନସର ଦିବସ
ତା ୦୯(ଦ୍ୱତୀୟ ରବିବାର)- ବିଶ୍ୱ ବିବାହ ଦିବସ
ତା ୧୧ - ବିଶ୍ୱ ଅସୁସ୍ଥ ଦିବସ
ତା ୧୨ - ଡାରୱିନ୍ ଦିବସ
ତା ୧୩ - ବିଶ୍ୱ ରେଡ଼ିଓ ଦିବସ
ସରୋଜିନୀ ନାଇଡୁ ଜନ୍ମ ଦିବସ
ଜାତୀୟ ମହିଳା ଦିବସ
ତା ୧୪ - ଭାଲେଣ୍ଟାଇନ୍ ଦିବସ
ତା ୨୦ - ବିଶ୍ୱ ସାମାଜିକ ନ୍ୟାୟ ଦିବସ
ତା ୨୧ - ଆନ୍ତର୍ଜାତିକ ମାତୃଭାଷା ଦିବସ
ତା ୨୨ - ବିଶ୍ୱ ସ୍କାଉଟ ଦିବସ
ତା ୨୩ - ବିଶ୍ୱ ଶାନ୍ତି ଓ ବୁଝାବଣା ଦିବସ
ତା ୨୪ - ସେଣ୍ଟ୍ରାଲ ଏକସାଇଜ୍ ଦିବସ
ତା ୨୮ - ଜାତୀୟ ବିଜ୍ଞାନ ଦିବସ

## ଆଜୀବନ ସଦସ୍ୟ



ଡା.ଭାଗିରଥି ଛୁଆଳସିଂହ
ବିଡିଏ କଲୋନୀ,ଖୋରଧା



ଶ୍ରୀଯୁକ୍ତ ଅଜୟ କୁମାର ମହାପାତ୍ର
ପୋଡାସାହି,ଖୋରଧା























Postal Regd. No. : PURI-33/2019-21
Volume-10 I Issue No.-7 I Monthly I January-2020 I RNI Regn. No. 107608/2010 I Page-52


# ସହଯୋଗ ହସ୍ପିଟାଲ୍

ଟି.ଏଲ୍.ସି ଇଲେକ୍ଟ୍ରିକ୍ ଅଫିସ୍ ସାମ୍ନା (ଖଣିପାଖ), ଖୋର୍ଦ୍ଧା

(ସେବାରୁ ଆରମ୍ଭ ସେବାରେ ଶେଷ)

SAHAJOG HOSPITAL
(ସେବାରୁ ଆରମ୍ଭ, ସେବାରେ ଶେଷ)
An ISO 9001 : 2015 Certified Hospital

## ଆଡ୍‌ଭାନ୍ସଡ୍ ଲାପ୍ରାସ୍କୋପିକ୍ ଅପରେସନ୍ ସେଣ୍ଟର

**ଏଠାରେ ଅତ୍ୟାଧୁନିକ ଲାପ୍ରାସ୍କୋପିକ୍ ପଦ୍ଧତିରେ ଅପରେସନ୍ କରାଯାଏ**

- ଲାପ୍ରାସ୍କୋପିକ୍ ଗଲ୍‌ବ୍ଲାଡର୍ ଷ୍ଟୋନ୍ ଅପରେସନ୍
- ଲାପ୍ରାସ୍କୋପିକ୍ ଆପେଣ୍ଡିକ୍ସ ଅପରେସନ୍
- ଲାପ୍ରାସ୍କୋପିକ୍ ଗର୍ଭାଶୟ (L.A.V.H.,T.L.H.) ଅପରେସନ୍
- ଲାପ୍ରାସ୍କୋପିକ୍ ଅଣ୍ଡକୋଷ (ଓଭାରି) ଅପରେସନ୍
- ଲାପ୍ରାସ୍କୋପିକ୍ ଟ୍ୟୁମର ଅପରେସନ୍
- ଲାପ୍ରାସ୍କୋପିକ୍ ହାର୍ନିଆ ଅପରେସନ୍
- ଲାପ୍ରାସ୍କୋପିକ୍ ଭେଣ୍ଟ୍ରାଲ୍ ହାର୍ନିଆ ଅପରେସନ୍
- ଲାପ୍ରାସ୍କୋପିକ୍ ପରିଶ୍ରା ଥଳି ଅପରେସନ୍
- ଲାପ୍ରାସ୍କୋପିକ୍ ପରିଶ୍ରା ନଳୀ ଅପରେସନ୍
- ଲାପ୍ରାସ୍କୋପିକ୍ ପ୍ରୋଷ୍ଟେଟ୍ ଅପରେସନ୍
- ଲାପ୍ରାସ୍କୋପିକ୍ କିଡ୍ନି ପଥର ଅପରେସନ୍

ସମ୍ପର୍କ : ୦୬୭୫୫-୨୨୧୩୨୧/୨୨୨୨୭୭, ୯୯୩୮୪୪୬୩୦୯
୮୫୯୮୦୮୦୫୨୯, ୯୯୩୭୦୫୪୩୨୬, ୯୯୩୭୨୩୨୭୦୦


Printed & Published by Dr. Prasanna Kumar Jena Owned by "AMARISATYA" M-1/5, Mukunda Prasad Housing Board Colony, Post-P.N. College, Dist-Khordha, Printed at - Webline, D2/19, Mancheswar Industrial Estate, BBSR-10, Published From- "AMARISATYA", Mukunda Prasad Housing Board Colony, Post-P.N. College, Dist-Khordha, Pin-752057
Editor : Dr. Prasanna Kumar Jena
Founder : Dr. Pramod Chandra Dash

From To.
AMARISATYA
M-1/5, M.P.H.B. Colony Post- P.N. College, Dist-Khurda, Pin-752057